ଏମାର୍ କେଆର୍ ଙ୍କ

ମନ୍ତସୁ

Digitized by srujanika@gmail.com

ମନ୍ମଥ

(ରମ୍ୟ ରଚନା)

ଏମାର୍ କେଆର୍

ପ୍ରଜ୍ଞାଲୋକ

Digitized by srujanika@gmail.com

Digitized by srujanika@gmail.com

ମନ୍ମୟ (ରମ୍ୟ ରଚନା)

ଲେଖକ

ଏମାର୍ କେଆର୍

ଲକ୍ଷ୍ମୀଭବନ

କୁଣ୍ଢେଇବେଣ୍ଟ ସାହି, ପୁରୀ-୧

© ସର୍ବସ୍ୱତ୍ୱ ଅଙ୍କିତା ଅପରାଜିତା

ପ୍ରକାଶକ

ପ୍ରଜ୍ଞାଲୋକ

ତଳମାଳିସାହି, ପୁରୀ-୨

ମୁଦ୍ରଣ

ରୟାଲ ଅଫସେଟ, ପୁରୀ

ପ୍ରଥମ ପ୍ରକାଶ

ଦଶହରା ୨୦୦୩

ମୂଲ୍ୟ : ପଚାଶ ଟଙ୍କା ମାତ୍ର

Digitized by srujanika@gmail.com

ଆତ୍ମନେପଦୀ

ମୋର ବାଆସ୍ତରୀତମ ଜନ୍ମ ଦିବସରେ କତିପୟ ବନ୍ଧୁ ଏକ ବନ୍ଧୁମିଳନର ବ୍ୟବସ୍ଥା କରିଥିଲେ । ନିମନ୍ତ୍ରିତ ବନ୍ଧୁ-ମାନଙ୍କ ମଧ୍ୟରେ ଥିଲେ ପ୍ରଜ୍ଞାଲୋକ ପ୍ରକାଶନୀର ସତ୍ୱାଧିକାରୀ ଶ୍ରଦ୍ଧେୟ ବିବୁଧରଞ୍ଜନ । ସେ ମହାଶୟ ସେହିଦିନ ମୋର ଉପସ୍ଥିତ ସଙ୍କଳନଟି ପ୍ରକାଶ କରିବାର ପ୍ରତିଶ୍ରୁତି ଦେଲେ । ମୋ ପାଇଁ ଏହାଠାରୁ ଆଉ ବଡ଼ ତୋଫା କଅଣ ଥିଲା ସେ ଦିନ ?

ପ୍ରକାଶନର ଅଗ୍ରଗତି କାଳରେ ପ୍ରକାଶକ ମହାଶୟ ନିଜକଥା ଲେଖିବାକୁ ତାଗଦା କଲେ । ନିଜକଥା ଆଉ କଣ ଲେଖିବି ? ଯାହା ପ୍ରକାଶିତ ହେବାକୁ ଯାଉଛି ସେଗୁଡ଼ିକ ମୋର ହିଁ କଥା । ଯାହା ଉପରେ ଗଭୀର ଚିନ୍ତାକରେ, ତାକୁ ହିଁ ଲିପିବଦ୍ଧ କରେ ।

ଏହି ସଂକଳନରେ ସ୍ଥାନିତ କେତେକ ଲେଖା ପୂର୍ବରୁ ଓଡ଼ିଶାର ଅନେକ ପତ୍ର ପତ୍ରିକାରେ ପ୍ରକାଶିତ ହୋଇସାରିଛି । ତେଣୁ ସେହି ପତ୍ର ପତ୍ରିକାର ସମ୍ପାଦକ ମାନଙ୍କୁ କୃତଜ୍ଞତା ଜଣାଇବାର ସୁଯୋଗ ପାଇଥିବାରୁ ତାହା ଜଣାଉଛି । ଏହା ବ୍ୟତୀତ ପ୍ରକାଶନରେ ସହଯୋଗ କରିଥିବା ସମସ୍ତ କର୍ମ୍ମୀ ମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି । ପାଣ୍ଡୁଲିପିଟି ତିଆରି କରିବାକୁ ମୋତେ ତ୍ୱରାନ୍ୱିତ କରିଥିବା ବନ୍ଧୁ ଶ୍ରୀ ଦେବୀ ପ୍ରସାଦ ନନ୍ଦ, ଶ୍ରୀ କୈଳାଶ ରାୟ ସର୍ବୋପରି ପ୍ରକାଶକ ବନ୍ଧୁ ଶ୍ରୀ ବିବୁଧରଞ୍ଜନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରୁଛି ।

ପରିଶେଷରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ସଂକଳନଟିକୁ ସମର୍ପଣ କରୁଅଛି ।

ଏମାର୍. କେଆର୍

Digitized by srujanika@gmail.com

Digitized by srujanika@gmail.com

କିଏ କେଉଁଠି ?

ଉତ୍ତରମାଳା

ମୁଁ ଆଳୁ କହୁଚି - ୭
ପଛଧାଡ଼ି - ୧୩
ଫିଲ୍ମିହିରୋ - ୧୬
ଧର୍ମ୍ମ-ବେଠିଆ - ୧୯
କରଣୀରୁ କଇଞ୍ଚି - ୨୨
କୃଦ୍ଧ - ୨୫
ରାସ୍ତାର କୁଜ - ୨୭
ଆଜୀବନ ସଭ୍ୟ - ୩୦
ରଙ୍ଗଟିର ନାମ କଳା - ୩୩
ମଣିମାଳା - ୩୬
ନିର୍ବାଚନ ପ୍ରଚାର - ୩୯
ହାତ ଟେକା - ୪୨
ବୟସର ଦୋଷ - ୪୫
ପୁରୀର ସର୍‌ଗମ୍ - ୪୮
ଘୁଷୁରୀ - ୫୨

ଉତ୍ତରମାଳା

ଲଙ୍ଗୁଳି ପୋଲିସ୍ - ୫୫
ମଉସା - ୫୭
ତେଲ - ୬୦
ଟପାଟପି - ୬୩
ଛତାବନ୍ଦୀ - ୬୬
ଆଶୁ ସନ୍ତୁଷ୍ଟି - ୬୮
ପୁଅ ଜନମ ପର ଘରକୁ - ୭୧
ଚାହାଁଣୀ ମଣ୍ଡପ - ୭୪
ଆଉଟ୍ ଡେଟେଡ୍ - ୭୮
ଆରାମ ତକିଆ - ୮୨
ବଦଳି ପାଲା - ୮୪
ବ୍ରେକ୍‌ଫାଷ୍ଟ - ୮୭
ବୁଆ ବୁଆରେ ପଖାଳ - ୯୦
ପାରିବାରିକ ଯଜ୍ଞ - ୯୪
କବିତା ପାଠୋତ୍ସବ - ୯୭
ନିର୍ମୂଳ ବ୍ରିଟିଶରାଜ - ୧୦୦
ଚାମଚ - ୧୦୨

Digitized by srujanika@gmail.com

Digitized by srujanika@gmail.com

ମୁଁ ଆଳୁ କହୁଚି

ମୁଁ ଗୋଟିଏ ଆଳୁ । ଆଳୁ ବୋଇଲେ ଖମ୍ବଆଳୁ ନୁହେଁ । ଖାଣ୍ଟି ବିଲାତି ଆଳୁ । ଇଂରେଜମାନଙ୍କପରି ସାତସମୁଦ୍ର ତେର ନଈ ପାର୍ ହୋଇ ମୁଁ ଭାରତବର୍ଷକୁ ଆସିଥିଲି । ମୋର ଇତିହାସ କହିବାକୁ ଗଲେ, ଆଦି-ଭୂମି ଦେଖାଇବାକୁ ଗଲେ ମୁଁ ଆପଣଙ୍କୁ ପଞ୍ଚଦଶ ଶତାବ୍ଦୀ ପୂର୍ବର ଅନାବିଷ୍କୃତ ଆମେରିକା ମହାଦେଶକୁ ନେଇଯିବି । ଆମେରିକାର ତଦାନୀନ୍ତନ ଆଦିବାସୀ ଲୋହିତ ଭାରତୀୟଗଣ ମୋର ଉତ୍ପାଦକ ଏବଂ ଭକ୍ଷକ ଥିଲେ । ୟୁରୋପୀୟମାନେ ସେହି ମହାଦେଶରେ ପାଦ ଦେଉଁ ଦେଉଁ ମୋ ପ୍ରେମରେ ପଡ଼ିଗଲେ । ଫଳରେ ଷୋଡ଼ଶ ଶତାବ୍ଦୀବେଳକୁ ମୁଁ ୟୁରୋପ ବଜାରରେ ମୋର ଆସ୍ଥାନ ଜମେଇ ବସି ସାରିଥାଏ ।

ସାମ୍ରାଜ୍ୟବାଦୀ ଇଂରେଜ ଜାତି ପୃଥିବୀର ସବୁ ଅଂଶରେ ନିଜର ଉପନିବେଶ ସ୍ଥାପନ କରି ସାରିଥାଏ । କଥାରେ କହନ୍ତି ବ୍ରିଟିଶ୍ ସାମ୍ରାଜ୍ୟରେ କୁଆଡ଼େ ସୂର୍ଯ୍ୟାସ୍ତ ହୁଏନାହିଁ । ଭାରତବର୍ଷକୁ ମୋତେ ସେମାନେ ନେଇ ଆସିଲେ କେବଳ ମନୁଷ୍ୟମାନଙ୍କ ପାଇଁ ସିମ୍ଲା, କସୌଲି, ନୈନିତାଲ୍, ଡେହେରାଡୁନ୍, ମସୌରୀ ଆଉ ଦାର୍ଜିଲିଂ ସ୍ୱାସ୍ଥ୍ୟକର ସ୍ଥାନ ନୁହେଁ । ମୋ' ପାଇଁ ମଧ୍ୟ । ଦେଖିଲି ସେ ସ୍ଥାନଗୁଡ଼ିକରେ ବିଶେଷକରି ନୈନିତାଲ୍ ଅଞ୍ଚଳରେ ମୋର ସ୍ୱାସ୍ଥ୍ୟର ବିଶେଷ ଉନ୍ନତି ହେଲା ଏବଂ ସେହି ସ୍ଥାନଟି ମୋର ଗୋଟିଏ ବିଶେଷଣ ପଦରେ ବ୍ୟବହୃତ ହେଲା । "ନୈନିତାଲ୍ ଆଳୁ"ର କାଟତି ଜୋର୍‌ସୋର୍‌ରେ ହେଲା । ଭାରତବର୍ଷରେ ଦିନକୁ ଦିନ ମୋର ଚାଷର ଆଦର ବଢ଼ିବାକୁ ଲାଗିଲା । ଆମିଷାଶୀ ଏବଂ ନିରାମିଷାଶୀ ଉଭୟଗୋଷ୍ଠୀ ମୋତେ ପ୍ରଧାନ ପରିବା ଦର୍ଜା ଦେଲେ । ପରିବାଗୋଷ୍ଠୀରେ

Digitized by srujanika@gmail.com

ନାମ ଲେଖାଇବାରୁ ମାନ୍ଦ୍ରାଜୀ କମା ବ୍ରାହ୍ମଣ, ରାଜସ୍ଥାନୀ ମାରଓ୍ୱାଡି ଗୁଜୁରାଟୀ କଚ୍ଛି, ଜୈନ ମୁନି, ସାଧୁ ସନ୍ଥ, ବୌଦ୍ଧ ଭିକ୍ଷୁ, ପୁରୀ ପଣ୍ଡା, ବାବାଜୀ, ବୈଷ୍ଣବ, ବିଧବା, ଉପାସିଆ ଆଦି ମୋତେ ଗ୍ରହଣ କରିନେଲେ । ଫଳରେ ମୁଁ ପରିବା ବଜାରର ଅପ୍ରତିଦ୍ୱନ୍ଦୀ ରାଜା ପାଲଟିଗଲି ।

ଇଂରେଜ ଜାତିଟା ବଡ଼ ବିଶ୍ୱାସ ଘାତକ । ହଠାତ୍ ଉଣେଇଶି ଶହ ସତଚାଳିଶ ମସିହା ଅଗଷ୍ଟ ପନ୍ଦର ତାରିଖରେ ମୋତେ ଆଉ ମୋର ଗହେରାଦୋସ୍ତ୍ ଟମାଟୋକୁ ଭାରତବର୍ଷରେ ଛାଡ଼ି ଦେଇ ନିଜେ ଇଂଲଣ୍ଡକୁ ପଳାଇ ଗଲେ । ସେହି ଦିନଠାରୁ ଆମେ ଦୁଇ ଦୋସ୍ତ୍ ବିଲାତିଆଳୁ ଆଉ ବିଲାତିବାଇଗଣ ନାମରେ ନାମିତ ହୋଇ ଭାରତୀୟଙ୍କ ତୁଣ୍ଡରୁ ଅରୁଚି ଛଡ଼ାଇ ଆସୁଛୁ ।

ଇଂରେଜମାନେ କେବଳ ଆମ ପରିବାଗୋଷ୍ଠୀକୁ ଛାଡ଼ି ଚାଲି ଯାଇ ନ ଥିଲେ । ସେମାନେ ଏହି ମାଟିରେ ଲାଞ୍ଚମିଛ, ଆଇନ୍ କାନୁନ୍, ଇଂରାଜୀ ଭାଷା ଓ ସଂସ୍କୃତିକୁ ମଧ ଛାଡ଼ି ଯାଇଥିଲେ । କିନ୍ତୁ ଭାରତୀୟମାନେ ପରମ ଆଦରରେ ଆମ ସମସ୍ତଙ୍କୁ ପ୍ରେମଡୋରିରେ ବାନ୍ଧି ରଖିଲେ ।

ଏ ଦେଶର ପାଣି, ପବନ ଆଉ ମାଟିରେ ମୋର ଚଳିବାକୁ କିଛି ଅସୁବିଧା ହେଲା ନାହିଁ । ଭାରତୀୟଗଣ ମୋ' ଚାଷକୁ ଏକ ଅର୍ଥକାରୀ ଫସଲ ରୂପେ ବିବେଚନା କଲେ । ଫଳରେ ସ୍ୱାଧୀନ ଭାରତର ସବୁ ଅଂଶରେ ମୁଁ ଫଳି ଲାଗିଲି । ହିମାଳୟର ତରାଇ ଅଞ୍ଚଳ, ମଧ୍ୟ ଭାରତର ମାଳ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ମୁଁ ଏକାଧାରରେ ଚାଷ କରାହେଲି । ଅବଶ୍ୟ ସ୍ଥାନଗୁଣରେ ମୋର ଆକାର ପ୍ରକାରରେ ସିନା ଭେଦ ରହିଲା, ତେବେ ଚାଷୀଙ୍କୁ ମୁଁ ହତାଶ କଲିନାହିଁ । ମୋ' ଚାଷର ଉନ୍ନତିପାଇଁ ଭାରତୀୟମାନେ ମନ ପ୍ରାଣ ଢାଳିଦେଲେ ।

ବିଲାତରୁ ଆସିଥିବାରୁ ମୋର ଟିକିଏ ସାହେବୀ ଢଙ୍ଗ ଥିଲା ଏବଂ ଅଛି । ଗରମ ମୁଁ ଆଦୌ ସହିପାରେ ନାହିଁ । ସହଜେ ଭାରତବର୍ଷଟା ଗୋଟାଏ ଗ୍ରୀଷ୍ମ ପ୍ରଧାନ ଦେଶ । ଗରମ ଆଉ ଗହଳି ଯୋଗୁଁ ମୁଁ ନିଜେ ନଷ୍ଟ ହୋଇଯାଏ ଏବଂ ସାହ ପଡ଼ିଶା ଆଳୁମାନଙ୍କୁ ମଧ ନଷ୍ଟ ହୋଇଯିବାକୁ ପ୍ରବର୍ତ୍ତାଏ । କିନ୍ତୁ ମଣିଷ ପିଲା ଅତି ବୁଦ୍ଧିଆ । ଜାଣିଗଲା ଯେ, ମୁଁ ସାହେବ ପିଲା । ତେଣୁ ସାରା ଦେଶରେ ମୋର ରହିବା ନିମନ୍ତେ ସେ ହଜାର ହଜାର "କୋଲ୍ଡ୍ ଷ୍ଟୋର୍" ନିର୍ମାଣ କରିଦେଲା । କୋଟି କୋଟି ଦୀନ ଦୁଃଖୀ, ମଧ୍ୟବିତ୍ତ ପରିବାରର ଲୋକମାନେ ଖରା ଝାଞ୍ଜିରେ ଡହଳ ବିକଳ ହେଲାବେଳେ ମୁଁ ଏବଂ ମୋର ଜାତିଭାଇମାନେ ଦିବ୍ୟ ଆରାମରେ ବାତାନୁକୂଳ ଘରେ ରହୁଛୁ ।

ନାନାଦି ଖାଦ୍ୟ ପଦାର୍ଥମାନଙ୍କ ଭିତରେ ମୋର ବିଶେଷ ନାମ ପଡ଼େ ଆଳୁପରଟା, ଆଳୁଚପ୍, ଆଳୁଦମ୍ ଆଉ ଆଳୁ ଚିପ୍‌ସରେ । ମୁଁ କିନ୍ତୁ ସର୍ବବ୍ୟାପୀ । ସିଙ୍ଗଡ଼ା, ପକୋଡ଼ି, ମଟର ଭୁଗୁନି, ମସଲା ଦୋଷା, ସବୁ ପ୍ରକାରର ଚପ୍, ଚାଟ୍‌ରେ ମୁଁ ମୋର ଉପସ୍ଥିତି ଜାହିର କରିଥାଏ । ମୋର ମିଶାଣ ପଣିଆରୁ ମୁଁ ମାଛ, ମାଂସ, ଅଣ୍ଡା ଆଦି ଆମିଷ

Digitized by srujanika@gmail.com

ପଦାର୍ଥମାନଙ୍କ ସହ ଯେପରି ମିଶିପାରେ ସେହିପରି କଖାରୁ, ବାଇଗଣ, ସାରୁ, କଦଳୀ ଶିମ୍ବ ମୂଳା ଆଦି ପରିବାମାନଙ୍କ ସହ ମଧ୍ୟ ମିଶି ଯାଇପାରେ । ଏହାଛଡ଼ା ଭଜା ଓ ଭରତା ମଧ୍ୟ କରାହୁଏ ।

ମୋର ଉପରୋକ୍ତ ପ୍ରକାରରେ ଜନପ୍ରିୟତା ମୋତେ ମଝିରେ ମଝିରେ ବିପଦରେ ପକାଇଥାଏ । ବଜାରରେ ତ ଦେଖୁଛନ୍ତି ମୋର ମୂଲ୍ୟ କମ୍ ନୁହେଁ । ମୂଲ୍ୟବୃଦ୍ଧି କରିବାପାଇଁ ବ୍ୟବସାୟୀମାନେ ସମୟ ସମୟରେ ମୋତେ ଅନ୍ଧାରି ଗୋଦାମ୍‌ରେ ମାସ ମାସ ଧରି ଲୁଚାଇ ରଖନ୍ତି । ଗରମରେ ସେ ଯେଉଁ କଷ୍ଟ ! ଆଉ କୁହନ୍ତୁ ନାହିଁ । ଚୋରୀ ନାରୀ ନ କରି ମଧ୍ୟ ମୁଁ କାରାଦଣ୍ଡ ଭୋଗ କରେ । ଅବଶେଷରେ ଦର ବଢ଼ିଗଲେ, ମତେ ଯେତେବେଳେ ଅନ୍ଧାରି ମୁଲକରୁ ମୁକ୍ତି ମିଳେ, ମନରେ ଭାବେ ପୁନର୍ଜନ୍ମ ଅବା ମିଳିଗଲା ମୋତେ ।

ମୋର ଗମନାଗମନ ପାଇଁ ମଣିଷ ବେଶ୍ କିଛି ବନ୍ଦୋବସ୍ତ କରିଛି । ହଜାର ହଜାର ରେଳ ଓ୍ୟାଗନ, ଟ୍ରକ୍, ଟ୍ରାକ୍ଟର ଟ୍ରଲି, ଶଗଡ଼ଗାଡ଼ି ରିକ୍ସା, ସାଇକେଲ୍ ଆଉ ବୋଝିଆ ମୋ' ପରିବହନ ପାଇଁ ମହଜୁଦ୍ ଅଛନ୍ତି । ମୁଁ କାହା ଗର୍ଭରେ, କାହା ପିଠିରେ, କାହା ମୁଣ୍ଡରେ ସବାର୍ ହୋଇ ଯାତାୟତ କରିଥାଏ । ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ମାତ୍ରେ ଆଦର ଗୌରବର ଅନ୍ତ ନ ଥାଏ । ପ୍ରତ୍ୟେକ ପରିବା ଦୋକାନୀ ମୋତେ ବିଶିଷ୍ଟ ଆସନ ଦେଇଥାଏ । ରହିବାପାଇଁ କୋଲ୍ଡ ଷ୍ଟୋରଠାରୁ ଆରମ୍ଭ କରି ଗୋଦାମ, କେବିନ୍ ଘର, ତମ୍ବୁ ନିକୃଷ୍ଟ ପକ୍ଷରେ ପଲିଥିନ୍ ଘୋଡ଼ଣୀର ବନ୍ଦୋବସ୍ତ କରାଯାଇଥାଏ । ଦୋକାନୀର ତରାଜୁର ନିଜ ଓଜନର ପ୍ରମାଣପତ୍ର ନେଇ ପରିବା ଥଳୀରେ ପଶି କାର୍, ସ୍କୁଟର, ରିକ୍ସା, ସାଇକେଲ୍ ଚଢ଼ି ଅବା ନିକୃଷ୍ଟ ପକ୍ଷରେ ବୁହା ହୋଇ ଘରମାନଙ୍କରେ ପହଞ୍ଚିଯାଏ ।

ଯେତେବେଳେ ମୁଁ ମୋର କେତୋଟି ଜାତିଭାଇଙ୍କ ସହିତ ଶହୀଦ୍ ହେବାକୁ ପନିଖି ବା ଛୁରୀ ମୁହଁକୁ ଯାଏ, ସତ କହୁଛି ମୋର ଭୟ ଆଦୌ ନ ଥାଏ । ମରଣର ଭୟ ମୋତେ ଆଦୌ ସ୍ପର୍ଶ କରେ ନାହିଁ । କାରଣ ଏ ପର୍ଯ୍ୟନ୍ତ କେବଳ ଉତ୍ପାଦକ ଚାଷୀ, ଶ୍ରମିକ, ବ୍ୟବସାୟୀ, କ୍ରେତା ଆଦି ପୁରୁଷଙ୍କ ହାତ ସଂସ୍ପର୍ଶରେ ଆସୁଥିଲି । ଜୀବନର ଏହି ଶେଷ ବେଳାରେ କେତେ କେତେ ଗୃହିଣୀଙ୍କର କଳା ଗୋରା ହାତର ନରମ ସ୍ପର୍ଶ ପାଇ ମୁଁ ଉଲ୍ଲସିତ ହୋଇପଡ଼େ । ସେହି ଉଲ୍ଲାସ ଭିତରେ ମୁଁ ଖଣ୍ଡ ବିଖଣ୍ଡିତ ହୋଇଯାଏ । ଖଣ୍ଡିତ ଅବସ୍ଥାରେ ସ୍ନାନ - ଶୌଚ ହୋଇ, ତେଲ ହଳଦୀ ମାଖି, ଗରମ ପାଣିରେ ସିଦ୍ଧ ହୋଇ ବୁଦ୍ଧତ୍ୱ ଲାଭ କରେ । ଖାଦ୍ୟ ରୂପରେ ମନୁଷ୍ୟର ପାକସ୍ଥଳୀକୁ ଯାଇ ମୋର ପାରୁ ପର୍ଯ୍ୟନ୍ତେ ରକ୍ତ ଉତ୍ପାଦନ କରି ନିଜ ଜୀବନକୁ ଧନ୍ୟ ମନେ କରେ । ଭଗବାନ୍ ମୋତେ ଦେଇଥିବା ଆଳୁ ଜୀବନଟା ସାର୍ଥକ ହେଲା ବୋଲି ଭାବେ । ଏହିପରି ମାଟି ଭିତରୁ ମୁଁ ଜନ୍ମ ହୋଇ ପାଟି ଭିତରେ ମୃତ୍ୟୁକୁ ଭେଟିଥାଏ ।

ଭାରତବର୍ଷରେ ମୋର ଗୋଟାଏ ବଡ଼ଭାଇ ଅଛି । ତାହାର ନାମ ଖମ୍ବଆଳୁ (ଦେଶୀ ଆଳୁ, ବଡ଼ଆଳୁ) । ଖାଲି ନାଆଁଟାରୁ ସେ ବୋକା ବୋକା ବୋଲି ଜଣା ପଡ଼ିଯିବ ।

Digitized by srujanika@gmail.com

କଥାରେ କହନ୍ତି "ତୁ ଖମ୍ଭଆଳୁଟା ବୁଝିଲୁ ।" ଅର୍ଥାତ୍ ଶ୍ରୋତାଟି ଏପରି ନିର୍ବୁଦ୍ଧିଆ ଯେ, ବକ୍ତବ୍ୟର ବିନ୍ଦୁ - ବିସର୍ଗ ମଧ୍ୟ ବୁଝି ପାରିଲା ନାହିଁ । ନାଆଁଟାକୁ ଗୋଲିମାର - ଚେହେରା ଉପରକୁ ଆସନ୍ତୁ । ସେଇଟା ମୋ' ପରି ଗୋଲ ଗାଲ୍ ଚିକ୍କଣିଆ ନୁହେଁ । ସାକ୍ଷାତ ଅସୁରଙ୍କ ପରି କଳା କୋତରା - ଆବୁଡ଼ା ଖାବୁଡ଼ା ଦିହ ! ଆକାର କେତେବେଳେ ଆଫ୍ରିକା ମହାଦେଶ ପରିତ ଆଉ କେତେବେଳେ ନିଉଗିନି ପରି । ନେଟିଭ୍‌ଗୁଣ-ଗୁଡ଼ାକ ପୁଣି ତା'ପାଖରେ ଭରପୁର୍ । ସିଙ୍ଘାଣିନାକା - ଚୋପା ଛଡ଼ାଇ କାଟିଦେଲେ ବିବାକ୍ ନାଳ ଗଲ୍ ଗଲ୍ । ସିଝିବାକୁ ଡେରି ଆଉ ତେଲ ପିଇବାକୁ ବାଘ । ମୁଁ କିନ୍ତୁ ଗୋଟାଏ ବାମ୍ଫରେ ସିଝିଯାଏ । ବେଶି ଝିଙ୍ଗାସିଲେ ମଇଦା ପାଲଟିଯାଏ । ମୁଁ ନିଶ୍ଚିତ ଯେ ଯଦି ଖମ୍ଭଆଳୁ କେବେ ମୋ' ସାଙ୍ଗରେ ନିର୍ବାଚନିଆ ପ୍ରତିଦ୍ୱନ୍ଦିତା କରିବ, ତେବେ ଜରୁର୍ ତାହାର ଅମାନତ୍ ହରାଇ ବସିବ ।

ମୋର ସ୍ନେହ ଗୁଣରୁ କି କଅଣ ଭଗବାନ୍ ମୋ ଦେହରେ ସ୍ନେହସାର ପୂରାଇ ଦେଇଛନ୍ତି । ଆହୁରି ମଧ୍ୟ ମୋ ଦେହରେ ଶର୍କରା ଅଂଶ ଅଛି ବୋଲି ବିଶେଷଜ୍ଞମାନେ ସ୍ଥିର କରିଛନ୍ତି । ଜୀବନିକା ଶକ୍ତି ଭରପୂର ମୋ'ପାଖରେ ।

ମୋତେ ଚାଷ କରୁଥିବା ଚାଷୀଟି ଯେପରି ଗ୍ରାମରେ ମାତବର ହୋଇଥାଏ ସେହିପରି ସହର ବଜାରରେ ମୋତେ ଏବଂ ମୋର କବାପୁଅ ଭାଇ ପିଆଜକୁ ବେପାର କରୁଥିବା ବ୍ୟବସାୟୀ ଗଣମାନ୍ୟ ହୋଇଥାଏ । ପ୍ରଥମେ ସହରକୁ ଆସି ସେ ଭଡ଼ାଘରେ ରହେ । ମୋତେ ବେପାର କରି ନିଜର ଘରଦ୍ୱାର ତିଆରି କରି ଗାଡ଼ି ମଟର ମଧ୍ୟ କିଣି ପକାଏ । ଆମ କଟକର ଏହି ଛତ୍ରବଜାରକୁ ଦେଖି ନାହାନ୍ତି ? ଯତ୍ର ତତ୍ର ହୋଇ ପଡ଼ିଥିଲା । ମୋତେ ଆଉ ପିଆଜକୁ ନେଇ ବେପାର କରିବାରେ ସେ ଉଠି ଠିଆ ହୋଇଗଲାଣି । କଂକ୍ରିଟ୍ ସଡ଼କ - ସୁରମ୍ୟ ଗୋଦାମ ଘର । ଜନରବଯେ, ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ କଟକ ଗସ୍ତ କୁଆଡ଼େ ଖାଲି ଛତ୍ରବଜାରରେ ହିଁ ସୀମିତ ରହୁଛି । ତାଙ୍କ ବିଶ୍ରାମ ପାଇଁ ଦୁଇ ଚାରିଟା ଡାକବଙ୍ଗଳା (ବ୍ୟାଙ୍କ୍) ଆଉ ଅଗଣିତ ରେଷ୍ଟ୍ ସେଡ୍ (ଲୁହାଟ୍ରେଜେରୀ) ମହଜୁଦ୍ ଅଛନ୍ତି ।

କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଦ୍ୱୈତ ଅର୍ଥବିଶିଷ୍ଟ କାବ୍ୟ ପରି ମୋର ନାମଟି ମଧ୍ୟ ଦ୍ୱୈତ ଅର୍ଥ ଧାରୀ । ପ୍ରଥମ ଅର୍ଥରେ ମୁଁ ଗୋଟିଏ ପରିବା - ଦ୍ୱିତୀୟ ଅର୍ଥ ମୋର ହେଲା ଶୂନ୍ୟ । "ରାମ ଗଣିତରେ ଆଳୁ ପାଇଲା ।" ଅର୍ଥ ରାମ ଗଣିତରେ ଶହେ ନମ୍ବରରୁ ସବୁ ଭୁଲ୍ କରି ଶୂନ ପାଇଲା । ମୋର ଗୋଲଗାଲ ଆକୃତିରୁ ସମ୍ଭବତଃ ଶୂନ୍ୟ ଆଖ୍ୟା ନିଆଯାଇଛି । କିନ୍ତୁ ଶୂନ୍ୟ ଅର୍ଥକୁ ନିଗୁଢ଼ ଭାବରେ ଚିନ୍ତା କଲେ ଜଣାଯିବ ଯେ, ମୁନି ଋଷି ଏବଂ ଦାର୍ଶନିକମାନଙ୍କ ମତରେ ଶୂନ୍ୟ ସାମାନ୍ୟ ବସ୍ତୁ ନୁହେଁ । ଶୂନ୍ୟ ହେଉଛି ଅନିତ୍ୟର ସଙ୍କେତ । ଶୂନ୍ୟରୁ ସବୁ କିଛି ଉଦ୍ଭବ ହୋଇଅଛି । ଭାରତବର୍ଷର ଜଣେ ବାଗ୍ମୀ ପୁରୁଷ ସ୍ୱାମୀ ବିବେକାନନ୍ଦ ମୋର ଆଦି ଭୂମି ଆମେରିକାରେ ଏହି ଶୂନ୍ୟ ଉପରେ ଦୀର୍ଘ ସମୟ ଧରି ଭାଷଣ ଦେଇ ଜନମନକୁ ହରଣ କରିଥିଲେ । ତେଣୁ ମୋର ଏହି ଦ୍ୱିତୀୟ ଅର୍ଥଟି ମଧ୍ୟ

Digitized by srujanika@gmail.com

ମହାନ୍ ଆଉ ନିଗୂଢ଼ ତତ୍ତ୍ୱବୋଧକ । ଆଉ ଗୋଟିଏ ନିରର୍ଥକ ଭଣିତା ହେଲା ଆଳୁଦୋଷ । କାହାରି କାହାରି ପାଖରେ ଟିକିଏ ଆଳୁ ଦୋଷ ରହିଥାଏ ବୋଲି କୁହା କୁହି ହୁଅନ୍ତି ।

ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ମୋତେ କେବଳ ସିଦ୍ଧ କରାଯାଇ ଲୁଣ ଆଉ ଗୋଲ ମରିଚଗୁଣ୍ଡ ମଡ଼େଇ ଖାଇଲାବେଳେ ମୁଁ ପ୍ରାଚ୍ୟଦେଶରେ ବେସନ - ବସନ ପରିଧାନ କରି ତେଲ କରେଇରେ ଅଗ୍ନିପରୀକ୍ଷା ଦେଉଅଛି । ସାରା ପୃଥିବୀରେ ମୋର ଆଦୃତି ହେଉଛି ମୋର ଯୋଗ୍ୟତା । ପ୍ରାଣୀ-ଶ୍ରେଷ୍ଠ ମନୁଷ୍ୟର ଏକ ପ୍ରଧାନ ଖାଦ୍ୟଦ୍ରବ୍ୟ ମୁଁ ହୋଇଥିବାରୁ ମୋର ସ୍ଥାନ ଉଚ୍ଚରେ । ପଞ୍ଚତାରକା ବିଶିଷ୍ଟ ହୋଟେଲ୍‌ଠାରୁ ଆରମ୍ଭ କରି ଝୁମ୍ପୁଡ଼ି ପର୍ଯ୍ୟନ୍ତ ସବୁ ସ୍ଥାନକୁ ମୋର ଗତାଗତ ଅଛି । କେତେବେଳେ ତେଲ ମସଲାରେ ଜର୍ଜରିତ ହୋଇ ଅବା କେତେବେଳେ ଜଳନ୍ତା ନିଆଁରେ ଆତ୍ମାହୁତି ଦେଇ ମୁଁ ମଣିଷ ପିଲାର ରସନାକୁ ତୁଷ୍ଟ କରୁଛି । ଆବ୍ରାହାମ୍ ଲିଙ୍କନଙ୍କ ଭାଷାରେ କହିବାକୁ ଗଲେ ମୁଁ ମଣିଷଙ୍କର ପ୍ରିୟ ମଣିଷଙ୍କ ଦ୍ୱାରା ଉତ୍ପାଦିତ ଏବଂ ମଣିଷଙ୍କ ପାଇଁ ଉଦ୍ଦିଷ୍ଟ ।

ଓଡ଼ିଶା ମୁଲକରେ ମୋତେ ବେଶି ଭଲ ପାଆନ୍ତି ବାଲେଶ୍ୱର ବାସୀ । ବଙ୍ଗାଳୀ ଜାତିର ମୁଁ ପ୍ରିୟ । ବଙ୍ଗୀୟ ଗିନ୍ନୀମାନଙ୍କ ହାତ ତିଆରି ଲୁଚି ଆଉ ଆଳୁଦମ୍ ଯେ ନ ଖାଇଛି, ତାହାର ଜନ୍ମ ବୃଥା । ମାରୱାଡି ଆଉ ଗୁଜୁରାଟୀ ମାନଙ୍କ "ଆଲୁଶାଗ୍" ଆଳୁଦମ୍‌ର ରୂପାନ୍ତର ମାତ୍ର । ମସଲା ବିଶେଷରେ ସ୍ୱାଦରେ ସିନା 'ତାରତମ୍ୟ ରହିଥାଏ କିନ୍ତୁ ଆଦୃତି ସମାନ ରହିଥାଏ ସବୁ ସ୍ଥାନରେ ।

ଏପର୍ଯ୍ୟନ୍ତ ମୋର ଆତ୍ମପ୍ରଶସ୍ତି ଗାଇ ଆସିଲି । ସୁଖ ଦୁଃଖ ଭରା ଏ ଦୁନିଆ । ମୋର ମଧ୍ୟ କିଛି ଦୁଃଖ ଅଛି । ପୃଥିବୀରେ ସବୁ ସ୍ଥାନରେ ଉପଲବ୍ଧ ହୋଇ, ଜନପ୍ରିୟତାର ଶୀର୍ଷରେ ପହଞ୍ଚିବା ପରେ ଆଉ ଦୁଃଖ ମୋର ରହିଲା କେଉଁଠି ବୋଲି ଆପଣ ପଚାରିବେ । ତେବେ ମୋର ଦୁଃଖ ପେଡ଼ିଟା ଆପଣଙ୍କ ଆଗରେ ଫେଡ଼ି ଦେଇ ହୃଦୟର ଜ୍ୱାଳାକୁ ଟିକିଏ ଲାଘବ କରିବି ।

ମୋ' ଜୀବନରେ ଦୁଇଟି ବଡ଼ ଦୁଃଖ ରହିଛି । ପ୍ରଥମତଃ ଜଗତର ନାଥ ଜଗନ୍ନାଥ ମୋତେ ମଣୋହି କରି ନାହାନ୍ତି । ସମ୍ଭବତଃ ଦରିଆପାରିରୁ ଆସିଥିବାରୁ ବିଦେଶୀ ନ୍ୟାୟରେ ମୋର ବଡ଼ଦେଉଳ ମଧ୍ୟକୁ ପ୍ରବେଶାଧିକାର ନାହିଁ । ଦେବ ମୁଖରେ ପଡ଼ିଥିଲେ ମୋର ଏବଂ ଜାତିଭାଇମାନଙ୍କର ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତା । କିନ୍ତୁ ମୁଁ ହଲପକରି କହୁଛି ଯେ, ଥରେ ଯଦି ଜଗନ୍ନାଥଜୀ ମୋତେ ଭାଇ ଭଉଣୀଙ୍କ ସହ ପଙ୍ଗତରେ ଚଳେଇ ନିଅନ୍ତେ, ତେବେ ତାଙ୍କର ଛପନପଉଟି ଭୋଗକୁ ଆଡ଼େଇ ଦିଅନ୍ତେ । ପ୍ରଭୁ ମୋ କପାଳରେ "ଦେବଭୋଗ୍ୟା" ବୋଲି ଲେଖିନାହାନ୍ତି । ଏହା ମୋର ମରମ-ହଣା ଦୁଃଖ ।

ମୋର ଆଉ ଗୋଟିଏ ଦୁଃଖ ଏହି ଯେ, ଗୋଟିଏ ଗୋଷ୍ଠୀର ମନୁଷ୍ୟଙ୍କ ନିକଟରେ ମୁଁ ଅନାଦୃତ ହୋଇଉଠେ । ସେମାନେ ହେଲେ ମଧୁମେହ ରୋଗୀ । ଡାକ୍ତରମାନେ ସେମାନଙ୍କୁ ଏପରି ମରଣ ଭୟ ଦେଖାଇଛନ୍ତି ଯେ, ସେମାନେ ମୋତେ ବିଷ ଦୃଷ୍ଟିରେ ଦେଖନ୍ତି ।

Digitized by srujanika@gmail.com

ପିଲାଟି ଦିନରୁ ମୋତେ ଆଦର କରି କରି ଶେଷରେ ହତାଦର କରିବା ଜୀବନସାରା ଗୃହିଣୀ ସହିତ ଘର ସଂସାର କରି ଶେଷ ଜୀବନରେ ମୃତଦାର ହେବା ସଙ୍ଗେ ସମାନ । ହେଲେ ସେମାନଙ୍କୁ ସମବେଦନା ଜଣାଇ ଦ୍ରୁତ ଆରୋଗ୍ୟ ପାଇଁ ପ୍ରାର୍ଥନା କରେ ।

ମୋର ଏହି ଦୁଃଖ ଦୁଇଟି ଦିନେ ନା ଦିନେ ଜଗତକର୍ତ୍ତାଙ୍କ ଶ୍ରବଣରେ ପଡ଼ିବ । ସେ ସୁଦିନକୁ ମୁଁ ଅପେକ୍ଷା କରି ବସିଛି । ଉପରୋକ୍ତ ଦୁଃଖ ଦୁଇଟି ଯୋଗେ ମୋର ପରିବା ବଜାରରେ ରଜା ବୋଲାଇବାର କିଛି ମାନେ ହୁଏ ନାହିଁ ।

ପରିଶେଷରେ ମୋ' ପରି ଛାର ଏକ ପରିବାଟିର ଆତ୍ମକାହାଣୀ ଆପଣ ଧୈର୍ଯ୍ୟଧରି ପଢ଼ିଥିବାରୁ ମୋର ଏବଂ ମୋର ଆଳୁ ଭାଇମାନଙ୍କର ହାର୍ଦ୍ଦିକ ଧନ୍ୟବାଦ ଗ୍ରହଣ କରିବେ । ମନକୁ ପାଇଥିଲେ ଟିକିଏ ମୁରୁକି ହସା ଦେବେ । ମୁଁ ମନୁଷ୍ୟମାନଙ୍କର ଏତେ ନିବିଡ଼ ସଂସ୍ପର୍ଶରେ ଆସିଛି ବୋଲି 'ଚିହ୍ନା ବ୍ରାହ୍ମଣର ଯଜ୍ଞୋପବୀତ ଅନାବଶ୍ୟକ' ନ୍ୟାୟରେ ମୁଁ ମୋର ଚାଷ ପ୍ରଣାଳୀ ମାଟିର ଉର୍ବରତା, ସାର ପ୍ରୟୋଗ, କୀଟନାଶକ ଔଷଧ ଆଦିର ତାଲିକା ଅଯଥା ବର୍ଣ୍ଣନା କରୁନାହିଁ । ପାତାଳ ପୁରରେ ଜନ୍ମ ହୋଇ ମର୍ତ୍ତ୍ୟପୁରରେ ଖେଳା ଲୀଳା ସାରି ସ୍ୱର୍ଗ ପୁରକୁ ଯାତ୍ରା ହିଁ ମୋର କ୍ଷୁଦ୍ର ଜୀବନ ।

Digitized by srujanika@gmail.com

ପଛଧାଡ଼ି

କଥାରେ କହନ୍ତି "ହାକିମଙ୍କ ଆଗକୁ ଆଉ ଘୋଡ଼ାର ପଛକୁ ଯିବାକଥା ନୁହେଁ ।" ଆଗଚଲା ନ ହେବାକୁ ମୁନି, ଋଷି, ଜ୍ଞାନୀ, କବି, ଶାସ୍ତ୍ର-ପୁରାଣ ଓଗେର ମନା କରିଛନ୍ତି । କୂଳପାଖିଆ କେରାଣ୍ଡି, ଦଣ୍ଡିକିରୀ, ମହୁରାଳି ମାଛ ସିନା ଜାଲରେ ଧରାହୁଅନ୍ତି ପଛଧାଡ଼ିଆ ଗଭୀର ଜଳର ରୋହି ଭାକୁରଙ୍କୁ ଜାଲରେ ଫସାଇବା କାଠିକର ପାଠ ।

ପଛଧାଡ଼ିର ଯେ ମଜା ପାଇଛି - ସେ ଆଉ ଆଗଧାଡ଼ି ନ ଧରେ । ଶିକ୍ଷାୟତନ ଗୁଡ଼ିକରେ ପଛଧାଡ଼ି ଧରିଲେ ଅବଶ୍ୟ "ଗର୍ଦ୍ଦଭ" ଦୋଷଟା ଲାଗୁ ହୋଇଥାଏ କିନ୍ତୁ କୋଇଲାଖଣିରେ ହୀରାର ଉପସ୍ଥିତି ପରି କେତେକ ମେଧାବୀ, ବୁଦ୍ଧିମାନ୍ ଆଉ ପ୍ରତ୍ୟୁତ୍ପନ୍ନ ମତିସମ୍ପନ୍ନ ଛାତ୍ର ଯେ ପଛଧାଡ଼ିରେ ନ ବସନ୍ତି, ତାହା ନୁହେଁ, ସେହିପରି ସବୁ ଆଗଧାଡ଼ିଆ ଯେ ପରବର୍ତ୍ତୀ ଜୀବନରେ ପ୍ରତିଷ୍ଠା ଲାଭ କରନ୍ତି ତାହା ମଧ୍ୟ ନୁହେଁ । ପଛଧାଡ଼ିରେ ବସିବାର ସୁବିଧା ହେଲା କି ଶିକ୍ଷକ କି ପରିଦର୍ଶକ କାହାରି ପ୍ରଶ୍ନର ଶରବ୍ୟ ହେବାକୁ ପ୍ରାୟ ପଡ଼ି ନଥାଏ । ଯଦବା ପ୍ରଶ୍ନର ଉତ୍ତର କେହି ପଛ ଧାଡ଼ିଆକୁ ମାଲୁମ୍ ଥାଏ, ତେବେ ଆଜାନୁ ବାହୁ ହୋଇ ଉତ୍ତରଦାନର ସାମର୍ଥ୍ୟକୁ ଯଥାଯଥ ଭାବରେ ପ୍ରଦର୍ଶିତ ନ କରି ପାରିଲେ, ସୁଯୋଗଟା ପଛ ଧାଡ଼ିକୁ ଆସିପାରେ ନାହିଁ । ପୁଣି ପୂର୍ବ ରାତିରେ ପଢ଼ା (?) ସିନେମା, ଟି.ଭି., ଯାତ୍ରା ସୁଆଙ୍ଗ, ମେଲୋଡି ଆଦି ଦେଖାଜନିତ ଅନିଦ୍ରାର ପରିପୂରଣ କରିନେବାର ସୁଯୋଗ ମିଳେ । ଆଗଧାଡ଼ି ପିଲାଙ୍କର ଗୋଟାଏ ଯୋଡ଼ାଏ ମୁଣ୍ଡକୁ ଶିକ୍ଷାଦାତାଙ୍କ ମୁହଁ ସଳଖେ ବନ୍ଧୁକ ମାରିବା କାଇଦାରେ ଯୋଖିଦେଲେ ତୁମେ ସୁପ୍ତ କି ଜାଗ୍ରତ, ମନଯୋଗୀ ଅବା ଅମନଯୋଗୀ ତାହା ଶିକ୍ଷକ ତ ଶିକ୍ଷକ ଖୋଦ୍ ଲର୍ଡ ଶିବ ମଧ୍ୟ ଜାଣି ପାରିବେ ନାହିଁ ।

Digitized by srujanika@gmail.com

କଲେଜରେ ଜେନେରାଲ୍ କ୍ଲାସ ପିରିୟଡ଼ ଗୁଡ଼ିକରେ ପଛ ଧାଡ଼ିରେ ବସି ଦି'ଚାରିବାଜି ତାସ୍ ବିନା ଧଡ଼କରେ ଖେଳାଯାଇପାରେ । ଶେଷରେ ଆଗଧାଡ଼ିଆଙ୍କୁ ଯେପରି ବ୍ଲାକ୍‌ବୋର୍ଡ଼ ପୋଛା, ହାଜରା ପକାଇବା ପାଇଁ ଶିକ୍ଷକଙ୍କୁ କଲମ ଯୋଗାଣ ଆଦି ବେଠି କାମ ପଡ଼େ, ପଛଧାଡ଼ିଆଙ୍କୁ ସେଥିରୁ ନିସ୍ତୃତି ମିଳିଥାଏ ।

ସାହିତ୍ୟ ଆସର ଗୁଡ଼ିକରେ ପଛଧାଡ଼ି ଧରିଲେ ଆଲୋଚ୍ୟ ବିଷୟ ଅବା ପଠିତ ଗଳ୍ପ, କବିତା, ପ୍ରବନ୍ଧ ସମ୍ବନ୍ଧରେ ସ୍ୱତନ୍ତ୍ର ଲବି କରି କରି ଧୀର ସ୍ୱରରେ ସମାଲୋଚନା ଅବା ସମୀକ୍ଷା କରିହୁଏ । ସର୍ବୋପରି ମନକୁ ନ ପାଇଲେ ସମସ୍ତଙ୍କର ଅଲକ୍ଷ୍ୟରେ (ମଞ୍ଚାସୀନଙ୍କ ବ୍ୟତୀତ) ସ୍ଥାନ ତ୍ୟାଗ କରାଯାଇପାରେ ।

ରାଜନୈତିକ ସଭାଗୁଡ଼ିକରେ କିନ୍ତୁ ପଛଧାଡ଼ିରେ ବସିବା ବିଧେୟ । ବକ୍ତାଟିର ବୃଥା ବାଗାଡ଼ମ୍ବରରେ ମନଟା ଅତିଷ୍ଠା ହୋଇ ଉଠିଲେ ବାହାରକୁ ଯାଇ ପାନ ସିଗାରେଟ୍ ଚାହା ଇତ୍ୟାଦି ସେବନ କରାଯାଇପାରେ କାହାରି ଦୃଷ୍ଟି ଆକର୍ଷଣ ନ କରି । ବିରୋଧୀ ଦଳ ସହାରେ ହୋହଲ୍ଲା କରିବା, ପଚାଟମାଟୋ ଅବା ଅଣ୍ଡା ଆଦି ମଞ୍ଚ ଉପରକୁ ଫୋପାଡ଼ିବା ସହାରେ ଷଣ୍ଢ ପୂରାଇବା ଆଦି ଯୋଜନା ରଖିଥିଲେ ଏହି ପଛଧାଡ଼ି ହେଉଛି ନିରାପଦ ଶିବିର ।

ସବୁ ପ୍ରକାର ଶୋଭାଯାତ୍ରା ଗୁଡ଼ାକରେ ପଛଧାଡ଼ିରେ ରହିବା ଉଚିତ୍ । ସେ ରାଜନୈତିକ ଶୋଭାଯାତ୍ରା ହେଉ ଅବା ଧାର୍ମିକ, ସାଂସ୍କୃତିକ ଶୋଭାଯାତ୍ରା ହେଉ । ରେଞ୍ଜ୍ ବାହାରେ ରହିଲେ ପୈତୃକ ଜୀବନ ସୁରକ୍ଷିତ ରହେ । ବିପଦ ଆପଦର ଗନ୍ଧ ମିଳିଲେ ଏବାଉଟର୍ଣ୍ଣ୍ ଆଉ ଡବଲମାର୍ଚ୍ଚ୍ ବାପର ନାମ ବଜାୟ ରଖିହୁଏ । ଠେଙ୍ଗା, ଲାଠି, ଫାର୍ସା ଭୁଟାଲି, ବନ୍ଧୁକ ଗୁଳି, ସଙ୍ଗୀନ ମୁନ୍ ଆଦି ସେହି ଆଗଧାଡ଼ିଆଙ୍କ ଉପରେ ବାଜେ । ଯେତେ ବଡ଼ ବଡ଼ ନେତା ରାଜନୈତିକ ଶୋଭାଯାତ୍ରାର ନେତୃତ୍ୱ ନେଇଛନ୍ତି, ସମସ୍ତେ ସେହି ପଛଧାଡ଼ିରେ ରହି ଶୋଭାଯାତ୍ରା, ବିକ୍ଷୋଭ ଆଦି ସଂଚାଳନ କରିଛନ୍ତି । ବ୍ୟତିକ୍ରମ କେବଳ ସ୍ୱର୍ଗତ ଲାଲା ଲଜପତ୍ ରାୟ । ନେତୃତ୍ୱର ଆକ୍ଷରିକ ଅର୍ଥକୁ ପ୍ରଦର୍ଶନ କରିବାକୁ ଯାଇ ସେ ଶହୀଦ୍ ହୋଇଥିଲେ ।

ଆଗେ ନାଚ, ତାମ୍‌ସା, ଥିଏଟର, ପାଲା, ଦାସକାଠିଆ ହେଉଥିବା ସ୍ଥାନଗୁଡ଼ିକରେ ପଛ ଧାଡ଼ିରେ ବସିଲେ ସଂଳାପ ଅସ୍ପଷ୍ଟ ହେଉଥିଲା । ମାତ୍ର ଏ ମାଇକ୍ ଆଉ ଷ୍ଟେରିଓ ଯୁଗରେ ସେ ପ୍ରକାର ଅସୁବିଧା ପରାହତ ହୋଇଛି । ବରଂ ଅଭିନୟରେ ଆଗଧାଡ଼ିଆଙ୍କୁ ଲାଞ୍ଛିତସ୍ୱିକର ଯୋଗେ ପ୍ରେମନିବେଦନରେ ସିଂହରଡ଼ି, ନାୟକର ଚାଟୁବାଣୀରେ ଘଡ଼ଘଡ଼ି ଆଉ ଖଳନାୟକର ଡାଏଲଗ୍‌ରେ ବୋମାଫୁଟୁଛି ।

ଜୀବନଯାତ୍ରାରେ କିନ୍ତୁ ପଛଧାଡ଼ି ଧରିବା ଠିକ୍ ନୁହେଁ । ଏହାଦ୍ୱାରା ପୁଅକୁ ଚାକିରୀ ଝିଅକୁ ବର ଧରାଇହୁଏ ନାହିଁ । ତେଣୁ ଜୀବନ ରଙ୍ଗମଞ୍ଚରେ ଠେଲି ପେଲି ଉଇଙ୍ଗ୍‌ସ୍ କଡ଼ରେ ହେଉ ପଛକେ ଆଗଧାଡ଼ି ଧରିବା ଉଚିତ୍ । ଫଟରେ ଉଠିବ, ଭିଡିଓ ଚିତ୍ରରେ

Digitized by srujanika@gmail.com

ଭାସିବ । ଦେଖଣାହାରୀଙ୍କ ନୟନ ମନରେ ନାଚିବ ।

ଏକବିଂଶ ଶତାବ୍ଦୀ ହେଲାଣି ପଛବେ ଗୋଟିଏ ଯେନ୍ତ୍ରରେ ପଛଧାଡ଼ି ଧରିବା ଆଦୌ ଠିକ୍ ନୁହେଁ । ତାହା ହେଉଛି ଲକ୍‌ଜୁରୀ ବସ୍‌ଠାରୁ ଆରମ୍ଭକରି ଛିଣ୍ଡାଗଦିବାର ଲାଇନ୍ ବସ୍ ପର୍ଯ୍ୟନ୍ତେ । କିହୋ ବାବୁ ଫୋମ୍ ଗଦି, କଏଲ୍ ସ୍ପ୍ରିଂ ଦେଇ ଗାଡ଼ିକୁ ତୁମର ସିନା ସୁପର୍ ଡିଲକ୍ସ କରିଦେଲ, ରାସ୍ତା ତ ଡିଲକ୍ସ ରାସ୍ତା ନୁହେଁ । ଉତ୍ଥାନ, ପତନ, ଘୂର୍ଣ୍ଣନ ଏବଂ ମଧ୍ୟେ ମଧ୍ୟେ ସେତୁବନ୍ଧନ ହେଉଛି ରାସ୍ତା ନିର୍ମାଣର ମୌଳିକ ନୀତି । ଆମ ରାଇଜର ଜାତୀୟ ରାଜ ପଥ, ରାଜ୍ୟସ୍ତରୀୟ ପଥ କିମ୍ବା ଗାଁଆ ଗହଳି ରାସ୍ତାରେ ବସର କ୍ୟାଷ୍ଟରର ଅବା ଟ୍ରେକରର ପଛ ସିଟ୍‌ରେ ବସି ଯାତ୍ରା କଲେ ଯାତ୍ରୀଟି ବିଚରା ମୟୂରଭଞ୍ଜର ପ୍ରସିଦ୍ଧ ଛଉନାଚ ଅଥବା ଋଷ ଦେଶର ବିଶ୍ୱବିଖ୍ୟାତ 'ବ୍ୟାଲେ' ନୃତ୍ୟ ଆରମ୍ଭ କରିଦିଏ । ପଛଆଡ଼ର ଯାତ୍ରୀ ଜାହାନ୍ନମକୁ ଯାଆନ୍ତୁ ପଛକେ, ପୂରାଦମ୍‌ରେ ଆଗକୁ ମାଡ଼ିଯାଇ ଯାତ୍ରୀ ସାଉଣ୍ଟିବା କାମରେ ଚାଳକ ମହାଶୟ ଯତ୍ନ କରିଥାନ୍ତି । ଦୁର୍ବିପାକ ବଶତଃ ଅଧୀନ ଯଦି କେବେ କେଉଁଠି ବସ୍‌ର ପଛସିଟ୍‌ରେ ବସି ଯାତ୍ରା କରେ, ତେବେ ତାହାର ବିଜ୍ଞାନ ପ୍ରତି ଘୃଣା ଜାତ ହୁଏ । କାରଣ ବିଜ୍ଞାନ ପୃଥିବୀର ମଣିଷକୁ ନେଇ ଚନ୍ଦ୍ରରେ ପହଞ୍ଚାଇ ଦେଉଛି ଅଥଚ ଏ ଯାଏଁ ବସ୍ ଡ୍ରାଇଭରକୁ ପଛଧାଡ଼ିକୁ ଆଣି ପାରିନାହିଁ ?

ସବୁ ସ୍ଥାନରେ ବିଶେଷକରି ଆମ ରାଜ୍ୟରେ ସମସ୍ତଙ୍କୁ ନିଜ ଆଗରେ ରଖି ପଛରେ ଚାଲିବା ଉଚିତ୍ । ଏହା କଲେ ପଛରୁ ଆପଣଙ୍କ ଗୋଛି କେହି କାଟି ପାରିବେ ନାହିଁ କିମ୍ବା କଛା ଟାଣି ଧରି ଆପଣଙ୍କ ପ୍ରଗତିରେ କେହି ବାଧା ସୃଷ୍ଟି କରିପାରିବେ ନାହିଁ । ତେଣୁ ବୃନ୍ଦାବନର କୃଷ୍ଣଙ୍କ ପରି ସମସ୍ତଙ୍କୁ ଧେନୁ ପଲ ମନେ କରି ଆଗରେ ରଖନ୍ତୁ ଆଉ ପଛରୁ ନିରବଚ୍ଛିନ୍ନ ଭାବରେ ବଂଶୀବାଦନ କରିଚାଲନ୍ତୁ ଲହରେଇ - ଲହରେଇ ।

Digitized by srujanika@gmail.com

ଫିଲ୍ମିହିରୋ

ଅପର୍ଯ୍ୟାପ୍ତ ନ ହେଲେ ମଧ୍ୟ କିଛି ଇଂରାଜୀ, ଓଡ଼ିଆ, ହିନ୍ଦୀ, ବଙ୍ଗଳା ଫିଲ୍ମ ଦେଖିବାର ସୁଯୋଗ ମୁଁ ପାଇଛି । ଆମ ରାଜ୍ୟରେ ଦୂରଦର୍ଶନର ପ୍ରସାରଣ ଆରମ୍ଭ ହେବାରେ ଟିଭିରେ ତେଲେଗୁ, ତାମିଲ, ମାଲେୟାଲାମ, ମରାଠୀ, ପଞ୍ଜାବୀ, ଅସମିୟା ଫିଲ୍ମ ଆଦି ଦେଖା ହେବା ସଙ୍ଗେ ସଙ୍ଗେ ବିଦେଶୀ ଭାଷାର ରସିୟାନ, ଜାପାନୀ, ଇଟାଲିୟାନ୍ ଫିଲ୍ମ ଦେଖିଲି ।

ଏ ସବୁ ପ୍ରକାର ଫିଲ୍ମ ଦେଖିବାପରେ ମୋର ଫିଲ୍ମରେ ହିରୋ ହେଉଥିବା ଅଭିନେତାମାନଙ୍କ ସମ୍ବନ୍ଧରେ ଏହି ଧାରଣାମାନ ହେଲାଯେ,

ସେମାନେ ଅମର । ଅମୃତରସ ପାନ କରି ଦେବତାମାନେ ସିନା ଅମର ବୋଲାନ୍ତି, ହେଲେ ଆମ ଫିଲ୍ମ ହିରୋମାନେ ଅମୃତର 'ଅ' ଅକ୍ଷରକୁ ନ ଚାଟି ମଧ୍ୟ ଅମର ହୋଇଥାନ୍ତି । ଯେଡ଼େ କଠିନ ରୋଗରେ ସେ ଆକ୍ରାନ୍ତ ହେଉ ପଛକେ, ତାକୁ ଆରୋଗ୍ୟ କରିବାକୁ ସ୍ୱର୍ଗପୁରୀରୁ ସ୍ୱୟଂ ଧନ୍ୱନ୍ତରୀ ଓହ୍ଲାଇ ଆସନ୍ତି । ଗଳ୍ପରେ ସେ ଅନ୍ଧ ହୋଇଗଲେ ମଧ୍ୟ କେହିନା କେହି ଚକ୍ଷୁବିଶେଷଜ୍ଞ ତାକୁ ନେତ୍ରଦାନ ଦେଇଥାନ୍ତି । ପ୍ଲେନ୍‌କ୍ରାସରୁ ସେ ଏକା ବଞ୍ଚିଯାଏ । ନଈରେ ବୁଡ଼ିଗଲେ ମଧ୍ୟ ସୁକୁ ସୁକୁ ଅବସ୍ଥାରେ ସେ କୂଳରେ ଲାଗିଯାଏ । ତାକୁ ହତ୍ୟା କରିବାକୁ ଉଦ୍ୟତ ହେଉଥିବା ଖଳନାୟକଟା ଅପର ବ୍ୟକ୍ତିଦ୍ୱାରା ନିହତ ହୁଏ । ନିକୃଷ୍ଟ ପକ୍ଷରେ ସର୍ପାଘାତରେ ମୃତ୍ୟୁ ବରଣ କରେ ଆଉ ହିରୋଟି ବିପଦମୁକ୍ତ ହୋଇଯାଏ । ଅବଶ୍ୟ କେତେକ ବେଦନାନ୍ତକ ବହିରେ ହିରୋକୁ ମୁଁ ମରିବାର ଦେଖିଛି ହେଲେ ସେପରି ଫିଲ୍ମର ସଂଖ୍ୟା ଆଦୌ ଉଲ୍ଲେଖଯୋଗ୍ୟ ନୁହେଁ ।

ହିରୋକୁ ଫାଇଟିଂ କରୁଥିବା ଅବସ୍ଥାରେ ଦେଖିବାକଥା । ସେ ଯେତେପ୍ରକାର

Digitized by srujanika@gmail.com

ଜିମନାଷ୍ଟିକ କାଇଦାରେ ବିପକ୍ଷ ଦଳକୁ ଆକ୍ରମଣ କରେ ତାକୁ ଦେଖି ମୁଁ ମନରେ ଭାବେ ଯେ, ଏମାନେ କ୍ୟାମେରା ଆଗରେ ଏଗୁଡ଼ିକ ନ ଦେଖାଇ ଅଲିମ୍ପିକ୍ ମଇଦାନ୍‌ରେ ଦେଖାଇଲେ ଅବଶ୍ୟ ପଦକ-ମଡ଼କ ଭାରତ ସପକ୍ଷରେ କିଛି ପଦକ ଆହରଣ କରିପାରନ୍ତେ ଖଳନାୟକର ଆଠ ଦଶଜଣ ଅନୁଚରଙ୍କ ସହ ପ୍ରାୟତଃ ତାକୁ ଏକାକୀ ଯୁଦ୍ଧ କରିବାକୁ ହୋଇଥାଏ ଆକ୍ରମଣକାରୀମାନେ ଏକକେ ବାଦ୍ ଏକ ପ୍ରକ୍ରିୟାରେ ତା ସହ ଲଢ଼ିବାକୁ ଆସନ୍ତି । ସମୟ ସମୟରେ ଦୁଇଜଣଙ୍କୁ ମଧ୍ୟ ସେ ମୁକାବିଲା କରିଥାଏ । ମହାଭାରତ ଯୁଦ୍ଧ ବର୍ଣ୍ଣିତ ସପ୍ତରଥୀ କାଇଦାରେ ସେ ଆକ୍ରମିତ ହୁଏ ନାହିଁ । ଜଣେ ଦୁଇଜଣ ହମଲାକାରୀ କାଚ ଝରକା ଭାଙ୍ଗି ଅବା ଅସ୍ଥାୟୀ ଭାବରେ ନିର୍ମିତ ପାଞ୍ଚ ଇଞ୍ଚିଆ କାନ୍ଥ ଭାଙ୍ଗି ଅପର ପାର୍ଶ୍ୱରେ ଭୂଲୁଣ୍ଠିତ ହେଲେ ଯାଇ ଅନ୍ୟ ଜଣେ ଅପେକ୍ଷାରତ ଆକ୍ରମଣକାରୀ ତାକୁ ହାମଲା କରିଥାଏ । ବୁଦ୍ଧୁ ଗୁଡ଼ାକ ଏକତାର କେତେ ବଳ ଜାଣି ନ ଥିବାରୁ କେବେ ଏକା ଏକା ଅବା କେବେ ଯୌଥ ଭାବରେ ପରାଭବ ପାଇ ଫେରିଯାଆନ୍ତି ଖଳନାୟକର ଶିବିରକୁ ଚଟକଣା ଅବା ଗୁଳି ଖାଇବା ନିମନ୍ତେ । କେତେ ଫିଲ୍ମରେ ଦେଖିଛି ହିରୋଟା ଆକ୍ରମଣକାରୀଙ୍କ ଖାପଚରେ ପଡ଼ିଛି ଏବଂ ପର୍ଯ୍ୟାୟକ୍ରମେ ମାଡ଼ଖାଇ ଲହୁ ଲୁହାଣ ହୋଇଯାଇଛି । କିନ୍ତୁ ଶେଷରେ ଶତସିଂହର ବଳ ନେଇ ସେ ଫୁଲ୍‌କା ଉପରକୁ ଫେରିଯାଇ ଆକ୍ରମଣକାରୀଙ୍କୁ ଫାଇନାଲ୍ ଫାଇଟିଂରେ ହରେଇ ଦେଇଛି । ଘୋଡ଼ା ଅବା କାର ପଛରେ ବନ୍ଧା ହୋଇ ବାଟ ବିକୋଶ ଘୋଷଡ଼ା ହୋଇ ଯିବା ପରେ ମଧ୍ୟ ସେ ଯୁଦ୍ଧ କରିବାର ସାମର୍ଥ୍ୟ ହରାଏ ନାହିଁ ।

ପ୍ରେମ ବ୍ୟାପାରରେ ତ ସେ ଦ୍ୱାପର ଯୁଗର କୃଷ୍ଣ । ଘରେ ବିବାହିତା ସ୍ତ୍ରୀ ସଙ୍ଗରେ ବାହାରେ ଷ୍ଟୁଡିଓରେ ଅଭିନେତ୍ରୀ ସ୍ତ୍ରୀ- କେତେ ସ୍ପର୍ଶ - କେତେ ଶିହରଣ । ଫିଲ୍ମ କାହାଣୀରେ ତା' ନିମନ୍ତେ ଧନୀର ଦୁଲାଳୀ ହେଉ ଅବା ବନାନ୍ତରର ଆଦିବାସୀ ଯୁବତୀ ହେଉ, ପ୍ରଣୟିନୀ ଗୋଟାଏ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ତା'ନିମନ୍ତେ ଆଗରୁ ଯୋଗାଡ଼ କରିଥାନ୍ତି । କେତେ ଫିଲ୍ମରେ ଦେଖିଛି ନାୟିକା ନାୟକକୁ ଘୃଣା କରୁଛି । ହିରୋ ଏ ନଫରତି ଦେଖି ଗୋଟାଏ ହିଟ୍ ଗୀତ ସୁରୁ କରିଦେଉଛି । ପହିଲି ପଦ ଯାଇ ଦ୍ୱିତୀୟପାଦ ହେଲା ବେଳକୁ ହିରୋଇନ୍‌ଟା ମହମ ପରି ତରଳି ଯାଉଛି ଆଉ ଶେଷ ପଦଟା ନାୟକ ନାୟିକାଙ୍କର ନିବିଡ଼ ଆଲିଙ୍ଗନ ଭିତରେ ଦ୍ୱୈତ କଣ୍ଠରେ ଗାନ କରାଯାଇଛି । ଝମ୍ ଝମ୍ ବର୍ଷାରେ ତିନ୍ତିବୁଡ଼ି ହେଉ ଅବା ନଈନାଳ, ସୁଇମିଂ ପୁଲ୍‌ରେ ନାୟିକାଟା ଓଦା ନ ହେଲେ ଫିଲ୍ମ ଅଧୁରା ରହିଯାଏ । ଅନେକ ଫିଲ୍ମରେ ବର୍ଷା ସ୍ନାତ ହିରୋ ହିରୋଇନ୍ ଗୋଟାଏ ପରିତ୍ୟକ୍ତ ଘରେ ଅବା ନିର୍ଜନ ମନ୍ଦିର ଭିତରେ ବାସର ଘର ସର୍ଜନା କରିଛନ୍ତି ଏବଂ ତାହା ପରେ ବଚା ପୈଦା ହେବାର ସବାଲ ଉଠିଛି । ଶତ ବାଧାବିଘ୍ନକୁ ପାଦରେ ଦଳିଦେଇ ହିରୋ ହିରୋଇନ୍ ଏକତ୍ର ହୋଇଯାଉଛନ୍ତି ।

ହିରୋ ଆଇନକୁ ନିଜ ହାତକୁ ଯେତେ ନେଉନା କାହିଁକି, ଆଇନ ତା ପାଖକୁ ଯାଏ ନାହିଁ । ଦୈବାତ୍ ସେ ହତ୍ୟାଦୋଷରେ ଅଭିଯୁକ୍ତ ହେଲେ ଜଣେ ଟାଣୁଆ ଓକିଲ ତା' ସପକ୍ଷରେ ଅଦାଲତଙ୍କ ଆଗରେ ଅବାନ୍ତର ଯୁକ୍ତିଗୁଡ଼ାଏ ପେଶ୍‌କରି ତାକୁ ବାଇ ଇଜ୍ଜତ୍ ରିହା କରିଦେଇଥାଏ । କାରାଗାର ମଧ୍ୟରୁ ହିରୋଟା ପଳାଇ ଯାଇଥିଲେ ମଧ୍ୟ ଭାରତୀୟ ପିଙ୍ଗଲ କୋର୍ଡ଼ର ଦୁଇଶହ ଚବିଶ୍ ଦଫାଟା ତାକୁ ଲାଗୁ ହୁଏ ନାହିଁ । ଫିଲ୍ମର ଶେଷରେ ସେ

Digitized by srujanika@gmail.com

ଖଳନାୟକକୁ ଧରାପୃଷ୍ଠରୁ ନିଶ୍ଚିହ୍ନ କାରିଥିଲେ ମଧ୍ୟ ହାତକଡ଼ି ବଦଳରେ ତାଙ୍କୁ ହିରୋଇନ୍‌ର ବରଣମାଳା ମିଳିଯାଏ ।

ଫିଲ୍ମହିରୋମାନଙ୍କ ସମ୍ବନ୍ଧରେ ଗୋଟାଏ ବିଶେଷ ତଥ୍ୟ ଆମର ହସ୍ତଗତ ହୋଇଛି । ଫିଲ୍ମ ଦେଖା ପରେ ଆମର ଏହି ଧାରଣା ହୋଇଅଛିଯେ ପ୍ରତ୍ୟେକ ହିରୋ ଜଣେ ପୋଖତ ଗାୟକ । ଗଳ୍ପରେ ସେ ଡାକ୍ତରହେଉ, ଇଞ୍ଜିନିୟରହେଉ ରିକ୍ସାବାଲାହେଉ, ମିଲ୍‌ଶ୍ରମିକ ହେଉ, ଚାଷୀହେଉ, ବ୍ୟବସାୟୀ ହେଉ, ସେ ଯେଉଁ ରୋଲ୍ କରୁନା କାହିଁକି ତାଳ, ମାନ, ଲୟ ଧରି ସେ ଗୀତ ଗାଇପାରେ । ପିଆନୋ, ମାଣ୍ଡୋଲା, ଗିଟାର, ଭାଓଲିନ୍, ବୀଣା, ସିତାର, ବଂଶୀ, ଏସରାଜ, କ୍ଲାରିଓନେଟ୍ ଆଦି ଯେପରି ବଜାଇପାରେ ସେହିପରି ଢୋଲ, ଟାଙ୍ଗୁ, ତବଲା, ପଖଉଜ, ମୃଦଙ୍ଗ, ଚଙ୍ଗୋ ଆଦି ପିଟିପାରେ । ଡିସ୍କୋ, ତାଣ୍ଡବ, ଜାଜ୍ ଆଦି ନୃତ୍ୟରେ ତାଙ୍କୁ ବଳିଯିବା ପୁଅ ଆଉ କେହି ନାହାନ୍ତି । ଗାଡ଼ି ମଟର, ଟ୍ରେନ, ଉଡ଼ାଜାହାଜ ଷ୍ଟିମର ଆଦି ଯେପରି ଚଳାଇ ଜଣେ ସେହିପରି ଶଗଡ଼ଗାଡ଼ି ଟାଙ୍ଗା, ରିକ୍ସା ବି ଚଳାଇପାରେ । ଘୋଡ଼ାରେ ବସି ସେ ମୋଟର କାରକୁ ଟକ୍କର ଦିଏ । ବେଳେ ବେଳେ ଖଳନାୟକ ଖସି ପଳାଇ ଯାଉଥିବା ହେଲିକପ୍ଟରର ଲ୍ୟାଣ୍ଡିଂ ରଡ୍‌କୁ ଧରି ଶୂନ୍ୟରେ ଝୁଲିଝୁଲି ସେ ତାହାର ଫାଇଟିଂକୁ ଚାଲୁ ରଖିଥାଏ । ଯେତେ ଉଚ୍ଚରେ ହେଲିକପ୍ଟରଟା ଉଡୁନା କାହିଁକି ସେ ଅକ୍ସିଜେନ୍‌ର ଅଭାବ ଅନୁଭବ କରେ ନାହିଁ ।

ସାତ ତାଳ ପାଣି ଭିତରେ ତାହାର କରିସ୍ମା ଦେଖି ମୁଁ ଅବାକ୍ ହୋଇଯାଏ ଅକ୍ଟୋପସ୍‌ର ଆଠଟାଯାକ ଶୁଣ୍ଢକୁ ସେ କାଟିଦେଇ ଖସି ଆସି ପାରେ । ମଣିଷ ଖିଆ ସାର୍କ ଆଉ କୁମ୍ଭୀର ଗୁଡ଼ାକ କେବଳ ମରିବା ପାଇଁ ତା' ପାଖକୁ ଆସନ୍ତି ।

ସୁଟିଂ ସମୟରେ ତାହାର ଭାଉ ବଢ଼ିଯାଏ । ପଯୋଜକ ଆଉ ନିର୍ଦ୍ଦେଶକ ତାହାର ବଚସ୍କର ପାଳଟିଲାବେଳେ ଷ୍ଟୁଡିଓର ଅନ୍ୟାନ୍ୟ ସହକର୍ମୀମାନଙ୍କ କଥା କିସ ଆଉ କହିବା ? କରପତ୍ର ଯୋଡ଼ି କୌଣସି ମତେ ହିରୋମହାଶୟଙ୍କୁ ମନେଇ ପାରିଲେ ସୁଟିଂ ଶେଷ ହୋଇପାରିବ । ନ ହେଲେ ଡେଟ୍ ପରେ ଡେଟ୍ । ଡେଟ୍‌ରେ ପୁଣି ଲେଟ୍ ବ୍ୟବସ୍ଥା । ଗୋଟାଏ ସୁଟିଂ ବ୍ୟାହତ ହେଲେ ବିଚରା ପ୍ରଯୋଜକଟା ହଜାର ହଜାର ଟଙ୍କା କ୍ଷତି ସହିଥାଏ ।

ଚୁକ୍ତିପତ୍ର ଦସ୍ତଖତ କରିବା ସମୟରେ ଧାର୍ଯ୍ୟ ପାରିଶ୍ରମିକର ସିଂହଭାଗ ହାତ ପୈଠ ହୋଇ ସାରିଥାଏ । ସୁଚାରୁ ସମାପ୍ତି ପରେ ବାକୀ ପ୍ରାପ୍ୟ ମଧ୍ୟ ମିଳିଯାଏ । ତେବେ ସଠିକ୍ ହିସାବ କିତାପ ମିଳେ ନାହିଁ । ଆୟକର ବାଲା ଜୋକ ପରି ଲାଗି ରହନ୍ତି ଆଉ ହିରୋମହାଶୟ ତାଙ୍କ ସେକ୍ରେଟାରୀ ଓ ଓକିଲଙ୍କ ସାହାଯ୍ୟରେ ସବୁ ଫଇସଲା କରନ୍ତି କୋଟି କୋଟି ଟଙ୍କା ବାକୀ ଖାତାରେ ଲେଖାଇ ଦେଇ ।

ଏ କାଳର ଫିଲ୍ମ ହିରୋମାନଙ୍କୁ ଦେଖି ଦେଖି, ଆୟ ବ୍ୟୟ କଳ୍ପନା କରି କରି ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ଭଗବାନଙ୍କ ଅଦାଲତରେ ବେଳ ଥାଉଁ ଥାଉଁ ଗୋଟାଏ ଆତ୍ମସ୍ୱାର୍ଥ ସମ୍ବଳିତ ଆଗୁଆ ମାମଲା ଦାଏର୍ କରିଦେବି ଯେ, ଏ ଜନ୍ମରେ ତ ଯାହା ହେବାର ହେଲି, ଆଗାମୀ ଜନ୍ମରେ ମୋର ଫିଲ୍ମହିରୋ ଆସନଟା ଯେପରି ମଞ୍ଜୁରୀ ପ୍ରାପ୍ତ ହେବ ।

Digitized by srujanika@gmail.com

ଧର୍ମ-ବେଠିଆ

ସାମନ୍ତବାଦ ଲୋପ ହୋଇଯିବା ପରେ ବେଠି ବେଗାରି ଉଠିଗଲା । ଚୁଡ଼ା ଚାଉଳ ହାତରୁ ଖାଇ ପ୍ରଜାମାନେ ରାଜା ଜମିଦାରମାନଙ୍କ ପାଇଁ ବିନା ପାରିଶ୍ରମିକରେ ଶ୍ରମଦାନ କରନ୍ତି । ଆମ ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରଚଳିତ ଗୋତିପ୍ରଥା ଆହୁରି ଉତ୍କଟ । ବାପ ଦାଦା ନେଇଥିବା ଋଣର ପରିଶୋଧ ନିମନ୍ତେ ଜୀବନବ୍ୟାପୀ ସେମାନେ ସାହୁକାର ଘରେ ଖାଇ ପିନ୍ଧି ଖଟି ଖଟି ଜୀବନ ନିର୍ବାହ କରୁଥିଲେ । ସୁଖର ବିଷୟ ସାଧାରଣ ପ୍ରଜାଏ ସେ ପ୍ରକାର ଯନ୍ତ୍ରଣାରୁ ଏବେ ମୁକ୍ତି ପାଇଛନ୍ତି ।

ଯୁଗ ବଦଳିଗଲା । ଏ ଯୁଗରେ ସର୍ବନିମ୍ନ ମଜୁରୀ କାଗଜ କଲମ ଆଉ ବାସ୍ତବ ରୂପରେ ଫରକ ଥିଲେ ମଧ୍ୟ ବର୍ଦ୍ଧିତ ଦର୍‌ଦାମକୁ ଆଖିରେ ରଖି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ସ୍ଥିର କରାଯାଇଛି । ଅଳ୍ପ ପରିଶ୍ରମ ଆଉ ବେଶି ମଜୁରୀର ଦୁଆ ଉଠୁଛି । ମାଲିକ ଆଉ ଶ୍ରମିକ ମଧ୍ୟରେ ପୂର୍ବର ସଦ୍‌ଭାବ ନାହିଁ । ହରତାଳ, ତାଲାବନ୍ଦ ଆଉ ଶ୍ରମ ଅଦାଲତ ମାଲିକ-ଶ୍ରମିକମାନଙ୍କ ମଧ୍ୟରେ ସେତୁ ହୋଇଛନ୍ତି ।

ତଥାପି ଏ ଯୁଗରେ ଲେଖକ ବିଚରାଟି କାର୍ଯ୍ୟରେ, କ୍ରମରେ କେତେ ଗୁଡ଼ିଏ ଧର୍ମ ବେଠିଆଙ୍କୁ ଦେଖୁଛି । ରାଜନୈତିକ ମଇଦାନ୍‌ରୁ ସୁରୁ କଲେ ଜଣାଯିବ ଯେ, ଏଗୁଡ଼ିକ ନିର୍ବାଚନ ସମୟରେ ସାଲୁବାଲୁ ହେଉଥିବେ । ଯିଏ ଯାହାର ଭୋଟ୍ ପାଇ ଏମ୍.ଏଲ୍.ଏ., ଏମ୍.ପି. ମନ୍ତ୍ରୀ ହୁଅନ୍ତି ଏ ଧର୍ମବେଠିଆଗୁଡ଼ିକ ସ୍ୱଳ୍ପ ପାରିଶ୍ରମିକ ଆଉ ଜବର ପ୍ରତିଶ୍ରୁତିକୁ ପକେଟ୍‌ରେ ରଖି ମୁଣ୍ଡ ଫଟା ଫଟି ହୁଅନ୍ତି । ସ୍ଥଳ ବିଶେଷରେ ଆପଣା ଜାନ୍ ମଧ୍ୟ କୁର୍ବାନ୍ କରି ଦିଅନ୍ତି । ନିର୍ବାଚିତ ପ୍ରାର୍ଥୀ ମହୁଫେଣାରୁ ମହୁତକ ରଖିନେଇ ଏମାନଙ୍କୁ ସିଠାଟା ଧରେଇ

Digitized by srujanika@gmail.com

ଦିଅନ୍ତି । ତାକୁ ହିଁ ଚୁଚୁମି ଚୁଚୁମି ଏଗୁଡ଼ିକ ଆଉ ପାଞ୍ଚବର୍ଷ ଇନ୍ତଜାର୍ କରିଥାନ୍ତି ।

ରାଜନୈତିକ ମଇଦାନ୍‌ରୁ ଏବେ ଅସଲି ଖେଳ ପଡ଼ିଆକୁ ଆସନ୍ତୁ । ଖେଳ ବିଶେଷରେ ଫୁଟବଲ କଥା କୁହାଯାଉ । ଟାଇଟଲ୍ ଜିଣିବା ପାଇଁ ଯେଉଁ ବାଇଶିଜଣ ପଡ଼ିଆ ଭିତରେ ଛନ୍ଦାଛନ୍ଦି ହୋଇ ଖେଳୁଥାନ୍ତି, ସେମାନଙ୍କ ବ୍ୟତୀତ ବଦଳ ଖେଳାଳୀମାନେ ପଡ଼ିଆବଡ଼ରେ ଧାଁ ଦଉଡ଼ କରି ମାଂସପେଶୀକୁ ସତେଜ ରଖିବା ଚେଷ୍ଟାରେ ଥାଆନ୍ତି । ଏମାନଙ୍କୁ ମୁଁ ଧର୍ମବେଠିଆ ତାଲିକାଭୁକ୍ତ କରେ । କୋଚ ନିଜର ରଣନୀତି ରଚନା କରି ଏମାନଙ୍କ ମଧ୍ୟରୁ କାହାକୁ ମଇଦାନକୁ ବଦଳ ଖେଳାଳୀ ଭାବରେ ପ୍ରେରଣ କରିବେ ତାହା ଏମାନଙ୍କୁ ଅଜ୍ଞାତ ।

କ୍ରିକେଟ୍ ଖେଳର ଦ୍ୱାଦଶ ଖେଳାଳୀ ମଧ୍ୟ ମୋର ଧର୍ମବେଠିଆ ତାଲିକାକୁ ପୁଷ୍ଟ କରେ । ଟିମ୍ ବ୍ୟାଟିଂ କଲାବେଳେ ଆବଶ୍ୟକ ହେଉଥିବା ବ୍ୟାଟ୍, ଗ୍ଲୋଭ୍‌ସ, ତଉଲିଆ, ପାଣିବୋତଲ ସର୍ବୋପରି ଖେଳରତ ବ୍ୟାଟସ୍‌ମ୍ୟାନଙ୍କୁ ଅଧିନାୟକ ଆଉ କୋଚଙ୍କର ମେସେଜ୍ ବହନ କରିବାକୁ ପଡ଼େ । ଦଳ ଫିଲ୍‌ଡିଙ୍ଗ କଲାବେଳେ କୌଣସି ଖେଳାଳୀଙ୍କ ଅସ୍ଥାୟୀ ଅନୁପସ୍ଥିତିରେ ସେ ପଡ଼ିଆରେ ଫିଲ୍‌ଡିଙ୍ଗ୍ କରେ ମାତ୍ର ବ୍ୟାଟିଂ ବା ବୋଲିଂ କରିବାର କ୍ଷମତା ତାହାର ନ ଥାଏ । ଅନ୍ୟ ଖେଳାଳୀମାନେ ତ ଦିବ୍ୟ ଆରାମରେ । ଡ୍ରେସିଂରୁମ୍‌ର ସୋଫାରେ ବସି ଚାହା, କଫି, ଆଇସକ୍ରିମ୍ ଖାଇ ଅପେକ୍ଷାରେ ଥାଆନ୍ତି ।

ଏହି ଖେଳର ଆମ୍ପାୟାର୍ ଦ୍ୱୟଙ୍କ ଉପରେ ମଧ୍ୟ ଧର୍ମ୍ମବେଠିଆ ଛାପ ପଡ଼ିଥାଏ । ଯିଏ ତ ଖେଳନ୍ତି, ମଜା ପାଆନ୍ତି । ଏମାନେ ବକଧ୍ୟାନ ଖେଳକୁ ଦେଇ, ବୋଲର ମାନଙ୍କ ଟୋପି, ସ୍ୱଏଟର, ଚଷମା ଆଦି ପଦାର୍ଥର ଜିମାନାମା ନେଇଥାନ୍ତି । ଅମ୍ପାୟାର ତ ନୁହନ୍ତି, ଡ୍ରେସିଂରୁମ୍‌ର ଆଲନାଟିଏ ।

ଖେଳପଡ଼ିଆ ଛାଡ଼ି ଆମେ ନାଟ ତାମସା ଆଦି କଳା ମଣ୍ଡପକୁ ଆସିବା । ଏଠାରେ ମଧ୍ୟ ଧର୍ମବେଠିଆ ମହଜୁଦ୍ ।

ବଡ଼ ବଡ଼ ଗବେୟା, ଓସ୍ତାଦ୍ ହାରମୋନିୟମ ଧରି ରିବାଜ କରିବା ସମୟରେ ଝିଅଟିଏ ପାଖରେ ବସି ତାନପୁରା ତାରଗୁଡ଼ିକରେ କ୍ରମାନୁସାରେ ଅଙ୍ଗୁଳି ଚାଳନା କରି ଯେଉଁ ତାଳ ମାନ ସୃଷ୍ଟି କରୁଥାଏ, ମୋ' ବିଚାରରେ ବିଚାରୀଟି ଏକ ଧର୍ମ୍ମବେଠିଆ । ସେହିପରି ପପ୍ ସଙ୍ଗୀତରେ ଗାୟକରନ୍ ମାଇକ୍ ହାତରେ ଧରି ଝୁଲି ଝୁଲି, କେବେ କେବେ ଜିମ୍‌ନିଷ୍ଟିକ୍ ଖେଳ ଦେଖାଇ ସଙ୍ଗୀତ ପରିବେଷଣ କରୁଥାନ୍ତି ଏବଂ ସମ୍ମୁଖରେ ଥିବା ଦୁଇଟି ଗୋଲ ପିଣ୍ଡି ଉପରେ ଅତ୍ୟାଧୁନିକ ବେଶରେ ଝିଅ ପୁଅ ଦୁଇଟି ଅବା ଝିଅ ଦୁଇଟି ଯେଉଁ ଡିଙ୍କିକୁଟା କରୁଥାନ୍ତି ସେମାନଙ୍କୁ ମୁଁ ମଧ୍ୟ ଧର୍ମବେଠିଆ ଶ୍ରେଣୀଭୁକ୍ତ କରିଛି । ସିନେମା ପର୍ଦ୍ଦାରେ ଦେଖନ୍ତୁ ନାୟକ ନାୟିକା ଗୀତ ଆରମ୍ଭ କରିଦେବା ବେଳକୁ ସ୍ତ୍ରୀ ପୁରୁଷ ଡର୍ଜନ, ଡର୍ଜନ ସେହି ଉଦଣ୍ଡ ନୃତ୍ୟରେ ସାମିଲ୍ ହୋଇ ଉଠୁଥିବେ । କ୍ୟାମେରାମ୍ୟାନ୍ ଯଦିଓ ଲେନ୍‌ସକୁ ନାୟକ ନାୟିକା ଉପରେ ବହୁ ସମୟ ରଖନ୍ତି ଏଥିରେ ଦ୍ୱିଧା ନାହିଁ ।

Digitized by srujanika@gmail.com

ତଥାପି ନୃତ୍ୟରତ ଅନ୍ୟାନ୍ୟ ପାର୍ଶ୍ୱ ନର୍ତ୍ତକ ନର୍ତ୍ତକୀମାନଙ୍କ ଉପରେ ଝଲକ ନ ଦେଖାନ୍ତି ତାହା ନୁହେଁ ।

ଆମ ଦେଶୀ ପାଲା ଉପରକୁ ଆସୁ ନାହାନ୍ତି । ଗାୟକ, ବାୟକ ଆଉ ମୁଖ୍ୟ ପାଳିଆଙ୍କୁ ଛାଡ଼ି ଆଉ ପୁଞ୍ଜାଏ ପାଞ୍ଚୁଟା ଝାଞ୍ଜ ବି' ଦି ପଟ ଧରି ପଛରେ ଅଣ୍ଟା ପାଦ କସରତ୍ କରୁଥାନ୍ତି, ସେମାନଙ୍କୁ ମଧ ମୁଁ ଧର୍ମ୍ମବେଠିଆ ବୋଲି ମନେକରେ । ତ୍ରିତାଲ୍ ଚଉତାଲ୍ ବେଳକୁ ସମଗ୍ରଜୋର ଦେଇ ଝାଞ୍ଜ ପିଟିବା ସଙ୍ଗେ ସଙ୍ଗେ ବେକର ଶିରକୁ ଫୁଲାଇ ଘୋଷା ପଦକୁ ଏପରି ଚିତ୍କାର ମାଧମରେ ଗାୟନ କରନ୍ତି ଯେ ବାଟ କୋଶକଠଉଁ ଜଣା ପଡ଼ିଯିବ ଆଗରେ କୋଉଠି ପାଲା ଚାଲିଛିବୋଲି ।

ଏବେ ଶିକ୍ଷାବିଭାଗରେ ମଧ ଧର୍ମ୍ମବେଠି ଆରମ୍ଭ ହୋଇଗଲାଣି । ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ, ସମାନ ପରିଶ୍ରମ କରି, ସମାନ ଶିକ୍ଷାଦାନ କରି ମଧ ଥୋକାଏ ଆନୁଷ୍ଠାନିକ ଶିକ୍ଷକ ଶିକ୍ଷୟିତ୍ରୀ ହେଲାବେଳକୁ ଆଉ ଦଳେ ନାମମାତ୍ର ପାରିଶ୍ରମିକ ନେଇ ଶିକ୍ଷା ସହାୟକ ବୋଲାଇଥାନ୍ତି । ଏମାନେ ମଧ ଆଉ ଏକ କିସମର ଧର୍ମବେଠିଆ ।

ଉପସଂହାରରେ ଆଉ ଏକ ପ୍ରକାର ସୁପର୍ ଧର୍ମବେଠିଆ କଥା ନ କହି ରହି ପାରୁନାହିଁ । ସେହି ପ୍ରାଣୀଟି ହେଉଛି ବେକାର ପୁଅର ବାପ । ଷଠୀ, ଏକୋଇଶା ଠାରୁ ଆରମ୍ଭ କରି ପେଣ୍ଟ କୁରୁତା, ବହି ସିଲଟ, ସ୍କୁଲ୍ କଲେଜ ଦରମା, ଡୋନେସନ, ପରୀକ୍ଷା ଫିସ୍ ଦେଇ ପୁଅକୁ ବି.ଏ., ଏମ୍ ଏ ସିନା ପଢ଼ାଇଦେଲ ଅସଲ ବେଳକୁ ହଜାର ହଜାର ନ ଯୁଟାଇଲେ ଚାକିରୀ ଖଣ୍ଡିଏ ମିଳେ ନାହିଁ । ଶିକ୍ଷିତ ପିଲା – 'ଘାସକୁ ଛୋଟ ପାଳକୁମୋଟ' । ତେଣୁ ବାପ ବିଚରାଟି ଆମରଣ ଧର୍ମବେଠି କରି ଲାଗିବ । ସମସ୍ତେ ତ ଆଉ ସାଧବପୁଅ ନୁହନ୍ତି ଯେ ବେପାର ବଣିଜରେ ପଶିଯିବେ । କିହୋ ! ଓଡ଼ିଆ ପିଲାଟି । ଅଜାତିକୁ ବଣିଜ ଅତୁଆ ହୋଇ ଉଠେ । ବେପାରର ମୁହୁରତ୍‌କୁ ଚିକେନ୍ ତନ୍ଦୁରୀ, ରେଡ୍ ଉଇଲ୍‌ସ ଆଉ ତିଲକ୍ସ ପାନ ତୋଳି ଧରନ୍ତି । ଲାଲ୍‌ବତୀ ଜଳିବାକୁ ବେଜାଏ ସମୟ ଲାଗେ ନାହିଁ । ବାଣିଜ୍ୟ ଭବନର ନିଅଁ ଦୋହଲି ଭବନଟି ବିବାକ୍ ଭୁଷୁଡ଼ି ପଡ଼େ । ଧର୍ମବେଠିଆ ବାପଟି ଗାଲରେ ହାତ ଦେଇ ବସି ରହେ ।

Digitized by srujanika@gmail.com

କରଣୀରୁ କଇଞ୍ଚି

ଶୀର୍ଷକରୁ ଜାଣିଥିବେ ଏମାନେ ଦୁଇଟି ଉପକରଣ ମାତ୍ର । ଏ ଦୁହିଁଙ୍କର ସହାବସ୍ଥାନ ନ ଥାଏ । କରଣୀଟା ପ୍ରାୟତଃ ରାଜ ମିସ୍ତ୍ରୀ ପାଖରେ ରହିଥାଏ । କିନ୍ତୁ କଇଞ୍ଚି ସର୍ବବ୍ୟାପୀ । ଦରଜୀ ଆଉ ବାରିକ ମାନଙ୍କର କଇଞ୍ଚି ହେଉଛି ପଇସା ମୁଣି । ଘରେ ଘରେ କଇଞ୍ଚି ଥାଏ ସେ କନାକଟା ହେଉ ଅବା ନିଶକଟା ହେଉ । ଏହା ଛଡ଼ା ଲୁଗା, କପଡ଼ା ଦେକାନରେ, ଡାକ୍ତରୀ ଔଷଧ ଦୋକାନରେ ସରକାରୀ ଦପ୍ତରରେ ଅପରେସନ ଟେବୁଲ୍‌ରେ - ଯେଉଁଠି ଦେଖିବ ସେଠି କଇଞ୍ଚି ।

ଜିମ୍ କରବେଟ୍ ସାହେବଙ୍କ ଶିକାର ବହିରୁ କଇଞ୍ଚିର ଏକ ଅଭିନବ ଉପଯୋଗ ବିଷୟରେ ପଢ଼ିଥିଲି । ମଣିଷଖିଆ ବାଘୁଣୀ ମୁହଁରୁ ସାମାନ୍ୟ ଭାଗ୍ୟବଳରୁ ରକ୍ଷା ପାଇ ଯାଇଥିବା ଏକ ଗଡ଼ୱାଲ୍ ରମଣୀର ବାଘ ନଖରେ ଚିରିଦେଇଥିବା ମୁଣ୍ଡର କ୍ଷତକୁ ନିଜ ପାଖରେ ଥିବା ସାମାନ୍ୟ ଫାଷ୍ଟଏଡ୍ ଔଷଧ ସାହାଯ୍ୟରେ ଡ୍ରେସିଂ କରିବାକୁ କରବଟ୍ ସାହେବ ପ୍ରୟାସ କରୁଥିଲେ । କ୍ଷତ ସ୍ଥାନର ଚାରିପାଖରୁ କେଶ କର୍ତ୍ତନ ନିମନ୍ତେ କଇଞ୍ଚିଟାଏ ଆବଶ୍ୟକ ହେଲା । ସାରା ଗାଆଁ ଭିତରେ ମିଳିଲା ନାହିଁ । ଜଣେ ସ୍ୱର୍ଗତ ଦରଜୀ ଘରକୁ ଯାଇ ତଲାସିବାରେ ଜଣାଗଲା ଗୃହସ୍ୱାମୀଙ୍କ ଦେହାନ୍ତ ପରେ ଅନାବଶ୍ୟକ ମନେ ହେଉଥିବା କଇଞ୍ଚିରେ ପରିବାର ବର୍ଗ କ୍ଷେତରୁ ଆଳୁ ଖୋଳୁଛନ୍ତି । ଦେଖାଗଲା କେଶକର୍ତ୍ତନ ନିମନ୍ତେ ଉପକରଣଟି ସର୍ବତୋଭାବେ ଅଯୋଗ୍ୟ । ଅଗତ୍ୟା କରବଟ୍ ସାହେବ ନିଜ ଡାକ୍ତର ବନ୍ଧୁଙ୍କ ପ୍ରଦତ୍ତ ଅନେକ ଦିନର ପୁରୁଣା ଟିଞ୍ଚର ଟିକକ ଯୁବତୀର କ୍ଷତରେ ଢାଳିଦେଇ, ନିଜ ସାର୍ଟ ଚିରି ବ୍ୟାଣ୍ଡେଜ ପରି ବାନ୍ଧି ଦେଇଥିଲେ । ସୌଭାଗ୍ୟ କ୍ରମେ ରମଣୀଟି ସୁସ୍ଥ ହୋଇ ଉଠିଲା

Digitized by srujanika@gmail.com

ଏବଂ କଇଞ୍ଚି ନ ମିଳିବା ତା' ପକ୍ଷରେ ଏକ ଆଶୀର୍ବାଦ ବୋଲି ମନେ କରିଥିଲା । କାରଣ ସେ ଅଞ୍ଚଳରେ ନାରୀର କେଶ କର୍ତ୍ତନ ବୈଧବ୍ୟର ଚିହ୍ନ ।

ଆଉ ଏକ ସ୍ଥାନରେ କଇଞ୍ଚିକୁ ଉପଯୋଗ କରାଯାଏ । ତାହା ହେଉଛି ଉଦ୍ଘାଟନ ଉତ୍ସବ ଗୁଡ଼ିକରେ ନାଲି ରିବନ କାଟିବା ନିମନ୍ତେ । ତେଣୁ ସମସ୍ତ ହିତାନୁଷ୍ଠାନ, କଳ କାରଖାନା, ବନ୍ଧବାଡ଼, ରାସ୍ତାଘାଟ, ସ୍ଥାପତ୍ୟ, ସେତୁ ଆଦି କରଣୀରୁ ଆରମ୍ଭ ହୋଇ କଇଞ୍ଚିରେ ଶେଷ ହୋଇଥାଏ ।

ନିଅଁଖୋଳା କୋଠା ବାଡ଼ି ନିର୍ମାଣର ଆଦ୍ୟ ପର୍ବ । ନଡ଼ିଆ ଭାଙ୍ଗି ନିଅଁ ଖୋଳା ସରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ଇଂରେଜମାନେ ଭାରତର ଶାସନ ଭାରରେ ଥିବା ସମୟରେ ଏହି ଉତ୍ସବଟିକୁ ସେମାନେ "Lay of foundation stone" ବୋଲି କହୁଥିଲେ । ଦେଶ ଆମର ସ୍ୱାଧୀନ ହେଲା । ଇଂରାଜୀ ଭାଷାକୁ ତଡ଼ିବାକୁ ବଡ଼ଜୋର୍ ଦାବୀ ହେଲା । ଫଳରେ ଆକ୍ଷରିକ ଅନୁବାଦ ହୋଇ ଏହି ପର୍ବକୁ 'ଭିତ୍ତିପ୍ରସ୍ତର ସ୍ଥାପନ" ନାମ ଦିଆଗଲା । କାଳର ବିବର୍ତ୍ତନ ବାଦର ଶିକାର ହୋଇ ଏହି ପର୍ବଟି ଏବେ "ଭୂମି ପୂଜା" ଏବଂ "ଶିଳାନ୍ୟାସ" ନାମ ଧାରଣ କଲେଣି । ଘଣ୍ଟିଟା ଅଧିକ ନ୍ୟାୟରେ ନୂତନ ଶତାବ୍ଦୀ ଏବେ ଏଥି ସହିତ "ବୃକ୍ଷରୋପଣ" କ୍ରିୟାଟିକୁ ଅଧିକ କରାଇଛନ୍ତି । ଦୂରଦର୍ଶନ ଯୁଗରେ ବଞ୍ଚି ରହିଥିବାରୁ ବୃକ୍ଷରୋପଣର ସମସ୍ତ କାର୍ଯ୍ୟକଳାପ, ଅର୍ଥାତ୍ ଗାଡ଼ଖୋଳାଠାରୁ ରୋପଣ ପରେ ଜଳ ସିଞ୍ଚନ ପ୍ରକ୍ରିୟାକୁ ଆମେ ଦେଖି ପାରୁଛୁଁ ମାତ୍ର ପରବର୍ତ୍ତୀ ସମୟରେ ବିଚରା ବୃକ୍ଷଟି ପତ୍ର ପୁଷ୍ପ ଫଳ ଧାରଣ କଲା ଅବା ଅକାଳ ମୃତ୍ୟୁ ମୁଖରେ ପଡ଼ିଲା, ତାହାର ହିସାବପତ୍ର ଆମ ଫାଇଲ୍‌ରେ ନ ଥାଏ ।

ପ୍ରକ୍ରିୟାଟି ଯେଉଁ ନାମରେ ନାମିତ ହେଉ ପଛକେ, କର୍ମଧାରା ସବୁଠାରେ ସମାନ । ବ୍ରିଟିଶ୍ ଶାସନରେ ଲାଟ୍ ବଡଲାଟ୍ ଯେପରି କରଣୀ ଧରି ପଥର ବା ଇଟା ଖଣ୍ଡିକରେ ସିମେଣ୍ଟ ବାଲିର ମିଶ୍ରଣକୁ ଅଣକୁଶଳୀ ଧାରାରେ ବୋଳି ଦିଅନ୍ତି ଏବେ ଏକବିଂଶ ଶତାବ୍ଦୀର ଭାରତୀୟ ନେତାମାନେ ତାହାହିଁ କରୁଛନ୍ତି । (ଯଦିଓ ଉଭୟ କାଳରେ ବ୍ରିଟିଶ ଶାସକ ଅବା ସ୍ୱଦେଶୀ ନେତା ମାନଙ୍କ ଉପର ଚଉଦ ପୁରୁଷରୁ କେହି କରଣୀ ଧାରଣ କରି ନ ଥିବେ)

ଉଦ୍‌ଘାଟକ, ମହାଶୟ ସେହି ଯେଉଁ ମିନିଟିକ ପାଇଁ ଶ୍ରମିକ / ମିସ୍ତ୍ରୀ ରୂପ ଧରିଥାନ୍ତି ତାହାହିଁ ଯଥେଷ୍ଟ । କାରଣ ଏତଦ୍‌କାଳ ପରେ ମୂଲିଆ / ମିସ୍ତ୍ରୀ ନିର୍ମାଣ କାର୍ଯ୍ୟକୁ ସମ୍ଭାଳି ନିଅନ୍ତି । ଗଢ଼ି ଉଠେ ବନ୍ଧବାଡ଼ – ଶୋଭାପାଏ କଳ କାରଖାନା, ଯୋଡ଼ି ହୋଇଯାଏ ନଦୀର ଦୁଇକୂଳ, ଲମ୍ବିଯାଏ ପିଚୁ ସଡ଼କ, ଆକାଶକୁ ଛୁଏଁ କୋଠାବାଡ଼ି, ଖୋଳି ହୋଇ ବନ୍ଧ ସୁରକ୍ଷିତ କରେ କେନାଲ ମାଳ । ଯନ୍ତ୍ରୀ ମାନଙ୍କର ତଦାରଖ ଆଉ ମିସ୍ତ୍ରୀ ମୂଲିଆଙ୍କ ଶ୍ରମଦାନରେ ଭୂଗୋଳ ବଦଳିଯାଏ । ରୁକ୍ଷପ୍ରାନ୍ତର ସୁରମ୍ୟ ହୋଇ ଉଠେ । ଜାତିର ପ୍ରଗତି ହୁଏ । ଦେଶର ଉନ୍ନତି ହୁଏ । ଧରଣୀ ମାତାର ବୁକୁର ବେଦନା ବଢ଼ି ଉଠେ । ହେଲେ ସବୁ

Digitized by srujanika@gmail.com

କାର୍ଯ୍ୟ ସମାପନାନ୍ତେ ପୁଣି ସେଇ ନାଲି ରିବନ ଆଉ କଟାଯାଇ କଇଞ୍ଚି ।

କରଣୀରୁ କଇଞ୍ଚି କେବଳ କାଳର ବ୍ୟବଧାନ ନୁହେଁ, ଖର୍ଚ୍ଚର ମଧ୍ୟ ସ୍ଫୀତି ହୋଇଥାଏ । ଅଧିକାଂଶ କାର୍ଯ୍ୟ ଅଟକଳ ସମୟ ମଧ୍ୟରେ ଶେଷ ହୋଇ ପାରେ ନାହିଁ । ଦରଦାମ୍ ବଢ଼ିବା ତ ଆମ ଦେଶର ନିତି ଦିନିଆ କଥା । ଫଳରେ ମୂଳ ଅଟକଳ ଠାରୁ ଅଗ ଅଟକଳ ମଧ୍ୟରେ ଦୂରତ୍ୱ ପ୍ରଣିଧାନ ଯୋଗ୍ୟ ହୋଇ ଉଠେ । କେତେକ ନିର୍ମାଣ କାର୍ଯ୍ୟର ଗତି ଅଜଗର ଗତି ସଦୃଶ ହୋଇ ଥିବାରୁ, ଦୀର୍ଘ ବ୍ୟବଧାନରେ କେତେ ମନ୍ତ୍ରୀ, କେତେ ଯନ୍ତ୍ରୀ ଆଉ କେତେ ତନ୍ତ୍ରୀ ନେପଥ୍ୟକୁ ଚାଲିଯାନ୍ତି, ଆଉ କାର୍ଯ୍ୟଟି ବ୍ୟୟ ଦିଗରେ ବିଲ୍‌କୁଲ ଅଜଗର ସାପ ପରି ପେଟ ଫୁଲାଇ ଦିଏ । ଏହି କାଳର ଦୀର୍ଘ ବ୍ୟବଧାନରେ କେତେ ଲୁଟ୍‌ପାଟ୍, ବାଟମାରଣା, ଲାଞ୍ଚ ରିସିପତ୍ ନିଜ ନିଜର କାଳାନୁସାରେ ସ୍ଥାନ ବରି ନିଅନ୍ତି ଯେ, ତାହାର ଥୟ ଠିକଣା କରିବାକୁ ଭିଜିଲାନ୍ସ କ୍ରାଇମ୍‌ବ୍ରାଞ୍ଚ ଏପରିକ ସି:ବି:ଆଇ ସଂସ୍ଥାର ସାହାଯ୍ୟ ନେବାକୁ ପଡ଼ିଥାଏ ।

ପ୍ରକଳ୍ପଟିର ନିର୍ମାଣ ଖର୍ଚ୍ଚ ଯେତେ ବେଶୀ ହୋଇଥାଉନା କାହିଁକି ଏହାକୁ ଜନତାଙ୍କ ତସ୍ତମାଲ୍ ନିମନ୍ତେ ଛାଡ଼ିବା ପୂର୍ବରୁ ଦାନକୁ ଦକ୍ଷିଣା ନ୍ୟାୟରେ ଗୋଟାଏ ଉଦ୍‌ଘାଟନ ଉତ୍ସବର ଆୟୋଜନ କରାଯାଇଥାଏ । ଏହି ପର୍ବ ଗୁଡ଼ିକର ଉଦ୍‌ଘାଟନ ଉତ୍ସବର ବାଗ ନିଆରା ନିଆରା । ସୌଧ, ସେତୁ ଆଦ ସ୍ଥପତି କ୍ଷେତ୍ରରେ ନାଲ ରିବନ କଟାଯାଏ ତ, ନୂତନ ରେଳଗାଡ଼ିର ପ୍ରଥମ ଯାତ୍ରାରେ ସବୁଜ ପତାକା ହଲାଇ ଯାତ୍ରା ସୁରୁ କରାଯାଏ । ପୁସ୍ତକ ଉନ୍ମୋଚନରେ ବନ୍ଧନୀ ଫିଟାଯାଇ ନୂତନ ପୁସ୍ତକକୁ ଦର୍ଶକ ଆଡ଼ିଆ ତାସ୍ ପତା ପରି ଖେଳାଇ ଧରାଯାଏ । କଳ କାରଖାନାକୁ ସୁଇଚ୍ ଟିପି ଉଦ୍‌ଘାଟକ ଚାଲୁକରନ୍ତି । ପ୍ରତିମୂର୍ତ୍ତି ଗୁଡ଼ିକୁ ଅନାବରଣ କରାଯାଇଥାଏ । ବଡ଼ ବଡ଼ ପ୍ରକଳ୍ପଗୁଡ଼ିକୁ ଦେଶର ସର୍ବୋଚ୍ଚ ନେତାମାନେ ଉଦ୍‌ଘାଟନ କରିସାରି ଜାତିକୁ ସମର୍ପଣ କରି ଦିଅନ୍ତି । ନୂତନ ଯାନବାହାନଗୁଡ଼ିକୁ ନଡ଼ିଆ ଫଟେଇ, କାଗେଜି ଲେମ୍ବୁକୁ ମଡ଼େଇ ଚକ ଗଡ଼ାଯାଇଥାଏ ।

ଏଥର ଆମେ କରଣୀ ଆଉ କଇଞ୍ଚି ଉପରକୁ ଆସିବା । କରଣୀଟା ବିଶୁଦ୍ଧ ଭାବରେ ବିଶୁ ମହାରଣା, କର୍ମଠ ଆଉ ବଳବାନ୍ । କଡ଼ ଲେଉଟାଇ କଟୁରୀ ହୋଇଯାଇ ପୋଡ଼ା ଇଟାକୁ ପାଇକିଆ, ଅଧାଳିଆ, ତିନି ପାଇଆ କରିଦିଏ । ପୁଣି ସେହି କରଣୀ ମାଠେଣି ଦେଇ ସିମେଣ୍ଟ ଚଟାଣରେ ମାର୍ବଲର ମସୃଣତା ଆଣିଦିଏ । କଇଞ୍ଚିଟା କିନ୍ତୁ ଧରମା ପ୍ରକୃତିର । ବାଲୁତ ପିଲା । ନରମା କଅଁଳିଆ । କନା, କାଗଜ, କେଶ, ନିଶ ଆଦି ନରମା ଜିନିଷରେ କାରବାର କରେ । ଧରମା ପରି ସବୁ କାର୍ଯ୍ୟର ମୁଣ୍ଡି ମାରିଥାଏ । ତେଣୁ ବିଶୁ ମହାରଣା କରଣୀ ଯେଉଁ କାମକୁ ଗଢ଼ି ତୋଳେ, ଧରମା କଇଞ୍ଚି ନାଲି ରିବନ କାଟି ଦେଇ କାର୍ଯ୍ୟଟିର ମୁଣ୍ଡି ମାରି ସମାପ୍ତି ଘୋଷଣା କରେ ।

Digitized by srujanika@gmail.com

କ୍ରୁଦ୍ଧ

ନାଇଁ ନାଇଁ ଦେଖୁଛ ପିଲାବକଟର ରାଗକୁ ! ଆଜହୁଁ ଏଡ଼େ ? ଆଉ ପାଣି ପଡ଼ିଗଲେ କେଡ଼େ ହେବୁରେ !

ଦଶ ବା'ର ବର୍ଷ ବୟସର ଟୋକା ବୋଧହୁଏ ହେବ । ବାପା କିମ୍ବା ଭାଇର ପ୍ରକ୍ସି ପକାଉଥାଏ ପାନ ଦୋକାନରେ । ମୁଁ ଟ୍ୟାକ୍ସି ଅପେକ୍ଷାରେ ଥାଏ । ପ୍ରତୀକ୍ଷା ଦୀର୍ଘ ହୋଇଯିବାରୁ ସମୟ କଟାଇବା ପାଇଁ ମୁଁ ପିଲାଟି ବସିଥିବା ପାନ ଦୋକାନରେ ଗରାଖ ପାଲଟିଲି ।

ମୂଳରୁ ଚାରିଖଣ୍ଡ ପାନ କ୍ରୟ କରିବାର ଯୋଜନା ରଖିଥିଲେ ମଧ୍ୟ ଛୋଟ ପିଲାଟିର ପାନ ଭାଙ୍ଗିବା ଉପରେ ଯଥେଷ୍ଟ ଆସ୍ଥା ନ ଆସିବାରୁ ମାତ୍ର ଦୁଇଖଣ୍ଡ ପାନ ବରାଦ କଲି । ତିଆରି ପ୍ରଣାଳୀର ସୂଚନା ମଧ୍ୟ ଦେଲି । ମନେ ହେଲା ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିବା ପରି ପିଲାଟି ପାନରେ କମ୍ ଚୂନ ଲଗାଇଛି । ତେଣୁ ଆଉ ଟିକିଏ ଅଧିକ ଚୂନ ଲଗାଇବାକୁ ତାକୁ ନିର୍ଦ୍ଦେଶ ଦେଲି ।

ବୋଧହୁଏ ପିଲାଟା କଥାକୁ ଦିହକୁ ନେଲା । ତାହାର ପାନ ଭାଙ୍ଗିବାର ସାମର୍ଥ୍ୟ ଉପରେ ଆଘାତ ହେଲା । କଣ୍ଠକୁ ବାପ ଭାଇଙ୍କ ପରି ଘାଗଡ଼ା କରି ଉତ୍ତର ଦେଲା ଦୁଇଟି ମାତ୍ର ଶବ୍ଦରେ - "ନୂଆ ଚୂନ" !

ମୁଁ ତତ୍‌କ୍ଷଣାତ୍ ମୋର ସ୍ୱରକୁ ମଧ୍ୟ ଅସ୍ୱାଭାବିକ ଭାବରେ ଗମ୍ଭୀର କରିଦେଇ ପ୍ରତ୍ୟୁତ୍ତର ମଧ୍ୟ ଠିକ୍ ଦୁଇଟିଶବ୍ଦ ପ୍ରୟୋଗ କରି ଦେଲି "ପୁରୁଣା ପାଟି"

ଦୋକାନ ଆଗରେ ପଡ଼ିଥିବା ବେଞ୍ଚ୍ ଉପରେ ଦୁଇ ତିନିଜଣ ବ୍ୟକ୍ତି ବସିଥିଲେ ।

Digitized by srujanika@gmail.com

ମୋର ଜବାବ୍‌ରେ ସେମାନେ ସମ୍ମିଳିତ ଭାବରେ ହସି ଉଠିଲେ ।

ପିଲାଟା ଆହୁରି ଲଜ୍ଜିତ ହୋଇଗଲା । ସେହି ଅଚିହ୍ନା ଲୋକମାନଙ୍କ ଭିତରୁ ଜଣେ ପଚାରିଲେ 'ବାବୁଙ୍କ ନିବାସ କେଉଁଠି ?'

ମୋର ପୁରୀ ବୋଲି ଉତ୍ତର ପାଇ ସେ କହିଲେ "ନଇଲେ ଏମିତି ଜବାବ୍ କିଏ ଆଉ ଦବ ।

ଦେଖିଲି ପିଲାଟା ରାଗିଯାଇ ପାନ ପତ୍ର ଦୁଇଟିରେ ଚୂନ ବୋଳିବାରେ ଲାଗିଛି । ମନରେ ଭାବିଲି-ହଉ ଯେତେ ଲଗାଉଛୁ ଲଗା - ମୁଁ ପୋଛି ପୋଛି ଖାଇବି ।

ପ୍ରଦତ୍ତ ଚୂନରୁ ମୋ ବିଚାରରେ ଅର୍ଦ୍ଧାଧିକ ପୋଛିଦେଇ ପାନ ଖଣ୍ଡିକ ପାଟିରେ ପୂରାଇଦେଇ ଜାଣିଗଲି ଯେ, ପାନ ନୁହେଁ ଜହର ଖାଇଛି ।

ପରବର୍ତ୍ତୀ ଦୁଇ ଦିନକାଳ ଘରେ ତରକାରୀ ଖାଇବାରେ ବହୁତ ତକ୍‌ଲିଫ୍ ପାଇଲି ।

ନାଇଁ ନାଇଁ ଦେଖୁଛ ପିଲା ବକଟର ରାଗକୁ !

Digitized by srujanika@gmail.com

ରାସ୍ତାର କୁଜ

ହମ୍ପ୍ ଆଉ ବମ୍ପ୍ ଦୁହେଁ ଯାଆଁଳା ଭାଇ । ରମ୍ଭଲରସ୍ ହେଉଛନ୍ତି ସେମାନଙ୍କର ବଡ଼ଭାଇ । ଦ୍ରୁତଗାମୀ ଯାନଟିର ଗତିବେଗକୁ ହ୍ରାସ କରିବାକୁ ସେ ତିନି ଭାଇ ସମର୍ଥ । ରାସ୍ତାରେ ସେମାନଙ୍କ ସୂଚନା ଦେଖି ଚାଳକଟି ଉଲ୍ଲେଖନୀୟ ଭାବରେ ଯାନଟିର ଗତିବେଗ କମେଇଦେଇ ପାରି ହୋଇଥାଏ ।

ଜନାକୀର୍ଣ୍ଣ ସ୍ଥାନଗୁଡ଼ିକରେ ବେପରୱା ଗାଡ଼ି ଚାଳନାକୁ ପ୍ରତିହତ କରିବା ନିମନ୍ତେ ରାସ୍ତାରେ କୁଜ ତିଆରି ହୋଇଥାଏ । ଜାତୀୟ ରାଜପଥ, ରାଷ୍ଟ୍ରୀୟ ରାଜପଥ ଏବଂ ଜିଲ୍ଲାସ୍ତରୀୟ ପଥ ଗୁଡ଼ିକରେ ଏ ଗୁଡ଼ିକ ଥାଆନ୍ତି । ଅନେକ କୁଜ ପଛରେ ମର୍ମନ୍ତୁଦ ଦୁର୍ଘଟଣା ମହଜୁଦ୍ ଥାଏ ।

ମୋ'ର ଯାତ୍ରାପଥରେ ଏହି କୁଜ ଗୁଡ଼ିକ ଆସିଗଲେ ମୁଁ ବିଚାର କରେ ଏଗୁଡ଼ିକ ଦୁର୍ଘଟଣାରେ ମୃତ ପଥଚାରୀଟିର ସ୍ମୃତିସ୍ତମ୍ଭ । ଆଖି ଖୋଜିବୁଲେ ଦୁର୍ଘଟଣା ପର ପାଗଳାମୀରେ ଅର୍ଦ୍ଧଦଗ୍ଧ ହୋଇ ରାସ୍ତାକଡ଼ରେ ପଡ଼ିଥିବା ନାଲାଏକ ଯାନଟିକୁ, ଯେଉଁ ଯାନଟି ଦୁର୍ଘଟଣାର ନାୟକ ସାଜିଥିଲା ।

ଆମ ଦେଶରେ ଦୁର୍ଘଟଣା ପରେ ଚାଳକଟି ନିଜ ବାପର ନାମକୁ ବଜାୟ ରଖିବାକୁ ସଯାନ ହେଉ ଅବା ବୋର୍ ଯାନରେ ଦୁର୍ଘଟଣା ସ୍ଥଳୀରୁ ପଳାଇଯାଏ । ଆହତ ଅବା ଗୁରୁତର ଭାବରେ ଆହତ ବ୍ୟକ୍ତିଟିକୁ ଡାକ୍ତରଖାନାରେ ନେଇ ପହଞ୍ଚାଇବା· ସୌଭାଗ୍ୟ ତାହାର ନଥାଏ । ଫଳରେ ଆହତ ବ୍ୟକ୍ତିଟି ନିହତ ହୋଇଥାଏ । ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ହୋଇଗଲେ ଯଦି ଉଭୟଚାଳକ ଜୀବିତ ଥାଆନ୍ତି ତେବେ

Digitized by srujanika@gmail.com

ରକ୍ତାକ୍ତ ହୋଇ ମଧ୍ୟ ପରସ୍ପରର କରମର୍ଦ୍ଦନ କରିଥାନ୍ତି । ଦୁର୍ଘଟଣାରେ କେଉଁ ଚାଳକର କେତେ ପରିମାଣରେ ଦୋଷ, ତାହା ପୋଲିସ୍ ଅନୁସନ୍ଧାନ କରି ନିର୍ଣ୍ଣୟ କରିବେ । ଆମ ଦେଶରେ କିନ୍ତୁ ଚାଳକଟି ମାନବିକତା ଦୃଷ୍ଟି ଦୁର୍ଘଟଣା ସ୍ଥଳୀରେ ରହିଲେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ନିଶ୍ଚିତ ରୂପେ ଆଉ ଗୋଟିଏ ଅଙ୍କ ବଢ଼ିଯାଏ । କ୍ଳୀବ ଯାନଟି ଜନତା ରୋଷରେ ଜଳିପୋଡ଼ି ଯାଏ । ଉତ୍ତେଜନା କ୍ରମଶଃ ବୃଦ୍ଧି ପାଇ 'ରାସ୍ତା ରୋକ' ରେ ପରିଣତ ହୋଇଯାଏ । ଦୁଇଟି ମାତ୍ର ପ୍ରତିଶ୍ରୁତି ଉତ୍ତେଜନାକୁ ପ୍ରଶମିତ କରିଥାଏ । ଗୋଟିଏ ହେଲା ଯଥା ଶିଘ୍ର ଦୋଷୀ ଚାଳକଟିକୁ ଗିରଫ କରାଯାଇ ଦଣ୍ଡ ପ୍ରଦାନ କରାଯିବ ଏବଂ ଅପରଟି ହେଲା ଯେ, ଭବିଷ୍ୟତରେ ସେହି ସ୍ଥାନରେ ଦୁର୍ଘଟଣାର ପୁନରାବୃତ୍ତି ନ ହେବା ନିମନ୍ତେ ହମ୍ପ୍ ଟିଏ ନିର୍ମ୍ମାଣ କରାଯିବ । ଆଜ୍ଞା ପ୍ରମାଣେ ଯନ୍ତ୍ରୀ ମହାଶୟ ପିଚୁ ଆଉ ଚିପ୍‌ସର ଅଜଗର ସାପଟିଏ ବିଛେଇ ଦିଅନ୍ତି ରାସ୍ତାର ବୁକୁ ଉପରେ । ଜନତା ଶାନ୍ତ, ପ୍ରଶାସନର ନାହିରେ ସୋରିଷ ତେଲ ।

କାହାରି କିଛି କ୍ଷତି ହୁଏନାହିଁ । ଇନସ୍ୟୁରାନ୍‌ସ କମ୍ପାନୀ ଗାଡ଼ି ମାଲିକଙ୍କୁ ନୂଆ ଗାଡ଼ି ଦିଅନ୍ତି । ନିରୁଦ୍ଦିଷ୍ଟ ଚାଳକ ଅନ୍ୟସ୍ଥାନରେ କର୍ମ୍ମସଂସ୍ଥାନ ଯୋଗାଡ଼ କରିନିଏ । ମୃତ ବ୍ୟକ୍ତିର ନିକଟ ସମ୍ପର୍କୀୟ, ଲୋକ ଅଦାଲତଙ୍କ ଫଇସଲା କ୍ରମେ କ୍ଷତିପୂରଣ ପାଇଯାନ୍ତି । ହେଲେ ରାସ୍ତାଟି ତାହାର ସାବଲୀଳତା ହରାଏ । କେଉଁ ଏକ ଅବିବେକୀ ଚାଳକର ଭୁଲ୍‌କୁ ସ୍ମରଣ କରି ଲାଗନ୍ତି ଅସଂଖ୍ୟ ପରବର୍ତ୍ତୀ ଚାଳକ ଏବଂ ଆରୋହୀଗଣ । ଏହି ରାସ୍ତାକୁଜର ଖଟା ମିଠା ଦୋଳନ ଦୀର୍ଘଦିନ ଧରି ଅଙ୍ଗରେ ନିଭାଇ ଚାଲନ୍ତି ।

ରାସ୍ତାରେ କୁଜ ନିର୍ମ୍ମାଣ ପାଇଁ ଦାବୀ କରୁଥିବା ଗଣତନ୍ତ୍ରୀ, ଦାବୀ ପୂରଣ କରୁଥିବା ହାକିମ ଅବା ମନ୍ତ୍ରୀ ଆଉ ଆଜ୍ଞା ପ୍ରମାଣେ ହମ୍ପ ତିଆରି କରି ଦେଉଥିବା ଯନ୍ତ୍ରୀମାନେ କେତେକଥା ଜାଣି ପାରନ୍ତି ନାହିଁ । ନୂଆ ନୂଆ ଏହି କୁଜଗୁଡ଼ିକ ବେଶ୍ ପ୍ରତାପ ଦେଖାଇଥାନ୍ତି । କ୍ରମେ ପୁରୁଣା ହୋଇଗଲେ ଗାଡ଼ି ମଟରର ଚକାଗୁଡ଼ିକ ଏହି କୁଜମାନଙ୍କ ସଙ୍ଗରେ ଭାବଦୋସ୍ତି ଜମେଇ ଦିଅନ୍ତି । ସେଗୁଡ଼ିକୁ ପାରିହେବା ଆଉ ଆଗପରି କଷ୍ଟକର ହୁଏନାହିଁ । ପୁଣି ବ୍ୟବସାୟିକ ପ୍ରତିଯୋଗିତା ଯଦି ଏକାଧିକ ବସ ମଧ୍ୟରେ ହେଉଥାଏ ତେବେ ସେ ବେଳରେ ହମ୍ପସ୍‌ଗୁଡ଼ିକ ନିଜର ମର୍ଯ୍ୟାଦା ହରେଇ ବସନ୍ତି । ସୁପର୍ ସ୍ପୀଡ୍ ନେଇ ଆଗ ବସ୍‌କୁ ଓଭରଟେକ୍ କରି ପର ଷ୍ଟପେଜ୍‌ରୁ ଯାତ୍ରୀ ଓଭରଲୋଡ କରିବାରେ ବ୍ୟସ୍ତ ହୋଇପଡ଼ନ୍ତି । ପଛଧାଡ଼ିର ଯାତ୍ରୀ ଜାହନ୍ନମ୍‌କୁ ପଛକେ ଯାଆନ୍ତୁ ।

ଏହି ରାସ୍ତାର କୁଜଗୁଡ଼ିକ ଯୋଗେ ସ୍ପେୟାର୍‌ପାର୍ଟ ଦୋକାନୀଙ୍କର ଦି'ପଇସା ବେଶ୍ ଆୟ ହୁଏ । ସେମାନଙ୍କ ଦୋକାନରେ ଟାୟାର୍, ବ୍ରେକ୍ ସୁ, ଗିୟରବକ୍ସ, ସ୍ପ୍ରିଙ୍ଗ୍, ସକ୍ ଅବଜର୍ଭର ଇତ୍ୟାଦିର ବିକ୍ରୀହାର ବଢ଼ିଥାଏ ।

ଆମଦେଶରେ ରାସ୍ତା ଦୁର୍ଘଟଣାର ହାର ଯେପରି ଭାବରେ ବଢ଼ି ଚାଲିଛି, ସେଥିରେ ଏହି ଲେଖକଟି ଆଶଙ୍କା କରୁଅଛି ଯେ, ଏକବିଂଶ ଶତାବ୍ଦୀର ଅଧାଅଧି ବେଳକୁ

Digitized by srujanika@gmail.com

ଆମ ଦେଶର ରାସ୍ତାଗୁଡ଼ିକରେ ହମ୍ପ୍ ବମ୍ପ୍ର ସଂଖ୍ୟା ବଢ଼ି ବଢ଼ି ଶେଷକୁ ଗାଡ଼ି ମୋଟର ଗୁଡ଼ିକ କେବଳ ହମ୍ପ୍ ଉପରେ ଚାଲିବେ । ରାସ୍ତା ତିଆରିରେ ଯେତେ ଚିପ୍ସ୍, ବଜରୀ, ପିଚୁ ନ ଲାଗିବ, ଏହି ହମ୍ପ ଆଉ ରମ୍ବଲରସ୍‌ରେ ତତୋଧିକ ପଦାର୍ଥ ବ୍ୟବହୃତ ହେବ ।

ତେଣୁ ଏ ମୋଟାବୁଦ୍ଧିଆର ସରକାର ବାହାଦୂରଙ୍କୁ ପରାମର୍ଶ ଏହି ଯେ ବିଭିନ୍ନ ରାସ୍ତାଗୁଡ଼ିକର ବେମରାମତିର ରଜତଜୟନ୍ତୀ ସ୍ୱର୍ଣ୍ଣଜୟନ୍ତୀମାନ ପାଳନ କରନ୍ତୁ । ଫଳରେ ରାସ୍ତାର ଦୁରବସ୍ଥା ଦେଖି ଚାଳକଗଣ ଆଉ ବେପରୱା ଯାନ ଚାଳନା କରି ପାରିବେ ନାହିଁ । ଫଳରେ ଦୁର୍ଘଟଣାହାର କମିଯିବ । ଆଉ ଫଳର ଫଳରେ ହମ୍ପ, ବମ୍ପ, ରମ୍ବଲର୍‌ସ ଆଦି ନିର୍ମାଣର ଆବଶ୍ୟକତା ନ ଥିବ ।

Digitized by srujanika@gmail.com

ଆଜୀବନ ସଭ୍ୟ

କୌଣସି ଅନୁଷ୍ଠାନର ଆଜୀବନ ସଭ୍ୟ ବୋଲାଇବା ଅର୍ଥ ବ୍ୟକ୍ତିଟିର ଶେଷ ନିଶ୍ୱାସ ଯିବା ପର୍ଯ୍ୟନ୍ତ ସେ ସେହି ଅନୁଷ୍ଠାନର ସଭ୍ୟ ବୋଲାଉଥିବ । "ଉତ୍କଳ ସାହିତ୍ୟ ସମାଜ" ଠାରୁ ଆରମ୍ଭ କରି ଆମ ଗାଆଁରେ ହାଲି ଗଢ଼ା ଯାଇଥିବା "ଆଦି ଆଷାଢୁଆ ସାହିତ୍ୟ ସଂସଦ" ପର୍ଯ୍ୟନ୍ତ ସବୁଠାରେ ଦୁଇପ୍ରକାର ସଭ୍ୟ ହେବାର ବ୍ୟବସ୍ଥା ରଖାଯାଇଛି । ଦଳେ ବାର୍ଷିକ ସଭ୍ୟ ତ ଆଉ ଦଳେ ଆଜୀବନ ସଭ୍ୟ ।

ଆମ ଗାଆଁରେ ସ୍ଥାପିତ ଉପରୋକ୍ତ ସାହିତ୍ୟ ସଂସଦର ନାମକରଣ ତଥା ଜନ୍ମ ଇତିହାସକୁ ପାଠକ ପାଠିକାମାନଙ୍କ ଆଗରେ ଉପସ୍ଥାପିତ କରିବା ସର୍ବାଦୌ ଆବଶ୍ୟକ । ଗତ ବିଷୁବ ସଂକ୍ରାନ୍ତିରେ ଆମ ଗାଆଁ କ୍ଲବ୍‌ରେ ଭାଙ୍ଗପଣା ଆୟୋଜିତ ହୋଇଥିଲା । ମୁଖ୍ୟ ଆୟୋଜକ କୁନା ମିଶ୍ର କଥାଟାକୁ ଉକ୍ତ କରିଥିଲେ । ଆମ କ୍ଲବ ତରଫରୁ ଗୋଟିଏ ବିଷୁବ ଆସର ପ୍ରତିବର୍ଷ କରାଇବାକୁ ସେ ପ୍ରସ୍ତାବ ପକାଇଲେ । ବହୁ ହର୍ଷଧ୍ୱନୀ ମଧ୍ୟରେ ପ୍ରସ୍ତାବଟି ବାଚନିକ ସ୍ତରରେ ଗୃହୀତ ହୋଇଗଲା । କୁନା ମିଶ୍ର ପୁଣି ପ୍ରସ୍ତାବ ଦେଲେ ଯେ ଆମ ଦେଶରେ ପ୍ରତିଭା ପୂଜାର ଅଭାବ ପରିଲକ୍ଷିତ ହେଉଛି । ତେଣୁ ଆର ବିଷୁବ ଆସରରେ ଦୁଇ ଚାରିଜଣ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କାର, ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ।

ସୂର୍ଯ୍ୟବାବୁ ଏତିକିବେଳେ ପ୍ରସ୍ତାବଟା ମଧ୍ୟରେ ଗୋଟାଏ କେଁ ପୂରାଇଦେଲେ । ସେ କହିଲେ ରାଜ୍ୟରେ ଯେତେ ସ୍ଥାନରେ ବିଷୁବ ସଂକ୍ରାନ୍ତିରେ ଆସର ହେଉଛି, ତାହାର ଆୟୋଜନ ସାହିତ୍ୟ ସଂସଦ ମାନ କରୁଛନ୍ତି । ସ୍ୱଭାବେ ସୂର୍ଯ୍ୟବାବୁ ଆମ ଗାଆଁର କବି,

Digitized by srujanika@gmail.com

ଗାଳ୍ପିକ ଭାବରେ ଏକମାତ୍ର ସାହିତ୍ୟିକ ସେ । ଦଶ ପଚାଶଟା ଗଳ୍ପ ଆଉ କବିତା ତାଙ୍କର ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ତେଣୁ ସାହିତ୍ୟ ସଂସଦଗୁଡ଼ିକ ବିପ୍ଳବ ଆସର କରିବାର ଯୋଗ୍ୟ ବୋଲି ସେ ଯୁକ୍ତି ବାଢ଼ିଲେ । ସାହିତ୍ୟ ସଂସଦ ବିନା ବିପ୍ଳବ ଆସରର ପରିକଳ୍ପନା ଅବାସ୍ତବ ବୋଲି ଦାବୀ କଲେ ।

କ୍ଲବ୍ ପିଲାଙ୍କର ମୁଡ୍ ସେଦିନ ଅଲଗା ପ୍ରକାରର ଥିଲା । ଆଲ୍ଲାଉଦ୍ଦିନ୍‌ର କୁହୁକ ଦୀପର ଜିନ୍ ଯେପରି ସମସ୍ତ ଆବଶ୍ୟକତା ପୂରଣ କରିଦିଏ; ସେହିପରି କ୍ଲବ୍ ପିଲାଙ୍କୁ ତତ୍‌କ୍ଷଣାତ୍ ସାହିତ୍ୟ ସଂସଦ ଗଢ଼ିବାକୁ ଆଦୌ ସମୟ ଲାଗିଲା ନାହିଁ । ପଣା ପରିବେଷଣ ପରେ ପରେ ମୌଖିକ ଆକାରରେ ସାହିତ ସଂସଦଟିଏ ଠିଆ ହୋଇଗଲା ।

ଆମ ଗାଆଁଟା ଗ୍ରୀଷ୍ମଛୁଟିରେ ସରଗରମ ହୋଇ ଉଠେ । କାରଣ ବଡ଼ ସହରରେ ପାଠ ପଢୁଥିବା ସ୍କୁଲ କଲେଜର ଛାତ୍ରମାନେ ଗ୍ରାମାଭିମୁଖୀ ହୋଇଥାନ୍ତି । ସେମାନଙ୍କ ବ୍ୟତୀତ କେତେକ ଶିକ୍ଷକ, ଲେକ୍‌ଚରରଙ୍କ ସହିତ ବିଚାର ବିଭାଗରେ କାର୍ଯ୍ୟ କରୁଥିବା ଆଠ ଦଶଜଣ ଆମ ଗାଆଁର ଲୋକ ଖରାଛୁଟିରେ ଗାଆଁକୁ ଆସିଥାନ୍ତି । ତେଣୁ ଗାଆଁରେ ବାର୍ଷିକ ରଜର ଦୋଳି କବାଡ଼ି ଖେଳ ସାଙ୍ଗକୁ ନାଟକ ପ୍ରଦର୍ଶନ କରା ମଧ୍ୟ କରାଯାଏ । ସେଇ କେତେଦିନ ଗାଆଁରେ ଗହଳ ଚହଳ । ଛୁଟି ସରି ଗଲେ ତେଣେ ଚାଷ ବାସ କାମ ଆରମ୍ଭ ହୋଇଗଲେ ଗାଆଁ ଦାଣ୍ଡ ପଡ଼ିଆ ପଡ଼ିଯାଏ । ତେଣୁ ଏହି ମେ, ଜୁନ୍, ଜୁଲାଇ ତିନିମାସକୁ ଖାପ ଖାଇବା ପରି ସଂସଦର ନାମକରଣ କରାଯାଉ ।

ଭାଙ୍ଗନିଶା ଚରି ଚରି ଆସୁଥିବା ବେଳେ ନାମ ତାଲିକା ଦୀର୍ଘ ହୋଇ ଉଠିଲା । ଗୋଟାଏ ନାମ ପ୍ରସ୍ତାବ ଉପରେ ଏପଟ ସେପଟ ଯୁକ୍ତି କରାଯାଇ କଟି ଯାଉଥାଏ । ପୁଣି ଉର୍ବର ମସ୍ତିଷ୍କରୁ କାହାର ନୂତନ ନାମଟିଏ ବାହାରିଲେ ତାହାର ବିଶ୍ଳେଷଣ ଆରମ୍ଭ ହୋଇ ଯାଉଥିଲା । ଏହିପରି ବୈଶାଖୀ, ମୌସୁମୀ, ମେଘମହ୍ଲାର, କଳାହାଣ୍ଡିଆ, ଘଡ଼ଘଡ଼ିଆ ପ୍ରଭୃତି ନାମ ମାନ ଆଲୋଚନାକୁ ଆସି କଟିଗଲା । ତେବେ କାଶୀ ମାଷ୍ଟ୍ରେ ତାଙ୍କ ଯୁରିଆ ସିଞ୍ଚିତ ଉର୍ଭର ମସ୍ତିଷ୍କରୁ ଏହି "ଆଦ୍ୟ ଆଷାଢୁଆ" ନାମଟି କାଢ଼ିଲେ ।

ଭାଙ୍ଗପଣା ପରେ ପୋଖରୀ ପାଣିର ତଳବ ସମ୍ଭବତଃ ନାମ ପ୍ରସ୍ତାବକୁ ବିଶେଷ ବିରୋଧ କଲା ନାହିଁ । ଆଉ କୁସ୍ତି କସରତ୍ ନ ଦେଖାଇ ସେହି ନାଆଁରେ ସଂସଦର ମୁହୁରତ୍ ଉତ୍ସବ ହୋଇଗଲା । ସୂର୍ଯ୍ୟ ମିଶ୍ରେ ସଭାପତି କୁନା ମିଶ୍ର ସମ୍ପାଦକ ରୂପରେ ସର୍ବସମ୍ମତି କ୍ରମେ ନିର୍ବାଚିତ (ମନୋନୀତ କହିଲେ ଠିକ୍ ହେବ) ହୋଇଗଲେ ।

ତହିଁ ଆରଦିନଠାରୁ ସାହିତ୍ୟ ସଂସଦର ସଭ୍ୟ ସଂଗ୍ରହ ଆରମ୍ଭ ହୋଇଗଲା । ମାସକ ପରେ ଖରାଛୁଟି ପଡ଼ିଯିବାରୁ ସଭ୍ୟ ସଂଗ୍ରହ କାମ ଜୋର୍ ସୋର୍‌ରେ ଚାଲିଲା । ସଂସଦର ସମ୍ବିଧାନ ଇତି ମଧ୍ୟରେ ଖସଡ଼ା କରାଯାଇ ସଂସଦର ପଞ୍ଜିକରଣ ନିମନ୍ତେ ପ୍ରୟାସ ମଧ୍ୟ କରାଗଲା । ଜନୈକ ଅଧ୍ୟାପକ ସଭ୍ୟ ଖରାଛୁଟି ପରେ ସହରକୁ ଫେରିଗଲା ପରେ ସଂସଦକୁ ପଞ୍ଜିକୃତ କରିବାର ସମସ୍ତ ଦାୟିତ୍ୱ ମୁଣ୍ଡ ଉପରକୁ ସ୍ୱେଚ୍ଛାରେ ନେଇଗଲେ ।

Digitized by srujanika@gmail.com

ଆମ ସଂସଦରେ ମଧ୍ୟ ଦୁଇପ୍ରକାର ସଭ୍ୟଚାନ୍ଦା ଲେଖାଗଲା । ବାର୍ଷିକ ସଭ୍ୟ ଚାନ୍ଦା ଏବଂ ଆଜୀବନ ସଭ୍ୟ ଚାନ୍ଦା । ପଠନରତ ଛାତ୍ରଛାତ୍ରୀମାନଙ୍କୁ ବିନାଚାନ୍ଦାରେ ସଭ୍ୟ କରାଗଲା ଏହି ସର୍ତ୍ତରେ ଯେ ସେମାନେ ଦରକାର ବେଳେ ସକ୍ରିୟ ସହଯୋଗ କରିବେ । ତା'ପରେ ରୋଜଗାରିଆ ଗ୍ରାମବାସୀଙ୍କୁ ଦୁଇପ୍ରକାର ସଭ୍ୟରୁ ଯେ କୌଣସି ପ୍ରକାରର ସଭ୍ୟ ହେବାକୁ ନିବେଦନ କରାଗଲା ।

ମୋର ସାହିତ୍ୟ କ୍ଷେତ୍ରରେ ଏତେ ଚାଷ ନାହିଁ । ବୃତ୍ତିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତୀତରେ ଶିକ୍ଷକ ଥିବାରୁ କଦବା କେବେ କୌଣସି ବିଦ୍ୟାଳୟ ଦ୍ୱାରା ପ୍ରକାଶିତ ମ୍ୟାଗାଜିନ୍‌ରେ ଶିକ୍ଷକ ହୋଇଥିବା ଯୋଗେ କବିତାଟିଏ ଅବା ପ୍ରବନ୍ଧ ଗୋଟିଏ ଯୋଡ଼ିଏ ପ୍ରକାଶିତ ହୋଇଥିଲା । ଏବେ ଦୁଇବର୍ଷ ହେଲା ଚାକିରୀରୁ ଅବସର ନେଇ ଆଧ୍ୟାତ୍ମିକ ଚିନ୍ତା ତଥା ପୁସ୍ତକ, ପତ୍ରିକା ଆଦି ପଢ଼ାପଢ଼ି କରି ସମୟ କଟାଉଛି ।

ବାର୍ଷିକ ସଭ୍ୟ ଆଉ ଆଜୀବନ ସଭ୍ୟ ଭିତରେ ଥିବା ପାର୍ଥକ୍ୟଟି ଯେପରି ପ୍ରୋଲେଟାରିଏଟ୍ ଆଉ ବୁର୍ଜୁଆମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କପରି । ଆଜୀବନ ସଭ୍ୟ ହେବା ପାଇଁ ଏକକାଳୀନ ଗୋଟାଏ ମୋଟା ଅଙ୍କର ଦେୟ ଦେବାକୁ ପଡ଼ିଥାଏ ।

ମୋତେ ଆଜୀବନ ସଭ୍ୟ କରିବାକୁ ଯୁବଗୋଷ୍ଠୀ ତମ୍ଭା ପତ୍ରୀରେ ଗଳିଗୁଆ ଥୋଇ ସଂକଳ୍ପ କରିଥାନ୍ତି । ହଠାତ୍ ଦୁଇଶହ ଟଙ୍କା ସ୍ୱଳ୍ପ ପେନସନ୍ ଆୟରୁ ସେମାନଙ୍କୁ ଦେବାପାଇଁ ପାରିବାରିକ ସ୍ଥିତି ମୋର ନ ଥିଲା ଗାଆଁ ପିଲାଗୁଡ଼ାକ ସକାଳ ପାହିଲେ ମୁହଁ ଚାହାଁ ଚାହିଁ । ଠୋ ପଟାସ୍ ମନା କରି ହେଲା ନାହିଁ । ଯୌବନ ଅବା ପୌଢ଼ାବସ୍ଥା ମୋର ଥିଲେ ଆଜୀବନ ସଭ୍ୟ ହେବାରେ କେତେଟା ଅର୍ଥନୈତିକ ସୁବିଧା ଥିଲା । ହେଲେ ମୋ' ପରି କଳିଷଠା ଷାଠିଏକୁ ଟପି ଆଉ ଦୁଇଚାରି ହାତ ମୃତ୍ୟୁ ଦିଗକୁ ଆଗେଇଥିବା ବୃଦ୍ଧଟି ପକ୍ଷରେ ଏହା ଲାଭଜନକ ନଥିଲା । ପିଲାମାନଙ୍କ ଆଗରେ ଗୋଟିଏ ସର୍ତ୍ତ ରଖିଲି । ଯଦି ସେମାନେ ମୋର ଆଗକୁ ଦଶବର୍ଷ ବଞ୍ଚି ରହିବାର ଗ୍ୟାରେଣ୍ଟି ଦେବେ, ତେବେ ଯାଇ ମୁଁ ସଂସଦର ଆଜୀବନ ସଭ୍ୟ ହେବି । ପିଲାମାନେ ପରସ୍ପର ମୁହଁକୁ ଅନେଇ ବସିଥିବା ବେଳେ ମୁଁ ଜଣଙ୍କ ହାତରେ ମୋର କୋଡ଼ିଏଟି ଟଙ୍କା ବାର୍ଷିକ ଚାନ୍ଦା ହିସାବରେ ଗୁଞ୍ଜି ଦେଇ ନିସ୍ତାର ଲାଭ କଲି ।

Digitized by srujanika@gmail.com

ରଙ୍ଗଟିର ନାମ କଳା

କିମ୍ଭୁତକିମାକାର ଏହି କଳା ରଙ୍ଗଟା । ନିଜର ଦୈନ୍ୟରେ ବିଚରାଟି ଦୁଃଖୀ । କଳା ରଙ୍ଗ ବୋଲି ଦେଲେ ସବୁ ନିଶ୍ଚିହ୍ନ ହୋଇଯାଏ । ଇଂରାଜୀ ଭାଷାକୁ ଆମ ଦେଶର ବିବାକ୍ ପୋଛିଦେବା ପାଇଁ ଆମ ଦେଶରେ ଗତ କେତେବର୍ଷ ତଳେ 'କଳାବୋଳା ଅଭିଯାନ' ସୁରୁ ହୋଇଥିଲା । ଏବେ ଭାରତବର୍ଷରେ 'କଳାପଟା ଅଭିଯାନ' ଆରମ୍ଭ କରାଯାଇଛି । ଅମୃତସରସ୍ଥ ସ୍ୱର୍ଣ୍ଣ ମନ୍ଦିରରେ "କଳା କୁଳିଶ" କାର୍ଯ୍ୟାବଳୀ ନିଆ ଯାଇଛି ।

ହରେକ ରଙ୍ଗରେ ବିଚିତ୍ର ଚିତ୍ରପଟଟିକୁ କଳା ରଙ୍ଗଟା ହଜେଇଦିଏ । ସୁନୀଳ ଆକାଶକୁ ଘୋଡ଼ାଇ ପକାଏ କଳାହାଣ୍ଡିଆ ମେଘ କଳା ରାତିର କୋଳରେ ଲୁଚିଯାଏ ଅସଂଖ୍ୟ ଅସାମାଜିକ କାର୍ଯ୍ୟ । କଳାପର୍ଦ୍ଦାର ଅନ୍ତରାଳରେ ସହସ୍ର ଦ୍ୟୁତି ରହିଯାଏ ।

ଆଈମା' କାହାଣୀରେ ମାଲ୍ୟାଣୀ ରସିକାଟି କଳାଫୁଲ ଶୁଘାଇ ରଜାପୁଅକୁ ଦିନଯାକ ମେଣ୍ଢା କରିଦିଏ ଆଉ ରାତିରେ ଧଳାଫୁଲ ଶୁଘାଇ ଭେଣ୍ଡା କରେ । କଳାରଙ୍ଗର ବିପରୀତ ରଙ୍ଗ ହେଲା ଧଳା । ଠିକ୍ ମହାପ୍ରଭୁ ଜଗନ୍ନାଥ ଆଉ ବଡ଼ଠାକୁରଙ୍କର ପ୍ରତୀକ । ଧଳା ରଙ୍ଗ ଉପରେ କଳା ଅକ୍ଷର ଯେପରି ପରିସ୍ଫୁଟ ହୋଇଥାଏ, ସେହିପରି କଳାରଙ୍ଗ ଉପରେ ଧଳା ଧଳା ହରଫ ମଧ୍ୟ ସେହିପରି କରିସ୍ମା ଦେଖାଇଥାଏ । କଳା ଧଳାକୁ ଯୋଡ଼ିଦେଇ ନାନା ପଦାର୍ଥ ମଧ୍ୟ ବିଶ୍ୱରେ ତିଷ୍ଠି ରହନ୍ତି । ଯେମିତିକା ଗୋରୀ ରାଧା ଆଉ ଶ୍ୟାମଳ କୃଷ୍ଣ । ଗୋଟିଏ ଦାମିକିଆ ସିଗାରେଟ୍‌ର ନାମ "ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ।" କେତେକ ଚଳଚ୍ଚିତ୍ରର ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ପ୍ରିଣ୍ଟ୍ ତିଆରି ହୁଏ । ଆଜିକାଲିର ରଙ୍ଗୀନ ଚଳଚିତ୍ରର ସେଗୁଡ଼ିକ ହେଲେ ପୂର୍ବପୁରୁଷ । ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ମାଧ୍ୟମରେ ଚିଠିପତ୍ର ପ୍ରେମ ମଧ୍ୟ କରାଯାଇପାରେ ।

Digitized by srujanika@gmail.com

ସୁସମ୍ପାଦିତ ଦଲିଲ୍ ଏବଂ ନକ୍ସା ମଧ୍ୟ ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ପ୍ରମାଣ ରୂପରେ ବିଚରାଳୟ ଗୁଡ଼ିକରେ ଗୃହୀତ ହୋଇଥାଏ । ଆମ ଓଡ଼ିଶାର ମାନ ରକ୍ଷିବା ନିମନ୍ତେ ନିଜେ ବଡ଼ଠାକୁର ଆଉ ଜଗନ୍ନାଥ ଧଳାକଳା ଘୋଡ଼ା ପିଠିରେ ବସି କାଞ୍ଚି ଅଭିଯାନରେ ବାହାରି ପଡ଼ନ୍ତି ।

କଳା ସବୁଠାରେ ଲାଗିଯାଏ । ବିନା ତୂଳୀ, ବିନା ରଙ୍ଗରେ ଅନେକ ଜିନିଷ କଳା ହୋଇ ଉଠନ୍ତି । ଧନ, ଜନ, କର୍ମ, ଧର୍ମ, ଜୀବନ, ବଜାର ଆଉ ମୁଖ ଆଦିରେ କଳା ଯୋଡ଼ି ହୋଇଯାଏ । ଅଳ୍ପ କିଛିଦିନ ତଳେ ଓଡ଼ିଶାର ଜଣେ ପ୍ରଖ୍ୟାତ ଲେଖିକା ପଣ୍ଡାମାନଙ୍କ କର୍ତ୍ତୃକ ଅପମାନିତା ହୋଇ ଧର୍ମର ରଙ୍ଗକୁ କଳା ବୋଲି ପ୍ରତିପାଦିତ କରିବାକୁ ଅଣ୍ଟାରେ ପଣତକାନିକୁ ଗୁଡ଼ାଇଥିଲେ । ଅପର ପକ୍ଷରୁ ଚୂନ ପାଣି ବାଲଟିଟିଏ ଧରି ପଣ୍ଡା ପଢ଼ିଆରୀମାନେ ଉକ୍ତ ଅଭିଯୋଗ ଉପରେ ସଫେଇତି କରିବାକୁ ମାଲ କଚ୍ଛା ମଧ୍ୟ ଭିଡ଼ିଥିଲେ । ସୌଭାଗ୍ୟକୁ ଧର୍ମର ଧଳା ବନାମ କଳା ଲଢ଼େଇର ଯୁଦ୍ଧ ବିରତି ହୋଇଗଲା । ଦେଶରେ ମୌସୁମୀ ପ୍ରବାହ ଆଗତୁର । ଆସିଯିବାରୁ ଧର୍ମ ପୁଡ଼ାଟି କଳା-ଧଳାର ଦୋସମାଳିରେ ରହିଗଲା ।

ଧନକୁ କଳା କରିବାକୁ ଦେଶର ଶତକଡ଼ା ପଞ୍ଚାନବେ ଭାଗ ବ୍ୟକ୍ତି ଲାଳାୟିତ ହୋଇ ଉଠନ୍ତି । ହେଲେ ସେମାନଙ୍କ ମଧ୍ୟରୁ ଥୋକାଏ କାମିୟାବ୍ ହୁଅନ୍ତି । ସେମାନଙ୍କ କଳାଟଙ୍କାକୁ ଅବଶ୍ୟ ଲୋକଲୋଚନକୁ ଆଣିବାକୁ ଆୟକରବାଲା, ବାଣିଜ୍ୟକର କର୍ତ୍ତାମାନେ ମଝିରେ ମଝିରେ ପ୍ରୟାସ କରିଥାନ୍ତି । ମାତ୍ର ସେ ଚଢ଼ାଉଗୁଡ଼ିକ କାଳେ ନିଜେ ପେଟପାଟଣା ନିମନ୍ତେ କରାଯାଇଥାଏ ବୋଲି ଲୋକାପବାଦ ।

ଅନୂଢ଼ା କନ୍ୟାଟିଏ ନିଜର ପ୍ରେମିକ ସହ ନୀଡ଼ ରଚନା କରିବାକୁ ଗୃହତ୍ୟାଗ କଲେ, ତାହାର ସେହି କାର୍ଯ୍ୟଟି କୁଆଡ଼େ ପିତା ମାତା ଏବଂ ସର୍ବୋପରି ବଂଶର ମୁହଁରେ କଳା ବୋଳିଦିଏ । ସାଧୁ, ସଚ୍ଚରିତ୍ର, ଅପ୍ରିୟ ସତ୍ୟବାଦୀ ସରକାରୀ କର୍ମଚାରୀଟିର ଚରିତ୍ରପତ୍ର ବିଲ୍‌କୁଲ୍ କଳା ପଡ଼ିଯାଏ । ଚୋରୀ କରୁ କରୁ ରଙ୍ଗୀହାତରେ ଧରା ପଡ଼ିଥିବା ଚୋରର ମଧ୍ୟ ମୁହଁ କଳା ପଡ଼ିଯାଏ । ଆଉ ଧରା ନ ପଡ଼ିଲେ ଆପଣଙ୍କ ଘରେ ସେ କଳାକନା ବୁଲାଇଦିଏ । ନାଲି, ନେଳୀ ଶାଗୁଆ ହଳଦିଆ ସିନେମା ଟିକେଟ୍ ଗୁଡ଼ାକ ସମୟର ପ୍ରଭାବରେ ବିଲ୍‌କୁଲ୍ କଳା ହୋଇ ଉଠନ୍ତି । ହିନ୍ଦୀ ଭାଷାରେ ଯେ କେହି ଗର୍ହିତ କର୍ମ କଲେ ଅବା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଲେ ସେ "ମୁହଁ କାଲା" କଳା ବୋଲି କୁହାଯାଇଥାଏ । ହେଲେ ସେହି ଶବ୍ଦ ଦ୍ୱୟ ଆମ ଓଡ଼ିା ଭାଷାରେ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥାଏ । ଏହା ଏକ ମୁହାଁ "ରୁକ୍ମିଣୀ ରଥ ଅଣଲେଉଟା" ଅର୍ଥରେ ପ୍ରତିଭାତ ହୋଇଥାଏ । "ସେ ମୁହଁ କାଲା କରି କୁଆଡ଼େ ଚାଲିଗଲା" ଅର୍ଥାତ୍ ତାହାର ଗୃହ ପ୍ରତ୍ୟାବର୍ତ୍ତନର ସମ୍ଭାବନା କମ୍ ବୋଲି ଜଣାଇଥାଏ ।

ସାରା ବିଶ୍ୱରେ ଗୋରା ଚମଡ଼ାଧାରୀମାନେ କଳା ରଙ୍ଗର ଲୋକ ମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖନ୍ତି । ବର୍ଣ୍ଣ ବୈଷମ୍ୟ ନୀତି କେତେକ ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଅତି ଉଗ୍ର

Digitized by srujanika@gmail.com

ମଣିମାଳା

ମୋର ବାହାଘର ବାସୀ ଦିନ ସେ ଶ୍ୱଶୁରଙ୍କ ଘରୁ ଆମ ଘରକୁ ଆସିଥିଲା କେତେ ବା ଉମର ହେବ ତାକୁ ସେତେବେଳକୁ ? ଏଇ ଧରନ୍ତୁ ବରଷେ ଅବା ଛଅମାସ । ଶାରଦା ଆଇନ୍ କିନ୍ତୁ ତାକୁ ବାଧା ଦେଇ ପାରି ନ ଥିଲା ଆମ ଘରକୁ ସେ ବାଳୁତ ବୟସରେ ଆସିବାକୁ ।

ଜନ୍ମ ଜାତକ ପତ୍ର ତାହାର ନଥିଲା । ମୋ' ପକ୍ଷରେ ତାହାର ପିତୃ ପରିଚୟ ଯଥେଷ୍ଟ ଥିଲା । ନିର୍ଧାର୍ଯ୍ୟ ଭାବରେ ଜନ୍ମତାରିଖ ଜଣା ନଥିବାରୁ ତାହାର ବୟସ ଅନୁମାନ କରି କହିହେବ । ଆମ ଘରେ ସେ ଅଠତିରିଶି ବର୍ଷ ଧରି ଚଲା ବସା କରୁଛି । ଗଲା କାଲି ପରି ଲାଗୁଛି ମୋର ବିବାହର ରଜତଜୟନ୍ତୀ ପାଳନ କଲାବେଳେ ବନ୍ଧୁମାନଙ୍କୁ ତାହାର ପ୍ରସାଧିତ ଆୟତାକାର ମୁଖମଣ୍ଡଳକୁ ଦେଖାଇ ଗର୍ବ ଅନୁଭବ କରିଥିଲି ।

ସେ ଆମ ଘରକୁ ଆସିବା ପରେ ମୁଁ ତାହାର ପିତୃଦତ୍ତ ନାମକୁ ବଦଳାଇ ଦେଇ ଅତି ସରାଗରେ 'ମଣିମାଳା' ବୋଲି ରଖିଥିଲି । ଦିନକୁ ଦିନ ତା'ର ମୋର ଭିତରେ ପ୍ରୀତି ବଢ଼ିବାକୁ ଲାଗିଲା । ସେ ମୋ' ସହିତ ଅଫିସ୍‌କୁ ଗଲା । ହାଟ, ବାଟ, ଘାଟ, ନାଟ ଆଦି ସ୍ଥାନକୁ ନିଃସଙ୍କୋଚରେ ମୋ' ସଙ୍ଗେ ଗଲା । ସର୍ବ ସମକ୍ଷରେ ମୋ' ଅଙ୍ଗ ବିଶେଷକୁ ଜଡ଼ାଇ ଧରି ରହିବାରେ ସେ ଲଜ୍ଜା ଅନୁଭବ କରୁ ନଥିଲା ।

ଆମ ଘରେ ପହଞ୍ଚିବା ଦିନଠାରୁ ସେ ଅବିଶ୍ରାନ୍ତ ଭାବରେ କି ଦିନ, କି ରାତି ନିଜ କାମରେ ବୁଡ଼ି ରହିଲା । ସେ ଆସିବା ଆଗରୁ ମୁଁ ଏକ ବିଶୃଙ୍ଖଳିତ ଜୀବନଯାପନ କରୁଥିଲି । ମୋତେ ନିୟମାନୁବର୍ତ୍ତୀ କରିବାକୁ ସେ ତାହାର ପ୍ରାଥମିକ କାର୍ଯ୍ୟ ବୋଲି ଧରି

Digitized by srujanika@gmail.com

ଭାବରେ ପ୍ରଚଳିତ । ଆଫ୍ରିକା ମହାଦେଶର ଛୋଟିଆ ରାଜ୍ୟଟିଏ ଦକ୍ଷିଣ ଆଫ୍ରିକା । କଳା ଗୋରା ନୀତିରେ ଜର୍ଜରିତ । ପୃଥିବୀର ଅନେକ ପ୍ରକାର ବାସନ୍ଦ ମଧ୍ୟରେ ସେହି ଛୋଟ ଦେଶଟି ଏବେ ମଧ୍ୟ ତିଷ୍ଠି ରହିଛି । ଶହେ ଦୁଇଶହ ବର୍ଷ ପୂର୍ବରୁ ଆମେରିକା ମହାଦେଶରେ କଳା - ଗୋରା ପ୍ରଭେଦ ଉତ୍କଟ ଥିଲା । ମହାତ୍ମା ଆବାହାମ୍ ଲିଙ୍କନଙ୍କ ସଭାପତିତ୍ୱ ସମୟରେ ଏହାର ଅବସାନ ଘଟିଥିଲା ଏକ ଗୃହଯୁଦ୍ଧ ଜରିଆରେ । ତଥାପି ସେ ଦେଶରେ ଏବେ ମଧ୍ୟ କୃଷ୍ଣକାୟ ନେତା ମାର୍ଟିନ୍ ଲୁଥର କିଙ୍ଗ୍‌ମାନେ ବର୍ଣ୍ଣବୈଷମ୍ୟର ଶିକାର ହୁଅନ୍ତି । ବିଖ୍ୟାତ ପ୍ରାବନ୍ଧିକ ଆଲଡକ୍ସ ହକ୍ସଲେ ତାଙ୍କର ଏକ ପ୍ରବନ୍ଧରେ ଭବିଷ୍ୟତବାଣୀ ଶୁଣାଇଛନ୍ତି ଯେ, ଆଗାମୀ ତୃତୀୟ ବିଶ୍ୱଯୁଦ୍ଧ କଳା ଆଉ ଗୋରାଲୋକଙ୍କ ମଧ୍ୟରେ ହେବ ।

କଳାରଙ୍ଗର ମଧ୍ୟ ଅନେକ କଦର ଅଛି । ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା ଜଗନ୍ନାଥ, କୃଷ୍ଣ ଆଦି ବର୍ଣ୍ଣରେ କଳା । କାଳୀଗାଈର କ୍ଷୀର ମିଠା । କଳାନାଗର ବିଷ ଉତ୍କଟତମ । କଳା କୋଇଲିର ସ୍ୱର ମଧୁର । କୁଣ୍ଡାପଥର ଅପେକ୍ଷା କଳା ମୁଗୁନି ପଥରରେ ନିର୍ମିତ ମୂର୍ତ୍ତି ଅଧିକ ମସୃଣ ।

ଆମର ପୂଜିତା ଠାକୁରାଣୀ ଦଳକଯାକ କଳାକୁ ବେଶୀ ସ୍ନେହ କରନ୍ତି । ମାଆ ଲକ୍ଷ୍ମୀ ଠାକୁରାଣୀ ଅବା ପ୍ରେମ ପାଗଳିନୀ ରାଧା କଳାବର୍ଣ୍ଣଧାରୀ ସ୍ୱାମୀ ବରଣରେ କୁଣ୍ଠା ପ୍ରକାଶ କରିନାହାନ୍ତି । ଠାକୁରାଣୀମାନଙ୍କ ଶରଧା କଳା କରିଆରେ । କଳା ବୋଦା, କଳା ଗଞ୍ଜା କୁକୁଡ଼ାରେ ବେଶି ଆଶା ରଖନ୍ତି । କଳା ଦୁଦୁରା ଫୁଲ କଳା ଅପରାଜିତା ପ୍ରଭୃତି କଳାରଙ୍ଗ ଫୁଲକୁ ଦେବ ଦେବ ମହାଦେବ ଅଧିକ ପସନ୍ଦ କରନ୍ତି । ଚମ୍ପାଗୋରୀ ରାଧା କଳାକୃଷ୍ଣ ପ୍ରେମରେ ବାଇ । ଫିଟ୍ ଗୋରୀ ଆଉ ସୂର୍ଯ୍ୟଟେରୀ ମାଆ ଲକ୍ଷ୍ମୀ ଠାକୁରାଣୀ ତ୍ରିପଣକଳା ଜଗନ୍ନାଥ ମହାପ୍ରଭୁଙ୍କ ସଙ୍ଗେ ଘର ବସାନ୍ତି । କାଳୀ କନ୍ୟାଟିର ଗଢ଼ଣ ସୁନ୍ଦରଥିଲେ, ସେ ପେଚା ମୁହିଁ ଗୋରୀକନ୍ୟାର ନାକ କାଟିଦିଏ । କଳାକେଶ ସୁନେଲୀ, ଲାଲ୍ ଅବା ଧଳା କେଶଠାରୁ ଲୋଭନୀୟ ଦିଶେ ।

କଳା ଆଉ ସଂସ୍କୃତି ହେଉଛି ପ୍ରତ୍ୟେକ ଦେଶର ଗର୍ବ ଆଉ ବିଭବ । ଯେଉଁ ଦେଶର କଳା ଆଉ ସଂସ୍କୃତି ଉନ୍ନତ, ସେ ଦେଶ ସେତିକି ସଭ୍ୟ ବୋଲି ପରିଗଣିତ ହୁଏ ।

Digitized by srujanika@gmail.com

ନେଇଥିଲା । ତାହାରି ପ୍ରେରଣା ପାଇ ମୁଁ ମୋର ଜୀବନକୁ ଠିକଣା ଗୁଳାରେ ପକାଇ ଠିକ କରିନେଲି । ଅନେକ ଭଲଗୁଣ ସେ ମୋତେ ଶିଖାଇଲା । ଧୈର୍ଯ୍ୟ, ଶୃଙ୍ଖଳା, ସମୟାନୁବର୍ତ୍ତିତା, ଆଉ ନିୟମିତତା ଆଦି ଭଲଗୁଣ ଗୁଡ଼ିକ ସେ ବାରମ୍ବାର ପରାଜିତା ହୋଇ ମଧ୍ୟ ନିଜେ ଧୈର୍ଯ୍ୟଧରି ମୋ'ଭିତରେ ଖୁନ୍ଦି ଦେଲା ।

ସେ ଆମ ଘରକୁ ବସି ଆସିଥିବା ସବାରୀଟିକୁ ମୁଁ ଏ ପର୍ଯ୍ୟନ୍ତ ସାଇତି ରଖିଛି । ନାଲି ବୁଟିଦାର ସବାରୀ – ଭିତରେ ଗାଢ଼ ନୀଳ ରଙ୍ଗର ଭେଲ୍‌ଭେଟ୍ ଗଦି । ସେହି ଗଦିରେ ସେ ବସିଲାବେଳେ ଯୁବରାଣୀଟିଏ ପରି ଦିଶୁଥିଲା ।

ଅଲିମ୍ପିକ୍ ଖେଳରେ ଦୁଇ ତିନି ଘଣ୍ଟା ମାରାଥାନ୍ ଦୌଡ଼ରେ ଯୋଗଦେଇ ମନୁଷ୍ୟ ସ୍ୱର୍ଣ୍ଣ ପଦକଧାରୀ ହେଉଛି । ବିଜୟୀ ଧାବକଟା ରାତାରାତ୍ ଫକୀରରୁ ଅମୀର୍ ପାଲଟି ଯାଉଛି । ଭାଗ୍ୟଲକ୍ଷ୍ମୀ ବାଟ ପଚାରି ପଚାରି ତା'ଘରେ ପ୍ରବେଶ କରି ଯାଉଛନ୍ତି । ମୋର ମଣିମାଳା ପରି ନିରଳସ ଧାବିକାଟିକୁ କିଏ ଅବା ପଚାରୁଛି ? ବିଜେତାର ସ୍ୱର୍ଣ୍ଣପଦକ ଅବା କୃତଜ୍ଞତା ତାମ୍ରଫଳକ ତାକୁ ମିଳେ ନାହିଁ । ଏ ଯୁଗରେ ପ୍ରତିଭା ପୂଜାର ଅବକାଶ ନାହିଁ ।

ଶରୀର ଧାରଣ କରି ବେମାରି ଅବା କାହାର ନାହିଁ ? ଅବଶ୍ୟ ତାହାର ପିତା ବର୍ଷକ ନିମନ୍ତେ ତାହାର ସ୍ୱାସ୍ଥ୍ୟ ରକ୍ଷା ଭାର ନିଜେ ଗ୍ରହଣ କରି ଚୁକ୍ତିପତ୍ର ସମ୍ପାଦନ କରିଥିଲେ । ସେ ସେହି ଚୁକ୍ତି ପତ୍ରକୁ ସଭାରୀର ଗଦି ତଳେ ରଖି ଆମ ଘରକୁ ଆଣିଥିଲା । ସେ ବର୍ଷକ ଭିତରେ ତାକୁ ଅବା କେଉଁ ରୋଗ ଧରିଥାନ୍ତା ? ସେ ବେଳରେ ଶିଶୁ ସୁଲଭ ଚପଳତା ତାକୁ କର୍ମଠ କରୁଥିଲା । ଅବଶ୍ୟ ଗଲା ଅଠତିରିଶି ବର୍ଷ ଭିତରେ ସେ ଯେ ବେମାର ନ ହୋଇଛି ଆଉ ମୁଁ ତାହାର ଚିକିତ୍ସା ନ କରାଇଛି, ତାହା ନୁହେଁ । ଥରକର କଥା କହୁଛି । ଶକ୍ତ ବେମାର ସେ ହୋଇଥାଏ । ତାହାର ହୃତ୍‌ପିଣ୍ଡ ପ୍ରତିରୋପଣ ହେଉଥାଏ । ମୁଁ ଚିକିତ୍ସକଙ୍କ ପାଖରେ ରହି ତାହାର ଓପନ୍ ହାର୍ଟ ସର୍ଜରୀ ଦେଖୁଥାଏ । ବ୍ୟବଚ୍ଛେଦ କରି ଚିକିତ୍ସକ ମହାଶୟ ଯେତେବେଳେ ତାହାର ହୃଦ୍‌ଯନ୍ତ୍ରକୁ ବାହାରକୁ ନେଇ ଆସି ନୂତନ ହୃଦ୍ ଯନ୍ତ୍ରଟି ଖଞ୍ଜିଦେଲେ ସେତେବେଳେ ମୋର ନିଜର ହୃଦଯନ୍ତ୍ର ଥରେ ଦୁଇଥର ଫଡ଼କିବା ବନ୍ଦ କରିଦେଇଥିଲା । କିନ୍ତୁ ବିଚକ୍ଷଣ ସେ ଚିକିତ୍ସକ । ନୂତନ ହୃଦଯନ୍ତ୍ରଟି ପ୍ରତିରୋପଣ କରିଦେଇ ମୁହୂର୍ତ୍ତକ ମଧ୍ୟରେ ତାହାର ହୃଦ୍‌ଗତି ଫେରାଇ ଆଣିଲେ । ବିଜ୍ଞାନର ଏ ପ୍ରକାର ଚମ୍ତ୍କାରିତା ମୋତେ ସେ ଦିନ ବିସ୍ମିତ କରି ଦେଇଥିଲା ।

ଜୀବନବ୍ୟାପୀ କର୍ମଚଞ୍ଚଳ ହେବା ପରେ ସେ ଏବେ ଠାପୁଆ ବଳଦ ପରି ହେଉଛି । ଦି' ଚାରିଘଣ୍ଟା ପରିଶ୍ରମ କରିଦେବା ପରେ ଲଥ୍ କିନ ବସିପଡୁଛି । ଜଣେ ପ୍ରଖ୍ୟାତ ଚିକିତ୍ସକଙ୍କ ପାଖକୁ ତାକୁ ନେଇଥିଲି । ଚିକିତ୍ସକ ମହାଶୟ ଏକ ଆଖିଆ ହୋଇ ଅନେକ ପରୀକ୍ଷା ନିରୀକ୍ଷା କରି ଯେତେବେଳେ ତାକୁ ରୋଗମୁକ୍ତ ବୋଲି କହିଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କିନ୍ତୁ ଫେରିବା ବାଟରେ ରିକ୍ସା ଉପରେ ସେ ଘାଲେଇ ପଡ଼ିଲା ।

Digitized by srujanika@gmail.com

ଏ ଦୀର୍ଘ ଅଠତିରିଶି ବର୍ଷ ଭିତରେ କଅଣ ବେଶି ଖାଇଗଲା ଆମ ଘରେ ? ଦୁଧ-ଘିଅ ନା ମାଛ ମାଉଁସ ? କି ଜୀବନ ପାଇଥିଲା ସେ କେଜାଣି ? ଖାଲି ପବନ ପିଇ ପିଇ ସେ କାଳକ କଟେଇ ଦେଲା । ଘଟର ପରିବର୍ତ୍ତନ ହେଲା । ଆଗେ ମୁଁ ନିଦେଇଗଲେ ସେ ଜଗେଇ ଦେଉଥିଲା ଆଉ ଏବକୁ ସେ ଶୋଇଯାଉଛି ଆଉ ମୁଁ ତାକୁ ଜାଗ୍ରତ କରୁଛି । ହଅମ ! କେତେବେଳେ ନାଆ ଉପରେ ଶଗଡ଼ ତ କେତେବେଳେ ଶଗଡ଼ ପେଟ ତଳେ ନାଆକୁ ଚାଲାଣ କରାଯାଉଛି ।

ମୁଁ ଯେଉଁ ମଣିମାଳା କଥା କହୁଛି, ତାହାର ଜନ୍ମ ବିଦେଶରେ । ଅବଶ୍ୟ ତାହାର ପିତା ଇତି ମଧ୍ୟରେ ଏ ଦେଶର ନାଗରିକ ହୋଇଗଲେଣି । ପିଲାମାନଙ୍କର ଚିକିତ୍ସା ନିମନ୍ତେ ଆମ ଭାରତବର୍ଷରେ ଅନେକ ଚିକିତ୍ସାଳୟ ଖୋଲି ଦେଇଛନ୍ତି । ହେଲେ ସେ ଚିକିତ୍ସାଳୟକୁ ଗଲେ ଛଅଟଙ୍କାର ଘୋଡ଼ାକୁ ନଅ ଟଙ୍କାର ଦାନା ଖୋଇବାକୁ ପଡ଼ିବ । ବିଦେଶିନୀ ହେଲେ ମଧ୍ୟ ସେ ତାହାର ଛାତି ଉପରେ ଚିତା ଉପରେ ଚିତା କୁଟାଇଥିଲା । ଛୋଟ ଛୋଟ ଇଂରେଜୀ ହରଫରେ ସେ ତାହାର ପିତାଙ୍କ ନାମ ତଳେ ନିଜର ଡାକ ନାଆଁକୁ ଲେଖାଇଥିଲା । ଆଉ ମଧ୍ୟ କେତୋଟି ରତ୍ନ ସେ ଧାରଣ କରିଛି ତାହାର ସଂଖ୍ୟା ମଧ୍ୟ ଉଲ୍ଲେଖ କରିଥିଲା । ସେଇଥିରୁ ମୁଁ ଜାଣିଲି ସ୍ୱିଜରଲ୍ୟାଣ୍ଡର ଆଙ୍ଗୋସ୍କୁଇସ୍ କମ୍ପାନୀ ତାହାର ପିତା ଆଉ ତାହାର ନିକ୍‌ନେମ୍ 'ବ୍ରିଗେଡ୍' । ସତରଗୋଟି ରତ୍ନ ତାହାର ଶୋଭା ବର୍ଦ୍ଧନକାରୀ । ଆୟତାକାର ମୁଖମଣ୍ଡଳଟି ତାହାର ଗୋଟାଏ ଟୋଲା କାଚ ତଳେ ଦାଉ ଦାଉ ହୋଇ ଝଲି ଉଠୁଥିଲା ।

ମୋର ବାହାଘର ଦିନଠାରୁ ମୋର ମଣିବନ୍ଧକୁ ସେ ଗୁଡ଼େଇ ହୋଇ ରହିଆସୁଛି । ତାହାର ସାମୟିକ ଅନୁପସ୍ଥିତି ମୋତେ ବ୍ୟତିବ୍ୟସ୍ତ କରି ପକାଉଛି । ଶୟନାନ୍ତେ ଅବା ସ୍ନାନାନ୍ତେ ତାହାକୁ ପରିଧାନ କଲା ପରେ ଯାଇ ମୁଁ ଆଶ୍ୱସ୍ତି ଲାଭ କରୁଛି । ସେ ଚଳତ୍‌ଶକ୍ତି ରହିତା ହେଲେ ମଧ୍ୟ ମୁଁ ତାକୁ ଛାଡ଼ି ଆଉ ଗୋଟିଏ ନୂତନ ଘଡ଼ି କିଣିବାରେ ମନୋନିବେଶ କରୁନାହିଁ । ମୋ ମଣିମାଳା ଏବେ ମଧ୍ୟ ମୋ ମଣିବନ୍ଧକୁ ହାତକଡ଼ି ପରି ଜଡ଼ି ରହିଛି । ବାଟରେ ଘାଟରେ କେହି ସମୟ ପଚାରିଲେ ମୋର ସୁପ୍ତା ମଣିମାଳାକୁ ଚାହିଁ ଦେଇ, ଆକାଶର ସୂର୍ଯ୍ୟ ଚନ୍ଦ୍ରଙ୍କର ସ୍ଥିତିକୁ କଳନା କରି, ସର୍ବୋପରି ଅନୁମାନ ସର୍ବସ୍ୱ କରି ଉତ୍ତର ଦେଇ ପକାଉଛି । ଘଡ଼ି-ଘଡ଼ି ଭିତରେ ସମୟର ତାରତମ୍ୟ ଦୁଇ ଚାରି ମିନିଟ୍ ରହିବା ସମ୍ବିଧାନ ସମ୍ମତ । ତେଣୁ ମୋର ଅନ୍ଦାଜିଆ ଉତ୍ତରକୁ ଆଜି ପର୍ଯ୍ୟନ୍ତ କେହି ଚାଲେଞ୍ଜ କରି ନାହାନ୍ତି ।

ଯେତେ ଯାହା ହେଲେ ମଧ୍ୟ ମୋ' ମଣିମାଳା ମୋତେ ଏବଂ ମୁଁ ତାକୁ ଛାଡ଼ି ରହି ପାରିବୁ ନାହିଁ । ଆମରଣ ସେ ମୋ' ମଣିବନ୍ଧରେ ସ୍ଥାନ ସଂରକ୍ଷଣ କରି ରହିଥିବ ।

Digitized by srujanika@gmail.com

ନିର୍ବାଚନ ପ୍ରଚାର

ଗଣତନ୍ତ୍ରୀ ଇଂରେଜମାନେ ଆମ ଭାରତବର୍ଷକୁ ଗଣତନ୍ତ୍ର ମନ୍ତ୍ରରେ ଦୀକ୍ଷିତ କରାଇଦେଇ ଏ ଦେଶର ଶାସନ କ୍ଷେତ୍ରରୁ ଅବ୍ୟାହତି ନେଇଥିଲେ । ଗଣତନ୍ତ୍ରର ମୂଳବୀଜ ହେଲା ନିର୍ବାଚନ ।

ସ୍ୱାଧିନତା ପ୍ରାପ୍ତି ପରେ ଦେଶର ସମ୍ବିଧାନ ପ୍ରସ୍ତୁତ ହେଲା । ସେଥିରେ ପ୍ରତି ପାଞ୍ଚବର୍ଷରେ କେନ୍ଦ୍ରର ଲୋକସଭାକୁ ଏବଂ ରାଜ୍ୟସଭାକୁ ତଥା ବିଭିନ୍ନ ରାଜ୍ୟର ବିଧାନସଭାକୁ ସଭ୍ୟ ନିର୍ବାଚନ କରି ପଠାଇବାର ଦାୟିତ୍ୱ ଭୋଟରମାନଙ୍କ ଉପରେ ନ୍ୟସ୍ତ କରାଗଲା । ନିର୍ବାଚିତ କେନ୍ଦ୍ରୀୟ ଅବା ପ୍ରାନ୍ତୀୟ ଗଣତନ୍ତ୍ରୀ ସରକାର କୌଣସି ବିଘ୍ନ ନ ଘଟିରେ ପୂରା ପାଞ୍ଚବର୍ଷ ଶାସନ ଦାୟିତ୍ୱରେ ରହିଲେ । ପାଞ୍ଚବର୍ଷ ଗତେ ପୁନଶ୍ଚ ଜନାଦେଶ ନିମନ୍ତେ ନିର୍ବାଚନ ଫୁଲ୍‌କା ଉପରକୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଓହ୍ଲାଇଲେ ।

ଦିନକୁ ଦିନ ନିର୍ବାଚନ ଗୁଡ଼ିକ ପ୍ରଚାରସର୍ବସ୍ୱ ହୋଇଉଠୁଛି । ବିଭିନ୍ନ ଗଣମାଧ୍ୟମ ଗୁଡ଼ିକ ପ୍ରଚାର ନିମନ୍ତେ ବିନିଯୋଗ କରାଯାଉଛି । ସ୍ୱାଧୀନତା ଯେତିକି ପୋଖତ ହେଉଛି । ନିର୍ବାଚନିଆ ଧୁମ୍ ଧଡ଼କା ସେତିକି ପ୍ରଖର ହେଉଛି । ଏତେ ପ୍ରକାର ନିର୍ବାଚନ ଆମ ଦେଶରେ ହେଉଛି ଯେ, ତାହାର ତାଲିକା କରିବା କଷ୍ଟକର ବ୍ୟାପାର । ସର୍ବୋଚ୍ଚ ଲୋକସଭା, ରାଜ୍ୟସଭା ନିର୍ବାଚନ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ଆଦି କେନ୍ଦ୍ରୀୟ ନିର୍ବାଚନ ବ୍ୟତୀତ ରାଜ୍ୟଗୁଡ଼ିକର ବିଧାନସଭା । ବିଧାନ ପରିଷଦ ଜିଲ୍ଲା ପରିଷଦ, ଗ୍ରାମପଞ୍ଚାୟତ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ଆଦି ଅନୁଷ୍ଠାନ ଗୁଡ଼ିକରେ ନିର୍ବାଚନର ପାଳି ଲାଗିଛି । ଗଣତନ୍ତ୍ର ଭବନକୁ ଛୋଟ ବଡ଼ ଅନେକ ଖମ୍ବ ଟେକି ଧରିଛନ୍ତି । ତେଣୁ ପ୍ରତି ଖମ୍ବ

Digitized by srujanika@gmail.com

ପାଇଁ ଅଲଗା ଅଲଗା ନିର୍ବାଚନ ଆୟୋଜିତ ହେଉଛି ।

ଦେଶଟା ଆମର ନିର୍ବାଚନିଆ ଦେଶ । ରାଜନୈତିକ ନିର୍ବାଚନ ବ୍ୟତୀତ ମହାବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ବାର୍ଷିକ ନିର୍ବାଚନ ହେଉଛି । ଏହି ନିର୍ବାଚନ କେବେ ମଧ୍ୟ ମହାବିଦ୍ୟାଳୟରୁ ତଳକୁ ଓହ୍ଲାଇ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ସମ୍ପ୍ରସାରିତ ହେବ ଦେଖିବାକୁ ଆଖି ଟାକି ବସିଲା ।

ଏହା ଛଡ଼ା ଦେଶରେ ଅସଂଖ୍ୟ ସଂଘ, ସଂସଦ, କମିଟି, ଆଦି ସ୍ଥାପିତ ହୋଇଅଛି । ପ୍ରତି ଅନୁଷ୍ଠାନରେ କର୍ମକର୍ତ୍ତାମାନେ ନିର୍ବାଚନ ଜରିଆରେ ଆସିବାର ବ୍ୟବସ୍ଥା ଥିବାରୁ ଦେଶରେ ନିର୍ବାଚନ ପାଲା କେଉଁଠି ନା କେଉଁଠି ଦୈନିକ ହେଉଛି ।

ନିର୍ବାଚନରେ ପ୍ରଚାର ହେଉଛି ସବୁଠାରୁ ଶକ୍ତିଶାଳୀ । କାନ୍ଥରେ ବାଡ଼ରେ ପ୍ରଚାରପତ୍ର ମରାହେବା - ତୋରଣ ଆଦି ନିର୍ମାଣ ବ୍ୟତୀତ ହରେକ ରକମର ଗଣମାଧ୍ୟମ ଜରିଆରେ ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ଜାରି ରଖିଛନ୍ତି । ଯାହାର ପ୍ରଚାର ଯେତେ ବେଶି, ତାହାର ପ୍ରାପ୍ୟ ସେତେବେଶି ଭୋଟ ବୋଲି ବିଶ୍ୱାସ କରାଯାଏ ତେଣୁ ପ୍ରଚାର ପାଇଁ ପ୍ରାର୍ଥୀ ବେଶ ହାତ ଖୋଲା ଖର୍ଚ୍ଚ କରିଥାଏ । ପ୍ରଚାର ନିମନ୍ତେ କର୍ମୀମାନଙ୍କୁ ଗାଡ଼ି ମଟର ଦଳୀୟ ପତାକାରେ ଶୋଭିତ କରି ପ୍ରାର୍ଥୀର ବା ଦଳର ବିରାଟ ଫଟୋଚିତ୍ରରେ ସଜ୍ଜିତକରି ନିର୍ବାଚନ ମଣ୍ଡଳୀ ସାରା ଚକ୍କର ମାରି ପଥପ୍ରାନ୍ତ ସଭାମାନ କରି ପ୍ରାର୍ଥୀଙ୍କ ସପକ୍ଷରେ ଗୁଣଗାନ କରି ଶେଷରେ ଭୋଟ ଭିକ୍ଷା କରାଯାଉଛି ।

ନିର୍ବାଚନରେ ବିଭିନ୍ନ ପ୍ରାର୍ଥୀମାନଙ୍କ ସଂକେତମାନ ନିର୍ବାଚନ ଦପ୍ତରରୁ ମିଳିଥାଏ । ଏହି ସଂକେତ ବା ଚିହ୍ନଗୁଡ଼ିକ ପ୍ରାର୍ଥୀମାନଙ୍କ ପ୍ରଚାରରେ ବିଶେଷ ସ୍ଥାନ ଅଧିକାର କରିଥାଏ । ଆଜିକାଲି ଇଲେକ୍‌ଟ୍ରୋନିକ୍ସ ଯୁଗରେ ମେସିନ୍ ଯୋଗେ ଭୋଟ ଗ୍ରହଣ କରାଯାଉଛି । ମାତ୍ର ନୂଆ ନୂଆ ସ୍ୱାଧୀନତା ମିଳିଥିବା ବେଳେ ପ୍ରାର୍ଥୀମାନେ ଭୋଟକେନ୍ଦ୍ରରେ ନିଜ ନିଜ ସଂକେତ ଲଗାଇ ଭୋଟ ବାକ୍ସ ରଖୁଥିଲେ । ଭୋଟରଟି ନିଜ ପସନ୍ଦର ପ୍ରାର୍ଥୀକୁ ତାହାର ନିର୍ବାଚନ ସଂକେତ ଚିହ୍ନିତ ବାକ୍ସରେ ଭୋଟ ଗଳାଇ ସମର୍ଥନ ଜଣାଉଥିଲା ।

ସେହି ବେଳର କଥାଟିଏ ମନେ ପଡୁଛି । ବୋଧହୁଏ ୧୯୫୨ ମସିହାର ନିର୍ବାଚନ ହେଉଥାଏ । ସେତେବେଳେ ଜାତୀୟ କଂଗ୍ରେସର ନିର୍ବାଚନ ସଂକେତ ଥିଲା ଯୋଡ଼ିବଳଦ । ପୂର୍ବତନ ଦେଶୀୟ ରାଜ୍ୟର ରାଜ୍ୟଛଡ଼ା ରାଜା ମହାରାଜାମାନେ ଗୋଟିଏ ଗଣତନ୍ତ୍ର ନାମକ ଦଳ କରି ନିର୍ବାଚନ ଯୁଦ୍ଧରେ ଭାଗ ନେଉଥିଲେ । ମୁଁ ସେତେବେଳେ ପଶ୍ଚିମ ଓଡ଼ିଶାରେ ଏକ ପ୍ରାକ୍ତନ ବଣ ଜଙ୍ଗଲ ଘେରା ଦେଶୀୟ ରାଜ୍ୟ ଗୋଟିକରେ ଥାଏ । ନିର୍ବାଚନରେ ଭାଗନେଉଥିବା ପ୍ରାର୍ଥୀମାନେ ପାହାଡ଼ ପର୍ବତ ଜିପ୍‌ଗାଡ଼ିରେ ଡେଇଁ ଗାଁ ଗହଳରେ ସଭା କରି ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ । ବଣ ଜଙ୍ଗଲ ସେତେବେଳକୁ ବନ୍ୟଜନ୍ତୁରେ ଭରପୁର୍ । ସର୍କାର ଫସଲ ରକ୍ଷା ନିମନ୍ତେ ଚାଷୀମାନଙ୍କୁ ବନ୍ଧୁକ ଲାଇସେନ୍ସ ବ୍ୟାପକ ଭାବରେ ଦେଉଥାନ୍ତି ।

Digitized by srujanika@gmail.com

ଆମେ କେତେଜଣ ରାଜନୀତିର ଧାର୍ ଧାରୁ ନ ଥିଲେ ମଧ୍ୟ ପ୍ରାର୍ଥୀଙ୍କର ଜିପ୍‌ରେ ବସି ସଭା ଦେଖିବାକୁ ଯାଉଥିଲୁଁ। ଅସଲ ଉଦ୍ଦେଶ୍ୟ ରାତି ଅଧରେ ଘରକୁ ଫେରିବା ବାଟରେ ଶମ୍ବର ହରିଣ ମିଳିଗଲେ ଶିକାରକୁ ଶିକାର ହେବ ଓ ତାହା ସଙ୍ଗେ ପ୍ରଚାରକୁ ପ୍ରଚାର ହେବ।

ଗଣତନ୍ତ୍ରିଆଙ୍କ ନିର୍ବାଚନ ସଂକେତ ଥିଲା ଧନୁ ଓ ଶର। ଅପରାହ୍ନରେ ସଦର ମୁକାମ ଛାଡ଼ି ପାହାଡ଼ ପର୍ବତ ତେଜଁ ବଣ ଜଙ୍ଗଲ ଘେରା ରାସ୍ତାରେ ପୂର୍ବରୁ ସ୍ଥିରୀକୃତ ଗ୍ରାମରେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା। ଜିପ୍‌ରେ ପ୍ରାର୍ଥୀ ନିଜର ପେଟ୍ରୋମାକ୍ସ ଲାଇଟ୍ ନେଇଥାନ୍ତି।

ଗ୍ରାମରେ ପହଞ୍ଚି ମଝି ଦାଣ୍ଡରେ ପେଟ୍ରୋମାକ୍ସ ଲାଇଟ୍‌କୁ ଲଗାଇଦେଲେ ଗ୍ରାମବାସୀମାନେ ଏକତ୍ରିତ ହୁଅନ୍ତି। ଘର ଘର ବୁଲି ଆଉ ଡାକିବାକୁ ପଡ଼େନାହିଁ। ଆମେ ଆମର ଅନ୍ଧାରରେ ଜିପ୍ ଗାଡ଼ିରେ ବନ୍ଧୁକ ରଖି ବସି ଥାଉଁ। ପ୍ରାର୍ଥୀ ଯାଇ ଯେ କୌଣସି ଗ୍ରାମବାସୀର ପିଣ୍ଡାରେ ଲାଇଟ୍ ରଖି ଦେଇ ବସି ପଡ଼ନ୍ତି। ଗାଆଁ ଦାଣ୍ଡରେ ଆଖିଦୃଶିଆ ପୁରୁଷ ସ୍ତ୍ରୀ ଆସି ଜୁଟିଗଲେ ସେ ଭାଷଣ ଆରମ୍ଭ କରି ନିଜର ପ୍ରଶସ୍ତି ସହ ଅତୀତକାଳରୁ କିପରି ଜନସେବା କରି ଆସୁଛନ୍ତି ତାହାର ବିବରଣୀ ପ୍ରଦାନ କରନ୍ତି।

ବିଭିନ୍ନ ଦଳୀୟ ପ୍ରଚାର ପତ୍ର ନିର୍ବାଚନ ସଂକେତ ସହ କାନ୍ଥ ବାଡ଼ରେ ଆଗରୁ ଲଗାଯାଇଥାଏ। ଆମ ଜିପ୍‌ରେ ବସି ପ୍ରାର୍ଥୀ ମହାଶୟ ଏବଂ ଗ୍ରାମବାସୀଙ୍କ କଥୋପକଥନ ଶୁଣୁଥାଉ ଆଉ ହସି ହସି ଗଡୁ ଥାଉଁ।

ପ୍ରାର୍ଥୀ ଗ୍ରାମବାସୀଙ୍କୁ ପଚାରିଲେ "ହଇବୋ ! ତୁହ୍ମର ବଲଦ୍‌କେ କେ ମାରସିଁ ?"

ଗ୍ରାମବାସୀଗଣ ସମ୍ମିଳିତ କଣ୍ଠରେ ଉତ୍ତର ଦେଲେ "ହଜୁର ! ବାଘ ମାର୍‌ସିଁ

ପ୍ରାର୍ଥୀ ଅନନ୍ତର ଆଉ ଏକ ପ୍ରଶ୍ନ ଛାଟି ଦେଲେ "ବାଘ୍ ବଲଦ୍‌କେ ମାରଲେ କେନ୍ ଥିରେ ତାକୁ ତୁହ୍ମେ ମାରବ ?"

ଗ୍ରାମବାସୀଙ୍କ ଉତ୍ତର "ହଜୁର୍ ବାଘକେ କାଣ୍ଡଶରରେ ମାରିଦେବୁ।" ପ୍ରାର୍ଥୀ ଆଶ୍ୱସ୍ତ ହୋଇ କହିଲେ "ଦେଖଲ ତ ! ବଲଦ୍ ବଲୁଆ କି କାଣ୍ଡଶର ବଲୁଆ ? ବଲଦ୍‌କେ ଭୁଟ ନାଇଁ ଦେଇ କାଣ୍ଡଶରକେ ଦବ।"

ପୁଣି ଗ୍ରାମବାସୀଗଣ କଣ୍ଠ ମିଳାଇ କହିଲେ "ହଜୁର ! ଜାନିଗଲୁ କାଣ୍ଡଶର ବଡ଼େ ବଲୁଆ। କାଣ୍ଡଶରକେ ସୁଭିଏଁ ଭୁଟ ଦବୁ ଆଜ୍ଞା।"

ନିର୍ବାଚନ ସଭା ସାଙ୍ଗ ହେଲା। ପ୍ରାର୍ଥୀ ମହାଶୟ ଅନ୍ୟ ଗ୍ରାମରେ ପ୍ରଜ୍ୱଳିତ କରିବା ପାଇ ପେଟ୍ରୋ ମାକ୍ସକୁ ପ୍ରଥମେ ଲିଭାଇ ଦେଇ ଜିପ୍‌ରେ ଚଢ଼ିଲେ।

ବୋଲିବା ବାହୁଲ୍ୟ ଗଣତନ୍ତ୍ର ଦଳର ପ୍ରାର୍ଥୀ ସେଥର ବହୁଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

Digitized by srujanika@gmail.com

ହାତ ଟେକା

ହାତ ଟେକିବା ସମ୍ମତିର ଲକ୍ଷଣ । ଆମର ଏହି ବୃହତ୍ତମ ଗଣତାନ୍ତ୍ରିକ ଦେଶରେ ହାତ ଟେକାରେ ବହୁମତ ସ୍ଥିର କରାଯାଏ । ହାତଟେକାରେ ଆଇନ୍ ପ୍ରଣୟନ ହୋଇଯାଏ । ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଯାଏ ଏବଂ ସମ୍ବିଧାନ ମଧ୍ୟ ସଂଶୋଧିତ ହୋଇଯାଏ । ଗଣତନ୍ତ୍ରରେ ବହୁମତ ବିଜୟୀ ହେବାର ବ୍ୟବସ୍ଥା ଥିବାରୁ ଏହି ହାତ ସଂଖ୍ୟା ପାଇଁ ଯାବତ ଟଣା ଓଟରା, ଘୋଡ଼ାବେପାର ଲାଗି ରହେ । ଲୋକ ସଭା, ରାଜ୍ୟସଭା ବିଧାନ ସଭା, ଜିଲ୍ଲା ପରିଷଦ, ପଞ୍ଚାୟତ ଆଦି ଅନୁଷ୍ଠାନ ଗୁଡ଼ିକରେ ହାତଟେକା ମୁଖ୍ୟ ବ୍ୟାପାର ହୋଇଥାଏ ।

ବିଦ୍ୟାଳୟରେ ଛାତ୍ରଟି ଯଦି ଶିକ୍ଷକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ସାମର୍ଥ୍ୟ ରଖିଥାଏ ତେବେ ସେ ନିଜର ଦକ୍ଷିଣ ହସ୍ତକୁ ଅର୍ଦ୍ଧ ଉତ୍ତୋଳନ କରି ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ତାହାଛଡ଼ା ଡ୍ରିଲ୍ କଲାବେଳେ ଉର୍ଦ୍ଧ୍ୱ ବାହୁ ନିମ୍ନ ବାହୁ, ପ୍ରସାରିତ ବାହୁ ହେବାକୁ ବାରମ୍ବାର ପଡ଼ିଥାଏ ।

ସହର ବଜାରର ଛକ ଜାଗା ଗୁଡ଼ିକରେ ଟ୍ରାଫିକ୍ ପୋଲିସ୍‌ଙ୍କ ହାତଟେକା ଯାନ ବାହନଗୁଡ଼ିକର ଯାତ୍ରାକୁ ନିୟନ୍ତ୍ରିତ କରିଥାଏ । ହାତ ଟେକାରେ ରାସ୍ତା ବନ୍ଦ ଏବଂ ହାତଖସାରେ ଚଳାଚଳର ସଂକେତ ମିଳିଥାଏ ।

ନଦୀୟା ସଂକୀର୍ତ୍ତନ ଆଦି ମେଳରେ କେତେକ ଭକ୍ତ ଆବେଗରେ ଉର୍ଦ୍ଧ୍ୱ ବାହୁ ହୋଇ ନୃତ୍ୟ କରୁଥିବା ଦୃଶ୍ୟ ବିରଳ ନୁହେଁ । ଦେବ ଦର୍ଶନ କାଳରେ କେତେକ ଦର୍ଶନାର୍ଥୀ ଉର୍ଦ୍ଧ୍ୱ ବାହୁ ହୋଇ ନିଜକୁ ପ୍ରଭୁଙ୍କ ଚରଣ ତଳେ ସମର୍ପଣ କରି ଦେଇଥାନ୍ତି ।

ବେଳେ ବେଳେ ମନୁଷ୍ୟକୁ ଉର୍ଦ୍ଧ୍ୱବାହୁ ହେବାକୁ ଆଦେଶ ମିଳିଥାଏ । ଆଦେଶ

Digitized by srujanika@gmail.com

ମିଳିବା ମାତ୍ରେ ହାତ ଦୁଇଟି ଆପେ ଆପେ ମୁଣ୍ଡ ଉପରକୁ ଉଠିଯାଏ । ମନୁଷ୍ୟଟି ପ୍ରାଣ ଆତଙ୍କରେ ଥର ଥର ହୋଇଯାଏ । ସେତେବେଳେ ଆଦେଶକାରୀର ହାତରେ ବନ୍ଧୁକ, ପିସ୍ତଲ ଅବ ଚକ ଚକିଆ ଛୁରା ମୁହାଁଇଥାଏ ଆଦେଶ ପାଳନ କାରୀ ଆଡ଼କୁ । ସେ ବନ୍ଧୁକ ବା ପିସ୍ତଲର ନଳୀ ଦୁର୍ଦ୍ଧର୍ଷ ଡକାୟତର ହେଉ ଅବା ପୋଲିସ ଅଫିସରର ହେଉ । ପ୍ରାଣହାନୀର ଆଶଙ୍କାରେ ମନୁଷ୍ୟଟି କିଂକର୍ତ୍ତବ୍ୟ ବିମୂଢ଼ ହୋଇଯାଏ । ଯଃ ପଳାୟତି ସଃ ଜୀବତି ଫର୍ମୁଲାଟା ଏହି ବଖତରେ ଫେଲ୍ ମାରେ । ଗୋଡ଼ ହାତ ଅଚଳ ହୋଇଉଠେ । ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରି ଜୀବନଭିକ୍ଷା କରିବା ବ୍ୟତୀତ ଅନ୍ୟ ଉପାୟ ଆଉ ନଥାଏ । ଆତ୍ମସମର୍ପଣ କରିବା ବ୍ୟତୀତ ଅନ୍ୟ ଗତି ନ ଥାଏ । ହାତଟୋକାର ଆଉ ଏକ ନମୁନା ବିମାନ ବନ୍ଦର ଗୁଡ଼ିକରେ ଦେଖିବାକୁ ମିଳିଥାଏ । ବିମାନଟି ବନ୍ଦରରେ ଅବତରଣ କରିବା ପରେ ରନ୍‌ୱେରେ ତାହାର ଗତିପଥକୁ ଜଣେ ଗ୍ରାଉଣ୍ଡସ୍‌ମ୍ୟାନ୍ ହାତଟେକି, ଇଙ୍ଗିତ ଦେଇ ନିୟନ୍ତ୍ରଣ କରନ୍ତି । ବିମାନ ଚାଳକ ହାଡିପିଠିଆ ଉଚ୍ଚାସନରୁ ତାହା ଦେଖିପାରି ବିମାନକୁ ତଦନୁସାରେ ଭୂପୃଷ୍ଠରେ ମୋଟରଚାଳନା କରନ୍ତି ।

ବାଟରେ ଘାଟରେ ପୋଲିସ୍ ଅଥବା ପରିବହନ ଅଧିକାରୀମାନେ ହାତଟେକି ଗାଡ଼ି ମଟରଗୁଡ଼ିକୁ ଅଟକାଇ କାଗଜପତ ତନଖି କରନ୍ତି ।

ହାତକୁ ଅର୍ଦ୍ଧ ଉତ୍ତୋଳିତ କରି ପାପୁଲିକୁ ପ୍ରଦଶର୍ନ କରିବା ହେଉଛି ଶାନ୍ତିର ମୁଦ୍ରା । ଶାନ୍ତିକାମୀ ବୁଦ୍ଧଦେବଙ୍କର ଅସଂଖ୍ୟ ପ୍ରତିମୂର୍ତ୍ତିରେ ଏହି ମୁଦ୍ରା ଦେଖିବାକୁ ମିଳିଥାଏ ।

ଦୁଇହାତକୁ ଏକତ୍ରକରି କପାଳ ସିଧାରେ ପ୍ରଦର୍ଶନ କରିବା ପ୍ରଣାମର ମୁଦ୍ରା । ସମ୍ମାନ ପ୍ରଦର୍ଶନର ମୁଦ୍ରା ।

ହାତଟେକାର ଆଉ ଏକ କ୍ଷେତ୍ରରେ ପ୍ରଦର୍ଶନ ବିଷୟରେ ଚୁମ୍ବକରେ ନ କହି ବସିଲେ, କଥାଟା ଅଧୁରା ରହିଯିବ । ବିଭିନ୍ନ ଖେଳ ଗୁଡ଼ିକରେ ଅମ୍ପାୟାର ବା ରେଫେରୀ ହସ୍ତ ସଂକେତ ଦ୍ୱାରା ଖେଳକୁ ନିୟନ୍ତ୍ରଣ କରିଥାନ୍ତି । ଭଲିବଲ୍ ଖେଳରେ ରେଫେରୀ ସର୍ବୋଚ୍ଚ ଆସନଟିରେ ବସି ଯେଉଁ ଦଳ ଆଡ଼କୁ ହସ୍ତ ପ୍ରସାରଣ କରନ୍ତି, ସେହି ଦଳହିଁ ସର୍ଭିସ୍ କରିବା ସୁଯୋଗ ପାଆନ୍ତି । ଫୁଟବଲ୍‌ରେ ରେଫେରୀ ମହାଶୟ ହୁଇସିଲ୍ ବଜାଇବା ସଙ୍ଗେ ସଙ୍ଗେ ଯେଉଁ ଦିଗକୁ ହସ୍ତ ସଂକେତ ଦିଅନ୍ତି ସେହି ଦିଗକୁ ହିଁ ଫ୍ରି କିକ୍ ମରାଯାଏ । ହକି ଖେଳରେଗୋଲଗୁଡ଼ିକୁ ରେଫେରୀ ମହାଶୟ ଖେଳ ପଡ଼ିଆର ମଝିଆଡ଼କୁ ଦୁଇହସ୍ତ ପ୍ରସାରଣ ପୂର୍ବକ ଉଭୟ ହସ୍ତର ତର୍ଜନୀକୁ ଦେଖାଇ ଘୋଷଣା କରିଥାନ୍ତି ।

ଖେଳର ମଉଡ଼ମଣି କ୍ରିକେଟ୍ ଖେଳରେ ଅମ୍ପାୟାର ମହାଶୟ ବିଭିନ୍ନ ମୁଦ୍ରାରେ ହସ୍ତ ସଞ୍ଚାଳନ କରି ଖେଳ ପରିଚାଳନା କରନ୍ତି । ଡାହାଣହାତକୁ ଭୂମି ସହ ସମାନ୍ତର କରି ପ୍ରସାରିତ କଲେ ତାହା “ନୋ ବଲ୍” ବୋଲି ଘୋଷଣା କରେ । ସେହିପରି ଦକ୍ଷିଣ ହସ୍ତଟି ସାମନାକୁ ଆଣି ନଡ଼ବଡ଼ କଲେ ଚୌକା ଏବଂ ଦୁଇହାତ ଟେକି ଦେଲେ ତାହା ଛକାର ପରିମାଣ ବୋଲି ବୁଝାଏ । ନୋ ବଲରେ ଗୋଟିଏ ହସ୍ତ ପ୍ରସାରିତ ହୋଇଥାଏ ମାତ୍ର

Digitized by srujanika@gmail.com

ଓ୍ୱାଇଡ୍ ବଲ୍‌କୁ ଅମ୍ପାୟାର୍ ଦୁଇ ଡେଣା ମେଲାଇ ଜଣାଇ ଦିଅନ୍ତି । ଅମ୍ପାୟାର୍‌ଙ୍କର ଉପରୋକ୍ତ ହସ୍ତ ସଂକେତକୁ ବୁଝିନେଇ ଖଣ୍ଡେ ଦୂରରେ ଥିବା ଘୋଷକ ତଥା ସ୍କୋରର୍ ନିଜ ନିଜ କର୍ମରେ ବ୍ୟବହାର କରିଥାନ୍ତି ।

ସବୁଠାରୁ ଖତରନାକ୍ ହେଲା ଅମ୍ପାୟାରଙ୍କର ଦକ୍ଷିଣହସ୍ତର ତର୍ଜନୀ ଟେକା । ତାହା ବ୍ୟାଟ୍‌ସ୍‌ମ୍ୟାନ୍‌ଟିର ଦଫାରଫା ଶେଷ କରିଥାଏ । ସେ ଯେଉଁ ପ୍ରକାରେ ହେଉ, ଖେଳରୁ ଆଉଟ୍ ହୋଇଯାଏ । ଆମ ଓଡ଼ିଆରେ ହାତଟେକାର ଆଉ ପ୍ରକାରେ ଅର୍ଥ ଅଛି । ବୃଦ୍ଧ, ଅକ୍ଷମ ବ୍ୟକ୍ତିଟି ଅନ୍ୟର ହାତଟେକାରେ ବଞ୍ଚିଥାଏ । ଅର୍ଥାତ୍ ଦାତା ଯାହା ହାତଟେକି ଦେଇଥାଏ ସେତିକିରେ ସେ ତା'ର ଗୁଜୁରାଣ ମେଣ୍ଟାଇଥାଏ ।

ଏବେ ଗଣଦିବସ ଗୁଡ଼ିକରେ ମାନବ ଶୃଙ୍ଖଳ ଦେଖିବାକୁ ମିଳୁଛି । ପୁରୁଷ ସ୍ତ୍ରୀ ନିର୍ବିଶେଷରେ ପରସ୍ପରର ହାତଧରି ଦୀର୍ଘ ଶୃଙ୍ଖଳଟିଏ ରଚନା କରି ଭାଇଚାରାକୁ ବୃଦ୍ଧି କରୁଅଛି । ଦେଶର ସଂହତିରେ ଏକତାର ଘୋଷଣା କରୁଛି । ମାଇଲ୍ ମାଇଲ୍ ଦୀର୍ଘ ଏହି ଶୃଙ୍ଖଳାଗୁଡ଼ିକ ଦେଖି ଅଧମ ଲେଖକଟି ଦେଶର ଜନସ୍ଫୀତି ବିଷୟରେ ଚିନ୍ତାମଗ୍ନ ହୋଇ ଉଠେ ।

ଏହି ଶୃଙ୍ଖଳର ଏକ ମିନି ସଂସ୍କରଣ ବେଳେ ବେଳେ ମଞ୍ଚ ଉପରେ ଦେଖିବାକୁ ମିଳିଥାଏ । ତାହା ଯେତେବେଳେ ଏକାଧିକ ରାଜନୈତିକ ଦଳ ମିଶି ଶାସନ ଭାର ଗ୍ରହଣ କରନ୍ତି । ସାମିଲ୍ ହେଉଥିବା ପ୍ରତ୍ୟେକ ରାଜନୈତିକ ଦଳର ତୁଙ୍ଗ ବ୍ୟକ୍ତିମାନେ ପରସ୍ପରର ହାତକୁ ଆଙ୍ଗୁଳିମାନଙ୍କର ଛନ୍ଦି ଦେଇ ଉର୍ଦ୍ଧ୍ୱ ବାହୁ ହୋଇ ଧାଡ଼ି ଧରି ମିଳିତ ଭାବରେ କାର୍ଯ୍ୟ ନିର୍ବାହ କରିବାର ଶପଥ ନିଅନ୍ତି । ହାତଗୁଡ଼ିକ ଉପରକୁ ଟେକିବାର ତାତ୍ପର୍ଯ୍ୟ ହେଲା - ସୁବିଧାରେ ଦର ନ ପଟିଲେ, ଶାସନ ପାଇଁ ମୁଖରୋଚକ ବିଭାଗ ନ ମିଳିଲେ ପଂଝା ଖସାଇଦେଇ ସେ ଦଳଟି ଆକାଶରେ ଉଡ଼ିଯିବାର ସୂଚନା ଏହାଦ୍ୱାରା ଦଳପତିମାନେ ଦେଇଥାନ୍ତି ।

Digitized by srujanika@gmail.com

ବୟସର ଦୋଷ

ଭଗବାନଙ୍କୁ ଲାଖ୍ ଲାଖ୍ ଶୁକ୍ରିହା ଯେ, ସେ ପିଲାଦିନରୁ ମୋତେ ପାଟିରେ ମୁଗେଇଦାନ୍ତ ଦେଇଥିଲେ । ସେ ଦାନ୍ତଗୁଡ଼ାଙ୍କୁ ରକ୍ଷଣାବେକ୍ଷଣ କରିବାକୁ ମୁଁ ଯେଉଁ ଚେଷ୍ଟା କରିଥିଲି, ମୋ' ପରି ଆଉ କେହି ବୋଧହୁଏ କରି ନ ଥିବେ । ସଫା ଧୋବ ଫର୍ ଫର୍ କରିବାକୁ ଛଡ଼ାଗାଈ ଗୋବରରେ ଘଷି ପାରି, ଚୁଲ୍ଲୀରେ ଜାଳି ତାହାର ପାଉଁଶରେ ଦନ୍ତ ମଞ୍ଜନ କରେ । ଲିମ୍ବ ଦାନ୍ତକାଠି ଆଉ ବାଇଗବା ଦାନ୍ତକାଠି ବ୍ୟତୀତ ଅନ୍ୟ ଦାନ୍ତକାଠି ବ୍ୟବହାର କରେ ନାହିଁ । ଦାନ୍ତକୁ ଆହୁରି ମଜବୁତ୍ କରିବାକୁ ଜଣେ ଶୁଭେଚ୍ଛୁଙ୍କର ପରାମର୍ଶ କ୍ରମେ ବଉଳଗଛର ଛେଲି ଆଣି, ପୋଡ଼ି, ପାଉଁଶ କିଛି କାଳ ଧରି ଘଷିଲି ।

ପିଲାଦିନ କଟିଗଲା । ଦାନ୍ତର ନିୟମିତ ଭାବରେ ହେପାଜତ୍ କରୁଥିବାରୁ ଦାନ୍ତ ଟାଣ ହୋଇ ଉଠିଲେ । ଦାନ୍ତଗୁଡ଼ିକରେ ଖାସି ହାଡ଼ର ଇଜ୍ଜତକୁ ଦି'କଡ଼ାର କରୁଥିଲି । ଫାଳ ଗୁଆଟାକୁ ସନ୍ଦେଶ ବୋଲି ବିଚାର କରୁଥିଲି । ବର୍ଷାଦିନେ ଅଫୁଟା ଭଜା ଶିମ୍ବ ମଞ୍ଜିର ଗର୍ବ ଗଞ୍ଜନ କରି ପାରୁଥିଲି । ଦାନ୍ତଭଙ୍ଗା ମସକ ଲଡୁକୁ ଅବଲୀଳା କ୍ରମେ ଚୋବେଇ ଦେଇ ଗୁଣ୍ଡ କରି ଦେଉଥିଲି । ହେଲେ ଭରା ଯୌବନ କାଳରେ ପଡ଼ିଗଲି ପ୍ରେମରେ ।

ପ୍ରେମରେ ମାନେ କୌଣସି ଝିଅର ନୁହେଁ ମ ! ପାନର । ପ୍ରଥମେ ପ୍ରଥମେ ନାଲୁଆ ନାଲୁଆ କେଶର ବିଳାସ ପକା ସାଦା ପାନ ଖଣ୍ଡିଏ ଖାଉ ଖାଉ ଏବେ କ୍ରମ ପଦୋନ୍ନତିରେ କଡ଼ା ପାନକୁ ଆଦର କଲିଣି । ପୁରୀର ପସିଦ୍ଧ କଅଁାଗୁଣ୍ଡି ପକା ଅଖଇରିଆ ପାନ ସଙ୍ଗକୁ ପଶ୍ଚିମ ଓଡ଼ିଶାର ଚୂନିଆ ଭଙ୍ଗ୍ ପାନ, ଦକ୍ଷିଣ ଓଡ଼ିଶାର ବଙ୍ଗାଳୀ ପାଣିଆ ସୁବୁଦ୍ଧି ସାଙ୍ଗକୁ ଉତ୍ତର ଓଡ଼ିଶାର ସୁରଭି ଧୂଳିଗୁଣ୍ଡିଆ ପାନ ଇସ୍ତମାଲ୍ କରୁଛି । ସାରା ଓଡ଼ିଶାରେ

Digitized by srujanika@gmail.com

ଚକ୍କର କାଟୁଥିବାରୁ ପୁରୀର କଞ୍ଚା ଗୁଣ୍ଡିର ମାନ୍ୟତା ମୁଁ ଉପରୋକ୍ତ ବର୍ଣ୍ଣିତ ଆଞ୍ଚଳିକ ପ୍ରକ୍ରିୟାରେ ତିଆରି ହେବା ପାନ ବ୍ୟବହାର କରେ ।

ପାନ ଖାଇବାରୁ ପାନରେ ବ୍ୟବହୃତ ଚୂନ, ଦାନ୍ତ ଦାନ୍ତ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କଲେ । ଖାଦ୍ୟ ପଦାର୍ଥ ଗୁଡ଼ିକୁ ଟ୍ରେଞ୍ଚର ସୁବିଧା ମିଳିଗଲା । ବିଶେଷତଃ ମାଂସ ଖାଇବା ପରେ ସିଅଗୁଡ଼ିକ ଦାନ୍ତ ସନ୍ଧିରେ ଚାପି ହୋଇ ରହିଲେ । ଆଗେ ସେଗୁଡ଼ିକୁ ନିଷ୍କାସନ କରିବାକୁ କାଠି ଅବା ପିନ୍ କଣ୍ଟାଟି ସାହାଯ୍ୟ ନେଉଥିଲି ହେଲେ ପାନ ଖାଇ ଖାଇ ଚୂନ ଏବଂ ଖଣ୍ଡ ଖଣ୍ଡ ଗୁଆ ଦାନ୍ତ ଭିତରେ ଫାଙ୍କକୁ ଏପରି ପ୍ରଶସ୍ତ କରିଦେଲେଣି ଯେ, ପାନର ଗୁଆ ଅବା ଖାଦ୍ୟାବଶେଷକୁ ବାହାର କରିବାକୁ ଶାବଳଟିଏ ଲୋଡ଼ା ହେଲାଣି ।

ପାନ ଖାଇବାରୁ ଦାନ୍ତ ରଙ୍ଗ ଧରିବା ଦେଖି ମୁଁ ଦାନ୍ତ ମାଢ଼ି ସଫା ରଖିବା ନିମନ୍ତେ ପୂର୍ବାପେକ୍ଷା ଅଧିକ ଧ୍ୟାନ ଦେଲି । ବାବା ସାଗର ଦାସ ଦନ୍ତ ମଞ୍ଜନରୁ ଆରମ୍ଭ କରି ଡାବର ଲାଲ୍ ଦନ୍ତ ମଞ୍ଜନ ପର୍ଯ୍ୟନ୍ତ ଦନ୍ତ ପଂକ୍ତିର ଶକ୍ତିବର୍ଦ୍ଧକ ବୋଲି ଘୋଷିତ ହୋଇଥିବାରୁ ବ୍ୟବହାର କରୁଥିଲି, ହେଲେ ଜଣେ ବନ୍ଧୁଙ୍କର ସୁପରାର୍ଶ ନେଇ ଦନ୍ତମଞ୍ଜନ ବଦଳରେ କ୍ଲୋଜ୍‌ଅପ୍ ଟୁଥ୍‌ପେଷ୍ଟ୍‌କୁ ଥ୍ରାଇସ୍ ଡେଲି ପ୍ରକ୍ରିୟାରେ ଇସ୍ତମାଲ୍ କଲି । ସତ କହୁଛି ଥରେ ଅଧେ ଘରକୁ ଚାଉଳ ଯୋଗାଣରେ ସିନା ଅବହେଳା କରିଦେଇଛି, ହେଲେ ଏହି କ୍ଲୋଜ୍‌ଅପ୍ ଟୁଥ୍‌ପେଷ୍ଟ ଯୋଗାଣରେ କାର୍ପଣ୍ୟ ଅବା ବିଳମ୍ବ କରିନାହିଁ ।

ବୟସ ବଢ଼ି ବଢ଼ି ଚାଲିଲା । ତେଣୁ ମୋ' ଦୋଷରୁ ନୁହେଁ, ବୟସର ଦୋଷରୁ ଗୋଟାଏ ଅଧେ ଦାନ୍ତର ମୂଳଦୂଆ ଦୋହଲା ଦୋହଲି ହେବା ଆରମ୍ଭ ହେଲା । ବିନା ନୋଟିସ୍‌ରେ ଶ୍ରମିକ ଧର୍ମଘଟ କରିବା ପରି ହଠାତ୍ ଦିନେ ଦିନେ ସଗୁଡ଼ାକ ଉତ୍ପାତ ଆରମ୍ଭ କରି ଦିଅନ୍ତି । ଘଣ୍ଟାର ସେକେଣ୍ଡ କଣ୍ଟାଠାରୁ ବଳି ନିୟମିତ ମାଢ଼ିମୂଳ ଫୁଲାଇଦେଇ ଧକ ଧକ ହେବାକୁ ଲାଗନ୍ତି । ଉପଶମ ପାଇଁ ଯିଏ ଯାହା ବତାଇଲା, ସବ ନିଷ୍ଠାର ସହ କଲି । ସଜ ତୋଳା ଅମୃତଭଣ୍ଡାର କ୍ଷୀର, ଗରମ କିରାସିନୀ ତେଲ ସେଙ୍କ, ନାନାଦି ବେଦନାହାରୀ ଔଷଧ ସେବନ, ଲୁଣିଆ ଗରମ ପାଣିର କଲୁକୁଞ୍ଚା ଆଦି କଅଣ କଅଣ ଯେ ନ କରିଛି, ସେଗୁଡ଼ିକୁ ବର୍ଣ୍ଣନା କରି ବସିଲେ ବିବାକ୍ ପୋଥିଟାଏ ହୋଇଯିବ ।

ବଡ଼ପୁଅର ବାହାଘର ଚାରି ଛଅଦିନ ଥାଏ । ଧାଁ ଦଉଡ଼ ଭିତରେ ଅନିୟମିତ ଭାବରେ ଗାଧୁଆ, ଖିଆ ଆଦି ହେବାରୁ ପେଟ ଗରମ ହୋଇ ଗୋଟାଏ ଦାନ୍ତ ପ୍ରକୋପ ଦେଖାଇଲା । ଗାଲକୁ ମଧ୍ୟ ଫୁଲେଇ ଦେଇ ଅଧା ହନୁମାନ୍ କରିଦେଲା । ସମବେତ କୁଟୁମ୍ବୀ ମାନଙ୍କ ମଧ୍ୟରୁ ଜଣେ ଶୁଭଚିନ୍ତକ ମୂଳୋତ୍ପାଟନ ପାଇଁ ପରାମର୍ଶ ଦେଲେ । ମୂଳୁଁ ମାଇଲେ ଯିବ ସାରି - ଦେବଙ୍କ ସଙ୍ଗେ କିମ୍ପା କଳି" ଦୁହାଟି ମଧ୍ୟ ଶୁଣାଇ ଦେଲେ ।

ବନ୍ଧୁଙ୍କର ମନରେ କଷ୍ଟ ନ ଦେଇ ତାଙ୍କୁ ସେଦିନ ବୁଝାଇ କହିଥିଲି ଯେ, ଆଠ ଦଶ ଦିନ ଯାଉ । ବୋହୂ ଘରକୁ ମୋର ଆସିଯାଇ ମୋର ବତିଶଟା ଯାକ ଦାନ୍ତକୁ ଦେଖିନେଉ । ତା'ପରେ ଆପଣଙ୍କ କଥା ମାନି ଦାନ୍ତଟାକୁ ଉପୁଡ଼ାଇ ଦେବି । ବନ୍ଧୁ ଦ୍ୱିରୁକ୍ତି

Digitized by srujanika@gmail.com

କଲେ ନାହିଁ ।

ସର୍ବଶେଷ ସମ୍ବାଦରୁ ପାଠକ ପାଠିକାମାନେ ଜାଣି ପାରିବେ ଯେ କାଳର ଅଗ୍ରଗତି ମୋର ବତିଶି ଦାନ୍ତରୁ ତେଇଶିଟାକୁ ଝଡ଼େଇ ଦେଲେଣି ଏବଂ ସବୁଗୁଡ଼ିକୁ ମୋର ନିଜସ୍ୱ ଦନ୍ତ ଚିକିତ୍ସକ ଜିହ୍ୱାହିଁ ଠେଲି ପେଲି ବିଦା ଧରି ଦେଇଛି । ଉତ୍ପାତକାରୀ ଦାନ୍ତଟି ପଦଚ୍ୟୁତ ହେବାରେ ଖଚଡ଼ା ଭଡ଼ାବାଲାଟିଏ ଘରଛାଡ଼ି ଦେବା ବେଳେ ଗୃହସ୍ୱାମୀ ପାଉଥିବା ସନ୍ତୋଷ ପରି ସନ୍ତୋଷ ମୁଁ ପ୍ରତିଥର ପାଉଥିଲି ।

ବାକୀ ଏ ନବରନ୍ଧ୍ର କେତେକାଳ ଧରି ମୋର ଆଂଶିକ ଚର୍ବଣକାର୍ଯ୍ୟ ଚାଲୁ ରଖିବେ, ତାହା ବିଶ୍ୱନିୟନ୍ତାଙ୍କୁ ଜଣା ।

Digitized by srujanika@gmail.com

ପୁରୀର ସରଗମ୍

ଶଙ୍ଖକ୍ଷେତ୍ର ଏହି ଶ୍ରୀକ୍ଷେତ୍ର । ଚାରିଧାମରେ ନମ୍ବର ୱାନ୍ । ସକଳ ତୀର୍ଥକ୍ଷେତ୍ର ଦର୍ଶନ କରିବା ପରେ ହିଁ ଶ୍ରୀକ୍ଷେତ୍ର ପୁରୀକୁ ଆସି ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ କରି ତୀର୍ଥ ଯାତ୍ରାର ମୁଣ୍ଡି ମରାଯାଇଥାଏ ।

କେବଳ ଦକ୍ଷିଣ ପଶ୍ଚିମ ମୌସୁମୀ ନୁହେଁ ଏଠାକୁ ଅନ୍ୟ ଏକ ପ୍ରକାର ମୌସୁମ୍ ଆସେ । ସେ ମୌସୁମ୍ ଆସିଲେ, ପଇସାର ବର୍ଷା ହୁଏ । ପଡ଼ିଆ ଦାଣ୍ଡ ଯାତରା ଦାଣ୍ଡରେ ପରିଣତ ହୁଏ । ଦୋକାନୀ, ବ୍ୟବସାୟୀ, ହରେକ ରକମର ପରିବହନକାରୀ ଯାତ୍ରୀ ଗୁମାସ୍ତା, ପଣ୍ଡା, ପଡ଼ିଆରୀ ଆଉ ଟୁରିଷ୍ଟ ଗାଇଡ୍ ପ୍ରଭୃତିଙ୍କର ବେଶ୍ ଦୁଇପଇସା ରୋଜଗାର ହୁଏ ।

ଶ୍ରୀକ୍ଷେତ୍ରକୁ ଆସୁଥିବା ତୀର୍ଥ ଯାତ୍ରୀମାନେ ମୁଖ୍ୟତଃ ତିନିପ୍ରକାରର । ପଶ୍ଚିମା, ଦକ୍ଷିଣୀ ଆଉ ପଞ୍ଚକୋଶୀ । ସମସ୍ତେ ଆସନ୍ତି ଶ୍ରୀଜଗନ୍ନାଥଙ୍କ ଶରଣକୁ । ପୁରୀ ବଡ଼ଦାଣ୍ଡ ପୂରି ଉଠେ ଏମାନଙ୍କ ଗହଳିରେ । ସେ ବଡ଼ଦାଣ୍ଡଟି ଏପରି ପ୍ରଶସ୍ତ ଯେ, ଲକ୍ଷ ଲକ୍ଷ ଯାତ୍ରୀ ସମାଗମରେ ମଧ୍ୟ ସେ ପୂର୍ଣ୍ଣଗର୍ଭା ହୁଏନାହିଁ ।

ଏ ସହରର ବାରପଣି ଲୋକ ସ୍ଥାୟୀ ବାସିନ୍ଦା । ଶ୍ରୀ ମନ୍ଦିର ଆଉ ବଙ୍ଗୋପସାଗରକୁ ଭିତ୍ତିଭୂମି କରି ଏମାନେ ଗୁଜୁରାଣ ମେଣ୍ଟାଇଥାନ୍ତି । ତିରୋଟ ସମୟରେ ବନ୍ଧା ଛନ୍ଦା ପଡ଼ିଥିବା ଗୃହର ସାମଗ୍ରୀମାନ ଯାତ୍ରା ଦାଣ୍ଡରେ ଆପେ ଆପେ ମୁକୁଳି ଆସନ୍ତି । ତେଣୁ ମଉଜିଆ ପୁରୀବାସୀମାନଙ୍କ ପକ୍ଷରେ ଯାତ୍ରାଦାଣ୍ଡ ଆଉ ପଡ଼ିଆ ଦାଣ୍ଡ ଭିତରେ ଫରକ ନ ଥାଏ । ମଉଜ ମଜଲିସ୍ ବର୍ଷକେ ତିନିଶ' ପଁଷଠୀ ଦିନ ଲାଗିଥାଏ ।

କବିଙ୍କ ଭାଷାରେ

Digitized by srujanika@gmail.com

"ସାପକୁ ଆଣିବ ବିଲରୁ
ପୁରୀକୁ ଜାଣିବ ଶିଳରୁ
ଆହୁରି ଜାଣିବ ପୁରୀ ବଜାରର ବେଁ ଲମ୍ବ ପାନ ଖିଲରୁ ।" ସତରେ ପୁରୀରେ ମିଳୁଥିବା ଘଣ୍ଟିକା ଛୁଆଁ ପାନଖିଲ ଅନ୍ୟତ୍ର ଉପଲବ୍ଧ ହୁଏନାହିଁ ।

ଭାଙ୍ଗ ଆଉ ଭୋଜନ ହେଉଛି ପୁରୀ ବାସୀଙ୍କର ଶ୍ରେୟ । ଏହି ଦୁଇଟି କ୍ଷେତ୍ରରେ ସେ କେବେ ଅନିଚ୍ଛା ବା କାର୍ପଣ୍ୟ କରେ ନାହିଁ । ଆସନ୍ତାକାଲିର ଚିନ୍ତା ସେ ରଖେ ନାହିଁ । କାଳିଆ ଆଜି ଯାହା ଦେଲା, ସେତିକିରେ ହିଁ ସେ ସନ୍ତୁଷ୍ଟ ରହେ । ସବୁ କାଳିଆ ତାକୁ ଯୋଗେଇଦେବ, ଏ ସ୍ଥୁଳ ବିଶ୍ୱାସ ତାହାର ବଦ୍ଧମୂଳ ଧାରଣା । ପୁରୀ ସହରର ଭୌଗୋଳିକ ସ୍ଥିତି ଯୋଗେ ଜଳବାୟୁ ଲବଣାକ୍ତ । ଫଳରେ କୋଷ୍ଠକାଠିନ୍ୟ ଦେଖାଦିଏ । ଏହାକୁ ପରାହତ କରିବା ନିମନ୍ତେ ଅଧିକାଂଶ ପୁରୀ ବାସୀନ୍ଦା ଗୋଲମରିଚ ମିଶ୍ରଣରେ ବଟା ଭାଙ୍ଗ ଟେଳାଏ ସତର ଛଣା କରି ପିଇବା ବାଧ୍ୟତାମୂଳକ ହୋଇପଡ଼େ ।

ଭାଙ୍ଗ ସେବନ ସାଧାରଣତଃ ଅପରାହ୍ଣରେ କରି, କାଚ ପରି ବାଲି ଜାଗାରେ ଚଉକସ୍ ପୋଖରୀ ପାଣି ସାରି ଅଣ୍ଟା ପାଣି ଟାଏ କରିଦେଲେ, ଆପେ ଆପେ ଭାଙ୍ଗ ନିଶା ଦିହରେ ଖେଳିଯାଏ । ଏତଦ୍ ପରେ ରାତ୍ରିଭୋଜନ ନିଶା ସୋର୍‌ରେ ରାବିଡ଼ି, ଛେନା, ନାନାପ୍ରକାର ମିଷ୍ଟାନ୍ନ ରୋଟି ଆଉ ଡାଲମା ସମାହାରରେ ଭୋଜନ କରି ସେ ନିଶ୍ଚିନ୍ତ ହୋଇ ଶୋଇଯାଏ ।

ଭାଙ୍ଗ ସେବନ କଲେ ନିମ୍ନଲିଖିତ ସାତଗୋଟି ଲକ୍ଷଣ ପ୍ରକାଶ ପାଇଥାଏ ବୋଲି ଜନବିଶ୍ୱାସ ।

ଶୁକ, ପିକ, ବକଶ୍ଚୈବ, ହନୁମାନଃ, ବିଭୀଷଣଃ
ରାବଣ, କୁମ୍ଭକର୍ଣ୍ଣଶ୍ଚ ବିଜୟ ସପ୍ତ ଲକ୍ଷଣାଃ ।

ଅର୍ଥାତ୍ ଭାଙ୍ଗ ନିଶାରେ କେତେକ ଶୁଆ ପରି ହରିନାମ ଘୋଷନ୍ତି । ଆଉ କେତେକ ପିକ ପରି ମଧୁର ସ୍ୱରରେ ଗୋଟିପୁଅଙ୍କ ପାଖରୁ ଶିଖିଥିବା ଓଡ଼ିଶୀ, ଚମ୍ପୂ, ଛାନ୍ଦ ଆଦି ସଙ୍ଗୀତ ବୟାନ କରନ୍ତି । କେତେକ ବଗ ପରି ଧ୍ୟାନମଗ୍ନ ରହନ୍ତି ତ ଅନ୍ୟ କେତେକ ହନୁମାନ ପରି ଯାହା କିଣି ପାରନ୍ତି, ତାହା ଖାଇ ଯାଆନ୍ତି । କେତେକ ବ୍ୟକ୍ତି ଭାଙ୍ଗ ନିଶାରେ ବିଭୀଷଣ ଗୃହଛିଦ୍ର ବଖାଣିବା ପରି ଗୁପ୍ତକଥାର ପେଡ଼ି ଖୋଲି ଦିଅନ୍ତି । ଥୋକାଏ ରାବଣ ପରି ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ଦିଅନ୍ତି । ବାକୀ ଚାରିପଣି ଲୋକେ ଜାଗରହନୁ ପରି ଢୁଳେଇ ଢୁଳେଇ କୁମ୍ଭକର୍ଣ୍ଣର ନିଦ୍ରାକୁ ବରଣ କରନ୍ତି । ଏହି ରୂପେ ଭାଙ୍ଗ ସେବନର ସାତୋଟି ଲକ୍ଷଣ ପ୍ରକାଶ ପାଇଥାଏ ।

ପୁରୀଆ ଅତ୍ୟନ୍ତ ଭୋଜୀଭାତ ଆଉ ଭ୍ରମଣ ପ୍ରିୟ । ନିଜ ସହରରେ ଦେବ ଦେବଙ୍କ କୃପାରୁ ବାରମାସରେ ସେ ତେରଯାତ୍ରା ଦେଖିଲେ ମଧ୍ୟ ସନ୍ତୁଷ୍ଟ ହୁଏ ନାହିଁ । ପୁରୀର ଆଖ ପାଖ ଗାଆଁ ଗଣ୍ଡାରେ ହେଉଥିବା ନାନା ପ୍ରକାର ମେଳଣ, ବୁଡ଼ ଆଦିରେ ସେ ଯୋଗ ଦେଇ ଅପାର ଆନନ୍ଦ ଅନୁଭବ କରେ । ଫି' ବର୍ଷ ସେ ମାଘସପ୍ତମୀରେ ଚନ୍ଦ୍ରଭାଗାରେ

Digitized by srujanika@gmail.com

ବୁଡ଼ ପକାଏ ତ, କାର୍ତ୍ତିକ ମାସର ଅଁଳା ନବମୀରେ ସାକ୍ଷୀଗୋପାଳ ଯାଇ ସେ ରାଧା ପାଦ ଦର୍ଶନ କରିଥାଏ । ପୁରୀ ନିକଟସ୍ଥ ହରିରାଜପୁର ମେଳଣ, ଛଇତନା ମେଳଣ, ରଜନୀ ମେଳଣ୍, ପଣ୍ଡୁଆ ମେଳଣ ହରେକୃଷ୍ଣପୁରର ବାଣ, ଶୀତଳଷଷ୍ଠୀରେ ନରସିଂହପୁର ଶାସନର ପ୍ରସିଦ୍ଧ ବାଣ ଉତ୍ସବର ସର୍ବଶ୍ରେଷ୍ଠ ଦର୍ଶକ ସିଏ ହୋଇଥାଏ । ଏହାଛଡ଼ା ରଜ ଉତ୍ସବରେ ବାଲି ହରଚଣ୍ଡୀ, ଚିଲିକାର ଡଲଫିନ୍ ମାଛ ପୁରୀ ବାଲା ହିଁ ଦେଖିଥାନ୍ତି । ଖର୍ଚ୍ଚା ଯାହା ହେଉନା କାହିଁକି । ପଥ ଖର୍ଚ୍ଚା ବ୍ୟତୀତ ହରେକ ରକମର ଅବକାରୀ ଖର୍ଚ୍ଚା କରି ସେ ଉତ୍ସବ ପାଳନ କରିଥାଏ । ପଇସା ଖର୍ଚ୍ଚକୁ ସେ ଖାତିର ରଖି ନ ଥାଏ । ପାଞ୍ଚ ପତ୍ରୁ ପଚିଶି ପତ୍ରୁ, ତାହାର ଗାଞ୍ଜିଆ ଉନ୍ମୁକ୍ତ ମଉଜ ମଜଲିସ୍ ପାଇଁ ।

କବିଙ୍କ ଭାଷାରେ :-

କାଲିକା ଚିନ୍ତାକୁ ବରଜି
ଆଜି ଯାହାଥାଏ ଅରଜି
ସବୁତକ 'ମଣି' ଖରଚ କରଇ 'ଦେଶରଜା' ମନେ ସରଜି

ବେଧଡକ ପୁରୀ ସହରର ବାସୀନ୍ଦାଗଣ । ଶ୍ରୀ ଶ୍ରୀ ଜଗନ୍ନାଥ ଆଉ ଦେବ ଦେବ ଲୋକନାଥଙ୍କ କୃପାରୁ ଏକା ସେ ନୁହେଁ, ଏହି ସହରକୁ ଆସୁଥିବା ଦୂରାଗତ ଯାତ୍ରୀମାନଙ୍କ ସମେତ ସମସ୍ତଙ୍କୁ ଯମାଳୟ ଦର୍ଶନ କରିବାକୁ ପଡ଼େ ନାହିଁ ବୋଲି ଜନବିଶ୍ୱାସ । ତେଣୁ ସହର ଜାକଯମକରେ ପ୍ରବୀଣ । ଚନ୍ଦନଯାତ୍ରା ସମୟରେ ସାହି ସାହି ମଧ୍ୟରେ ଯେଉଁ ଚନ୍ଦନ ମଉଜର ପ୍ରତିଯୋଗିତା ହୋଇଥାଏ, ସେଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଅଜଣା ଲୋକ କେହି ଚନ୍ଦନ ମଉଜର ଶୋଭାଯାତ୍ରାକୁ ଦେଖି ମନେ କରିବ ଯେ, କେଉଁ ଏକ ଧନାଢ଼୍ୟ ବ୍ୟକ୍ତିଟିର ବିବାହ ଶୋଭାଯାତ୍ରା ହେଉଛି । ଚିତ୍ରିତ ହାତୀ ପିଠି ଉପରେ ସାହିର ବର୍ଣ୍ଣାଢ଼୍ୟ ବାନା, ଶୋଭାଯାତ୍ରାର ଆଗରେ ଉଡୁଥାଏ । କ୍ରମ ଅନୁସାରେ ବ୍ୟାଣ୍ଡ୍ ପାର୍ଟି, ଝାଡ଼, ଆଲୋକ ସମାହାର, ଆଉ ବାଣ ଫୁଟଣର ଯେଉଁ ଧମାକା ପ୍ରଦର୍ଶିତ କରାଯାଏ, ସେଥିରେ ଅଜଣା ଲୋକଟିକୁ ଆପଣ ଦୋଷ ଦେଇ ପାରିବେ ନାହିଁ । ଶୋଭାଯାତ୍ରାର ଶେଷାଂଶରେ ଦେଖିବେ, ଦଳେ ସାହି ବାସୀନ୍ଦା ଡାହାଣ ମଣିବନ୍ଧରେ ମଲ୍ଲୀ କଢ଼ର ମାଳ ବାନ୍ଧି, ସୁଦୃଶ୍ୟ ବେଶରେ ଅଣ୍ଟାରେ ଗାମୁଛା ଗୁଡ଼ାଇ ନରେନ୍ଦ୍ର ପୁଷ୍କରିଣୀରେ ସନ୍ଧ୍ୟା ସ୍ନାନ ନିମନ୍ତେ ଯାତ୍ରା କରୁଛନ୍ତି ମାତ୍ର ।

ବିଚିତ୍ର ଏହ ସହର । ଏଠାରେ ସବୁ ବଡ଼ । ଦେବାଳୟ ଠାରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ । ଏତେ ବଡ଼ବଡ଼ିଆଙ୍କ ମେଳରେ ପୁରୀବାସୀ ଏକ ନମ୍ରଜୀବନ ଅତିବାହିତ କରନ୍ତି । "ବସୁଧୈବ କୁଟୁମ୍ବକମ୍"ର ନମୁନା ପୁରୀ ସହର ବ୍ୟତିରେକ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଦେଖିନାହିଁ ।

ଶ୍ରୀକ୍ଷେତ୍ରରେ ଉପବାସ କେହି ରହନ୍ତି ନାହିଁ ବୋଲି ଜନରବ । ତେଣୁ ଖବରକାଗଜରେ ଅନାହାର ମୃତ୍ୟୁ ସମ୍ବନ୍ଧରେ ଖବରଟିଏ ପ୍ରକାଶିତ ହେଲେ ମୁଁ ଭାବେ ଚଣ୍ଡାଳଟା ପୁରୀ ପୀଠକୁ କିଆଁ ନ ଆସି ଉପବାସ ଜନିତ ମୃତ୍ୟୁକୁ ବରଣ କଲା ?

Digitized by srujanika@gmail.com

ତେଣୁ ପୁରୀଆ ମାନେ ପରମ ନିଶ୍ଚିନ୍ତ ହୋଇ
ସଂସାରେ ଥିବ ଯେତେଦିନ
ଆନନ୍ଦ କରୁଥିବ ମନ

ଭାଗବତ ବାଣୀକୁ ସାକାର କରୁଛନ୍ତି । ସେ କରିଆ ଗାମୁଛାଟାଏ ପରିଧାନ କରିଥାଉ ପଛକେ, ଦିବାଭୋଜନ କାଳର କିୟତ୍‌କ୍ଷଣ ପୂର୍ବରୁ ହାତର ତିନୋଟି ଆଙ୍ଗୁଠିକୁ ଚୁଲ୍ଲୀର ଝିଙ୍କା ସଦୃଶ କରି ଯେଉଁ ଶହେ ଦୁଇଶହ ଗ୍ରାମ ଓଜନର ଦେଶୀ ଘିଅକୁ ଘରକୁ ଆଣିଥାଏ ଅବା କିଲେ ଦେଢ଼ କିଲୋ ରୋହି ଭାକୁଡ଼, ଖଇଙ୍ଗା, ଡାହାଙ୍ଗୀର ମାଛର ଦୁଇ ଗାଲିସି ମଧ୍ୟରେ ଦୁଇ ଆଙ୍ଗୁଳି ଭରି ଦେଇ ଯେଉଁ ଶୋଭନୀୟ ଗୃହାଭିମୁଖୀ ଶୋଭାଯାତ୍ରା କରେ, ତାକୁ ଦେଖି ମୁଁ ମୁଗ୍ଧ ହୋଇଯାଏ ।

ଏ ସବୁ କାଳିଆର ଇଚ୍ଛାରେ ଚାଲିଥାଏ ।

Digitized by srujanika@gmail.com

ଘୁଷୁରୀ

ଆମ ଦେଶରେ ଏହି ଘୁଷୁରୀ ଜୀବଟି ବଡ଼ ଅବହେଳିତ । ଏହାର ପାଳକ ତଥା ଭକ୍ଷକ ତଫସିଲ୍‌ଭୁକ୍ତ ଜାତିରେ ଗଣା ହୋଇଥାନ୍ତି । ଅପରକୁ ନିନ୍ଦା କରିବାବେଳେ ଏହି ଘୁଷୁରିକୁ ଉପମେୟ କରି ଆମେ କେତେ କଥା କହି ନ ଥାଉଁ ? ହୀନିମାନିଆ ଜୀବନ ବଟାଇଲେ ଆମେ ପଚାରୁଁ "ଏପରି ଘୁଷୁରୀ ଜୀବନ କାହିଁକି କଟାଉଛୁ ?" ଅପାତ୍ରରେ ଦାନ ଦେଲେ - "ଘୁଷୁରୀକୁ ପାଚିଲା କଦଳୀ" ବୋଲି ମନ୍ତବ୍ୟ ଦେଇଥାଉଁ । ପରିବାରରେ ଛୁଆ ପିଲା ବହେ ହୋଇଗଲେ କୁହାଯାଏ ଘୁଷୁରୀ ପଲ ପରି ପିଲାତ ଜନ୍ମ କରିଦେଲ । ପାଳି ପୋଷି ମଣିଷ କର । ଏହିପରି ଉଲୁଗୁଣା ଦିଆଯାଏ ।

ନୀରିହ ଜୀବଟିର ଚରିତ୍ରସଂହାର ଉପରୋକ୍ତ ଦାୟିକା ଗୁଡ଼ିକରେ କରାଯାଇଥାଏ । ଶାନ୍ତ ସୁଧାର ଜୀବଟିଏ । କୁକୁର ପରି କାମୁଡ଼େ ନାହିଁ ଅବା ଗୋରୁ ଗାଈ ମଇଁଷିଙ୍କ ପରି ଭୁଷି ଦିଏ ନାହିଁ । କାହାରି ବାଡ଼ିରେ ପଶି ଫସଲ କୂର କରେନାହିଁ । ନିରାଟ ଗାନ୍ଧୀବାଦୀ ଜୀବଟି । ବସ୍ତି ସଫେଇକୁ ଧୁରନ୍ଧର । ପରିବେଶକୁ ନିର୍ମଳ କରିବାରେ ପଲେ ଘୁଷୁରୀ ଶହେଜଣ ମ୍ୟୁନିସିପାଲିଟି ମେହେନ୍ତରଙ୍କର କାନ କାଟିଦେବେ । ଏତେ ଢଗ ମେଲା ଯାଉଛି । କେହି କେବେ ଘୁଷୁରୀକୁ ଦେଶୀ ପାଟକପୁରା କଦଳୀକୁ ଗୋଲିମାର - ଦକ୍ଷିଣୀ କଦଳୀଟିଏ ଦେଇ ଫଳାଫଳ ଦେଖିଛନ୍ତି ?

ପୁନଶ୍ଚ କୁହାଯାଏ "ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ" । ଖାଲି କଅଣ ଘୁଷୁରୀ ଏକା ପଙ୍କ କାଦୁଅରେ ଲଟପଟ ହୁଏ ? ଗେଣ୍ଡା, କଙ୍କଡ଼ା, ମାଛ ମଧ୍ୟ କାଦୁଆଜୀବ । ପୁଣି ଜଳହସ୍ତୀ, ଗଣ୍ଡାର, ମଇଁଷି ପାଣି କାଦୁଅକୁ ଘର ବୋଲି ମନେ କରିଥାନ୍ତି । ଗ୍ରୀଷ୍ମକାଳରେ

Digitized by srujanika@gmail.com

ବଣ ଜଙ୍ଗଲରେ ହରିଣ, ଶମ୍ବର, ଭାଲୁ, ବରାହ ଗୟଳ ଆଦି ଜନ୍ତୁ କାଦୁଅ ପଙ୍କ ବୋଲି ହୁଅନ୍ତି । ଖରାଦିନ ଦ୍ୱିପ୍ରହର ସମୟରେ ବୁଲାକୁକୁର ଗୁଡ଼ିକ ନାଳ ନର୍ଦ୍ଦମାରେ ପେଟକୁ ବୁଡ଼ାଇ ପଡ଼ି ରହିବା ଦୃଶ୍ୟ ବିରଳ ନୁହେଁ । ତେବେ ଏ ସବୁ ଜୀବଙ୍କୁ ପଣତ ଘୋଡ଼ାଇ କବି ଭଣତି କରିଗଲେ ଯେ "ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ ଆଉ ମଣିଷ ପ୍ରକୃତି ମଳେ ତୁଟେ ।"

ଏହି ଜୀବଟି ମହମ୍ମଦୀୟମାନଙ୍କର ଘୃଣାର ପାତ୍ର । ନଜରରେ ପଡ଼ିଗଲେ ମୁହଁରୁ ଆପେ ଆପେ ତୋବା-ତୋବା ବାହାରି ପଡ଼େ । ଉଚ୍ଚ ଶ୍ରେଣୀର ହିନ୍ଦୁମାନେ ମଧ୍ୟ ଏହାର ମାଂସ ଭକ୍ଷଣ କରନ୍ତି ନାହିଁ । ତେବେ ଏହାର ବଣୁଆ ଭାଇ ବରାହର ମାଂସ ଭକ୍ଷଣ କରିବାକୁ କୁଣ୍ଠାବୋଧ କରି ନଥାନ୍ତି । ଦେଖିବାକୁ ଗଲେ ବଣଜଙ୍ଗଲର ବାର୍‌ହା ଘୁଷୁରୀର ପ୍ରତିମୂର୍ତ୍ତି ସ୍ୱରୂପ । ରଙ୍ଗରେ ଫରକ ଟିକିଏ ରହିଥାଏ କିନ୍ତୁ ଶରୀର ଗଠନ ପ୍ରଣାଳୀ ସର୍ବତୋଭାବରେ ସମାନ । ସ୍ଥଳ ଦୋଷରୁ ଉଭୟ ଜାତିର ପଶୁଙ୍କର ଜୀବନ ଧାରଣର ପ୍ରଣାଳୀ ଭିନ୍ନ ମାତ୍ର ପ୍ରକୃତି ଏକାପରି ।

ପୃଥିବୀର ବିବର୍ତ୍ତନବାଦକୁ ଆଖି ପକାଇଲେ ଜଣାଯାଏ ଯେ, ଏହି ଜୀବଟି ତୃତୀୟ କ୍ରମରେ ଦେଖା ଯାଇଥିଲା । ସ୍ୱୟଂ ଭଗବାନ ତୃତୀୟ ଅବତାରରେ ଶୂକର ରୂପ ଧାରଣ କରି ଦାନ୍ତ ଦୁଇଟିରେ ସମଗ୍ର ପୃଥିବୀକୁ ଟେକି ଧରିଥିଲେ । ସେତିକି କାମ ଏହି ଶୂକର ରୂପଟି ଆବଶ୍ୟକ ସମୟରେ କରି ନ ଥିଲେ, ପୃଥିବୀର ସତ୍ତା ରହି ନ ଥାନ୍ତ । ହିନ୍ଦୁମାନେ ଗାଈଗୋରୁଙ୍କୁ ଗୋମାତା କହି ଅନେକ ସମ୍ମାନ ଦିଅନ୍ତି । ଏହାର ମଳ ମୂତ୍ରକୁ ମଧ୍ୟ ପବିତ୍ର ବୋଲି ମନେ କରାଯାଏ । କିନ୍ତୁ କେଜାଣି କାହିଁକି ନାରାୟଣଙ୍କର ଦଶ ଅବତାର ମଧ୍ୟରୁ କୌଣସି ଅବତାରରେ ଗୋ-ରୂପ ଧାରଣ କରି ନାହାନ୍ତି । ବରଂ ଶୂକର ରୂପ ଧାରଣ କରିଛନ୍ତି । ମହାଭାରତର ଏକ ଉପକଥାରୁ ଜଣାଯାଏ ଯେ, ଥରେ ବଣ ମଝିରେ ଏକ ଶରବିଦ୍ଧ ଶୂକରର ମାଲିକାନା ସ୍ୱତ୍ୱକୁ ନେଇ ଖୋଦ୍ ଶଙ୍କରଜୀ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ମଇଦାନ ଉପରକୁ ଓହ୍ଲାଇ ଆସିଥିଲେ । ବରାହ ମାଂସରେ ପିତୃଶ୍ରାଦ୍ଧ କରିବା ଶାସ୍ତ୍ର ସମ୍ମତ ।

ଆମ ଦେଶରେ ସିନା ଘୁଷୁରୀ ମାଂସର ଆଦର ନାହିଁ । ହେଲେ ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଏହା ଜନ-ମନ ହରଣ କରି ନେଇଛି । ହୋଟେଲ୍ ଗୁଡ଼ିକରେ "ପର୍କ"ର ବହୁତ ଆଦର ଥାଏ । ଧଳା ଘୁଷୁରୀ ପାଳନ ଏକ ଲାଭଜନକ ବ୍ୟବସାୟ । ଏହାର ମେଦବହୁଳ ମାଂସ ଏହାର ସ୍ୱତନ୍ତ୍ରତା ।

ଏହି ଜୀବଗୁଡ଼ିକ "ପରିବାର ନିୟନ୍ତ୍ରଣ" ର ଧାର ଧାରନ୍ତି ନାହିଁ । ମାଈ ଘୁଷୁରୀଟିର ପଛରେ ଅଧଡର୍ଜନ ଘୁଷୁରୀଛୁଆ ଚାଲୁଥିଲେ ଧରଣୀଟା କେତେ ସୁନ୍ଦର ଦିଶେ କୁହନ୍ତୁ ନା ! ଗୁଡୁରୁ ହୋଇ ଛୁଆ ଗୁଡ଼ାକ ମାଆ ପଛରେ ଦଉଡ଼ି ଲାଗିଥାନ୍ତି । ଏପଟ ସେପଟ ଶୁଙ୍ଘା ଶୁଙ୍ଘିରେ ବ୍ୟୟ କରିଥିବା ସମୟକୁ ଡବଲ ମାର୍ଚ୍ଚ କରିଆରେ ଭରଣା କରିଦେଇ ପୁଣି

Digitized by srujanika@gmail.com

ଦଳରେ ସାମିଲ୍ ହୋଇଯାଆନ୍ତି ।

ଆଉ ଗୋଟିଏ କଥାକୁ ଅବଧାନ କରିବା ହେବେ । ମୋ' ଜାଣିବାରେ କେବଳ କୁକୁରୀ ଆଉ ଘୁଷୁରୀ ମାନଙ୍କର ମାନବ ସନ୍ତାନ ଥାଆନ୍ତି । ପାଶ୍ଚାତ୍ୟ ଦେଶଗୁଡ଼ିକରେ କୌଣସି ପୁରୁଷକୁ "ସନ ଅଫ ଏ ବିଚ୍" ବୋଲି ଗାଳି ଦିଆ ଯାଇଥାଏ । କୌଣସି ସ୍ତ୍ରୀ ଲୋକ କିନ୍ତୁ "ଡଟର ଅଫ ଏ ବିଚ୍" କୁହା ନ ଯାଇ କେବଳ ବିଚ୍ ବୋଲି ଗାଳି ଦିଆଯାଏ । ଉପରୋକ୍ତ ଇଂରାଜୀ ଗାଳିର ସମଧର୍ମୀ ହେଉଛି ଆମ ଖୋଲଟି ଭାଷାର ଗାଳି "ଶୂଅର କା ବଚ୍ଚା" । ଏଣୁ କେବଳ କୁତୀ ଏବଂ ଘୁଷୁରୀଙ୍କର ମାନବ ସନ୍ତାନ ଥାଆନ୍ତି ବୋଲି ଉପରୋକ୍ତ ଗାଳିରୁ ପ୍ରତୀୟମାନ ହୋଇଥାଏ ।

ଏହାର ମାଂସ ଭକ୍ଷଣକାରୀ ଏହାକୁ ବଡ଼ ନିର୍ଦ୍ଦୟ ଭାବରେ ହତ୍ୟା କରିଥାଏ । ଏହି ଜୀବର ବେକ ଅଂଶଟି ଯଥେଷ୍ଟ ମୋଟା ହୋଇଥିବାରୁ ଏହାକୁ ତିଳ ତିଳ କରି ହତ୍ୟା କରାଯାଏ । ଘୁଷୁରୀ ପରି ପରୋପକାରୀ ପଶୁ ଅଳ୍ପ ପ୍ରକାରର ଥାଆନ୍ତି ।

ତୃଣଭୋଜୀ ଏହ ଜୀବଟି । ପୁରାପୁରି ଶାକାହାରୀ ନ ହେଲେ ମଧ୍ୟ ବୁଦାମୂଳ, ବିଭିନ୍ନ ପ୍ରକାରର କନ୍ଦା ଖାଇବାକୁ ସେ ସୁଖପାଏ । ତାହାର ଆହୁରି ପ୍ରିୟ ଖାଦ୍ୟ ହେଲା ଗେଣ୍ଡା ଆଉ କୋଚିଆ । ମନୁଷ୍ୟର ସୁନଜରରେ ନ ଥିଲେ ମଧ୍ୟ ସେ ଦଳବଦ୍ଧ ହୋଇ ଯୌଥ ଜୀବନ ବଟାଇ ଚାଲିଛି ।

Digitized by srujanika@gmail.com

ଲଙ୍ଗୁଳି ପୋଲିସ୍

ମାସର ପହିଲା ହୋଉଥାଏ । ମାସିକ ପାଉଥିବା ପେନ୍‌ସନ ଗଣ୍ଡିକ ସାଉଣ୍ଟି ଆଣିବା ପାଇଁ ବ୍ୟାଙ୍କ୍ ଅଭିମୁଖେ ମୁଁ ଡବଲ୍‌କଦମ୍ ପକାଇ ମାଡ଼ି ଯାଉଥାଏ । ଛକ ପାଖରେ ବଡ଼ଦାଣ୍ଡକୁ ବାହାରି ପଡ଼ିବା ମାତ୍ରେ ଅନ୍ୟୁନ ଆଠ ଦଶ ଜଣ ଲଙ୍ଗୁଳି ପୋଲିସ୍ ଦୃଷ୍ଟିଗୋଚର ହେଲେ ।

ଜୀବନକାଳ ମଧ୍ୟରେ ଶହ ଶହ ପୋଷାକଧାରୀ ପୋଲିସ୍ ଦେଖିଥିଲି । ସାଧା ପୋଷାକଧାରୀ ପୋଲିସ୍ ଲୁଚି ଛପି ଅପରାଧୀ ମାନଙ୍କୁ ଗିରଫ କରିବା ଖବର ମଧ୍ୟ ଅନେକ ଜାଣିଛି । ଅନୁସନ୍ଧାନକାରୀ ସି:ବି:ଆଇ, କ୍ରାଇମ୍‌ବ୍ରାଞ୍ଚ୍, ସି:ଆଇ:ଡି ବିଭାଗର ପୋଲିସ୍ କର୍ମଚାରୀ ମାନେ ସାଧାରଣ ପୋଷାକରେ ଥାଇ ନିଜର ପରିଚୟପତ୍ର ମାଧ୍ୟମରେ ଚିହ୍ନଟ ହୋଇ ଅନୁସନ୍ଧାନ କାର୍ଯ୍ୟ କରନ୍ତି ବୋଲି ମଧ୍ୟ ଜାଣିଛି । ହେଲେ ସେଦିନ ଉଦ୍‌ଭୁତ ଲଙ୍ଗଳା ପୋଲିସ୍ ଜୀବନରେ ପ୍ରଥମଥର ନିମନ୍ତେ ଦେଖିଲି ।

ଯେଉଁ ବ୍ୟାଙ୍କ୍‌ରେ ମୋର ଆକାଉଣ୍ଟ ଥାଏ, ସେ ବ୍ୟାଙ୍କ୍‌ର ଅଧିକାଂଶ କର୍ମଚାରୀ ସାହିତ୍ୟିକ ଅବା ସାହିତ୍ୟ ପ୍ରେମୀ । ସାହିତ୍ୟର ମୂଲ୍ୟବୋଧ ସେ ବ୍ୟାଙ୍କ୍‌ରେ ଅଧିକ । ତଳି ପଡ଼ିବା ପରି ପୁଞ୍ଜାଟା ଶିଶୁ ସାହିତ୍ୟିକ, ତିନିଜଣ ବରିଷ୍ଠ କବି ଏବଂ ଗାଳ୍ପିକ । ଜଣେ ଦୁଇଜଣ ଉଚ୍ଚକୋଟୀର ଅଭିନେତା । ଏଣୁ ଅପରାହ୍ନରେ ଅନେକ ଥର ମୁଁ ଯାଇ ସେମାନଙ୍କ ସହ ଖୁସିଗପ କରି ସମୟକଟାଇ ଦେବାକୁ ସୁଖ ମଣେ ।

ସେଦିନ ବ୍ୟାଙ୍କ୍‌ରେ ପହଞ୍ଚିଯାଇ ମୋର ଆଖି ଦେଖା କଥା କହି ବସିଲି । ବନ୍ଧୁମାନେ କଥାଟାକୁ ବିଶ୍ୱାସ ଉପରକୁ ଆଣିବା ପାଇଁ ଓକିଲ ଜେରା କଲାପରି ପ୍ରଶ୍ନବାଣରେ

Digitized by srujanika@gmail.com

ମୋତେ ପୋତିଦେଲେ ।

ସେମାନଙ୍କୁ କହିଥିଲି "କବିସୂର୍ଯ୍ୟଙ୍କ ଭାଷାରେ ଅଛି କିସ ପୁଣି ଦେଖା ନ ଯାଏ ଢାଙ୍କିଥିଲେ ଢାଞ୍ଚରେ । ପେଟି ନାହିଁ, ପଗଡ଼ି / କ୍ୟାପ୍ / ହେଲ୍‌ମେଟ୍ ନାହିଁ - ବୁଟ୍ ନାହିଁକି ମୋଜା ନାହିଁ । ସର୍ବୋପରି ପ୍ୟାଣ୍ଟ ସାର୍ଟ ବିବର୍ଜିତ ପୋଲିସ୍ ସେମାନେ କସ୍ମିନ୍ କାଳେ ଦେଖିଛନ୍ତି କି ?"

ସମସ୍ତେ ନାସ୍ତିବାଣୀ ଶୁଣାଇଲେ । ଜଣେ ବନ୍ଧୁ ମନ୍ତବ୍ୟ ଦେଲେ ବୋଧହୁଏ କେହି ପୋଲିସଭାଇ ହଠାତ୍ ପାଗଲାମୀର ଶିକାର ହୋଇଛନ୍ତି ।

ମୁଁ ଠୋ ପଟାସ୍ କହିଲି "ଜଣେ ନୁହନ୍ତି ବା ଦୁଇଜଣ ନୁହନ୍ତି । ଏକାବେଳକେ ଆଠ ଦଶ ଜଣ ପୋଲିସ୍ ପାଗଳ ହୋଇଗଲେ ? ସେମାନେ ଲଙ୍ଗଳା ହୋଇ ଧାଡ଼ିବାନ୍ଧି ବଡ଼ଦାଣ୍ଡରେ ଠିଆ ହୋଇଛନ୍ତି ।

ସମସ୍ତେ ଅଭାବନୀୟ ଦୃଶ୍ୟଟିକୁ ଦେଖିବାକୁ ଉକ୍ରଣ୍ଠା ପ୍ରକାଶ କଲେ ।

ସେମାନଙ୍କର ଉତ୍କଣ୍ଠାକୁ ପ୍ରଶମିତ କରିବାକୁ କହିଲି "ମରିଚିକୋଟ ଛକରେ ଆଠ ଦଶଟା କଳା କଳା ପିଚୁ ଡ୍ରମ୍ ଗାଡ଼ି ମଟରଗୁଡ଼ିକର ବାଟ ଆଗୁଳି ଥୁଆ ହୋଇଛନ୍ତି । ଧାଡ଼ି ବାନ୍ଧି । ପିଚୁ ଡ୍ରମରେ ଧଳା ଏନାମେଲ୍ ରଙ୍ଗ ଉପରେ ନାଲି ଅକ୍ଷରରେ ଇଂରାଜୀରେ ପୋଲିସ୍ ବୋଲି ଲେଖା ଯାଇଛି । ପ୍ୟାଣ୍ଟ୍ ସାର୍ଟ୍, ବୁଟ୍ ଟୋପି କାହାରି ଦେହରେ ନାହିଁ । ଏପରି ଲଙ୍ଗଳା ପୋଲିସ୍ ଆଗରୁ ଦେଖିଥିଲେ ?"

ବହେ ହସ ଭିତରେ ଉକ୍ରଣ୍ଠାଟା ଶୋଇ ପଡ଼ିଲା । ଜଣେ ବନ୍ଧୁ କହିଲେ ପୋଲିସ୍ ନ ଲେଖି ପିଚୁଡ୍ରମ ଗୁଡ଼ିକରେ ଷ୍ଟପ୍ ବୋଲି ଲେଖା ହୋଇଥିଲେ ଆପଣ ଏତେ ଗୌରଚନ୍ଦ୍ରିକା ଦେଇ ଆମକୁ ହସେଇ ପାରି ନ ଥାନ୍ତେ ।

Digitized by srujanika@gmail.com

ମଉସା

ବୟସ୍କ ଲୋକମାନଙ୍କୁ ଯୁବଗୋଷ୍ଠୀ ସାଧାରଣତଃ ମଉସା ବୋଲି ସମ୍ବୋଧନ କରିଥାନ୍ତି । ମଉସା କାହାକୁ କହନ୍ତି ଅବା ସମ୍ବୋଧିତ ବ୍ୟକ୍ତିଟି ମୋର କେଉଁପ୍ରକାରର ସମ୍ପର୍କୀୟ ହେବ, ସେକଥା ଜାଣିବା ବୟସ ଆସିବା ପୂର୍ବରୁ ଏହି ଶବ୍ଦଟି ମୋର ବାଲ୍ୟ ବୟସ ଜ୍ଞାନକୋଷକୁ ଆସିଥିଲା ପଦେ ଗୀତ ମାଧ୍ୟମରେ । ସାଙ୍ଗ ସାଥୀଙ୍କଠାରୁ ଶିଖି ତାଳିମାରି ମଉସା । ଦେ ପଇସା - ମାଉସୀ କରିଛି ଦୁତୀଆ ଓଷା ପଦଟି ନାଚି ନାଚି ବୟାନ କରିବା ଏକ ମନୋରଞ୍ଜକ ବ୍ୟାପାର ଥିଲା ।

ବାଲ୍ୟକାଳ ବିତିଗଲା । କୈଶୋର ପରେ ଯୌବନରେ ପହଞ୍ଚି ମୁଁ ମଧ୍ୟ ବୟସ୍କ ବ୍ୟକ୍ତିମାନଙ୍କୁ ମଉସା ପଦରେ ବରଣ କଲି ।

ଟିଭିରେ ନାନା ସିରିଏଲ୍ ଗୁଡ଼ିକ ପ୍ରଦର୍ଶିତ ହେବା ମଧ୍ୟରେ କିଛି କିଛି ସମୟ ନାନାଦି ପଣ୍ୟଦ୍ରବ୍ୟର ବିଜ୍ଞାପନ ପ୍ରଦର୍ଶନ କରାଯାଏ । ଗୋଟାଏ ବିଜ୍ଞାପନ ଗୋଦ୍‌ରେଜ୍ କମ୍ପାନୀର କେଶ ରଙ୍ଗେଇବାର ବିଷୟରେ ଦେଖିଥିଲି । କରିଡର୍‌ରେ ଦମ୍ପତିଟିଏ ଠିଆ ହୋଇଛନ୍ତି । ଚଷମା ପରିହିତ ଜଣେ ଯୁବକ ସେ ବାଟରେ ଗଲାବେଳେ ସ୍ୱାମୀଟିକୁ ଭୈୟା ଆଉ ସ୍ତ୍ରୀଟିକୁ ଆଣ୍ଟି ବୋଲି ସମ୍ବୋଧନ କରିଛି । ସ୍ତ୍ରୀ ଲୋକଟିର ଗୋଟିଏ ଗୋଟିଏ ମାତ୍ର କେଶ ଧବଳବର୍ଣ୍ଣ ଧରିଥିବାରୁ ସମ୍ଭବତଃ ଏପରି ସମ୍ବୋଧନ କରା ଯାଇଥିଲା । ସ୍ତ୍ରୀଲୋକଟି ଚିନ୍ତିତା ହୋଇ ବାନ୍ଧବୀମାନଙ୍କ ସହ ପରାମର୍ଶ ଚଳାଇଛନ୍ତି । ପରାମର୍ଶରେ ଗୋଦ୍‌ରେଜଙ୍କ ହେୟାର ଡାଇ ପାଇ ଯାଇ କେଶର ରଙ୍ଗ ପରିବର୍ତ୍ତନ କରିଦେଇଛନ୍ତି । ଶେଷ ଅଂଶରେ ସେହି ସ୍ତ୍ରୀଲୋକ ପୂର୍ବୋକ୍ତ କରିଡରରେ ସ୍ୱାମୀଙ୍କ ଛାତିରେ ମଥା ଥାପି ଘୁଡୁରୁ ଘୁଡୁରୁ

Digitized by srujanika@gmail.com

ହେଉଛନ୍ତି । ଆଉ କାକତାଳିକ ନ୍ୟାୟରେ ପୂର୍ବୋକ୍ତ ଛୋକରାଟି ସେହି ବାଟରେ ପୁନଶ୍ଚ ଯାଉଁ ଯାଉଁ ସ୍ତ୍ରୀଲୋକଟିକୁ "ହ୍ୟାଲୋ ଅଣ୍ଟୁ ଦିଦି" ଆଉ ସ୍ୱାମୀଙ୍କୁ ହ୍ୟାଲୋ ଅଙ୍କଲ ବୋଲି ସଂଶୋଧିତ ସମ୍ବୋଧନ କରି ଜଣାଇଦେଉଛି ଏ ପ୍ରକାର ସମ୍ବୋଧନର ମୂଳ କାରଣ ପକ୍ୱକେଶ ଏବଂ ତାହାର ନିରାକରଣ ନିମନ୍ତେ ମହଜୁଦ୍ ଅଛି ଗୋଦ୍‌ରେଜ୍‌ଙ୍କର ହେୟାର୍ ଡାଇ ।

ଉପରୋକ୍ତ ଟିଭି ବିଜ୍ଞାପନଟିର ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହି ଇଂଲସ୍ ମିଡ଼ିୟମ ଯୁଗରେ ପ୍ରଚଳିତ ଅଙ୍କଲ ଆଉ ଆଣ୍ଟି ସମ୍ବୋଧନ ବିଷୟ ଆଲୋଚନା କରିବା । ମଉସା, ପିଉସା, ମାମୁଁ, କକା ଆଦି ନିର୍ବିଶେଷରେ ସମସ୍ତଙ୍କୁ ଅଙ୍କଲ୍ କରିଦେଲେ କାମଶେଷ । ସେହିପରି ମାଉସୀ, ପିଉସୀ, ମାଇଁ, ଖୁଡ଼ୀ ଭିତରେ ଫରକ ନ ରଖି ସେମାନଙ୍କୁ ସାଧାରଣତଃ ଆଣ୍ଟି ବୋଲି ସମ୍ବୋଧନ କରୁଛୁଁ । ତେବେ ଛୋଟ ଛୋଟ ଛୁଆମାନେ ମାଆର ଭଉଣୀ ଆଉ ନଣନ୍ଦ ମଧ୍ୟରେ ଥିବା ଫରକଟା ଜାଣି ପାରିବ ତ । ବାପାଙ୍କର ଭାଇ କିଏ, ଭିଣୋଇ କିଏ, ମାମୁଁ କିଏ ବୁଝି ପାରିବେ ?

ଆମେ ଜାଣିଲେ ମଥାର କେଶ ଆଂଶିକ ଭାବରେ ପାଚିବା ଦେଖା ଗଲେ ପ୍ରାଣୀଟି ଅଙ୍କଲ୍ ଅବା ଆଣ୍ଟିରେ ପରିଣତ ହୋଇଯାଏ । ପିଲାମାନଙ୍କୁ ସ୍କୁଲ୍‌କୁ ପରିବହନ କରୁଥିବା ରିକ୍‌ସାବାଲାଟି ମଧ୍ୟ ଅଙ୍କଲ୍ ପଦାରୂଢ଼ ।

ଆମ ଓଡ଼ିଆ ଭାଷାରେ କିନ୍ତୁ ପ୍ରତ୍ୟେକ ସମ୍ପର୍କୀୟମାନଙ୍କ ପାଇଁ ପଦଟିଏ ଅଛି । ମାମୁଁ, କକା, ବଡ଼ବାପା, ମଉସା, ପିଉସା ଆଦି ବୟସ୍କମାନଙ୍କୁ ପରିବାରର ଗ୍ରନ୍ଥି ସମ୍ପର୍କ ଅନୁସାରେ ସମ୍ବୋଧନ କରାଯାଏ । ଇଂରାଜୀ ଭାଷାରେ ପିଉସା ଯେପରି ଅଙ୍କଲ ମଉସା ସେହିପରି ଅଙ୍କଲ । ହେଲେ ଉଭୟଙ୍କର ପାରିବାରିକ ସ୍ଥିତି ଭିନ୍ନ । ଜଣେ ପିତୃକୂଳରେ ସ୍ଥାନ ପାଇବା ବେଳେ ଆଉଜଣକ ମାତୃକୂଳର ସୂତାରେ ବନ୍ଧା ହୋଇଥାନ୍ତି ।

ଦିନକର ଅଭିଜ୍ଞତା କଥା କହୁଛି । ବସ୍‌ରେ ଯାଉଥାଏ । ପଛପଟରୁ ଟିକେଟ୍ କାଟି କାଟି ଆସୁଥିବା ଯୁବ କଣ୍ଡକ୍ଟର ବାବୁ ମୋ' କଲିମୁଣ୍ଡାରେ ଆଖି ପକାଇ ଦେଇ ପଚାରିଲେ "କୁଆଡ଼େ ଯିବେ ମଉସା !"

ଉତ୍ତରରେ ତାଙ୍କୁ ମୋର ଗନ୍ତବ୍ୟ ସ୍ଥଳ ବତେଇ ଦେବା ପରେ ଆବଶ୍ୟକୀୟ ଅର୍ଥ ବଢ଼ାଇଦେଲି । ସେ ମୋତେ ଟିକଟକାଟି ଦେବା ସମୟରେ ପଚାରିଦେଲି "ଆଉ ତୁମର ସେ ମାମୁଁ ଶଳାଟି କିମିତି ଅଛନ୍ତି ?"

ପୁତୁରା ପିଲାର ମୁହଁରେ ଅସନ୍ତୁଷ୍ଟି ଦେଖି ସ୍ପଷ୍ଟିକରଣ ଦେବା ଭଙ୍ଗୀରେ ସହଯାତ୍ରୀ ମାନଙ୍କୁ କହିଲି "ଦେଖନ୍ତୁ ଆପଣମାନେ ! ଏ କଣ୍ଡକ୍ଟର ବାବୁ ମୋତେ ମଉସା ବୋଲି ସମ୍ବୋଧନ କଲେ । ଧର୍ମ ଦାଣ୍ଡରେ ପୁଣି ହାଟ ମଝିରେ ଏପରି ଭାବେ ସମ୍ବୋଧିତ ହେଲି । ତେବେ କଣ୍ଡକ୍ଟର ବାବୁଙ୍କର ମାମୁଁ ମୋର କେଉଁ ସମ୍ପର୍କରେ ହେବେ ଆପଣମାନେ ସ୍ଥିର କରନ୍ତୁ । ଆତ୍ମୀୟମାନଙ୍କର ଭଲମନ୍ଦ ପଚାରିବା କଣ ଏକ ଗର୍ହିତ କାର୍ଯ୍ୟ ?"

ଯାତ୍ରୀମାନଙ୍କ ମୁହଁରେ ମୁରୁକି ହସ । ଅପ୍ରତିଭ ହୋଇ ପଡ଼ିଥିବା କଣ୍ଡକ୍ଟର ମହାଶୟ

Digitized by srujanika@gmail.com

ବୋଧହୁଏ ଭବିଷ୍ୟତରେ ଆଉ କାହାକୁ ମଉସା ବୋଲି ସମ୍ବୋଧନ ନ କରିବାକୁ ଶପଥ ନେଉଥିଲେ ।

ସତରେ ଏହି ମଉସା ଡାକଟି ମାରିଦେଇ ଆମେ ଆମର ନିଜର ମାମୁଁଙ୍କୁ କେତେ କେତେ ଅଜଣା ଲୋକଙ୍କର ଶ୍ୟାଳକରେ ପରିଣତ କରି ନ ଦେଉଛୁଁ ।

ତେଣୁ ଯୁବଗୋଷ୍ଠୀଙ୍କୁ ଏ ମୋଟା ବୁଦ୍ଧିଆର ସୁପରାମର୍ଶ ଏହି ଯେ, ବାଟରେ ଘାଟରେ ଅଯଥାରେ ବୟସ୍କ ଲୋକମାନଙ୍କୁ ମଉସା ନ ଡାକି ମାମୁଁ ବୋଲି ଡାକନ୍ତୁ । ଫଳରେ ଭଦ୍ରଲୋକଙ୍କୁ ନିଜ ପିତାଙ୍କର ଶ୍ୟାଳକ ତାଲିକାରେ ସ୍ଥାନ ଦେବେ । ମାମୁଁ ଡାକଟା ମଧ୍ୟ ଆମର ଅପରିଚିତ ନୁହେଁ । ଆମେ ଜହ୍ନକୁ, ବାଘକୁ ପୋଲିସ୍‌କୁ ମାମୁଁ ଡାକିବାରେ ଅଭ୍ୟସ୍ତ ଜେଲଖାନାକୁ ମାମୁଁଘର ବୋଲି କହିଥାଉଁ ଆଉ ଚିହ୍ନି ଥାଉ । ନିଜର ସାବକ ମାମୁଁଙ୍କର ଇଜ୍ଜତ ରକ୍ଷାକରି ବରଂ ତାଙ୍କୁ ଭାଇଟିଏ ଉପହାର ଦିଅନ୍ତୁ ।

Digitized by srujanika@gmail.com

ତେଲ

ତେଲ । ତରଳ ପଦାର୍ଥଟିଏ । କିଏ ଏହାକୁ ବାହାର କରିଥିଲା, ତାହା ଅଜଣା ହେଲେ ମଧ୍ୟ ମହାମ୍ରାଟି ମନୁଷ୍ୟ ସମାଜକୁ ଅଭଲ ଚିଜଟିଏ ଦାନ କରିଛନ୍ତି । ମାନବ ଜାତିର ଚର୍ବି ବଢ଼ାଇଛନ୍ତି ।

ତେଲ ଆଉ ମସଲାଦିଆ ତରକାରୀ ସ୍ୱାଦିଷ୍ଟ ହୋଇଥାଏ । ତେଲରେ ନାନା ପ୍ରକାର ଖାଦ୍ୟ ଛଣାଯାଇ ମନୁଷ୍ୟର ରସନାକୁ ତୃପ୍ତିଦେଉଛି ।

ତେଲ ଅବା ତୈଳ ପ୍ରଧାନତଃ ଦୁଇ ପ୍ରକାରର । ଖଣିଜତୈଳ ଏବଂ ଘଣିଜ ତୈଳ ।

ଘଣିଜ ତୈଳ ଅନେକ ନାମର ଅଛି । ଶସ୍ୟ ଗୋଟିକେ ତୈଳର ପ୍ରକାର ଭେଦରେ ନାମ କରଣ ହୋଇଥାଏ । ତେଲକୁ ଖୋଜି ଖୋଜି ମଣିଷ ସୂର୍ଯ୍ୟମୁଖୀ ଫୁଲ ପାଖରେ ମଧ୍ୟ ପହଞ୍ଚିଗଲାଣି । ଶୁଣାଯାଉଛି କୁଣ୍ଡାରୁ କୁଆଡ଼େ ତୈଳର ଉଦ୍ଭବ ସମ୍ଭବ ।

ତେଲ ଶବ୍ଦଟିକୁ ନେଇ ଓଡ଼ିଆ ଭାଷାରେ ଏହାଧିକ ଢଗ ଢମାଳି ଅଛି ଯଥା "ତେଲୀ ତେଲ ଏକ ହେଲେ - ପିଡ଼ିଆ ଅଲଗା ।" "ଜଡ଼ାତେଲ-ମେଣ୍ଢାବାଳ" "ଅବା ତେଲିଆ ମୁଣ୍ଡରେ ତେଲ" ଇତ୍ୟାଦି । ଏହି ରୂଢ଼ି ଗୁଡ଼ିକର ଅର୍ଥ ଯଥାକ୍ରମେ ହେଲା - ଶତ୍ରୁ ଶତ୍ରୁ ମିଶିଗଲେ ଆଉ ମଧ୍ୟସ୍ଥି ଚିହ୍ନା ପଡ଼ିଗଲା - ଗଭୀର ବନ୍ଧୁତା ଏବଂ ଧନୀ ବ୍ୟକ୍ତିକୁ ଧନ ଦାନ ବୋଲି ବୁଝାଇଥାଏ । ସତର୍କ କରାଇ ଦେବାକୁ କୁହାଯାଇଥାଏ "ଗେଲ ଖେଳୁ ଖେଳୁ ତେଲ ବାହାରିଯିବଟି !"

ତୈଳମର୍ଦ୍ଦନ ଯୋଗୀ, ରୋଗୀ ଏବଂ ଭୋଗୀଙ୍କୁ ଯୋଗାଏ । ପୂର୍ବ କାଳରେ

Digitized by srujanika@gmail.com

ରାଜା ଓ ଜମିଦାର ମାନେ ସ୍ନାନ ପୂର୍ବରୁ ତେଲରେ ସାନ ଗାଧୁଆଟାଏ କରିନିଅନ୍ତି । ସେଥିପାଇଁ ଖାସ୍ ଚାକର ଅବା ଭଣ୍ଡାରୀଟିଏ ସେମାନେ ନିଯୋଗ କରିଥାନ୍ତି । ସାରା ଅଙ୍ଗ ପ୍ରତ୍ୟଙ୍ଗକୁ ତୈଳରେ ଜର ଜର କରି ସେମାନେ ମର୍ଦ୍ଦନ କରନ୍ତି । ତେଲ ଶରୀରରେ ଭେଦ କରିଯାଏ । ତପ୍ରେ ଜଳ ସ୍ନାନ ।

କେବଳ ରାଜା ଏବଂ ଜମିଦାରମାନେ ତୈଳରେ ମର୍ଦ୍ଦିତ ହୁଅନ୍ତି ନାହିଁ । କୁସ୍ତି କସରତ୍ କରୁଥିବା ବ୍ୟକ୍ତିମାନେ ମଧ୍ୟ ତୈଳ ମର୍ଦ୍ଦନ କରନ୍ତି । ଅମାରାତିରେ ଚୋରୀ କରୁଥିବା ଚୋର ମଧ୍ୟ ଦେହରେ ତେଲ ମାରି କାମ ଉପରକୁ ଯାଏ । ଦୈବାତ୍ ଧରାପଡ଼ିଗଲେ ଶରୀରର ପିଚ୍ଛିଳତା ଗୁଣରୁ ଧରାଳୀ ହାତରୁ ସହଜରେ ଖସିଯାଏ । ଶିଶୁକୁ ବଳିଷ୍ଠ କରିବା ନିମନ୍ତେ ତୈଳ ମର୍ଦ୍ଦନ ଏକାନ୍ତ ଆବଶ୍ୟକ ହୋଇଥାଏ ।

ପୁରୁଣା ଆପ୍ତ ବାଣୀଟିଏ ଅଛି । "ଶିର୍‌ମେ ପଗଡ଼ି, ପାଓଁ ମେ ତେଲ୍ ବଇଦ ସାଙ୍ଗରେ କରିବ ଗେଲ ।" ଅର୍ଥାତ୍ ଆମର ଏହି ଗ୍ରୀଷ୍ମ ପ୍ରଧାନ ଦେଶରେ ସୂର୍ଯ୍ୟ ତାପରୁ ରକ୍ଷା ପାଇବା ନିମନ୍ତେ ମୁଣ୍ଡରେ ପଗଡ଼ି ନିକୁଛ ପକ୍ଷରେ ଗାମୁଛାଟିଏ ପକାଇ କାର୍ଯ୍ୟ କରିବା ଏବଂ କାର୍ଯ୍ୟାନ୍ତେ ବିଶ୍ରାମ ସମୟରେ ପାଦରେ ତେଲ ଘଷିବା । ଫଳରେ ଶରୀର ନିରୋଗ ରହିବ ଏବଂ ବୈଦ୍ୟ ବା ଡାକ୍ତରଙ୍କୁ ମଧ୍ୟ ଥଟ୍ଟା ତାମସା କରିବ ।

ତୈଳ ମର୍ଦ୍ଦନର ଆଉ ଏକ ତରିକା ହେଉଛି ଖୋସାମତ କରିବା । ଏ ପ୍ରକାର କାର୍ଯ୍ୟକୁ ତେଲ ମାରିବା ଅବା ତେଲେଇବା ନାମ ଦିଆ ଯାଇଛି । ଏହି ତେଲିଆ କଥାରେ କିଏ ଅବା ପ୍ରଭାବିତ ନ ହୁଏ ? କରଜ ଦାତା, ନେତା, ବର ପିତା, ଭୋଟଦାତା ସମସ୍ତେ ଭାସି ଯାଆନ୍ତି ଚାଟୁବାଣୀ ଶୁଣି ଶୁଣି । ଏପରିକି ଅନୂଢ଼ା କୁମାରୀ ମଧ୍ୟ ଢଳିଯାଏ । କଥାରେ କଥାରେ କେଢ଼େ କେଢ଼େ ସମସ୍ୟାର ସମାଧାନ ହୋଇ ନ ଯାଉଛି !

ତେଲର ପ୍ରକାରଭେଦକୁ ଆହୁରି ସମ୍ପ୍ରସାରିତ କରିଦେଲେ ଏହି ବିଭାଗକୁ ଜାଳେଣି ଇନ୍ଧନ ପଶିଆସିବ । ଏହି ଖଣିଜ ତୈଳ ବିଶ୍ୱର ପରିବହନକୁ କାର୍ଯ୍ୟକାରୀ କରୁଛି, ଡିଜେଲ୍, ପେଟ୍ରୋଲ୍, ହ୍ୱାଇଟ୍ ଅଏଲ୍ ଆଦି ରୂପରେ । ଅନ୍ଧକାରକୁ ଦୂରୀଭୂତ କରୁଛି କିରାସିନୀ ରୂପରେ । ଯନ୍ତ୍ରକୁ ସଚଳ ରଖୁଛି ମୋବିଲ୍ ତେଲ ରୂପରେ । ରଙ୍ଗକୁ ତରଳ କରୁଛି ତାର୍‌ପିନ୍ ତେଲ ରୂପରେ । ଏହା ବ୍ୟତୀତ ମଶାତେଲ, ମାଛିତେଲ, ଅସରପା ତେଲ - କେତେ ଗଣିବ ଏ ପ୍ରକାର ଭେଦକୁ ?

ରାଶି ବା ଖସା ତେଲକୁ ମଥାରେ ଘଷିଲେ ମୁଣ୍ଡ ଥଣ୍ଡା ରହେ । ସୋରିଷ ତେଲରେ ଶରୀର ମର୍ଦ୍ଦନ କଲେ ମାଂସପେଶୀ ଟାଣ ହୋଇଥାନ୍ତି । ଏହା ବ୍ୟତୀତ ଆୟୁର୍ବେଦରେ ଅନେକ ପ୍ରକାର ତୈଳ ଜାତୀୟ ଔଷଧ ବ୍ୟବହୃତ ହୁଏ । କରଞ୍ଜ ତେଲ, ଲିମ୍ବ ତେଲ, ବିଭିନ୍ନ ପ୍ରକାର ବାତର ତୈଳ ଅନ୍ତର୍ଭୁକ୍ତ ।

ଆମ ଭାରତରେ ଲକ୍ଷ୍ୟ କରିବା କଥା ଆଞ୍ଚଳିକ ଭିତ୍ତିରେ ରନ୍ଧନରେ ବ୍ୟବହାର କରୁଥିବା ତେଲ ଗୁଡ଼ିକର ପ୍ରକାରାନ୍ତରକୁ । କେରଳ ନଡ଼ିଆ ତେଲରେ ରନ୍ଧନ କଲାବେଳେ

Digitized by srujanika@gmail.com

ସାରା ଦାକ୍ଷିଣାତ୍ୟରେ ଚିନାବାଦାମ ତେଲରେ ରୋଷେଇ ହୁଏ । ଉତ୍ତର ପୂର୍ବାଞ୍ଚଳରେ ସୋରିଷ ତେଲର ଆଦର ତ ସାରା ଉତ୍ତର ଭାରତରେ ବନସ୍ପତି ଘିଅ ଯୋଗେ ରୋଷେଇ ବାସ ଭଜା ତରକାରୀ ଆଦି ହୋଇଥାଏ ।

ଉପସଂହାରରେ ଏତିକି କୁହାଯାଇପାରେ ଯେ, ବିଶ୍ୱର ପ୍ରଗତି ମୂଳରେ ଅଛି ତେଲ । ଖାଦ୍ୟରେ - ପ୍ରସାଧନରେ, ପରିବହନରେ ଇନ୍ଧନରେ; ଆଲୋକ ଦାନରେ କେଉଁଠି ଯେ ତେଲ ନ ରହିଛି ! ଏହା ମାନବ ଜାତିର ଅଶେଷ କଲ୍ୟାଣ ସାଧନ କରୁଛି । ସତରେ ଆମର ତେଲଲୁଣର ସଂସାରରେ ଏହି ତେଲଟାହିଁ ମୁଖ୍ୟ ।

Digitized by srujanika@gmail.com

ଟପାଟପି

ପ୍ରତିଯୋଗୀତା ମନୁଷ୍ୟ ଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ି ରହିଛି । ସମସ୍ତ ବ୍ୟକ୍ତି ଜୀବନର ଶୀତଳ ମାରାଥାନ୍ ଦୌଡ଼ରେ ସାମିଲ ହୋଇଛନ୍ତି । ପଥ ମଧ୍ୟରେ କେହି କେହି ଦୌଡ଼ାଳୀ ଆଗଲୋକକୁ ଟପି ନିଜେ ଆଗକୁ ମାଡ଼ିଯାଉଛି । ଅଯୋଗ୍ୟ, ବୁଦ୍ଧିହୀନ ଦୌଡ଼ାଳୀମାନେ ପଛରେ ପଡ଼ିଯିବା ଆଉ ବୁଦ୍ଧିମାନ୍ ତଥା ଉଦ୍‌ଯୋଗୀ ପୁରୁଷଗଣ ଆଗକୁ ମାଡ଼ିଯିବା ସ୍ୱାଭାବିକ ।

ଆମ ଓଡ଼ିଆ ଭାଷାର ଟପାଟପି କ୍ରିୟାକୁ ଇଂରାଜୀ ସୁପରସିଡ୍ ବୋଲି କହନ୍ତି । ଏହି ପ୍ରକ୍ରିୟା କାଳ କାଳରୁ ଚଳି ଆସୁଅଛି । ତ୍ରେତୟାଯୁଗର କଥା । ଦଶରଥ ମହାରାଜାଙ୍କର ଚାରି ପୁତ୍ରଙ୍କୁ ବୟସ ଅନୁସାରେ ଛିଡ଼ା କରାଇଦେଲେ ଭରତ ଦ୍ୱିତୀୟ ପାହାଚର ବ୍ୟକ୍ତି । ମାତ୍ର ତାଙ୍କଠାର କନିଷ୍ଠ ଲକ୍ଷ୍ମଣ ତାଙ୍କୁ ଟପିଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆହୁରି ନିକଟ ହୋଇଯାଇଛନ୍ତି । ରାମଲକ୍ଷ୍ମଣ ଯୋଡ଼ି ସର୍ବ ଜନ ବିଦିତ । ବାଲ୍ୟାବସ୍ଥାରୁ ମଧ୍ୟ ବିଶ୍ୱାମିତ୍ର ଋଷିଙ୍କ ସହ ଏହି ଦୁଇଭାଇ ରାକ୍ଷସ ମାରି ମୁନି ଋଷିଙ୍କୁ ନିରାପତ୍ତା ଯୋଗାଇ ଦେବାରେ ନିୟୋଜିତ ହୋଇଥିଲେ ।

ତା'ପରେ ଦୀର୍ଘ ଚଉଦବର୍ଷ ବନବାସ ସମୟରେ ବଡ଼ଭାଇ ଭାଉଜଙ୍କୁ ସେବା କରିବା ନିମନ୍ତେ ଲକ୍ଷ୍ମଣ ନିଜର ନବ ବିବାହିତା ପତ୍ନୀଙ୍କୁ ମଧ୍ୟ ସାମୟିକ ଭାବରେ ତ୍ୟାଗ କରିଛନ୍ତି । ବନବାସର ସମସ୍ତ ଦୁଃଖ କଷ୍ଟ ଅସୁବିଧାକୁ ଖାତିର ନ କରି ବଡ଼ଭାଇଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ।

ଉତ୍ତର ରାମାୟଣ କାଳରେ ମଧ୍ୟ ଦୁଇଭାଇଙ୍କର ଯୋଡ଼ି ଭାଙ୍ଗି ନାହିଁ । ଭରତ

Digitized by srujanika@gmail.com

ଭାଇଙ୍କୁ ସୁପରସିଡ୍ କରି ସେ ରାମଚନ୍ଦ୍ରଙ୍କର ସମସ୍ତ ସ୍ନେହ ଶ୍ରଦ୍ଧା ଲୁଟି ନେଇଛନ୍ତି ।

ତ୍ରେତୟାରେ ଆହୁରି ମଧ ଏହାର ଦୃଷ୍ଟାନ୍ତ ଦେଖାଯାଏ । ରାମଚନ୍ଦ୍ରଙ୍କର ଯମଜ ପୁତ୍ରମାନଙ୍କ ମଧ୍ୟରେ ଲବ କନିଷ୍ଠ ହେଲେ ମଧ ଆଗ ନିଜର ନାମ ଦରଜ କରାଇ ଦେଇଛନ୍ତି କୁଶଙ୍କୁ ଟପିଯାଇ । ଆମେ ଲବ-କୁଶ ଯୋଡ଼ିବୋଲି କହିଥାଉଁ କୁଶ-ଲବ କେହି କହନ୍ତି ନାହିଁ ।

ସେ ଯୁଗରେ ଆଉ ସେହିପରି ନିଦୁଆ ଅଳସୁଆ ଭାଇ କୁମ୍ଭକର୍ଣ୍ଣଙ୍କୁ କନିଷ୍ଠ ବିଭୀଷଣ ଟପିଯାଇ ରାବଣର ରାଜସଭାରେ ମନ୍ତ୍ରୀ ହୋଇଛନ୍ତି । ଭଲ ମନ୍ଦରେ ରାବଣଙ୍କୁ ପଦେ କହିବାର ସାହସ ରଖିଛନ୍ତି ।

ପରବର୍ତ୍ତୀ ଦ୍ୱାପରଯୁଗ ମଧ ସେହି ପରମ୍ପରା ଅକ୍ଷୁର୍ଣ୍ଣ ରଖିଛି । ମହାଭାରତରେ ନିମ୍ନ ସ୍ଥାନର ବ୍ୟକ୍ତି ବରିଷ୍ଠ ମାନଙ୍କୁ ଟପି ଯାଇଥିବାର ଭୁରି ଭୁରି ଦୃଷ୍ଟାନ୍ତ ଅଛି ।

ପ୍ରଥମେ ଦେଖନ୍ତୁ ଦ୍ୱାରକା ପତି ଶ୍ରୀକୃଷ୍ଣ ବଡ଼ଭାଇ ବଳରାମଙ୍କୁ ଟପିଯାଇ ମହାଭାରତର ନାୟକ ସାଜିଛନ୍ତି । ପ୍ରେମରେ, ମାୟାରେ, ଜନ ଆଦୃତିରେ ସେ ବଡ଼ଭାଇଙ୍କୁ ପଛରେ ପକାଇ ଦେଇଛନ୍ତି । ଏ ପର୍ଯ୍ୟନ୍ତ ଜନ ମୁଖରେ ବଳରାମ-କୃଷ୍ଣ ନ ରହି କୃଷ୍ଣ ବଳରାମ ରହି ଆସିଛି ।

ପୁରାଣ ଯୁଗରୁ ଆମ ବର୍ତ୍ତମାନ କାଳକୁ ଫେରିଆସିବା । ବ୍ୟବସାୟ, ବାଣିଜ୍ୟ, ବିଦ୍ୟାଶିକ୍ଷା, ପରିବହନ, ଚାକିରୀ ଆଦି ସବୁକ୍ଷେତ୍ରରେ ପ୍ରତିଯୋଗିତା ଲାଗି ରହିଛି । ପଛକୁ ପଡ଼ିଯିବା - ଆଗକୁ ମାଡ଼ିଯିବା ଖେଳ ହରଦମ୍ ଚାଲିଛି । ଛୋଟ ମୋଟର ବେପାରୀଟି ନିଜର ସାଧୁତା, କର୍ମନିଷ୍ଠା ଆଉ ଉଦ୍‌ଯୋଗ ଫଳରେ ଲକ୍ଷପତି ହୋଇ ବସିବା ବେଳେ ବ୍ୟବସାୟିକ ବିଫଳତା ଯୋଗେ କୋଟିପତି ଦାଣ୍ଡର ଭିକାରୀ ମଧ ହୋଇ ଉଠୁଛି ।

ପରିବହନ କ୍ଷେତ୍ରରେ ଏହି ଟପା ଟପି ବଡ଼ ଜବର ସ୍ଥାନ ନେଇଛି । ପଛ ଗାଡ଼ି ସୁପର ସ୍ପିଡ୍‌ରେ ଆସି ଆଗ ଗାଡ଼ିକୁ ସୁପରସିଡ୍ କରିବା ଚେଷ୍ଟାରେ ଅନବରତ ଥାଏ । ପ୍ୟାସେଞ୍ଜର ଟ୍ରେନ୍‌କୁ ପଛରେ ପକାଇ ମେଲ୍, ଏକ୍ସପ୍ରେସ୍ ଆଦି ସୁପରଫାଷ୍ଟ ନାମ ବୋଲାଉଛନ୍ତି ।

ଏହି ସୁପରସିଡ୍ ବା ଟପା ଟପି ରୋଗଟା ବିଶେଷ ଭାବରେ ସରକାରୀ ଅବା ବେସରକାରୀ ସଂସ୍ଥା ଗୁଡ଼ିକରେ କର୍ମରତ ଚାକିରୀଆମାନଙ୍କ ଭିତରେ ଥାଏ । ସରକାରୀ ଦପ୍ତର ଗୁଡ଼ିକରେ ଏ ପ୍ରକାର ଦୃଷ୍ଟାନ୍ତ ଆଉ ଘଟଣା ହୋଇ ରହିନାହିଁ । ସାଧାରଣ ହୋଇ ଉଠିଛି । ବୟସ, ବିଦ୍ୟା, ବୁଦ୍ଧି, ଅଭିଜ୍ଞତା ଊଣା ଥାଇ ମଧ ବ୍ୟକ୍ତିଟିଏ ଉପରିକଙ୍କ ମେହେରବାନୀରୁ ବରିଷ୍ଠ ମାନଙ୍କୁ ଟପି ଶୀର୍ଷ ଆସନରେ ବସି ପାରୁଛି । ତଦୁପରି ଆମ ସରକାର ତ ଅର୍ଦ୍ଧଶତାବ୍ଦୀ କାଳରୁ ଉର୍ଦ୍ଧ୍ୱ ସମୟ ଧରି ଜନଜାତି ଏବଂ ତଫସିଲଭୁକ୍ତ ଜାତିଙ୍କ ସଂରକ୍ଷଣ ବ୍ୟବସ୍ଥା ଚାଲୁରଖି ସୁପରସିଡ୍ ସ୍ରୋତକୁ ବହମାନ କରି ରଖିଛନ୍ତି । ସେମାନଙ୍କ ହାତରେ ପୋଲ୍‌ଭୋଲ୍ଟ କରିବାର ଦଣ୍ଡା ଖଣ୍ଡିଏ ଖଣ୍ଡିଏ ଥିବାରୁ ସେମାନେ ଡଲ୍ଟ ଛଲାଙ୍ଗ୍

Digitized by srujanika@gmail.com

ମାରି ଆକାଶ ଛୁଆଁ ହୋଇ ଉଠୁଛନ୍ତି ।

ପିଲାଦିନରୁ ଏହି ଟପାଟପି ଖେଳ ଦେଖି ଦେଖି ଶୁଣି ଶୁଣି ଏପରି ବିରକ୍ତି ଆସୁଛି ଯେ, ଇଛା ହେଉଛି ପ୍ରଭୁଙ୍କୁ ପ୍ରାର୍ଥନା କରିବି ମୁଁ ଯେମିତି ମୋ'ଠାରୁ ବୟସ୍କ ବ୍ୟକ୍ତିଙ୍କୁ ସୁପରିସିତ୍ କରି ଆଗେ ତାଙ୍କର ପ୍ୟାରା ହୋଇଯିବି ।

Digitized by srujanika@gmail.com

ଛତାବନ୍ଦୀ

ହଁ । ସେଦିନ ତାହାହିଁ ଥିଲା ମୋର କ୍ଷେତ୍ରପାଳ ଇନ୍ଦ୍ରଙ୍କ ବିରୁଦ୍ଧରେ ଏକକ ବିକ୍ଷୋଭ ।

ସେ ବର୍ଷ କେଜାଣି କାହିଁକି କାର୍ତ୍ତିକ ନିଗର୍ଡ଼ା ବର୍ଷାଟାଏ ଅନାବଶ୍ୟକ ସମୟରେ ହେଲା । ସ୍ୱର୍ଗର ଐରାବତ ଶୁଣ୍ଢ ଟେକି ପାଣି ଢାଳି ଲାଗିଛି ଯେ, ଲାଗିଛି ! କାର୍ତ୍ତିକ ମାସରେ ଏହି ଝଡ଼ି ଆଉ ଲଗାଣ ବର୍ଷା କାହାର ଅବା କୋଉ ଉପକାର କରୁଛି ? ପାଦର ନଖ ପାଖରୁ ଆରମ୍ଭ କରି ମଥାର ଚୂଳ ପର୍ଯ୍ୟନ୍ତ ମୁଁ ଏହି ଅଚାନକ, ଅଯାଚିତ, ଅନାବଶ୍ୟକ ଲଗାଣ ବର୍ଷାକୁ ଘୃଣା କରୁଥିଲି ।

ଘରଦ୍ୱାର ଗନ୍ଧେଇ ଗଲାଣି । ବିଛଣାଟା ଓଦାଳିଆ ଲାଗୁଛି । ସୂର୍ଯ୍ୟକିରଣ ବିହୁନେ ଧୂଆ ଲୁଗାପଟା ଗୁଡ଼ିକୁ ଶୁଖାଇବାର ଦାୟିତ୍ୱ କଳ ପଙ୍ଖା ଉପରେ ନ୍ୟସ୍ତ ହୋଇଛି ।

ତେଣେ ବଜାରରେ କୁଆ ଉଡୁଛି । ଦିନ ମଜୁରିଆମାନେ ହାତଗୋଡ଼ ଯୋଡ଼ି ଉପାସ ଭୋକରେ ସଡୁଛନ୍ତି । ବୃଦ୍ଧା ହବିଷିଆଳୀମାନଙ୍କ ଦୁର୍ଦ୍ଦଶା କହିଲେ ନସରେ । ବର୍ଷା କାଦୁଅରେ ଓଦା ସରସର ହୋଇ ପଞ୍ଚତୀର୍ଥ ବୁଲି ବିଚାରୀ ଗୁଡ଼ିକ ଥଣ୍ଡା, କାଶ, ସର୍ଦ୍ଦି ଆଉ ଜ୍ୱର ରୋଗରେ ଆକ୍ରାନ୍ତ ହେଉଛନ୍ତି ।

ଦୈନିକ ଖାଦ୍ୟରେ ମଧ୍ୟ ସ୍ୱଳ୍ପତା ପରିଲକ୍ଷିତ ହେଉଛି । ମଫସଲରେ ବାଇଗଣ ବାଡ଼ିରେ ଅଣ୍ଟାଏ ପାଣି । ବାଇଗଣ ତୋଳୁଛି କିଏ ନା ବିକୁଛି କିଏ ? ଖାଲି ଭାତ, ଡାଲି, ଆଳୁଭରତା । ମଦତ୍ ଦେବାକୁ ଆଚାର ଆଉ ପାମ୍ପଡ଼ ।

ଅବିରାମ ଗତିରେ ବର୍ଷା ଲାଗି ରହିଛି । କୁଢ଼େଇ ହେଉଥିବା ଅସରା ଅସରା

Digitized by srujanika@gmail.com

ବର୍ଷାଗୁଡ଼ିକ ନିଜ ଭିତରେ ହାଇଫେନ୍ ରୂପରେ ଚିପି ଚିପି ବର୍ଷାକୁ ରଖିଛନ୍ତି । ଇଣ୍ଡିଆଟା ବିଲ୍‌କୁଲ୍ ବିଲାତ ପରି ପ୍ରତୀୟମାନ ହେଉଛି । ବର୍ଷାରୁ ରକ୍ଷା ପାଇବା ପାଇଁ ଛତା ଅବା ବର୍ଷାତି ନ ହେଲେ ବାହାରି ହେଉନାହିଁ । ବାହାରିଲେ ନାଳ ନର୍ଦ୍ଦମା ପାଣି ଆଉ ରାସ୍ତାର ପାଣି ମିଶ୍ରଣରେ ବଳାଗଣ୍ଠିଏ ପାଣି । ଚଟି ଯୋତା ପାଦରୁ ଛଡ଼ାଇ ନେଉଛି ପାଣିସୁଅ ।

ସକାଳେ ବସି ଚାହା ଖାଇବା ସମୟରେ ମେଘାଚ୍ଛନ୍ନ ଆକାଶକୁ ଦେଖି ମନରେ ଚିନ୍ତା କରୁଥିଲି ଜଗତ୍‌ପାଳ ବିଷ୍ଣୁଙ୍କୁ ଗୋଟାଏ ସ୍ମାରକପତ୍ର ଦେବି ଯେ, ସେ ଆମ ଜମ୍ବୁଦ୍ୱୀପବାସୀଙ୍କ ଆୟୁଷରେ ଆଉ ସାତଦିନ ଗ୍ରେସ୍ ଦିଅନ୍ତୁ । ଦକ୍ଷିଣ ଭାରତ ନଈ ନାଳ ବଢ଼ିରେ ପାଣିରେ ଉବୁଟୁବୁ ହେବା ବେଳକୁ, ତାଳ ଦେବା ପରି ଉତ୍ତର ମହାରାଷ୍ଟ୍ର, ଦକ୍ଷିଣ ରାଜସ୍ଥାନ୍, ପଶ୍ଚିମ ମଧ୍ୟପ୍ରଦେଶ, ଉତ୍ତର ପଶ୍ଚିମ ଉତ୍ତର ପ୍ରଦେଶ ସଙ୍ଗକୁ ଜାମ୍ମୁକାଶ୍ମୀର ହିମାଚଳ ପ୍ରଦେଶ, ପଞ୍ଜାବ ଆଉ ହରିଆନାରେ ବର୍ଷା ସହିତ ଝଡ଼ ତୋଫାନ । ଗୁଜରାଟରେ ସମୁଦ୍ର ଉପକୂଳବର୍ତ୍ତୀ ଗାଁ ଗଣ୍ଡା, ସହର ଗୁଡ଼ିକ ରହିଲା ଅବା ଭାସିଗଲା, ଖବର ଅନ୍ତର ନାହିଁ । ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ତ ପ୍ରଳୟ ପୟୋଧି ଜଳରେ ଚିତି ପହଁରା ଦେଉଛନ୍ତି । ଉତ୍ତର ପୂର୍ବାଞ୍ଚଳ କଥା ନ କହିଲେ ଭଲ । ସେ ରାଜ୍ୟଗୁଡ଼ିକ ତ ବର୍ଷାପାଣିର ଗନ୍ତାଘର ।

ଗୃହିଣୀଙ୍କଠାରୁ ଚରମ ପତ୍ର ପାଇ ଅଗତ୍ୟା ବର୍ଷାର ହାଇଫେନ୍ ସମୟକୁ ଆଧାର କରି ମୋର ବଜାର ଯାତ୍ରା ଆରମ୍ଭ କଲି । ସହାନୁଭୂତି ଦେଖାଇ ଗୃହିଣୀ ଦାଣ୍ଡ ଦୁଆର ଡିଅାଁଇ ପ୍ରସ୍ଫୁଟିତ ଛତାଟିଏ ମୋତେ ଧରାଇ ଦେବାକୁ ଭଲି ଯାଇ ନଥିଲେ । ମୁଁ ତତ୍‌କ୍ଷଣାତ୍ ଛତାଟିକୁ ସଙ୍କୁଚିତ କରିଦେଇ କୁଣ୍ଡାଝଡ଼ା ବର୍ଷାରେ ତିନ୍ତି ତିନ୍ତି ବଜାର ଦିଗକୁ ଚାଲିଲି ।

ମନରେ ଭାବିଲି କି କ୍ଷେତ୍ର ଏବେ ଇନ୍ଦ୍ର ମହାରାଜା ପାଳୁଛନ୍ତି ? ଫଳ ଧରା ଧାନ କ୍ଷେତକୁ ନା ଅଙ୍କୁରୋଦ୍‌ଗମ ରବି ଫସଲକୁ ? ପନିପରିବା ଗଛ ଲତା ଗୁଡ଼ିକ ନାକବୁଡ଼ା ପାଣିରେ ସପ୍ତାହେ କାଳ ରହି ପତରସଢ଼ା ହେଲେଣି । ଖାଲି ମଣିଷମାନଙ୍କୁ ଦହଗଞ୍ଜ କରି ମାରିବା କଥା । କାର୍ତ୍ତିକ ମାସ ସରିବ ସରିବ ହେଉଛି । ଦୀପାବଳି ଦିନ ଦୀପ ମଧ୍ୟ ଜଳାଇ ଦେଲା ନାହିଁ । ବାଣ, ଫୋଟକା ଯଥା କଥା ହୋଇ ଫୁଟିଲା । ଇନ୍ଦ୍ରଦେବ ଏ ବର୍ଷ ନିମନ୍ତେ ସାମୟିକ ଅବସର ନ ନେଇ କାହିଁକି ଏତେ ଓଭରଟାଇମ୍ କାମ କରୁଛନ୍ତି, ଜଣା ପଡୁନାହିଁ ।

ବାଟରେ ମୋର ଛତାକୁ ହାତରେ ଓହଳାଇ ତିନ୍ତିବା ବୁଡ଼ିବା ଦେଖି ପରିଚିତ ବ୍ୟକ୍ତିମାନେ ହସିବାରୁ ସେମାନଙ୍କୁ ବୁଝାଇ କହିଲି ସରକାରୀ ଚାକିରିଆମାନେ ବେଳେ ବେଳେ କଲମଛାଡ଼ ଆନ୍ଦୋଳନ କରିବା ପରି ମୋର ଇନ୍ଦ୍ରଦେବଙ୍କ ବିରୁଦ୍ଧରେ ଏକକ ଆନ୍ଦୋଳନ ଛତା ବନ୍ଦ । ଆସନ୍ତୁ ମୋ' ସହିତ ଏ ଆନ୍ଦୋଳନ, ବିକ୍ଷୋଭରେ ସାମିଲ୍ ହୁଅନ୍ତୁ ।

Digitized by srujanika@gmail.com

ଆଶୁ ସନ୍ତୁଷ୍ଟି

"ହିଉମ୍ୟାନ୍ ଓ୍ୱାଣ୍ଟ୍ସ ଆର୍ ନେଭର୍ ସାଟିଏଟେଡ୍"

ଆଜ୍ଞା ! ଏ କଥା ମୋର ନୁହେଁ । ବିଶ୍ୱବରେଣ୍ୟ ଅର୍ଥନୀତିଜ୍ଞ ଆଦାମ୍ ସ୍ମିଥ୍‌ଙ୍କର ଏହା ବାଣୀ । ମନୁଷ୍ୟର ବାସନା କେବେ ପୂରଣ ହୋଇପାରେ ନାହିଁ । ଗୋଟିଏ ବସ୍ତୁର ଅଭାବ ପୂରଣ ହୋଇଗଲେ ନୂତନ ବାସନା ସ୍ଥାନ ପାଇଯାଏ । ତଥାପି ମନୁଷ୍ୟ କେତେକ କ୍ଷେତ୍ରରେ ଆଶୁ ସନ୍ତୁଷ୍ଟି ଲାଭ କରିଥାଏ ।

ଏହି ମାନସିକ ସନ୍ତୋଷକୁ ଉତ୍କଳଘଣ୍ଟ ଯଦୁମଣି ଏକ ହାସ୍ୟାନୁଭୂତି ମାଧ୍ୟମରେ ପ୍ରକାଶ କରିଛନ୍ତି । ରାଜା ତାଙ୍କର ପ୍ରଥମ ପୁଅର ଜନ୍ମ ପରେ ପାରିଷଦମାନଙ୍କର ଖୁସିର ଓଜନ କଳିବାକୁ ପ୍ରତ୍ୟେକଙ୍କୁ ରାଜାଙ୍କ ପୁତ୍ରଲାଭର ଖବର କିପରି ଲାଗୁଛି ବୋଲି ପଚାରିଲେ । କବି ଯଦୁମଣି ଏହି ସାଧାରଣ ପ୍ରଶ୍ନର ଉତ୍ତର ଦେଇଥିଲେ ଯେ, ଅତର୍ଚ୍ଛା ପ୍ରକୃତି ଡାକରାର ଉତ୍ତର ଦେଇସାରିବା ପରେ ମନୁଷ୍ୟ ଯେପରି ଉଲ୍ଲସିତ ହୋଇଉଠେ, ସେହିପରି ସେ ରାଜାଙ୍କ ପୁତ୍ର ଲାଭ ଖବର ଶୁଣି ଉଲ୍ଲାସ ଅନୁଭବ କରୁଛନ୍ତି । ନବଜାତ ପୁତ୍ରର ଉପମା ଏକ ହୀନ କର୍ମ ସହିତ ଦେଇଥିବାରୁ, କବି ଯଦୁମଣି ରାଜରୋଷରେ ପଡ଼ିଲେ ।

ଯଦୁମଣି ଏବଂ ରାଜା ପରବର୍ତ୍ତୀ କାଳରେ ଡଙ୍ଗାରେ ବସି ନଈବଢ଼ି ଦେଖୁଥିଲେ । ଅଚାନକ ରାଜାଙ୍କୁ ତଳବ ଦେଲା । କୂଳରେ ନାଆ ଭିଡ଼ିବାକୁ ରାଜା ଆଦେଶ ଦେଲେ । ପ୍ରତିଥର ଯଦୁମଣି କେଉଁଠାରେ କୁମ୍ଭୀର ଉପଦ୍ରବ ଆଉ କେଉଁଠି ବାଘଭୟ ଅଛି ବୋଲି ଦର୍ଶାଇ କୂଳକୁ ନାଆ ନେବାକୁ ବାରଣ କରୁଥାନ୍ତି । ଆଗରୁ ନାଉରୀ ମାନଙ୍କୁ ହାତ କରିଥିବାରୁ ସେମାନେ ମଧ୍ୟ କବିଙ୍କୁ ସମର୍ଥନ କରୁଥିଲେ । ଯେତେବେଳେ ରାଜାଙ୍କର ଅସମ୍ଭାଳ ଅବସ୍ଥା

Digitized by srujanika@gmail.com

ଆସିଲା, ଯଦୁମଣିଙ୍କ ବରାଦରେ ନାଆ କୂଳରେ ଲାଗିଲା । ରାଜା ପ୍ରାୟ ଦଉଡ଼ି ଯାଇ ନିଜର କର୍ମ୍ମ ଅଞ୍ଜାମ କରି ଫେରିଲେ ।

ଯଦୁମଣି ରାଜାଙ୍କୁ ପ୍ରଶ୍ନ କଲେ "ହଜୁର କିପରି ଅନୁଭବ କରୁଛନ୍ତି ?" ରାଜା ପ୍ରସନ୍ନ ଚିତ୍ତର କହିଲେ "କୁହ ନାହିଁ କୁହନାହିଁ ! ଏତେ ଉଶ୍ୱାସ ଲାଗୁଛି ଯେ ସେ କଥା ବର୍ଣ୍ଣନା କରିହେବ ନାହିଁ ।"

କବି ଏହାଶୁଣି ରାଜପୁତ୍ରଙ୍କ ଜନ୍ମୋତ୍ସବ ବେଳର କଥୋପକଥନକୁ ଉପସ୍ଥିତ ସମୟରେ ଉପସ୍ଥାପିତ କରି ରାଜାଙ୍କର ପୁଣି ପ୍ରିୟ ହୋଇ ଉଠିଥିଲେ । ସେହିପରି ଆମକୁ ଖୁବ୍ ଜୋର୍‌ରେ ପରିସ୍ରା ଲାଗିଲାବେଳେ ସୁବିଧାଜନକ ସ୍ଥାନ ଖୋଜି ମୂତ୍ର ତ୍ୟାଗ କରିସାରିଲେ ପରମ ଶାନ୍ତି ମିଳିଥାଏ । ଗୋଟାଏ ରସରସିଆ ସନ୍ତୋଷ ମନରେ ଜାଗିଥାଏ ।

ଆଜିକାଲି ଖାଲି ଡି:ଏମ୍:ୟୁ ଟ୍ରେନ୍ ବ୍ୟତୀତ ଅନ୍ୟ ରେଳଗାଡ଼ି ଗୁଡ଼ିକରେ ଟଏଲେଟ୍‌ର ବ୍ୟବସ୍ଥା ରହିଛି । ଯାବତ ଅସୁବିଧା ବସ୍‌ଯାତ୍ରାରେ । ଅବଶ୍ୟ ବ୍ରିଟିଶ୍ ଅମଳର ପାଞ୍ଚଆଇନ୍ ଏବେ ନାହିଁ । ଶହ ଶହ ଶୌଚାଳୟ ଥିଲେ ମଧ୍ୟ ସବୁ ସ୍ଥାନରେ ଆମେ ନିର୍ବିଘ୍ନରେ ମଳମୂତ୍ର ତ୍ୟାଗ କରି ପାରୁଛୁଁ ।

ମଣିଷର କାନ ଭିତରେ ମଇଳା ଜମି ବେଳେ ବେଳେ ସଲସଲ ହୁଏ । ପାରା ପରଠାରୁ ଆରମ୍ଭ କରି ଜନ୍‌ସନ୍ ବଡ୍ ଗୋଟିକରେ କାନ କୁଣ୍ଡାଇ ଦେଲେ ସେହିପରି ଆଶୁ ସନ୍ତୁଷ୍ଟି ମିଳିଥାଏ । କିଛି ନ ମିଳିଲେ ଦିଆସିଲି କାଠିଟାଏ କାନରେ ପୂରାଇ ଆଣିଲେ, ଗଲ୍‌ଗଲ୍‌ଟା ମରିଯାଏ ।

ଯାଦୁ, କାଛୁ, କୁଣ୍ଡିଆ, ଚମଦଳା, ପାଣିକନ୍ଦା ଆଦି ଚର୍ମ୍ମରୋଗ ହେଲେ ଶରୀରର ସ୍ଥାନ ବିଶେଷରେ ଏପରି କୁଣ୍ଡେଇ ହୁଏ ଯେ, କାମରୁ ମନ ଛାଡ଼ିଯାଏ । ବହେ ରମ୍ପା ରମ୍ପି କଲେ ଯାଇ ତ୍ରାହି ମିଳିଥାଏ ।

ମନୁଷ୍ୟର ପ୍ରାଥମିକ କାର୍ଯ୍ୟହେଲା ଶ୍ୱାସ ପ୍ରଶ୍ୱାସ ଗ୍ରହଣ କରିବା । ଏଥିପାଇଁ ଆମର ନାସା ନାମରେ ଏକ ଅଙ୍ଗ ଅଛି । ସମୟ ସମୟରେ ନାମ ଆମର ଥଣ୍ଡା ଯୋଗେ ଗଲ ଗଲ୍ ହୋଇ ଉଠେ । ଛିଙ୍କ ଟାଏ ଆସିବ ଆସିବ ହେଉଥାଏ । ଏପରି ହେଲେ ଦିନ ବେଳେ ସୂର୍ଯ୍ୟଙ୍କୁ ଅନେଇ ଦେଲେ ଛିଙ୍କ ଆପେ ଆପେ ବାହାରି ପଡ଼ି ଆରାମ ଦିଏ । ରାତିବେଳେ ସେହିପରି ଲୁଗାଧଡ଼ିକୁ ବଳିଦେଇ ନାକରେ ସଲ ସଲ କଲେ ଅବା ଟିପେ ନାସ ନାକରେ ପୂରାଇ ଦେଲେ ଛିଙ୍କ ପଳାଇଯିବାକୁ ବାଟ ଖୋଜେ ଆଉ ମନଟା ନିରୁତା ଆନନ୍ଦରେ ଭରି ଉଠେ ।

ଆଉ ଏକ ନିତିଦିନିଆ କଥା । ପାନ ଚୋବାଇଲେ ସିଠାଗୁଡ଼ିକ ଦାନ୍ତର ଫାଙ୍କରେ ଜମିଯାଏ । ଆମେ ଖାଇବା ପରେ ଦାନ୍ତର ଫାଙ୍କରେ ନାନାଦି ଖାଦ୍ୟ ପଦାର୍ଥ ବିଶେଷ କରି ମାଂସାଶୀ ମାନଙ୍କ କ୍ଷେତ୍ରରେ ମାଛ ମାଂସର ସିଅ ଗୁଡ଼ିକ ଦାନ୍ତ ଭିତରେ ଲାଖି ରହନ୍ତି । ସେଗୁଡ଼ିକ ନିଷ୍କାସନ ନ ହେବା ପର୍ଯ୍ୟନ୍ତ ମଣିଷର ମନ ଆଉ କେଉଁଠି ଲାଗେ ନାହିଁ । ଦାନ୍ତ

Digitized by srujanika@gmail.com

ଖୁଣ୍ଟା, କାଠି, ପିନ୍ କଣ୍ଟା ଯାହା ସହଜଲବ୍ଧ ହୋଇଥାଏ, ତା ଦ୍ୱାରା ଖାଦ୍ୟାବଶେଷ ଅବା ପାନସିଠାକୁ ବାହାର କରିଦେଲେ ଯେଉଁ ମାନସିକ ଶାନ୍ତି ମଣିଷକୁ ମିଳିଥାଏ, ତାହା ଭାଷାରେ ଅବର୍ଣ୍ଣନୀୟ ।

ଆହୁରି ଗୋଟିଏ ବିଷୟର ଅବତାରଣା କରୁଛି । ନେତ୍ର ଆମର ଅତି ସୁକୋମଳ ଅଙ୍ଗ । ଧୂଳିକଣାଟାଏ, ବାଳଟିଏ, ପୋକଟିଏ ସେଥିରେ ପଶିଗଲେ, ଆଖି ଖେଞ୍ଚି ହେବା ଆରମ୍ଭ ହୋଇଯାଏ । ମଣିଷକୁ ଅତିଷ୍ଠ କରି ତୋଳେ । ଯେତେବେଳେ କିସ୍ କଦରରେ ଚକ୍ଷୁକୁ ଏହି ବୈଦେଶିକ ଆକ୍ରମଣରୁ ରକ୍ଷା କରାଯାଏ, ସେତେବେଳେ ଯାଇ ମଣିଷ ଆଶ୍ୱସ୍ତ ହୋଇ ଉଠେ । ଆଶୁ ସନ୍ତୁଷ୍ଟି ଲାଭ କରିଥାଏ ।

ବେଳେ ବେଳେ ଖାଇବା ବେଳେ କଡ଼ା ରାଗୁଆ କଞ୍ଚାମରିଚ ଚୋବାଇଦେଲେ ହାକୁଟି ପରେ ହାକୁଟି ଆସି ଆଉ ଖାଇବାକୁ ଦିଏନାହିଁ । ପାଣି ହେଉ ତୋରାଣି ହେଉ ଦୁଇ ଚାରି ଢୋକ ପିଇଦେଇ ମଣିଷ ହୁ ହୁ ହୋଇ ଜଳୁଥିବା ପାଟିକୁ ଯନ୍ତ୍ରଣା ମୁକ୍ତ କରିଥାଏ । ତାହା ପରେ ଯାଇ ମଣିଷ ଅତିରିକ୍ତ ଖାଦ୍ୟ ଖାଇବାକୁ ମନ ବଳାଇଥାଏ ।

ଉପରୋକ୍ତ ଶାରୀରିକ ଯନ୍ତ୍ରଣା ଗୁଡ଼ିକ ସମସ୍ତଙ୍କର ଅନୁଭୂତିରେ ଆସିଥାଏ ଏବଂ ନିରାକରଣ ହୋଇଗଲେ ମାନସିକ ଭାବରେ ମନୁଷ୍ୟ ସନ୍ତୋଷ ପାଇଥାଏ । ମନ ଉଲ୍ଲସିତ ହୋଇଯାଏ । ଏହାହିଁ ଆଶୁ ସନ୍ତୁଷ୍ଟି ।

Digitized by srujanika@gmail.com

ପୁଅ ଜନମ ପର ଘରକୁ

ଶୀର୍ଷକଟା ଅଖାଡୁଆ ଲାଗୁଛି କି ? ଅଖାଡୁଆ ଲାଗିଲେ ମଧ୍ୟ ଏହା ଆଜିକାଲିର ବାସ୍ତବତା । ଲୋକେ କୁହା କୁହି ହେଉଛନ୍ତି "ବାହା ହେବା ଯାଏଁ ପୁଅ ବାପା ମାଆର । ଭାଇ ଭଉଣୀଙ୍କର । ବାହାପରେ ସେ ପୂରାପୂରି ନିଜ ସ୍ତ୍ରୀର" ଏହା ପ୍ରତ୍ୟେକ ଘରର କାହାଣୀ ।

ପୂର୍ବକାଳରେ ବିବାହୋତ୍ସବ ଗୁଡ଼ିକରେ ବରପକ୍ଷ "କନ୍ୟାସୁନା" ଦେଇ କନ୍ୟାଟିକୁ କ୍ରୟ କରୁଥିଲେ ନିଜ ପୁଅ ନିମନ୍ତେ । କନ୍ୟାଟି ଶ୍ୱଶୁର ଘର ସମ୍ପତ୍ତି ବୋଲି ଗଣ୍ୟ ହେଉଥିଲା । ବାଲ୍ୟକାଳରୁ ତାହାର ପିତା ମାତା ତାକୁ ଲାଳନ ପାଳନ କରି ଶ୍ୱଶୁରଘର ନିମନ୍ତେ ଯୋଗ୍ୟ କରିଥିବାରୁ କନ୍ୟାପିତାଙ୍କୁ 'କନ୍ୟାସୁନା' ଦେଇ ଆଂଶିକ କ୍ଷତିପୂରଣ କରା ଯାଉଥିଲା ।

ହେଲେ କାଳ ଓଲଟି ଗଲା । କନ୍ୟାପିତାଟିକୁ ଆଜିକାଲି 'କନ୍ୟାସୁନା' ନ ଦେଇ ଅପରନ୍ତୁ କନ୍ୟାପିତାଟିକୁ ଲୁଣ୍ଠନ କରାଯାଉଛି 'ଯୌତୁକ' ନାମରେ । ଯୌତୁକର ତାଲିକା ଦାନ୍ତ ଖୁଣ୍ଟା ଠାରୁ ଆରମ୍ଭ କରି ଯାନବାହନ ପର୍ଯ୍ୟନ୍ତ ଲମ୍ବି ଯାଉଛି । କନ୍ୟାପିତାଟି ଜାନ ଆସନ ବିକି ଦାବୀ ପୂରଣ ପାଇଁ ପର୍ଯ୍ୟନ୍ତ କରୁଛି କେବଳ ଝିଅ ମୁହଁକୁ ଦେଖି । ସେଥିରେ ମଧ୍ୟ ତାହାର ନିସ୍ତାର ନାହିଁ । କେଉଁଦିନ ତାହାର ଅଗୋଚରରେ ତାହାର କନ୍ୟା ଶଶୁର ଘରେ ମୃତ୍ୟୁବରଣ କରି ଶ୍ମଶାନରେ ପୋଡ଼ା ହୋଇଯିବ, ସେହି ଦିନକୁ ସେ ଆଶଙ୍କା ଭରା ହୃଦୟରେ ଅପେକ୍ଷା କରି ବସୁଛି । ଯେତେ ଯୌତୁକ ବୋହୂ ପିଲା ଆଣିଥିଲେ ମଧ୍ୟ ବରଘରକୁ ନିଅଣ୍ଟିଆ ଜଣାପଡୁଛି । ବୋହୂକୁ ବାଧ୍ୟ କରାଯାଉଛି ଆହୁରି ଅର୍ଥ ବାପଘରୁ ଆଣିବାକୁ । ତାହାର ଅସାମର୍ଥ୍ୟ ତାକୁ କିରୋସିନି ପେଟ୍ରୋଲ୍ ଆଦି ଦାହକ ପାଖକୁ ଟାଣି ନେଉଛି ।

Digitized by srujanika@gmail.com

ପୁଅଟି ବାହାହୋଇଯିବା ପରେ ଏକାନ୍ତ ଭାବରେ ନିଜର ସ୍ତ୍ରୀର ହୋଇ ପଡ଼ିବା ମୂଳରେ ରହିଲା ଏହି ଯୌତୁକ । ବୋହୂଟି ଭାବୁଛି ଏ ନିଉଛୁଣା ଘରେ କିଛି ନ ଥିଲା । ଆଜି ଯାହା ଯାହା ବିଭବ ଆଖିରେ ସେ ଦେଖୁଛି, ଏ ସବୁ ତାହାର ନିଜ ବାପା ଓ ଭାଇଙ୍କ କ୍ରୀତ ସାମଗ୍ରୀ । ଝିଅଟି ଯଦି ଉଗ୍ର ହୋଇଥାଏ, ତେବେ ଶାଶୁ ନଣନ୍ଦଙ୍କୁ ଏହି ଯୌତୁକ ସାମଗ୍ରୀ ବଳରେ ଅକ୍ତିଆର କରିନିଏ । ସ୍ୱାମୀକୁ ତ କଳା ମେଣ୍ଢା କରି ରଖିଥାଏ ।

ପୁଅଟି ମଧ୍ୟ ଦେଖୁଛି, ଏ ଟିଭି, ଫ୍ରିଜ୍, ସ୍କୁଟର ମୋଟର ସାଇକେଲ୍ । ଗଦ୍‌ରେଜ୍ ଆଲମାରୀ, ସୋଫା ଖଟ ପଲଙ୍କ, ଆଲନା ଆଦି ପଦାର୍ଥମାନ ସେ କିମ୍ବା ତାହାର ପିତୃଦେବ କ୍ରୟ କରି ପାରି ନଥାନ୍ତେ । ଶ୍ୱଶୁର ମହାଶୟ ଏତେ ପଦାର୍ଥ ଦେଇଥିବାରୁ କୃତଜ୍ଞତା ବଶତଃ ତାଙ୍କ ଝିଅର ସବୁ ଅଳି ଅରିମାନ ମେଣ୍ଟାଇବା ସର୍ବାଦୌ ଆବଶ୍ୟକ ।

ଆଉ ଯେଉଁ ବୋହୂପିଲାଟି ନିରୀହ, ସରଳ ସେ ଲୋଟଣୀ ପାରା ପରି ଶାଶୁଘରେ ଖଟି ନିଜକୁ ତିଳ ତିଳ କରି ହତ୍ୟା କରୁଥାଏ । ଜୀବନ ସଂଶୟ ତାହାର ସାଥୀ ହୋଇଥାଏ । ଶାଶୁଘରର ସମସ୍ତ ଅତ୍ୟାଚାରକୁ ସେ ସହ୍ୟ କରିନେବାକୁ ଚେଷ୍ଟା କରୁଥାଏ ଯେ ପର୍ଯ୍ୟନ୍ତ ଖଣିଜ ତୈଳର ସ୍ନାନ ସେ ନ କରିଛି ।

ଆଜିକାଲି ଅଧିକାଂଶ ଝିଅ ଶିକ୍ଷିତା, ଆଧୁନିକା । ପାଶ୍ଚାତ୍ୟ ଦେଶଗୁଡ଼ିକର ସଭ୍ୟତା ସେମାନେ ପଢୁଛନ୍ତି, ଦେଖୁଛନ୍ତି । ସେ ଦେଶଗୁଡ଼ିକରେ ଯୌଥ ପରିବାର ପ୍ରାୟ ନ ଥାଏ । ପୁଅ ଝିଅ ମାନେ ବଡ଼ ହୋଇଗଲେ ନିଜ ନିଜର ବାଟ ଦେଖନ୍ତି । ବୃଦ୍ଧ ପିତାମାତା ସେମାନଙ୍କ ପାଖରେ ଅଦରକାରୀ ହୋଇ ଉଠନ୍ତି । ଏ ସବୁ ଦେଖି ଶୁଣି ଆଜିକାଲି ଶତକଡ଼ା ନବେ ଭାଗ ନବ ବିବାହିତା ପତ୍ନୀ ଗଣ ନିଜର ଅଲଗା ନୀଡ଼ ରଚନା କରିବାକୁ ତତ୍ପର ହୋଇ ଉଠନ୍ତି । ସ୍ୱାମୀ ଏତେବେଶୀ ନିଜର ବାପ, ମାଆ, ପରିବାର ସହିତ ଜଡ଼ିତ ରହୁ, ଏହା ସେମାନେ ଚାହାନ୍ତି ନାହିଁ ।

ଅଲଗା ସଂସାର ପାତିଲେ ପ୍ରଥମତଃ ଶାଶୁ ନଣନ୍ଦ ଗଞ୍ଜଣାଠାରୁ ମୁକ୍ତି ଦ୍ୱିତୀୟତଃ ଖୋଲା ମେଲା ରୋମାନ୍ସର ପ୍ରାପ୍ତି । ଆଜି ପାର୍ଟି, କାଲି ପିକ୍‌ନିକ୍ ପହରିଦିନ କ୍ଲବ୍‌ରେ ଟୁଆଁ ଟୁଇଁ ଜୀବନ ଆନନ୍ଦରେ କଟିଯାଏ । ଯାହା ଘରେ ମୁରବୀମାନଙ୍କ ଗହଣରେ ସମ୍ଭବପର ହୁଏନାହିଁ ।

ଚଉଠୀ ରାତିରେ ବୋହୂ ପିଲାଟି ପୁଅ କାନରେ କି କର୍ଣ୍ଣମନ୍ତ୍ର ଦେଇଥାଏ କେଜାଣି ପର ସକାଳରୁ ସେ ପରିବାର ବିମୁଖ ହୋଇ ଉଠେ । ନିଜର ଭାଇ ଭଉଣୀଙ୍କୁ ଉପେକ୍ଷା କରି ସେ ଶଳା ଶାଳୀଙ୍କର ପ୍ରୀତି ନୌକାର ପଝାରୀ ପାଲଟିଯାଏ ।

ଆଉ ଯଦି ସ୍ୱାମୀ ସରକାରୀ ଚାକିରୀଆଟାଏ ହୋଇଥାଏ, ତେବେ ଅଲଗା ସଂସାର ପାତିବା ସହଜରେ ହୋଇଯାଏ । କଳ କୌଶଳ କରି ଘର ପାଖ ସ୍ଥାନରୁ ଦୂରକୁ ବଦଳି କରାଇଦେଲେ, ପୁଅଟି ଚାହେଁ ତାହାର ସୁଖ, ସୁବିଧା ଆଉ ସେବା ନିମନ୍ତେ ସ୍ତ୍ରୀ ସଙ୍ଗରେ ଯିବା ଅପରିହାର୍ଯ୍ୟ ।

Digitized by srujanika@gmail.com

ବଦଳି ହେଲେ, ସ୍ଥାନାନ୍ତର ସୁବିଧା ନେଇ ପୁଅଟି ଅବିବାହିତା ଭଉଣୀର ଦାୟ ଅବା ସାନ ଭାଇଙ୍କର ପାଠର ମୁଣ୍ଡି ମାରିବାର ଦାୟିତ୍ୱରୁ ନିଜକୁ ମୁକ୍ତ କରିନିଏ । ବରଂ ନୂତନ ସ୍ଥାନକୁ ସେ ଶ୍ୱଶୁର ଘର ବଂଶଙ୍କୁ ନିମନ୍ତ୍ରଣ କରି ତାଙ୍କ ଝିଅକୁ କିପରି ରାଜ ଅୟସରେ ରଖିଛି ତାହା ଦେଖାଇବାକୁ ତତ୍ପର ହୋଇଉଠେ ।

ବୟସ୍କ ବାପ ମାଆଙ୍କର ସେବା କରିବାରୁ ରିହାତି ପାଇ ନୂତନ ଦମ୍ପତିଟି ମୁକ୍ତ ଆକାଶର ବିହଙ୍ଗ ପରି ଉଡ଼ି ବୁଲନ୍ତି । କର୍ତ୍ତବ୍ୟବୋଧରୁ କେତେକ ପୁଅ କିଛି କିଛି ପରିବାର ନିମନ୍ତେ ଅର୍ଥ ପ୍ରେରଣ କରିଥାନ୍ତି । ସେଥିରେ ବାପ ମାଆଙ୍କର ପ୍ରତି ପୁତ୍ରର ଅନୁରକ୍ତି ନ ଥାଏ, ଥାଏ କର୍ତ୍ତବ୍ୟ ବୋଧ ।

ଆଗେ କୁହାଯାଉଥିଲା ଝିଅ ଜନମ ପର ଘରକୁ । ଝିଅ ଜନମ ଚୁଲ୍ଲୀ ମୁଣ୍ଡକୁ କହି କହି ନାରୀ ଶିକ୍ଷାକୁ ଗୋଟାଏ ଶତାବ୍ଦୀ ପଛେଇ ଦେଲୁଁ । ଯାହା ହେଉ ଆଜିକାଲି ଝିଅମାନେ ଫକୀରମୋହନଙ୍କ ରେବତୀ ପରି ହନ୍ତସନ୍ତ ହେଉନାହାନ୍ତି । ଦି'ଅକ୍ଷର ପଢ଼ିବାର ସୁଯୋଗ ତାଙ୍କୁ ମିଳୁଛି । ଅନେକ ଝିଅ ଉଚ୍ଚଶିକ୍ଷା ମଧ୍ୟ ଲାଭ କରୁଛନ୍ତି ।

ଆଉ ବୋହୂପିଲାଟି ଯଦି ଚାକିରୀଆ ହୋଇଥାଏ । ତେବେ ଡବଲ ଇଞ୍ଜିନ୍ ଯୌଥ ପରିବାରରୁ ଦମ୍ପତିଟିକୁ ଭିଡ଼ି ନେଇ ଅନ୍ୟ ଷ୍ଟେସନରେ ପହଞ୍ଚାଇ ଦିଏ । ଅର୍ଥର ପ୍ରାଚୁର୍ଯ୍ୟ ସେମାନଙ୍କୁ ଅନ୍ୟତ୍ର ଜାଗାକିଣି ନିଜର ବାସସ୍ଥାନଟିଏ ସ୍ଥାପନା କରିବାକୁ ପ୍ରବର୍ତ୍ତାଏ । ତା'ପରେ ପୁଅ ନିଜଘରେ କୁଣିଆ ପାଲଟିଯାଏ ।

Digitized by srujanika@gmail.com

ଚାହାଁଣୀ ମଣ୍ଡପ

ପୁରୀ ବଡ଼ଦେଉଳରେ ଗୋଟିଏ ଚାହାଁଣୀ ମଣ୍ଡପ ଅଛି । ମାଆ ଲକ୍ଷ୍ମୀଠାକୁରାଣୀ ସେହି ମଣ୍ଡପ ଉପରେ ବସି ମାଉସୀ ଘରୁ ଫେରୁଥିବା ମହାପ୍ରଭୁ ଜଗନ୍ନାଥଙ୍କୁ ଅନିସା କରିଥାନ୍ତି । ଦେଢ଼ଶୁର ଆଉ ନଣନ୍ଦଙ୍କୁ ଦେଉଳରେ ପ୍ରବେଶ କରାଇଦେଇ ଶ୍ରୀଜଗନ୍ନାଥଙ୍କ ପାଇଁ ଅର୍ଗଳି ପକାଇ ଦିଅନ୍ତି । ବିଚରା କଳା ଠାକୁର ବଡ଼ଭାଇ ଆଉ ଭଉଣୀଙ୍କ ଗହଣରୁ ବିଚ୍ୟୁତ ହୋଇ ସିଂହଦ୍ୱାରରେ ଅଟକି ରହି ଠାକୁରାଣୀଙ୍କ ରୋଷବାଣୀକୁ ହଜମ୍ କରୁଥାନ୍ତି । ଅବଶେଷରେ ରସଗୋଲା ଲାଞ୍ଚ ଦେଇ ଦେଉଳରେ ପଶିବା ପାଇଁ ଭିସା ହାସଲ କରନ୍ତି ।

ବଡ଼ଦେଉଳର ବାହାରେ ନୂତନ ଭାବରେ ସ୍ଥାପିତ ହେଉଥିବା ଭିନ୍ନ କିସମର ଚାହାଁଣୀ ମଣ୍ଡପ ଉପରେ ଦି'ପଦ ଲେଖିବା ପାଇଁ ମୁଁ ତାକୁ ଶୀର୍ଷକ କରିଛି ।

ଜଗତକୁ ନୂଆ ଶତାବ୍ଦୀଟିଏ ପଶି ଆସୁଥିବା କାଳରେ ଦୈନିକ ଓଡ଼ିଆ ସମ୍ବାଦପତ୍ର ଗୁଡ଼ିକରେ ଗୋଟାଏ ଜବର ଖବର ପ୍ରକାଶିତ ହୋଇ ମୋର ଦୃଷ୍ଟି ଆକର୍ଷଣ କରିଥିଲା ।

ପୁରୀ ସହରରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ପ୍ରଦତ୍ତ ଏକ ଧାତବ ଟ୍ରାଫିକ୍ ପୋଲିସ୍ ଷ୍ଟାଣ୍ଡ୍‌କୁ ସହରର ନଗରପାଳ ଉନ୍ମୋଚନ କରିଛନ୍ତି । ସାଢ଼େ ତିନିଟନ ଓଜନ ବିଶିଷ୍ଟ ଏହି ପୋଷ୍ଟଟିକୁ ଦୁଇଲକ୍ଷ ଟଙ୍କା ବ୍ୟୟରେ ଭିଲାଇସ୍ଥିତ ଲୌହ କାରଖାନାରେ ନିର୍ମିତ ହୋଇଅଛି । ପୋଷ୍ଟଟିର ନିର୍ମାଣକର୍ତ୍ତା ଶ୍ରୀଯୁକ୍ତ ଦୁର୍ଗା ରାଓ ମଧ୍ୟ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ । ଏହା ପୁରୀ ସହରକୁ ସଡ଼କ ଯୋଗେ ଆସିବାର ପ୍ରବେଶଦ୍ୱାର ମେଡ଼ିକାଲ୍ ଛକରେ ସ୍ଥାପିତ ହୋଇଛି ।" ଇତି ବାର୍ତ୍ତାଃ ।

ଖବରଟା ପଢ଼ି ଭାବିଲି ଯେ, ବର୍ତ୍ତମାନ ମାନ୍ୟବର କେନ୍ଦ୍ରଇସ୍ପାତ ମନ୍ତ୍ରୀ ମହୋଦୟ

Digitized by srujanika@gmail.com

ପୁରୀ ସହରର ବାସୀନ୍ଦା ହୋଇଥିବାରୁ ନିଜ ସହରର ଶ୍ରୀ ବୃଦ୍ଧି ନିମନ୍ତେ ଏହି ନୂତନ ପ୍ରକାରର ଚାହାଁଣୀ ମଣ୍ଡପକୁ ସ୍ଥାପନ କରିଛନ୍ତି । ସହରର ଦୁର୍ଭାଗ୍ୟ ଯେ, ସେହି ମାନ୍ୟବର ମନ୍ତ୍ରୀ ମହାଶୟ ଇସ୍ପାତ ବିଭାଗର ମନ୍ତ୍ରୀ । ଖଣିଜ ସମ୍ପଦ ବିଭାଗରେ ଥିଲେ ଆମ ସହର ବାଇଶି କ୍ୟାରଟିଆ ସୁବର୍ଣ୍ଣ ଛାଉଣୀ ହୋଇଥିବା ଚାହାଁଣୀ ମଣ୍ଡପଟିଏ ପାଇଥାନ୍ତା ।

ଟ୍ରାଫିକ୍ ପୋଷ୍ଟକୁ ଚାହାଁଣୀ ମଣ୍ଡପ କହିବାରେ ଯଥାର୍ଥତା ରହିଅଛି । କାରଣ ଟ୍ରାଫିକ୍ ପୋଲିସମାନଙ୍କର କର୍ତ୍ତବ୍ୟ ହେଉଛି ଚାରିଆଡ଼କୁ ନଜର ପକାଇବା । କେଉଁ ପଟର ଗାଡ଼ି ମଟର ଗୁଡ଼ିକୁ ଛାଡ଼ିବେ ଆଉ କେଉଁ ପଟର ଯାନବାହନକୁ ରୋକିବେ, ତାହା ସେ ନଜର ପକାଇ ଆବଶ୍ୟକତା ଅନୁଯାୟୀ ନିର୍ଣ୍ଣୟ କରିଥାନ୍ତି । ମୁହଁରେ ସୁସୁରୀ ମାରି ଆଉ ଦୁଇହାତରେ ବନ୍ଦ ସଂକେତଥିବା ଟିଣ ପ୍ଲେଟ୍ ସାହାଯ୍ୟରେ ଯାନବାହନର ଯାତାୟତକୁ ନିୟନ୍ତ୍ରଣ କରିଥାନ୍ତି ।

ଭାବିଲି ଖୁବ୍ ଭଲ କାମଟିଏ ମନ୍ତ୍ରୀ ମହୋଦୟ କରିଛନ୍ତି । ଅନ୍ତତଃ ଟ୍ରାଫିକ୍ ପୋଲିସ୍‌କୁ ମେଡିକାଲ ଛକର ବନ୍ୟା ଦାଉରୁ ସୁରକ୍ଷିତ କରି ରଖିପାରିଛନ୍ତି । ତାହା ବ୍ୟତୀତ ଆମ ସହରର ଶ୍ରୀ ମଧ୍ୟ ବର୍ଦ୍ଧିତ ହୋଇଛି । ଚାରି ଧାମରେ ପୁରୁଷୋତ୍ତମ ପୁରୀ ହେଉଛି ଅଉଲ ନମ୍ବର ଧାମ । ପୂର୍ବେ ବହୁ ତୀର୍ଥଯାତ୍ରୀ ରେଳଯୋଗେ ପୁରୀ ତୀର୍ଥକୁ ଆସୁଥିଲେ । ଏବ କାଳକୁ ରାସ୍ତାଘାଟର ପ୍ରଭୂତ ଉନ୍ନତି ହେବା ଫଳରେ ରେଳଯାତ୍ରା ଅପେକ୍ଷା ବସ୍‌ଯାତ୍ରା ଅଧିକ ସୁବିଧାଜନକ ହେଉଛି । ତେଣୁ ଭାରତବର୍ଷର ବିଭିନ୍ନ ରାଜ୍ୟର ରେଜିଷ୍ଟ୍ରେସନ ନମ୍ବ ବହନ କରି ହଜାର ହଜାର ବସ୍ ପୁରୀରେ ପହଞ୍ଚୁଛନ୍ତି । ମେଡିକାଲ୍ ଛକ ପୁରୀ ସହର ବହୁଳ ଭାବରେ ବ୍ୟବହୃତ ଏକ ପ୍ରବେଶ ପଥ । ଆସୁଥିବା ତୀର୍ଥ ଯାତ୍ରୀଗଣ ପୁରୀ ଧାମରେ ଏପରି ବିରଳ ଚାହାଁଣୀ ମଣ୍ଡପକୁ ଦେଖି ନିଶ୍ଚୟ ବିମୋହିତ ହେବେ ଏବଂ ପୁନଃ ପୁନଃ ଅନାଉଥିବେ । ତାପରେ ଘରକୁ ଫେରିବା ପରେ ସାହି ପଡ଼ିଶାଙ୍କ ଆଗରେ ବଖାଣି ବସିବେ ।

ପିଣ୍ଡ ଦାନର ଲେପ ଭାଗ ପରି ଆଉ ଟିକିଏ ଅତିରିକ୍ତ ସମ୍ବାଦ ମଧ୍ୟ ପ୍ରକାଶିତ ହୋଇଥିଲା ଯେ, ମାନ୍ୟବର ଇସ୍ପାତ ମନ୍ତ୍ରୀ ସହରର ଶୋଭା ବର୍ଦ୍ଧନ କରିବାକୁ ଅନ୍ୟାନ୍ୟ ଛକ ଗୁଡ଼ିକରେ ମଧ୍ୟ ଆସ୍ତେ ଆସ୍ତେ ଧାତବ ଟ୍ରାଫିକ୍ ପୋଷ୍ଟମାନ ସ୍ଥାପନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ଖବର ସବୁ ପଢ଼ି ସାରିବା ପରେ ଦୁଇଦିନ ପୂର୍ବେ ଉଦ୍‌ଘାଟିତ ହୋଇଥିବା ମେଡିକାଲ୍ ଛକର ସେ ଲୌହମଣ୍ଡପଟିକୁ ଦେଖି ଆସିବା ମୁଁ ଏତେ ବ୍ୟଗ୍ର ହୋଇ ପଡ଼ିଲି ଯେ, ସକାଳର ଯାବତୀୟ କର୍ମ୍ମ ଅଞ୍ଜାମ କରିବା ପରେ ଟାଣ ଖରା ହେଉ ପଛକେ ବାହାରି ଗଲି । ମେଡିକାଲ୍ ଛକଟା ଆମ ଘର ପାଖରୁ ବହେ ବାଟ । ଯିବା ଆସିବା ଚ'ରି ପାଞ୍ଚ କିଲୋମିଟରରୁ ଊଣା ନୁହେଁ । ଟାଣ ଖରାକୁ ମୋର ବେଛପରି ମୁଣ୍ଡ । ତଥାପି ସାଇକେଲ ଧରି ମୁଁ ମଣ୍ଡପ ଦର୍ଶନକୁ ବାହାରି ପଡ଼ିଲି ।

ଗଳଦ୍‌ଘର୍ମ୍ମ ହୋଇ ମେଡିକାଲ୍ ଛକରେ ପହଞ୍ଚିଲି । ପ୍ରଥମ ଦେଖାରେ ସେହି

Digitized by srujanika@gmail.com

ଧାତବ ମଣ୍ଡପଟିକୁ ଭଲ ପାଇ ବସିଲି । ଛକର ଠିକ୍ ମଧ୍ୟ ଭାଗରେ ସ୍ଥାପିତ । ପୁରୁଷ ଉଚ୍ଚା ଷ୍ଟାଣ୍ଡ ଉପରେ ଟ୍ରାଫିକ୍ ପୋଲିସ୍ କର୍ତ୍ତବ୍ୟରତ । ଈଷତ୍ ଗୋଲାପୀ ରଙ୍ଗର ମଣ୍ଡପଟି ଠାକୁର ବିମାନ ଶୈଳୀରେ ନିର୍ମିତ ହୋଇଥାଏ । ମଣ୍ଡପର ଛାତ ମଧ୍ୟ କଳାତ୍ମକ ଶୈଳୀରେ । ଖରାବର୍ଷାରୁ ରକ୍ଷା ପୋଲିସ୍‌ଙ୍କୁ । ମଣ୍ଡପର ଚାରି ପଟରେ ବିଜ୍ଞାପନ ବଦଳରେ ଅଙ୍କିତ ଆୟତ କ୍ଷେତ୍ର ଗୁଡ଼ିକ ତାହାର ଶୋଭାକୁ ଦ୍ୱିଗୁଣିତ କରିଥାଏ । ଅଲବତ୍ କାମଟାଏ ହୋଇଛି ।

ଅନେକ ସମୟଧରି ଗୋଟାଏ ଦୋକାନର ଛାଇରେ ଠିଆ ହୋଇ ସେ ମଣ୍ଡପକୁ ଦେଖୁଥାଏ । ଯେତେ ଦେଖିଲେ ମଧ୍ୟ ମନ ଛାଡୁ ନଥାଏ । କର୍ତ୍ତବ୍ୟରତ ପୋଲିସଙ୍କର ରାସ୍ତା ରୋକ-ରାସ୍ତା ଛାଡ଼ ଦେଖୁଥାଏ ।

ଆରେ ଆରେ ଏଗୁଡ଼ିକ କିଏ ? ଦେଖିଲି ଛକକୁ ଚାରିପଟରୁ ଆସିଥିବା ଚାରିଟି ରାସ୍ତାର ଠିକ୍ ମଧ୍ୟ ଭାଗରେ ଜୀବନକୁ ଯାନବାହନ ଆଗରେ ବାଜି ମାରିଦେଇ, ଚାରିଜଣ ଗୃହରକ୍ଷିଣୀ ହାତରେ ନାଲି ପତାକା ଖଣ୍ଡିଏ ଖଣ୍ଡିଏ ଧରି କେନ୍ଦ୍ରସ୍ଥଳରେ ଯାତାୟତକୁ ନିୟନ୍ତ୍ରଣ କରୁଥିବା ପୋଲିସ୍‌ର ନିର୍ଦ୍ଦେଶ ମୁତାବକ ନିଜ ନିଜ ପଟର ରାସ୍ତାକୁ ବନ୍ଦ କରୁଛନ୍ତି ଏବଂ ଖୋଲୁଛନ୍ତି । ବିଚାରୀଗୁଡ଼ିକ ଖରା ବର୍ଷାରେ ଘଣ୍ଟା ଘଣ୍ଟା ଧରି ଠିଆହୋଇ କାର୍ଯ୍ୟ କରିଯାଉଛନ୍ତି । ଆମ ଗୃହରକ୍ଷୀ ବାହିନୀରେ ଗୃହରକ୍ଷୀଙ୍କର ଅଭାବ ନାହିଁ । ତେବେ କାହିଁକି ଏହି ଅବଳାଗୁଡ଼ିକୁ ଏପରି ବିପଦପୂର୍ଣ୍ଣ କାର୍ଯ୍ୟ ନ୍ୟସ୍ତ କରାଯାଇଛି ?

ଖରାରେ ଆସିଥିବାରୁ ତଣ୍ଟି ଶୁଖି ଯାଇଥାଏ । ପାଖରେ ଥିବା ଗୋଟିଏ ଦୋକାନରୁ ଥଣ୍ଡା ପାନୀୟଟିଏ କ୍ରୟ କରି ଆସ୍ତେ ଆସ୍ତେ ପିଇବାକୁ ଆରମ୍ଭ କଲି । ଦେହ ମନ ଶୀତଳ ହେବାରେ ନାନା ଭାବନା ମନରେ ମଣ୍ଡପକୁ ଚାହିଁ ଚାହିଁ ଆସିଲା । ଲେଖକ ଆଉ କବିମାନେ କଳ୍ପନାଜୀବି । ଈଶ୍ୱର ଦେଇଥିବା ଦୁଇଟି ନେତ୍ର ବ୍ୟତୀତ ତୃତୀୟ ନେତ୍ର ସେମାନଙ୍କର ଥାଏ ବୋଲି ଜନ ବିଶ୍ୱାସ । ସେହି ନେତ୍ରରେ ସେମାନେ କଳ୍ପନା ଲୋକକୁ ଦେଖି ଆଖିଁ ଦେଖା ହାଲ୍ ବୟାନ କଲା ପରି କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଆଦିରେ ଫୁଟାଇଥାନ୍ତି । ତାହା ନ ହେଉଥିଲେ କବିବର ରାଧାନାଥ ରାୟ କିପରି ଊନବିଂଶ ଶତାବ୍ଦୀରେ ଚିଲିକା କୂଳରେ ବସି ଐତିହାସିକ କାଳର ମହାରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚୀ ଫେରନ୍ତା ଦୃଶ୍ୟ ଦେଖି ପାରିଥାନ୍ତେ ? ଥଣ୍ଡା ପାନୀୟଟି ସେହିପରି ଗୋଟାଏ ମଧୁରିଆ ଭାବନା ଜାଗ୍ରତ ହେଲା । ମୁଁ ଐତିହାସିକ ଯୁଗରୁ ଏକାବେଳକେ ପୌରାଣିକ ଯୁଗକୁ ଚାଲିଗଲି । ଭାବିଲି ଆଛା ! ଏହି ଟ୍ରାଫିକ୍ ପୋଲିସ୍‌କୁ ଶ୍ରୀକୃଷ୍ଣଙ୍କ ବେଶ ଭୂଷାରେ ସଜ୍ଜିତ କରି ହାତରେ ସୁସୁରୀ ବଦଳରେ ବଂଶୀ ଖଣ୍ଡିଏ ଧରାଇଦେଲେ ବଡ଼ ଶୋଭାବନ ଦିଶନ୍ତା । ଆଉ ସେହି ଚାରିପାଖ ଚାରିଜଣ ଗୃହରକ୍ଷିଣୀଙ୍କୁ ଗୋପବାଳା ସଜେଇ ଲାଲଝଣ୍ଡା ପରିବର୍ତ୍ତେ ଚାରିଟି ପଦ୍ମକୋରକ ଧରେଇ ଦେଲେ ଦୃଶ୍ୟଟା ବଡ଼ ଚମତ୍କାର ହୁଅନ୍ତା । ପୃଥିବୀର ଅଦ୍ୱିତୀୟ ହୋଇ ଉଠନ୍ତା ଏହି ଟ୍ରାଫିକ୍ ପୋଷ୍ଟଟା । ହିନ୍ଦୀ ଫିଲ୍ମରୁ ପଦଟିଏ ମନକୁ ଆସିଗଲା ।

"ଚାରୋଁ ତରଫ ଗୋପୀୟାଁ

Digitized by srujanika@gmail.com

ବିଚ୍‌ମେ କହ୍ନେୟା !"

ନିଜ ଭାବନାରେ ଉଲୁସି ଉଠି ମୁଁ ଦର୍ଶନ ପର୍ବ ସମାପ୍ତ କଲି । ଫେରନ୍ତି ବେଳକୁ ସୂର୍ଯ୍ୟଦେବ ଆହୁରି ପ୍ରଚଣ୍ଡ ହୋଇ ଉଠିଥାନ୍ତି । ଦୀର୍ଘ ପଥ ସାଇକେଲ୍ ଚାଳନା କରି ଅବଶେଷରେ ଘରେ ପହଞ୍ଚିଲି ରୌଦ୍ର ତାପରେ ମୁହଁଟା ନାଲି ପଡ଼ିଯାଇଥାଏ । ମୋର ଏପରି ଅବସ୍ଥା ଦେଖି ପରିବାର ବର୍ଗ ମୋର ଅସମୟ ଯାତ୍ରାର ଉଦ୍ଦେଶ୍ୟ ଜାଣିବାକୁ ଚାହିଁଲେ । ଠିକେ ଠିକେ ସେମାନଙ୍କୁ କଥାଟା ଜଣେଇ ଦେଇ ମୁଁ ଧୁଆଧୋଇ ହେବାକୁ ଗାଧୁଆ ଘରକୁ ପଶିଗଲି ।

ବାଥ୍‌ରୁମ୍‌ର ବାହାରିବାରେ ଗୃହିଣୀ ଅତିରିକ୍ତ ପ୍ରଶ୍ନଟାଏ ଛାଟିଦେଲେ । "ଦେଖିବା ବେଳ କଣ ପଳାଇ ଯାଉଥିଲା" ?

ସେଦିନ ମୁଁ ତାଙ୍କୁ ନିମ୍ନ ପ୍ରକାରେ ଉତ୍ତର ଦେଇଥିଲି । "ବେଳ ନୁହେଁ କାଳ ପଳେଇ ଯାଉଥିଲା । ତତ୍‌କାଳ ଦର୍ଶନର ସୁଯୋଗ ତ ହରେଇ ଦେଇଥିଲି । ଏବେ ନ ଦେଖିଥିଲେ କିୟତ୍‌କାଳକୁ ମଧ ହରେଇ ଥାନ୍ତି । ତା'ପରେ ହୋଇଥାନ୍ତ । ବହୁ କାଳାନ୍ତେ ଦର୍ଶନର ଯୋଗ ।"

ସଦ୍ୟ ଦେଖିଆସିଥିବା ନୂତନ ପ୍ରକାରର ଚାହାଁଣୀ ମଣ୍ଡପର ଶୋଭା, ପରିପାଟି ଆଉ ତାହାର କାରୁକଳା ମୋ' ମନରୁ ତଥାପି ଲିଭି ନ ଥାଏ । ଏହି ପୁରୀ ସହରଟି ତୀର୍ଥକ୍ଷେତ୍ର ହେବା ବ୍ୟତୀତ ଗୋଟିଏ ପର୍ଯ୍ୟଟନ ସ୍ଥଳୀ । ଏହାର ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରେ । ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ବର୍ଷସାରା ପୁରୀକୁ ଆସିଥାନ୍ତି । ସେମାନେ ଏହି ଚାହାଁଣୀ ମଣ୍ଡପର କାହାଣୀ ନିଜ ନିଜ ଦେଶରେ ଯାଇ ପ୍ରଚାର କରିବେ ।

ଇତି ମଧ୍ୟରେ ସହରର ଆଉ କେତୋଟି ଛକରେ ମନ୍ତ୍ରୀ ମହୋଦୟଙ୍କ ପ୍ରତିଶ୍ରୁତି ପ୍ରତିଫଳିତ ହୋଇ ଏବେ ଅନେକ ଧାତବ ଟ୍ରାଫିକ୍ ପୋଷ୍ଟ ସ୍ଥାପିତ ହୋଇସାରିଛି । ହେଲେ ଆୟତନ ଆଉ ବର୍ଣ୍ଣ-ବୈଭବରେ ମେଡିକାଲ୍ ଛକର ଚାହାଁଣୀ ମଣ୍ଡପଟି ଅନ୍ୟ ଗୁଡ଼ିକର ନାକ କାନ କାଟି ଦେଉଛି ।

Digitized by srujanika@gmail.com

ଆଉଟ୍ ଡେଟେଡ୍

ଆଜି ଯେ ରାଜେନ୍ଦ୍ର ଆସନେ କାଲି ସେ ଫକୀର । ଭାଗ୍ୟ ପରିବର୍ତ୍ତନର ଶିକାର ମନୁଷ୍ୟ ହୋଇ ଆସୁଛି । ଆଜି ଯେଉଁ ବ୍ୟକ୍ତି ପୂଜିତ, କାଲି ସେ ଘୃଣିତ । ଆଜି ଯେ ନିନ୍ଦିତ କାଲି ସେ ସମ୍ମାନିତ ।

ସଭ୍ୟ ମଣିଷ ସଭ୍ୟତାର ପ୍ରଗତି ଆଣିବାରେ ଚେଷ୍ଟିତ । ବୁଦ୍ଧିମାନ୍ ମନୁଷ୍ୟ ବିଜ୍ଞାନ ବଳରେ ନିତ୍ୟ ନୂତନ ନୂତନ ପ୍ରକାରର ଦ୍ରବ୍ୟ ଉତ୍ପାଦନ କରିବାରେ ବ୍ୟସ୍ତ । ଏହି ଉତ୍ପାଦିତ ବସ୍ତୁଗଡ଼ିକ ମନୁଷ୍ୟର ଆବଶ୍ୟକତା ପୂରଣ କରିଥିଲେ କିଛିକାଳ ପାଇଁ । ତାହାପରେ ସେହି ଦ୍ରବ୍ୟର ଆବଶ୍ୟକତା କେହି ଅନୁଭବ କରନ୍ତି ନାହିଁ । ତାକୁ ଭୁଲି ଯାଆନ୍ତି ।

ଉଦାହରଣ ସ୍ୱରୂପ ଏହି ଗ୍ରାମୋଫୋନ୍‌କୁ ନିଅନ୍ତୁ । ଉଦ୍ଭାବିତ ଫନୋଗ୍ରାମ୍ ରାଜୁତି କରିଥିଲା । ଜନମନ ହରଣ କରିଥିଲା । ରେଡ଼ିଓ ଉଦ୍ଭାବିତ ହେଲା । ସୁଇଚ୍ ମୋଡ଼ିଲେ ଗୀତ, ପଛୁଆ ମୋଡ଼ିଲେ ଠପ୍‌କିନା ବନ୍ଦ ହୋଇଗଲା । ଆଉ କିଏ ଚାବି ଦେଉଛି ? ପିନ୍ ବଦଳାଉଛି ? ବଖତବେଳେ ଜଗିବସି ରେକର୍ଡ଼ ଉପରୁ ସାଉଣ୍ଡବକ୍ସକୁ ଉଠାଉଛି ? କାମ ସରିଲେ ଅଷ୍ଟବକ୍ର ସାଉଣ୍ଡ ବକ୍ସକୁ ଥୋଇ ଗ୍ରାମ୍‌ଫୋନ୍ ବାକ୍ସ ବନ୍ଦ କରୁଛି ?

ହୋଇଗଲା ଗୋଟାଏ ସାଙ୍ଗୀତିକ ଯନ୍ତ୍ରର ମୃତ୍ୟୁ । ରେଡ଼ିଓ, ଟ୍ରାଞ୍ଜିଷ୍ଟର, ଟେପ୍‌ରେକର୍ଡ଼ର ସଙ୍ଗୀତରେ ପୃଥିବୀ ମୁଖରିତ ହୋଇ ଉଠିଲା । ଗୀତ, ବାଦ୍ୟ, ନାଟକ, ଖବର, ଖେଳର ଆଖୋଁ ଦେଖା ହାଲ୍ ଆଦି ରେଡ଼ିଓ ମାଧ୍ୟମରୁ ଶୁଣି ଆମେ ସନ୍ତୁଷ୍ଟ ଥିଲୁ ।

ପୁଣି ପରଦା ଭିତରୁ ବାହାରି ଆସିଲା ଟି.ଭି. । ସେ କହିଲା, ଆରେ ଖାଲି ଆଖୋଁ ଦେଖା ହାଲ୍ କ'ଣ ଶୁଣାଉଛ ? ମୁଁ ସାକ୍ଷାତରେ ଦେଖାଇ ଦେବି ଗୋଟି ଗୋଟି

Digitized by srujanika@gmail.com

କରି । ଫିଲ୍ମ ଦେଖାଇବା ପ୍ରକାରେ ।

ହେଇଗଲା ରେଡ଼ିଓ ଟ୍ରାଞ୍ଜିଷ୍ଟର ଅକାମୀ । ଏବେ ଅନେକଙ୍କ ଘରେ ଖୋଜିଲେ ମଧ୍ୟ ରେଡ଼ିଓଟାଏ କି ଟ୍ରାଞ୍ଜିଷ୍ଟର ବକଟେ ଦେଖିବାକୁ ମିଳିବ ନାହିଁ । ଦଶ ପଚାଶ ଘରେ ଗୋଟାଏ ଅଧେ ଥିବ କି ନାହିଁ । ଘରେ ଘରେ ଛୋଟ ବଡ଼ ବିଚାର ନ ରଖି ରଙ୍ଗୀନ, କଳା-ଧଳା ଟି.ଭି. ଆଉ ଭି.ସି.ଆର୍. । କ୍ୟାସେଟ୍ ଯୁଗରେ ସଙ୍ଗୀତ ଆଉ ନାଟକ ରାଜ୍ କରୁଛନ୍ତି । ମନଛୁଆଁ ପ୍ରୋଗ୍ରାମ୍ ଗୁଡ଼ିକ ଟିଭି ଚିତ୍ରରୁ ରେକର୍ଡ଼ କରିନେଇ ମନୋମତ ନିଜର ବିଶ୍ରାମ ସମୟରେ ଦେଖିବା ମିଳୁଛି । ବିଜ୍ଞାନ କ'ଣ ନ କରିଛି ?

ଭିଡିଓ ପାଇଁ ସିନେମା ହଲ୍ ଗୁଡ଼ିକର କାଟ୍‌ତି କମି ଯାଇଛି । କିଏ ଯାଇ ଲାଇନ୍ ମାରି ଟିକେଟ ସଂଗ୍ରହ କରି ଶହ ଶହ ଦର୍ଶକଙ୍କର ନିଶ୍ୱାସରେ ଉଷ୍ମ ପରିବେଶରେ ତିନିଘଣ୍ଟା କଟାଉଛି ? ଘରେ ରହି ବିଛଣାରେ ଶୋଇ ଶୋଇ ଚୌକିରେ ବସି ବସି ଅବଶ୍ୟ ସିନେମାହଲ୍‌ରେ ପ୍ରଦର୍ଶିତ ଛବିର ଆକାର ନ ହେଉ ପଛକେ, ମିନି ରୂପରେ ପରିଷ୍କାର ସେହି ଛବି ଦେଖୁଛି । ସେହି ଛବି ସେହି ଗୀତ, ସେହି ନାଚ, ସେହି ଫାଇଟିଂ, ସେହି ଦଉଡ଼ା ଧାପଡ଼ା ଏକୋଇଶି ଇଞ୍ଚିଆ ପରଦାରେ ଦିଶୁଛି ପ୍ରାଞ୍ଜଳ ଭାବେ । ଆଉ ରିକ୍ସାରେ, ଚିନାବାଦାମରେ, ପାନ ସିଗାରେଟ୍‌ରେ, କୋଲ୍ଡ ଡ୍ରିଙ୍କସ୍‌ରେ ପଇସା ଉଡ଼ାଇବାକୁ ଇଚ୍ଛା ହେଉ ନାହିଁ । ତେଣୁ ସିନେମା ହଲ୍ ମଧ୍ୟ ସମୟ ଆସିବ ଆଉଟ୍ ଡେଟେଡ୍ ହୋଇଯିବ ।

ସେହିପରି ଆଗେ ସାଇକେଲ ଚଢ଼ାଳିଙ୍କ ସୁବିଧା ପାଇଁ ଫୁଲ୍‌ପ୍ୟାଣ୍ଟକୁ ଶାୟେସ୍ତା କରି ଚେନ୍ ଭିତରେ ଅନୁପ୍ରବେଶକୁ ରୋକିବା ପାଇଁ କ୍ଲିପ୍ ମିଳୁଥିଲା । ଏହା ପୁଣି ଦୁଇ ପ୍ରକାରର ଥିଲା । ଗୋଟାଏ ଗୋଲ୍ ପାତିଆ ପରି ଥିଲା । ପ୍ୟାଣ୍ଟକୁ ଭାଙ୍ଗି ତାକୁ ଈଷତ୍ ମେଲାଇ ଗୋଡ଼ ନଳୀରେ ଗଳାଇବାକୁ ପଡୁଥିଲା । ଆଉ କଏନୀ ଗୋଡ଼ରେ ବଳା ପିନ୍ଧିବା ପରି ପିନ୍ଧିବାକୁ ପଡୁଥିଲା । ଅନ୍ୟ ପ୍ରକାରଟି ଲମ୍ବାଳିଆ । ପ୍ୟାଣ୍ଟରେ ଠିଆ ବାଗରେ ଲଗାଇ ଦେଲେ ବିଚରାଟି ପ୍ରାଣପଣେ କାମୁଡ଼ି ଧରି ପ୍ୟାଣ୍ଟକୁ ଆୟତ୍ତ କରି ରଖେ । ଏବେ ସେଗୁଡ଼ିକ ଆଉଟ୍ ଡେଟେଡ୍ । ଲୁଗା ଶୁଖେଇବା କ୍ଲିପ୍‌ର ରୂପ ନେଲେଣି ଏବକୁ ।

ଜିନିଷ ପତ୍ର ଉପରୁ ପାଠ ଉପରକୁ ଆସନ୍ତୁ । ସଭ୍ୟତାର ଏ ବିଭାଗଟି ସରସ୍ୱତୀ, ଗଣେଶଜୀଙ୍କର ଭଜମାଲି ସମ୍ପତ୍ତି । କାହାଣ ପଣ ପଣକିଆ ଏବେ ଆଉଟ୍ ଡେଟେଡ୍ । ସେତେବେଳେ ଟଙ୍କାକୁ ଷୋହଳ ଅଣା ଥିଲା । ଚଉଷଠୀ ପଇସା, ଶହେ ଅଠେଇଶି ଅଧଲା, ଶହେ ବୟାନବେ ପାହୁଲା ଥିଲା । ଷୋହଳ ପଣ ହୋଇଗଲେ କାହାଣଟିଏ ହୋଇଯାଉଥିଲା । ଫଳରେ ଆମେ କାହାଣ ପଣକୁ ଟଙ୍କା ଅଣା କରିଦେଇ ଗାଣିତିକ ପ୍ରଶ୍ନର ଉତ୍ତର ଦେଉଥିଲୁ ସହଜରେ ।

ଟଙ୍କାଟା ଚଉଷଠି ପଇସାରୁ ଶହେ ପଇସାକୁ ବୃଦ୍ଧି ପାଇଲା । ଆସିଗଲା ମେଟ୍ରିକ୍ ଯୁଗ ! କ୍ରୋଶ, ମାଇଲ୍, ଫର୍ଲଙ୍ଗ ଆଜି ହେଇଗଲେ କିଲୋମିଟର, ଡେକାମିଟର, ହେକ୍ଟୋମିଟର । ଧାନ ଫଳା ଜମିଗୁଡ଼ିକ ମାଣ, ଗୁଣ୍ଠ, ବିଶ୍ୱାରୁ ଯାଇ ଡେସିମିଲରେ

Digitized by srujanika@gmail.com

ପହଞ୍ଚିଗଲେ । ଗଜ, ଫୁଟ, ଇଞ୍ଚ ପଡ଼ିଗଲେ ମିଟରର କବଳରେ । 'ଧଇଲେ ଦଶ-ଗଣନା ବଶ' ହୋଇଗଲା ।

ସୁପର୍ ଉଦ୍ଭାବନ ହେଲା କମ୍ପ୍ୟୁଟର, ଟେଲି କମ୍ୟୁନିକେଶନ୍ ଆଜିକାଲି । କମ୍ପ୍ୟୁଟର ଯନ୍ତ୍ରଟା ସାଙ୍ଗେ ସାଙ୍ଗେ ସୂକ୍ଷ୍ମାତିସୂକ୍ଷ୍ମ ଗାଣିତିକ ଗଣନା କରି ପାରୁଛି । ଚେସ୍ ଖେଳି ପାରୁଛି । ଉଡ଼ାଜାହାଜ ଚଳାଇ ପାରୁଛି । ଭାଷା ବଦଳାଇ ପାରୁଛି । କଅଣ ନ କରୁଛି ? ଛପେଇ, ଲେଖଇ, ଚଲେଇ ଆଦି ସବୁ ସ୍ଥଳରେ କମ୍ପ୍ୟୁଟର ପଶି ଯାଇଛି ।

ମନୁଷ୍ୟ ଏକ ଅସନ୍ତୁଷ୍ଟ ପ୍ରାଣୀ । ଯେତେ ପାଇଲେ ମଧ୍ୟ ସେ ଭିକାରୀ । ଗୋଟିଏ ଉଦ୍ଭାବନରେ ସେ ସନ୍ତୋଷ ଲାଭ କରିପାରେ ନାହିଁ । ଆହୁରି ଆହୁରି ଉପରକୁ ସେ ଉଠିବାକୁ ଚାହେଁ । ଚନ୍ଦ୍ରକୁ ଛାଡ଼ି ସେ ମଙ୍ଗଳ ଗ୍ରହ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛି । ପରମାଣୁ ବୋମାର ଆଗ୍ନେୟଗିରି ଉପରେ ସେ ବସି ବେଶ୍ ହିକିମତ୍ ଦେଖାଇ ଚାଲିଛି । ଆମେ ଯୁଗ ଆଉ ଜୀବନ ମଧ୍ୟରେ ଯେତିକି ମେଳ ଯେତିକି ସୁବିଧା ପାଇଲୁ ପାଇଗଲୁ । ମୋ ପରି ଷାଠିଏ ପାରି ବୟସର ଲୋକଙ୍କ ବାପା ଦାଦାମାନେ ଟିଭି ଦେଖି ନ ଥିଲେ । ମୋ ଗୋସିବାପା ରେଡ଼ିଓ କ'ଣ ଜାଣି ନ ଥିଲେ । ତାଙ୍କ ବାପା ଉଡ଼ାଜାହାଜ କ'ଣ ଜାଣି ନଥିଲେ । ଉଡ଼ନ୍ତା ଯାନ ଭିତରେ ରାବଣର ପୁଷ୍ପକ ବିମାନକୁ ଯାହା କଳ୍ପନା ମାତ୍ର କରିଥିବେ ।

ଆମେ ଧ୍ୱଂସ ବି ଦେଖିଲୁ । ସୃଷ୍ଟି ମଧ୍ୟ ଦେଖିଲୁ । ମୋର ଅଜା ପୁରୀ, କଟକ, ବାଲେଶ୍ୱର ପାଦରେ ଏକାଠି କରିଥିଲେ ନଈ ନାଳ ଡେଇଁ । ମୁଁ ମାଇଲିଏ ବାଟକୁ ମଟର ବସ୍ ଆବଶ୍ୟକ କରୁଛି । ଜନାଜୀର୍ଣ୍ଣ ହୋଇଥିଲେ ଗୋଟିଏ ପାଦରେ ପଛକେ ଠିଆ ହୁଏ, ବସ୍ ଯାତ୍ରା ମାଇଲିକ ପାଇଁ ମୋର ଆବଶ୍ୟକ ହୋଇଯାଉଛି । ମହାତ୍ମା ଗାନ୍ଧି ପଦବ୍ରଜରେ ସାରା ଭାରତ, ପ୍ରଦକ୍ଷିଣ କରିଥିଲେ । ଆମେ ବହିରୁ ପଢ଼ି ଯାହା ଜାଣିଛୁ ।

ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରିବା ଆଉଟ୍ ଡେଟେଡ୍ ହୋଇଆସୁଛି । ମିଛକୁ ଫୁଲେଇ ହୋଇ ସୂର୍ଯ୍ୟ ସିନା ଉଦୟ ହେଉଛନ୍ତି, ସେ ଜାଣୁଥିବେ ଏ ମହୋତ୍ସବର ଦର୍ଶକ ସଂଖ୍ୟା କେତେ ନଗଣ୍ୟ । ପାଶ୍ଚାତ୍ୟ ସଭ୍ୟତାର ଗଭୀର ରାତ୍ରି ପର୍ଯ୍ୟନ୍ତ ଜାଗରଣ ଏବଂ ବିଳମ୍ବରେ ଶଯ୍ୟାତ୍ୟାଗ ପ୍ରକ୍ରିୟା ଆମକୁ ସଂକ୍ରମିତ ହେଲାଣି ।

ଚାଲିଚଳନ କଥାବାର୍ତ୍ତାରେ ମଧ୍ୟ ଭୂୟସୀ ପରିବର୍ତ୍ତନ ହେଲାଣି । ଭୂମିଷ୍ଠ ପ୍ରଣାମ ଉଭେଇ ଗଲାଣି । ଅତି ବେଶିରେ ଅଣ୍ଟାକୁ ନବେ ଡିଗ୍ରୀକରି ଗୋଟିଏ ଆଙ୍ଗୁଳିରେ ଭୂମିସ୍ପର୍ଶ କରିବା ଅବସ୍ଥାରେ ପହଞ୍ଚିଲାଣି । ଅତିଥି ଅଭ୍ୟାଗତଙ୍କୁ ଆପ୍ୟାୟିତ କରିବା, ସୁବ୍ୟବହାର ଦେଖାଇବା, ଦୁଃଖୀର ଦୁଃଖ ନେବା ଆଦି କାର୍ଯ୍ୟ କାଁ ଭାଁ କେବେ କୋଉଠି କୋଉଠି ହେଉଛି ।

ଦାନ ପୁଣ୍ୟ, ଧର୍ମ୍ମଅର୍ଜ୍ଜନ ଆଦି ଆଉଟ୍ ଡେଟେଡ୍ । ସଂସାରେ ଥିବ ଯେତେ ଦିନ ଆନନ୍ଦ କରୁଥିବ ମନ । ନିଜ ପାଇଁ ସ୍ୱାଚ୍ଛନ୍ଦ୍ୟ, ସୁଯୋଗ, ବ୍ୟସନ ଆଦି ଖୋଜିବାରେ ମନୁଷ୍ୟ ବ୍ୟସ୍ତ । ମେଳା, ମଉଚ୍ଛବ ଆଦି ଫିକା ପଡ଼ିଗଲାଣି । ଏ ଟିଭି ଯୁଗରେ । ପୁରାଣ

Digitized by srujanika@gmail.com

ପାଠ, ପାରାୟଣ, ଯଜ୍ଞ ଆଦି ହାତଗଣନ୍ତା ହୋଇ ଉଠିଲେଣି । ଦେବ ଦର୍ଶନ ନୂତନ ପାଢ଼ୀର ସଂଖ୍ୟା ତୁଳନାରେ ଉତ୍ସାହଜନକ ।

ଆହୁରି ଗୋଟାଏ ନିତ୍ୟ ବ୍ୟବହାର୍ଯ୍ୟ ଚିଜ ଏ କାଳକୁ ଆଉଟ୍ ଡେଟେଡ୍ ହୋଇ ଆସୁଛି । ଏହା ହେଲା ଝରକଲମ । ଡଟ୍ ପେନ୍ ବାହାରି ଆସି ଏହାର ବୀଢ ବୁଡ଼ାଇ ଦେବାକୁ ବସିଲାଣି । ଝରକଲମ କିଣି କାଳି ପୂରାଇବା କାର୍ଯ୍ୟଟି ଏକ ଝଞ୍ଝଟ ବୋଲି ମନେ କରାଗଲାଣି । ଡଟ୍ ପେନ୍ ଚାଲିଛି ତ ଚାଲିଛି । କାଳି ସରିବା ଯାଏ । ଗାଡ଼ି ମଟରରେ ଷ୍ଟେପନି ରଖିବା ପରି ରିଫିଲ୍ କେତୋଟି ହାତ-ପାହାନ୍ତାରେ ରଖିଦେଲେ କାମ ଫତେ । ହାତ କଳା କରି କଲମରେ କାଳି ପୂରାଇବା କାମରୁ ମଣିଷ ନିଷ୍କୃତି ପାଇ ଡଟ୍‌ପେନ୍‌କୁ ଆଦରି ନେଲା । ନାଲି, ନେଳି, କଳା, ସବୁଜ ସବୁ ରଙ୍ଗର ରିଫିଲ୍ ଯୋଗେ ମନୁଷ୍ୟ ମନ ଇଚ୍ଛା ରଙ୍ଗରେ ଲେଖାକୁ ତାହାର ରଙ୍ଗେଇ ନେଲା ।

ଦୁନିଆରେ ସବୁ ପୁରୁଣା ହୋଇଥାଏ, ଗଛବୃଛରୁ ମଣିଷ ଯାଏ । ନୂଆବୋହୂଟି ଆଈ ହୋଇଯାଏ କାଳର ଚକ୍ରରେ । ଗଜା ଗଛଟି ମହାଦ୍ରୁମରେ ପରିଣତ ହୋଇଯାଏ । ଶୈଶବ କୈଶୋର ଅତୀତ ହୋଇଉଠେ । ଇତିହାସର ପୃଷ୍ଠାରେ ରଜା ମହାରାଜା ରାଜୁତି କରିବା ପରି ନାନା ପଦାର୍ଥ କିଛିଦିନ ଜନ ମାନସକୁ ବିମୋହିତ କରି ନୂତନ ସଂସ୍କରଣର ଆବିର୍ଭାବରେ ଇତିହାସର ପୃଷ୍ଠାରେ ସ୍ଥାନ ବରି ନିଅନ୍ତି । ବୃକ୍ଷ ବିଶାଳକାୟ ହୋଇ ଉଠିଲେ ମଣିଷ ନ ହେଉ ପଛେ ଝଡ଼ ତୋଫାନ ତାକୁ ଧରାଶୟୀ କରିଦିଏ । ମଣିଷ, ପଶୁ, ପକ୍ଷୀଠାରୁ ଆରମ୍ଭ କରି ଜଡ଼ ପଦାର୍ଥ ପର୍ଯ୍ୟନ୍ତ ସମସ୍ତଙ୍କର ସୃଷ୍ଟି ଅଛି, ବିନାଶ ମଧ୍ୟ ଅଛି । ପରିବର୍ତ୍ତନଶୀଳ ଜଗତରେ ସମସ୍ତେ ତତ୍କାଳୀନ । କିଛିଦିନ ଲୀଳା ଖେଳା – ତା'ପରେ ବି-ଲ-ୟ ।

Digitized by srujanika@gmail.com

ଆରାମ ତକିଆ

ଜନ୍ମ ହେବା ଠାରୁ ମଣିଷ ପିଲାର ଶୋଇଲା ବେଳେ ମୁଣ୍ଡ ତଳକୁ ତକିଆ ଗୋଟାଏ ଲୋଡ଼ା ହୋଇଥାଏ । କଅଁଳା ପିଲାର ମୁଣ୍ଡ ଅତି ନରମ ଅବସ୍ଥାରେ ଥାଏ । ମୁଣ୍ଡର ଗଠନକୁ ସୁଖୋଲ କରିବା ନିମନ୍ତେ କନାଖୋଳରେ ସୋରିଷ ପୂରାଇ ତକିଆ ତିଆରି କରି ଶିଶୁର ମୁଣ୍ଡ ତଳେ ଦେବା ଉଚିତ । ନଚେତ୍ ପିଲାର ମୁଣ୍ଡଟା ତଳେ ଚାପି ହୋଇ ପଚାଶ୍ ଓଭର୍ ଖେଳ ହେବା ପରେ କ୍ରିକେଟ ବଲ୍‌ର ଆକୃତି ହୋଇଯିବ ।

ତକିଆର ସାଧୁ ଶବ୍ଦ ଉପାଧାନ । ଆଞ୍ଚଳିକ ଭିତ୍ତିରେ ତକିଆକୁ ମାଣ୍ଡି, ମୁଚୁଳା, ବାଲିସ୍ ତାଳଗାଡ଼ି ଇତ୍ୟାଦି କହିଥାନ୍ତି ।

ଭଗବାନ ଦେଇଥିବା ହାତ ଦୁଇଟା ଆମର ଷ୍ଟେପ୍‌ନି-ତକିଆ । କିଛି କୁଆଡୁ ନ ମିଳିଲେ ନିଜ ଭିତରେ ରକ୍ତ ଚଳାଚଳାର ଟ୍ରାଫିକକୁ ଲାଲ୍ ବତୀ ଦେଖାଇ ଯେ କୌଣସି ହାତ ଆଗେଇ ଆସେ ମୁଣ୍ଡ ଦେବତାଙ୍କୁ ଗୋଟିଏ ଉପାଧାନ ଯୋଗାଇ ଦେବାକୁ । କନ୍ଦର୍ପର ରୂପ ଥିଲେ କଅଣ ହେବ ବୃହସ୍ପତିର ବୁଦ୍ଧି ବିଦ୍ୟା ନ ଥାଇ ? ମନୁଷ୍ୟ ଦେହର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟରେ ମୁଣ୍ଡଟା ଶ୍ରେଷ୍ଠ । ଏହାର ସ୍ଥାନ ଉଚ୍ଚରେ । ଧନୀ, ମାନୀ, ଗୁଣୀ ବ୍ୟକ୍ତି ମାନେ ଶିରକୁ ଉଚ୍ଚ ରଖନ୍ତି । ଶିର ଲୋଟାଇ ଦେବାର ଅର୍ଥ ପରାଜିତ ହେବା ।

ମନୁଷ୍ୟର ବୁଦ୍ଧି ବିବେକର ଗନ୍ତାଘର ମସ୍ତିଷ୍କ ବା ମୁଣ୍ଡ । ଯେଉଁ ବୁଦ୍ଧି ବିବେକ ପାଇଁ ମନୁଷ୍ୟ ପଶୁ ଠାରୁ ଅଲଗା ହୋଇ ପାରିଛି, ତାହାର ଟ୍ରେଜେରୀ ମୁଣ୍ଡ ହୋଇଥିବାରୁ ସେ ବିଶ୍ରାମ ନେବା ଅବସ୍ଥାରେ ମଧ୍ୟ ସେ ଉଚ୍ଚାସନ ଦରକାର କରେ । ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ପଛକେ ଧୂଳିରେ ଗଡୁ ଥାନ୍ତୁ, ମୁଣ୍ଡ ପାଇଁ କିଛି ନ ମିଳିଲେ ପିଢ଼ାଟାଏ କିମ୍ବା

Digitized by srujanika@gmail.com

ଇଟାଟାଏ ଲୋଡ଼ା ପଡ଼ିଥାଏ । ନିହାତି ଉଚ୍ଚ ରକ୍ତଚାପ ଜନିତ କାରଣରୁ ଡାକ୍ତର ମୁଣ୍ଡ ତଳୁ ତକିଆ ପ୍ରତ୍ୟାହାର କରି ନ ନେବା ପର୍ଯ୍ୟନ୍ତ ଆମେ ମୁଣ୍ଡକୁ ତକିଆରେ ଥାପନା କରି ବିଶ୍ରାମ ନେବାରେ ବ୍ୟତିକ୍ରମ କରୁନାହୁଁ । ଅନୁଭବ କଲେ ଆପଣ ଜାଣିପାରିବେ ଯେ ମୁଣ୍ଡଟାକୁ ତଳେ ଥାପି ଦେଇ ଶୋଇଲେ କେମିତି ଗୋଟାଏ ଅଶ୍ୱସ୍ତି ଲାଗେ, ସତେ ଅବା ଅପରେସନ ପାଇଁ ଟେବୁଲ୍ ଉପରେ ମଣିଷ ଶୋଇଛି ।

କପାତୂଳାରେ ତକିଆ ତିଆରି କରାଯାଏ । ମଞ୍ଜିଛଡ଼ା ଶିମିଳିତୂଳାର ତକିଆ ଆହୁରି ନରମ । ଛିଣ୍ଡାକନା ପୂରାଇ ଅପେକ୍ଷାକୃତ ଗରିବମାନେ ମାଣ୍ଡି ମୁଚୂଳା ମଧ୍ୟ କରନ୍ତି । କିନ୍ତୁ ଏ ଯୁଗରେ ଫୋମ ତକିଆ ସମସ୍ତଙ୍କୁ ବଳି ପଡ଼ିଛି । ମାରଓ୍ୱାଡ଼ି ଗଦି ମାନଙ୍କରେ ଯେଉଁ ବଡ଼ ବଡ଼ ବାଲିସ୍ ପଡ଼ିଥାଏ ସେଥିରୁ ଦୁଇ ଚାରିଟା ପାଖରେ ମହଜୁଦ ଥିଲେ ମଣିଷ ସାହାରା ମରୁଭୂମିର ବାଲିଝଡ଼କୁ ଅକ୍ଲେଶରେ ପାର୍ କରାଇ ଦେବ ।

ଆଉ ଗୋଟାଏ କିସମର ତକିଆ ମଧ୍ୟ ଦେଖିବାକୁ ମିଳେ । ଆଇମା କାହାଣୀର ଜଡ଼ିବୁଟୀବାଲୀ ମାଲ୍ୟାଣୀ ରାଜାପୁଅକୁ ଧଳାଫୁଲ ଶୁଙ୍ଘାଇ ରାତିରେ ଭେଣ୍ଡାକରି, କଳାଫୁଲ ଶୁଙ୍ଘାଇ ଦିନରେ ମେଣ୍ଢା କରିବା ପରି ଗୁଡ଼ାଏ ରବର ତକିଆ ଅଛି । ରାତିରେ ପବନ ଫୁଙ୍କି ତା' ପେଟରେ ପୂରାଇ ତକିଆ ବନାଯାଏ ଏବଂ ଦିନରେ ପବନ ଖଲାସ କରି ରବର ଖୋଳରେ ପରିଣତ କରାଯାଏ । ହାଟକୁ ବାଟକୁ ଆଉ ନାଟକୁ ଏ ରକମର ତକିଆ ଗୁଡ଼ାକ ଜବର କାମ ଦେଖାନ୍ତି ।

ଘରଣୀ ଯଦି ଆପଣଙ୍କର ଛୁଞ୍ଚିରେ ସୂତା ଗଳେଇ ପାରୁଥିବେ ଏବଂ ଏମ୍ବ୍ରୟଡରୀର ମୂଳ ପାଠକୁ ଆୟତ୍ତ କରିଥିବେ ତେବେ ତକିଆ ଖୋଳରେ ସୀବନ କଳାର ପରା କାଷ୍ଠା ଫୁଟି ଉଠେ । ରଙ୍ଗବେରଙ୍ଗର ଛଟା ନେଇ ଫୁଲ, ଫଳ, ପଶୁ, ପକ୍ଷୀ ପ୍ରତିଭାତ ହୁଅନ୍ତି ଘରର ତକିଆ ଖୋଳ ଗୁଡ଼ିକରେ । ଭାଷା ନିର୍ବିଶେଷରେ "ମୋତେ ଭୁଲ ନାହିଁ" "ଭଗବାନ ଉତ୍ତମ ଅଟନ୍ତି" "ମଧୁର ସ୍ୱପ୍ନ" "ଶୁଭରାତ୍ରି" ଆଦି ନାରା ଗୁଡ଼ାକ ମଧ୍ୟ ନାଲି ନେଳି ସୂତାରେ ଦର୍ଶନୀୟ ଠାଣିରେ ଲେଖା ହୋଇଥାଏ ।

ବଡ଼ଲୋକମାନଙ୍କର ପ୍ରାଚୁର୍ଯ୍ୟ ଭିତରେ ବିଛଣାରେ ଏକାଧିକ ତକିଆ ଶୋଭା ପାଉଥାନ୍ତି । କେତେ ଗୁଡ଼ିଏ ଆଦୌ ବ୍ୟବହୃତ ନ ହୋଇ ମୋଗଲ ହାରେମ୍‌ରେ ଅନାଦୃତ । ବାନ୍ଦୀର ଜୀବନ ଯାପନ କରୁଥାନ୍ତି । ନଥିଲା ଲୋକଙ୍କ ଘରେ ହେଁସ ପାଖରେ ତେଲ ଚିକିଟା କଳା କଳା ମୁଚୂଳା ମାନ ଗଦା ହୋଇଥାନ୍ତି ନ ହେଲା ବେଳକୁ ଅଣ୍ଟାର ଗାମୁଛାକୁ ଚକା ମାରିଦେଇ ମୁଣ୍ଡକୁ ଥାପିଦେଇ ସେମାନେ ଥକା ମାରି ନିଅନ୍ତି ।

Digitized by srujanika@gmail.com

ବଦଳି ପାଲା

ସରକାରୀ, ବେସରକାରୀ, ସାମରିକ ଓ ବେସାମରିକ ଆଦି ଚାକିରୀ କରୁଥିଲେ ପ୍ରାଣୀଟି ବଦଳିର ମୁକାବିଲା କରିଥାଏ । ସଚିବାଳୟ, ମୁଖ୍ୟ ବିଭାଗୀୟ ଦପ୍ତର ଓ ଅନ୍ୟାନ୍ୟ ନାମଜାଦା ବଡ଼ ବଡ଼ ଦପ୍ତର ଗୁଡ଼ିକରେ ମଝି ମଝିଆ ଚାକିରୀ କରିଥିଲେ କ୍ୱାଟର୍ସ ସିନା ବଦଳେ ନାହିଁ, ଦପ୍ତରରେ ସିଟ୍ ପରିବର୍ତ୍ତନ ହୋଇଥାଏ । ସର୍ବଭାରତୀୟ ସ୍ତରରେ ଚାକିରୀ କରିଥିଲେ ବଦଳିର ସୀମା ଲମ୍ବ ଭାବରେ ଆକୁମାରୀ ହିମାଳୟ ଆଉ ପୋର ବନ୍ଦରରୁ ବିଲ୍‌କୁଲ୍ ଅଗରତାଲା ଯାଏଁ ।

ଆମ ଓଡ଼ିଶା ସରକାରଙ୍କର କେତେ କିସମର ଚାକିରୀଆ ଅଛନ୍ତି । ଚତୁର୍ଥ ଶ୍ରେଣୀଙ୍କର ତ ପ୍ରାୟ ବଦଳି ହୁଏ ନାହିଁ । ବାକୀ ସବୁ ଶ୍ରେଣୀର କର୍ମଚାରୀ ଆଉ କ୍ଷେତ୍ର ଉପରେ କାର୍ଯ୍ୟରତ କର୍ମଚାରୀଙ୍କର ବଦଳି ହୋଇଥାଏ । ବଡ଼ବଡ଼ିଆଙ୍କ ନିମନ୍ତେ ବିଭାଗୀୟ ଟ୍ରକ ଅବା ଉପକୃତ କଣ୍ଟ୍ରାକ୍ଟରମାନେ ଜିନିଷପତ୍ରର ପରିବହନ ଭାର ମୁଣ୍ଡେଇ ନେଇଥାନ୍ତି । ଯାବତୀୟ ଅସୁବିଧା ତୃତୀୟ ଶ୍ରେଣୀ ବାଲାଙ୍କର । ତଦୁପରି ଉପରିସ୍ଥ କର୍ମଚାରୀଙ୍କ ରୋଷାଗ୍ନିରେ ପଡ଼ିଥିଲେ, ପ୍ରାଣୀଟାର ହାଣ୍ଡିରେ କଳା ପଡ଼େନାହିଁ । ଖରା, ବର୍ଷା, ଶୀତକୁ ନ ମାନି ସେ ବର୍ଷରେ ଦୁଇଚାରିଥର ଅଗମ୍ୟ ସ୍ଥଳଗୁଡ଼ିକୁ ସପରିବାର ଯାତ୍ରା କରୁଥାଏ । କଣ୍ଢେଇକୁ ଘୋଡ଼ାବାଳରେ ନଚାଇବା ପରି ବଦଳି କର୍ମକର୍ତ୍ତାମାନେ ବଦଳି ଯୋଗ୍ୟ ଅଧୀନସ୍ଥ ମାନଙ୍କୁ ନଚାଇଥାନ୍ତି ।

ବଦଳିଟାଏ ହେଲେ ଗୋଟାଏ ଜଣାଶୁଣା, ମିଳାମିଶା, ହସଖୁସି ପରିବେଶରୁ ମଣିଷ ନିଜକୁ ଓଟାରି ନେଇ ଅଜଣା ଅଦେଖା ସ୍ଥାନକୁ ଆଶଙ୍କାମୟ ମନରେ ଯିବାଲାଗି

Digitized by srujanika@gmail.com

ପ୍ରସ୍ତୁତ ହୁଏ । ଗୃହୋପକରଣ ସହିତ ପରିବାରର ସଭ୍ୟସଭ୍ୟାମାନଙ୍କୁ ସ୍ଥାନାନ୍ତରିତ କରିବାରେ ବୟସ କିଛିବର୍ଷ ଆଗେଇଯାଏ । ପରିବହନ ବ୍ୟବସ୍ଥା କରିବା, ସ୍କୁଲ କଲେଜରୁ ପିଲାଙ୍କର ଟ୍ରାନ୍‌ସଫର୍ ସାର୍ଟିଫିକେଟ ଆଣିବା, ସପ୍ଲାଇ ଅଫିସ୍‌ରେ ଖାଉଟୀ କାର୍ଡ଼ ଦାଖଲ କରି ରସିଦ୍ ଆଣିବା, ବ୍ୟାଙ୍କ ଅବା ପୋଷ୍ଟ ଅଫିସରେ ସଞ୍ଚୟ ବହି ନୂତନ ସ୍ଥାନକୁ ପ୍ରେରଣ କରିବା, କମ୍ପାନୀକୁ ଗ୍ୟାସ୍ ସିଲିଣ୍ଡର ପଠଠ କରିବା, ବିଦ୍ୟୁତ ବିଭାଗୀୟ ସମସ୍ତ ଦେୟ ଦେଇପକାଇ ନିଜର ଅମାନତ ଫେରିପାଇବା ଆଦି କାମ ଗୁଡ଼ାକ ପରିଚିତ ବନ୍ଧୁମାନଙ୍କର ବିଦାୟ କାଳୀନ ଭୋଜିଭାତ ମଧ୍ୟରେ ଫେଣ୍ଟି ଦେଇ କରିବାକୁ ହୋଇଥାଏ । ବଡ଼ବଡ଼ ଅଫିସରମାନଙ୍କର ଏ ଛୋଟ ଛୋଟ କାମ ଗୁଡ଼ାକ କରିବାକୁ, ଗଲାଆଇଲାବେଳେ ନିଜ ଚରିତ୍ରପତ୍ରକୁ ଉଜ୍ଜ୍ୱଳ ରଖିବା ଆଶାରେ ତଳିଆ କର୍ମଚାରୀ ଭିତରେ ପ୍ରତିଯୋଗିତା ହୋଇଥାଏ ।

ଦୁଃଖ ସେତିକିରେ ସରେ ନାହିଁ । ଉପରୋକ୍ତ କାର୍ଯ୍ୟ ଗୁଡ଼ିକ ନୂତନ ସ୍ଥଳରେ ପୁଣି ବିପରୀତ ପ୍ରଣାଳୀରେ କରିବାକୁ ହୋଇଥାଏ । ପସରା ବାନ୍ଧି ପୁଣି ମେଲାଇବା କଥା ଇଏ । ନୂତନତ୍ୱର ଘଟାଟୋପ ଭିତରେ ସମସ୍ତଙ୍କର ଅଭିଜ୍ଞାତରେ ତଥା ସହାନୁଭୂତି ମଧ୍ୟରେ ଅଫିସ୍ ସମୟ ଭିତରେ ହିଁ ପସରା ବଢ଼ା ହୋଇଥାଏ ।

ଏପରି ଝିନ୍‌ଝଟର ଶିକାର କେବଳ ଚାକିରୀଆନେ ହୋଇ ନ ଥାନ୍ତି । ଭୋଟ ଯୁଦ୍ଧରେ ପରାସ୍ତ ହୋଇଥିବା ପ୍ରାର୍ଥୀ, ବ୍ୟବସାୟରେ ଲାଲ୍‌ବତୀ ଜଳାଇଥିବା ବ୍ୟବସାୟୀ, ନିଆଁ ପାଣିରେ ଜର୍ଜରିତ ସ୍ଥାନ ତ୍ୟାଗୀ ଆଉ ଦଙ୍ଗାହାଙ୍ଗମାରେ ଶିକାର ହୋଇଥିବା ଶରଣାର୍ଥୀ ମଧ୍ୟ ଥାଆନ୍ତି । ପ୍ରାଣ ଆତଙ୍କରେ ଘର ଛାଡ଼ୁଥିବା ବ୍ୟକ୍ତିମାନେ ବହୁମୂଲ୍ୟ ବସ୍ତୁ ବ୍ୟତୀତ ଆଉ କିଛି ନେଇପାରନ୍ତି ନାହିଁ କିନ୍ତୁ ଅନ୍ୟାନ୍ୟ ପ୍ରକାରେ ଘର ଛାଡ଼ୁଥିଲେ, ସବୁ ଜିନିଷ ନେଇ ହୁଏନାହିଁ । ବାଡ଼ିରେ ଗଛ ବୃକ୍ଷ ବ୍ୟତୀତ ଗୃହୋପକରଣରୁ ଅନେକ ଛୋଟ ମୋଟ ଜିନିଷ ପରିବହନ କଷ୍ଟରୁ ରକ୍ଷା ପାଇବା ପାଇଁ ପରିତ୍ୟାଗ କରାଯାଏ । ଏକଦା ଅତ୍ୟାବଶ୍ୟକୀୟ ପଦାର୍ଥ ସେ ସମୟରେ ମୂଲ୍ୟହୀନ ହୋଇପଡ଼େ । ଯେତେ ହେଲେ ମଧ୍ୟ ବ୍ୟବହୃତ ହାଣ୍ଡି ମାଠିଆ କୁଲା ବାଉଁଶିଆ ଆଦି ଛାଡ଼ି ଯିବାକୁ ହୋଇଥାଏ ।

ଅପ୍ରେଲ, ମେ, ଜୁନ୍ ଏବଂ ଜୁଲାଇ ସାଧାରଣତଃ ବଦଳି ସିଜନ ବୋଲାଉଥାନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଅଗଷ୍ଟ ମାସ ପହଞ୍ଚିଲେ, ନଈ ନାଳ ଗୁଡ଼ାକ ପୂର୍ଣ୍ଣଗର୍ଭା ହୋଇ ଉଠିଲେ ବଦଳି ସୁଅରେ ଡ୍ୟାମ୍ ବନ୍ଧାଯାଏ । ଆମ ଓଡ଼ିଶାରେ ତ ନଈନାଳର ସଂଖ୍ୟା ସୀମା ଭିତରେ ନାହିଁ । ଏ ଗାଁରୁ ସେ ଗାଁକୁ ଗଲେ ନିକୃଷ୍ଟ ପକ୍ଷରେ ଗୋଟାଏ ଯୋଡ଼ାଏ ନାଳ । ଆଉ ଜିଲ୍ଲା ପାରି ହେଉଥିଲେ ଗଣୁଥା ବସି ସେମାନଙ୍କ ସଂଖ୍ୟା । ଅଦିନିଆ ଆସବାବ ପତ୍ର ବୋଝେଇ ଟ୍ରକ ଦେଖିଲେ ମନେ କରାଯିବ ଯେ, ପ୍ରାଣୀଟି ହୁଏତ ଅବସର ଗ୍ରହଣ କରୁଛି ନତୁବା ଅସଙ୍ଗତି କାର୍ଯ୍ୟ ଯୋଗୁଁ ପ୍ରଶାସନିକ କାରଣରୁ ବଦଳି ହୋଇ ଯାଉଅଛି ଅବା ସେହି ଖାଲି ସ୍ଥାନ ପୂରଣ କରିବାକୁ ଅନ୍ୟ କେହି ପ୍ରାଣୀ ଯାଉଛି ।

ବଦଳି ଯୋଗ୍ୟ କର୍ମଚାରୀମାନେ ନିର୍ଜୀବ କଣ୍ଢେଇ ନୁହନ୍ତି । ସଜୀବ ହୋଇଥିବାରୁ

Digitized by srujanika@gmail.com

ଅଭିଯୋଗ ପ୍ରକୋଷ୍ଠ ପାଇଁ ତୁଣ୍ଡରେ ଭାଷା ଅଛି, ଆବେଦନ ନିବେଦନ କରିବା ପାଇଁ ଗାଳି କଲମ ଅଛି । କେତେକ ବ୍ୟକ୍ତି ଅଛନ୍ତି ସୁବିଧାଜନକ ବଦଳି କରାଇବା, ବଦଳି ରୋକିବା ଆଦି କାମରେ ପ୍ରବୀଣ । ଆଉ କେତେକ ବଦଳି କଲେ ମଧ୍ୟ ଆଗେଇ ଯାଆନ୍ତି ନିର୍ବିକାର ଚିତ୍ତରେ, ବିନା ପ୍ରତିବାଦରେ ।

ବଦଳି କରାଇବା ଅବା ରୋକିବା କ୍ଷେତ୍ର ରାଜଧାନୀ ହୋଇଥିବାରୁ ଏହି ସିଜନ୍‌ରେ ଆମ ରାଜଧାନୀ ହାଟ, ବଜାର, ହୋଟେଲ, ଲଜିଂ ସିନେମା ବାର୍ ଆଦି ସରଗରମ ହୋଇ ଉଠେ । ରିକ୍‌ସା, ଟ୍ୟାକ୍‌ସି, ବସ୍, ଟ୍ରେନ୍ ଆଦି ପରିବହନ ସଂସ୍ଥାମାନେ କମ୍ ଉପକୃତ ହୁଅନ୍ତି ନାହିଁ । ବଦଳି କୁଣ୍ଠିତ ଚାକିରୀଆଟି କିଛି ପଇସା ବଢ଼ାଇଦେଇ ମନ ମୁତାବକ ବଦଳି କରାଇ ନେବାକୁ କୁଣ୍ଠା ପ୍ରକାଶ କରେ ନାହିଁ । ଟାଉଟରିଆ ମାନଙ୍କର ମଧ୍ୟ ଫଳେ ପୁଷ୍ଟେ ଏହି ସିଜନ୍‌ରେ ଆୟ ହୋଇଥାଏ । ଏ ଦଳରେ ପିଅନଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନେ ମଧ୍ୟ ଥାଆନ୍ତି ।

ବଦଳି ଆଦେଶର ସଂଶୋଧନ ସମୟ ସମୟରେ ହୋଇଥାଏ । ବଦଳି ରୋକିବାରେ ପ୍ରାଣୀଟି ସମର୍ଥ ହେଲେ ବଦଳି ପ୍ରତ୍ୟାହାର କରାଗଲା ବୋଲି ଆଉ ଗୋଟିଏ ଆଦେଶ ନାମା ବାହାରିଥାଏ । ବେଳେବେଳେ ଆଦେଶ କାଏମ୍ ରହିଥାଏ ମାତ୍ର ରିଲିଭ୍ ଦିନକୁ ପଛେଇ ଦିଆହୋଇଥାଏ ।

ମିଳିଥିବା ମହଲତ ଭିତରେ ପୁରୁଣା କାମ ଛିଣ୍ଡାଇବା, ସ୍ତ୍ରୀଙ୍କୁ ନିରାପଦରେ ପ୍ରସବ କରାଇବା; ପିଲାମାନଙ୍କ ପରୀକ୍ଷା ସରାଇବା ଆଦି କାମ କରିନେବାକୁ ହୋଇଥାଏ ।

ବଦଳି ବନ୍ଦ କରାଇବା ପାଇଁ ଆବେଦନ ନିବେଦନରେ ସାଧାରଣତଃ ବୃଦ୍ଧ ପିତାମାତାଙ୍କ ସେବା ଶ୍ରବଣକୁମାର ପରି କରିବା, ସେମାନଙ୍କ ଅବର୍ତ୍ତମାନରେ ଘରର ବିଷୟ ସମ୍ପତ୍ତି ଦେଖାଦେଖି କରିବା, ପିଲାଙ୍କର ବୋର୍ଡ଼ ଅବା ବିଶ୍ୱବିଦ୍ୟାଳୟ ପରୀକ୍ଷା ଏବଂ ସ୍ତ୍ରୀଙ୍କର ଆସନ୍ନ ପ୍ରସବାଦିର କାରଣ ହୋଇଥାଏ ।

ତେବେ ଗୋଟାଏ ପ୍ରକାରର ବଦଳି ଆଉ ପ୍ରତ୍ୟାହାର କରାହୋଇପାରେ ନାହିଁ ଅବା ମହଲତ୍ ମିଳେନାହିଁ । ତାହା ହେଉଛି ଇହଲୋକରୁ ପରଲୋକକୁ ହେଉଥିବା ବଦଳି ।

Digitized by srujanika@gmail.com

ବ୍ରେକ୍‌ଫାଷ୍ଟ୍

ଉପରୋକ୍ତ ଇଂରାଜୀ ଶବ୍ଦ ଦୁଇଟିର ସଂମିଶ୍ରଣରେ ଯେଉଁ କାର୍ଯ୍ୟଟି ସମାପିତ ହୁଏ ତାହା ସକାଳଖିଆକୁ ବୁଝାଏ । ଏ ଶବ୍ଦ ଦୁଇଟାର ତାତ୍ପର୍ଯ୍ୟ ମୁଁ ବୁଝିପାରେ ନାହିଁ । କିହୋ ! ଫାଷ୍ଟ୍ କରିଥିଲେ ସିନା ତାକୁ ବ୍ରେକ୍ କରିବ । ପାଶ୍ଚାତ୍ୟ ଦେଶରେ ତ ପୂର୍ବ ରାତ୍ରିର ବିଳମ୍ବିତ ପ୍ରହରରେ ସେମାନେ ଆକଣ୍ଠ ମଦ୍ୟ ପାନ କରି ଷ୍ଟିକ୍ ଓ ବେକନ୍‌କୁ ବ୍ରେଡ୍, ସ୍ୟାଣ୍ଡଉଇଚ୍ ରୋଲ୍ ସଙ୍ଗେ ନାକ ଅଗଯାଏ ଡେଣ୍ଡି ଦେଇଥାନ୍ତି । ସକାଳେ ନଅଟା ଦଶଟା ବେଳକୁ ଉପାସ ଭାଙ୍ଗିବାରେ ବାହାଦୁରୀ କୋଉଠି ଥାଏ ? ହେଲେ ହେଉଥାନ୍ତେ ଭାରତବର୍ଷର ମହାତ୍ମାଗାନ୍ଧୀ । କୋଡ଼ିଏ ଏକୋଇଶିଦିନ ଅନଶନ କରିବା ପରେ ଗିଲାସେ ଛେଳି ଦୁଧ ଅବା ଫଳରସ ପିଇ ଅନଶନ ଭଙ୍ଗ କରିବା ପରି ତୁମ ଫାଷ୍ଟ୍‌କୁ ବ୍ରେକ୍ କରୁଥାନ୍ତ, ତେବେ ସେଥିରେ ମର୍ଯ୍ୟାଦା ରହିଥାନ୍ତା ।

ଫକୀର ମୋହନୀୟ ଉପନ୍ୟାସ 'ଛ' ମାଣ ଆଠଗୁଣ୍ଠ'ର ଖଳନାୟକ ଜମିଦାର ରାମଚନ୍ଦ୍ର ମଙ୍ଗରାଜ ଲୋକ ଦେଖାଣିଆ ଏକାଦଶୀ ବ୍ରତ ପାଳନା ପରେ ଦ୍ୱାଦଶୀ ପାରଣା ସାଇଁ ସଂଗୃହୀତ ଚୂଡ଼ା, ଦହି, ଗୁଡ଼ ଆଦି ପଦାର୍ଥ ମାନଙ୍କର ସେହି ଏକାଦଶୀ ରାତ୍ରିରେ ଐନ୍ଦ୍ରଜାଳିକ ଅନ୍ତର୍ଦ୍ଧାନ କରାଇ ଦେଉଥିଲେ । ଅବଶ୍ୟ ଔପନ୍ୟାସିକ ମହାଶୟ ମଙ୍ଗରାଜଙ୍କ ସପକ୍ଷରେ ନିରୁତା ଯୁକ୍ତି ଗୁଡ଼ିଏ ଥୋଇ ଦେଇ ତାଙ୍କୁ ଦୋଷମୁକ୍ତ କରିବାର ପ୍ରୟାସ ବେଶ୍ ହାସ୍ୟ ସୃଷ୍ଟି କରିଅଛି । ନାୟକଟି କଳଙ୍କିତ ନ ହୋଇ ଅପର ପକ୍ଷରେ ଏକାଦଶୀ ଦିନ ଦିବାଖାଦ୍ୟ ପରିତ୍ୟାଗ କରିବା ତଥା ଏକାଦଶୀ ଦିନ ଧର୍ମ୍ମ ଅର୍ଜନ ନିମନ୍ତେ ଅନ୍ତେ ବହୁତେ ବ୍ରାହ୍ମଣ ଭୋଜନ କରାଇବାର ସୁସ୍ପଷ୍ଟ ଚିତ୍ର ଉପନ୍ୟାସଟିରେ ଲେଖକ ଦେଇଛନ୍ତି । କିସ୍

Digitized by srujanika@gmail.com

କଦରରେ ମଙ୍ଗରାଜେ ଏକାଦଶୀଆ ଉପାସକୁ ରାତାରାତ୍ ବ୍ରେକ୍ କରି ଦେଉଥିଲେ, ତାହା ତାଙ୍କ ଉଆସର ଦାସଦାସୀମାନେ ମଧ୍ୟ ଠଉରାଇ ପାରୁ ନଥିଲେ ।

ଗାନ୍ଧୀ ମହାତ୍ମାଙ୍କ ଶିକ୍ଷାରେ ଆମେ ଆମର ଦାବୀ ପୂରଣ ନିମନ୍ତେ ସେହି ଫାଷ୍ଟିଂକୁ ଆଶ୍ରା କରିଛୁ । ଅବଶ୍ୟ ଲୋକାପବାଦ ହୋଇଥାଏ ଯେ, ଅନଶନକାରୀ ଅନେକ କ୍ଷେତ୍ରରେ ତମ୍ବୁ ପଛପଟେ ପ୍ରକୃତିର ଡାକକୁ ଉତ୍ତର ଦେବା ଛଳରେ କିଛି କିଛି ଖାଦ୍ୟ ଗ୍ରହଣ କରିଥାନ୍ତି । ତେବେ ଦିନ ଗଡ଼ିଗଲେ ଅବଶ୍ୟ ମଧ୍ୟସ୍ଥିତା କରିବାକୁ ମନ୍ତ୍ରୀ, ବିଧାୟକ, ନେତା ଆଦି ଜଣେ ଦୁଇଜଣ ଆଗେଇ ଆସନ୍ତି ଏବଂ ପ୍ରତିଶ୍ରୁତି, ଆଶ୍ୱାସନା ଗୁଡ଼ାଏ ଦେଇ ଅନଶନକାରୀଙ୍କୁ ଫଳରସ ଗିଲାସେ ଟେଣ୍ଟେଇ ଦେଇ ତାଙ୍କ ଫାଷ୍ଟ୍‌କୁ ବ୍ରେକ୍ କରାନ୍ତି । ତତ୍ପରେ ମୋଟର ଯାନରେ ବସି ଯେ ଛୁ' ମାରନ୍ତି ଆଉ ଅନଶନକାରୀ ସାନ୍ତ୍ୱନା ଦାତାଙ୍କ ସହ ଛଅ ମାସ ପର୍ଯ୍ୟନ୍ତ ଦେଖା ସାକ୍ଷାତ ହେବା ବିଡ଼ମ୍ବନା ହୋଇପଡ଼େ । ପଛରେ ହଜାରେ ଅପନିନ୍ଦା, ସମାଲୋଚନା ଥାଉ ପଛକେ ସେହି ଫଳରସ ଗିଲାସକ ମୋ' ମତରେ ବ୍ରେକ୍ ଫାଷ୍ଟ ବୋଲାଇଥାଏ । ଅନଶନ ଭଙ୍ଗ ହେଲା ବୋଲି ବୁଝାଇଥାଏ ।

ପାଶ୍ଚାତ୍ୟ ଦେଶ ଗୁଡ଼ିକରେ, କ୍ଲବ, କ୍ୟାସିନୋ, ହୋଟେଲ୍, ରେଷ୍ଟୁରାଣ୍ଟରେ ବିଳମ୍ବିତ ରାତ୍ରିର ପପ୍ ମିଉଜିକ୍, ବଲ୍ ଡ୍ୟାନ୍ସ, ପାର୍ଟି ଗୁଡ଼ିକରେ ଯେଉଁ ପରିମାଣର ଖାଦ୍ୟ ପରିବେଷିତ ହୋଇଥାଏ, ମୁଁ ମନେକରେ ସେତକ ଖାଦ୍ୟଖାଇ ଜଣେ ମଣିଷ ମାସେ ଦୁଇମାସ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରି ବାଆଷଠୀ ଦିନିଆ ଅନଶନରେ ବସି ପାରିବ ।

ତେଣୁ 'ଶିରୋନାସ୍ତି ଶିରଃ ପୀଡ଼ା' ପରି ମୁଁ ଏହି ବ୍ରେକ୍ ଫାଷ୍ଟ୍‌କୁ ମନେ କରେ । ମୁଣ୍ଡଟାଏ କାନ୍ଧ ଉପରେ ଥିଲେ ସିନା ସେ ବଥେଇବ - ମୁଣ୍ଡ ନ ଥିଲେ ମୁଣ୍ଡବ୍ୟଥାର ପ୍ରଶ୍ନ କୁଆଡୁ ଆସିବ ? ସକାଳ ଜଳଖିଆକୁ ସେମାନେ ଟିଫିନ୍ ନ କହି କେଉଁ ଉଦ୍ଦେଶ୍ୟରେ ବ୍ରେକ୍ ଫାଷ୍ଟ୍ କହନ୍ତି, ତାହା ମୋର ବୋଧଗମ୍ୟ ହୁଏ ନାହିଁ ।

ଏହି ବ୍ରେକ୍ ଫାଷ୍ଟ୍ କ୍ରିୟାଟି ଆମ ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଉପାୟରେ ହୋଇଥାଏ । କାଲେଇ (କଲିକତା) ଗୋଟିଏ ସନ୍ଦେଶ ସାଙ୍ଗରେ ଗିଲାସେ ପାଣିରେ କାମ ଚଳିଗଲେ ଓଡ଼ିଆ ପିଲାଙ୍କର ପଖାଳ ନଟୁବା ଅଧ ଗୌଣୀ କାନ୍ତର ମୁଢ଼ି ଚୁଡ଼ାଭଜା ସଙ୍ଗରେ ଆନୁପାତିକ ପିଆଜି ପକୋଡ଼ି ଦରକାର ହୁଏ । ଦିଲେଇ (ଦିଲ୍ଲୀ) ସୋଲେ ବଟରେ କୁ ଚେନାଇଲେ ଇଡ଼୍‌ଲି, ଉପମା, ଦୋଷା ଆଦି ଚଟଣୀ, ଶମ୍ବର ପରିବେଷ୍ଟିତ ସମ୍ଭାରରେ ବ୍ରେକ୍‌ଫାଷ୍ଟ୍ କରାଯାଏ । ରାଜସ୍ଥାନରେ ରୋଟୀ ଆଚାର୍ ହେଲାବେଳେ ମୁମ୍ବାଇରେ ସମୋସା କେଚ୍‌ଅପ୍ । ପରିବେଷିତ ଦ୍ରବ୍ୟ ଯାହା ହୋଇଥାଉନା କାହିଁକି ସେଥିରେ ସକାଳ ଖିଆ ଚଳିଯାଏ ।

ଏବେ ଦିନେ ମୁଁ ପୂର୍ବରାତ୍ରିର ଭରା ଭୋଜନକୁ ବିବାକ୍ ହଜମ୍ କରିଦେଇ ସକାଳେ ବ୍ରେକ୍‌ଫାଷ୍ଟ୍ କରିବାକୁ ମନ ବଳାଇଲି । ଘରେ ମୋତେ ଦେଉଥିବା ଚାରିପିସ୍ ପାଉଁରୋଟି ସହ ମୋ' ଭାଗରେ ପଡୁଥିବା ଗୋଟିଏ ଅଣ୍ଡାର ଓମ୍‌ଲେଟ୍‌କୁ ସ୍ୱଚ୍ଛ ମନେକରି

Digitized by srujanika@gmail.com

ଏବଂ ତାକୁ ଗ୍ରହଣ ନ କରି ରେଷ୍ଟୁରାଣ୍ଟ ଗୋଟିକରେ ପ୍ରବେଶ କଲି । ଦାନ୍ତଗୁଡ଼ିକର ଦୌର୍ବଲ୍ୟ ହେତୁ ଓ୍ୱେଟର୍‌କୁ ଉପମା ଏବଂ ଆଳୁଚପ୍ ଆଣିବାକୁ ବରାଦ କଲି । ପରିବେଷକଟି ମୋ'ପ୍ରତି ଅଯାଚିତ ଦୟା ପ୍ରଦର୍ଶନ ପୂର୍ବକ ମୂଳବରାଦୀ ଉପମା-ଆଳୁଚପ୍ ସଙ୍ଗରେ ଅଧଗିନା ହବ ଆଳୁ ମଟର ଭୁଗୁନି, ସୋଲାବଟାର ବଘରା ଚଟୁଣୀ ଏବଂ ଶମ୍ବର ଡଙ୍କିଏ ହେବ ଟ୍ରେ'ର ବିଭିନ୍ନ ଖୋପରେ ସଜାଇ ପରିବେଷଣ କଲା । ମୋ' ବସିବା ବେଳଠାରୁ ପାଣି-ପିଲାଟି ଗିଲାସେ ପାଣି ଟେବୁଲ୍‌ରେ ଥୋଇ ଦେଇଥାଏ । ଟ୍ରେ ଗୁଡ଼ିକରେ ଖାଇବାକୁ ମୁଁ ପସନ୍ଦ କରେ ନାହିଁ । ମତ୍ସ୍ୟ ବିଭାଗର ଯାଆଁଳ ଉତରା ପୋଖରୀଗୁଡ଼ାକ ପରି ମୋତେ ଟ୍ରେ ଟା ମାଲୁମ୍ ପଡ଼େ । ଆଉ ଗୋଟାଏ କଥା-ସେଥିରୁ ତରଳୀୟ ଡାଲି ତିଅଣମାନ ଶତକଡ଼ା ଶହେ ପରିମାଣରେ ଖାଇ ହୁଏ ନାହିଁ । ଶତକଡ଼ା ଦୁଇ ତିନି ଶତାଂଶ ଝୋଳ ଆଉ ଡାଲିର ମାୟା ପରିତ୍ୟାଗ କରିବାକୁ ପଡ଼ିଥାଏ । ତେବେ ଯେଉଁ ରେଷ୍ଟୁରାଣ୍ଟ୍‌ରେ ପ୍ରବେଶ କରିଥିଲି ସେଠାରେ ବାସନବର୍ଦ୍ଧନ ପ୍ଲେଟ୍ ଆଉ ଗିନା ନ ହୋଇ ଯାଆଁଳ ଛଡ଼ା ପୋଖରୀ ସଂମିଶ୍ରଣର ଟ୍ରେ କେବଳ ହୋଇଥିବାରୁ ଯେ ଦେଶେ ଯାଇ ସେ ଫଳ ଖାଇ ନ୍ୟାୟରେ ଫାଷ୍ଟ୍‌କୁ ବ୍ରେକ୍ କରିବାର ପ୍ରୟାସ କଲି ।

ହାତ ଚାମଚ ମାଧ୍ୟମରେ ଚାଲୁ କରି ଦେବାରେ ତତ୍‌କ୍ଷଣାତ୍ ଜାଣିଗଲି ଯେ, ଆଳୁ ମଟରକୁ ସିଝାଉଥିବା ପ୍ରେସର କୁକର୍‌ଟାର ଟିକିଏ ଆଳୁଦୋଷ ଅଛି । ପଚିଶି ଶତାଂଶ ମଟର ଦାନା ଗୁଡ଼ିକର ଗର୍ବ ଗଞ୍ଜନ କରିବା ସାମର୍ଥ୍ୟ ତା'ପାଖରେ ନ ଥିଲା । ଭାତ ହାଣ୍ଡିରୁ ଗୋଟିକୁ ଚିପିଲା ପରି ରାନ୍ଧୁଣିଆ ଗୋଟାଏ ଅଧେ ମଟର ଦାନା ଚିପିଦେଇ ଭୁଗୁନି ଆଇଟେମ୍‌ଟା କରି ଦେଇଥିଲା । ବାଧ ହୋଇ ସମୟ ନଷ୍ଟ କରି ସେହି ଅସିଝା ମଟର ଦାନା ଗୁଡ଼ିକ ବାଛିବାରେ ବ୍ରତୀ ହେଲି । ଟ୍ରେର ଖାଲି ଥିବା ଗୋଟିଏ ଖୋପକୁ ସାଇବେରିଆରେ ପରିଣତ କରି ଅସିଦ୍ଧ ମଟରଦାନାଗୁଡ଼ିକୁ ନିର୍ବାସିତ କରିଦେଲି । ଅବଶିଷ୍ଟାଂଶ ମଟର ଭୁଗୁନିକୁ ନିର୍ବିଘ୍ନରେ ଗଳାଧ କରଣ କଲି । ଅବଶ୍ୟ ପୂର୍ବରୁ ଚାମଚକୁ ପରିତ୍ୟାଗ କରି ଭଗବତ୍ ଦତ୍ତ ଚାମଚରେ ଅର୍ଥାତ୍ ମୋ' ହାତରେ ମଟର ଗୁଡ଼ାକୁ ଟିପ ଆଗରେ ଦଳିଦେଇ ଭୁଗୁନି ଝୋଳଟାକୁ ବହଳିଆ କରି ପକାଇଥିଲି । ସୁରୁଖୁରୁରେ ଫାଷ୍ଟ୍‌ଟାକୁ ବ୍ରେକ୍ କରିଦେଇ ଭାୟା ରେଷ୍ଟୁରାଣ୍ଟର କାଉଣ୍ଟର୍ ଦେଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲି ।

Digitized by srujanika@gmail.com

ବୁଆ ବୁଆରେ ପଖାଳ !

ଯେଉଁମାନେ କହନ୍ତି ଯେ, ପଖାଳ ଖାଇ ଖାଇ ଓଡ଼ିଆ ଜାତିଟା ଅଳସୁଆ ହୋଇଗଲା, ମୁଁ ସେମାନଙ୍କ ସହ ଏକମତ ନୁହେଁ । ଓଡ଼ିଆ ପୁଅ ପଖାଳ ପେଟେ ଠୁଙ୍କିଦେଇ ତାହାର ନିହଣ ମୁନରୁ କୋଣାର୍କକୁ ଜାତ କରିଦିଏ, ଭରା ଦରିଆରେ ବୋଇତ ବାହିନେଇ ଜାଭା ସୁମାତ୍ରାରେ ପହୁଞ୍ଚାଇ ଦିଏ, ଓଡ଼ିଶା ଭୂଇଁକୁ ହାଣି ମାରି ସୁନାର ଫସଲ ଉପୁଜାଏ ଆଉ ବଖତ ବେଳକୁ ଖଣ୍ଡା ଧରି ଶତ୍ରୁ ରକ୍ତରେ ବସୁଧାକୁ ଲାଲ୍ କରିଦିଏ ।

ସକାଳ ଗାଧୁଆ ପରେ ଥିର ତୋରାଣି ମନ୍ଦାକ ପଇଡ଼ର କାମ ଦେଖାଏ । ବାଟ ପାଞ୍ଚକୋଶ ହାଙ୍କିବାକୁ ଥିବା ତ ବେଳାଏ ପଖାଳ ଠୁଙ୍କିଦେଇ ଅଣ୍ଟାରେ ଚାରିଖିଲି ପାନ ଖୋସି ଦେଇ ବାହାରି ପଡ଼ନ୍ତୁ, ଦେଖିବେ ଠିକଣା ସମୟରେ ଠିକଣା ଜାଗା ଧରିଦେବେ ।

ଆଉ ଥାଳୀରେ ରସଗୋଲାଟାଏ ବାଢ଼ିଦେଇ ସେହି ଥାଳୀ ଉପରେ ପାଣି ଗିଲାସେ ରଖି ଦେଇ ଯେଉଁ ଜଳଖିଆବାର ଦିଆଯାଏ, ତାହାକୁ ଦେଖି ଓଡ଼ିଆ ପିଲାର ହଂସା ଉଡ଼ିଯାଏ । ବିଧି· ମତେ ଅଣ୍ଟିଏ ମୁଢ଼ି କି ଚୁଡ଼ାଭଜା ନ ଚୋବେଇଲେ ତାହାର ଟାଙ୍କି ଭରେ ନାହିଁ । କଂସାଏ ହବ ଚୁଡ଼ାଗୁଡ଼ ଚକଟା ନ ଗିଳିଲେ ତାହାର ମନ ଭରେ ନାହିଁ । ଥାକେ ଚକୁଳି ପିଠା ନ ହେଲେ ସେ ଜଳଖିଆ ଉପରେ ବାସେ ନାହିଁ ।

ତେବେ ଏ ମହରଗ ଯୁଗରେ ହାଟରେ ବାଟରେ ଜଳପାନି କରି ବସିଲେ ପୋଷେଇବ ନାହିଁ । ତେଣୁ ଘରେ ପଖାଳ ପୁଞ୍ଜିଏ ସାରିଦେଲେ ବେଧଡ଼କ । ତବତ ଭାତ ଯେପରି ଡାଲି ତରକାରୀ ଭଜା ଆଦି ଆବଶ୍ୟକ କରିଥାଏ, ପଖାଳ ଏତେ କିଛି ଲୋଡ଼େ ନାହିଁ । ଆମ୍ବୁଲ ଫଡ଼ାଏ ଲୁଣ ଲଙ୍କା ଦେଇ ଚକଟି ଦେଲେ ପଖାଳ ତଣ୍ଟି ପାର୍ ହୋଇଯାଏ ।

Digitized by srujanika@gmail.com

ପଖାଳର ସଙ୍ଗାତ ହେଉଛି ଦହି ଆଉ ଇଲିସି ଶୁଖୁଆଟା ସହୀ । ଶାଗଭାଜି, ଅନ୍ୟାନ୍ୟ ଭଜାଭଜି, ଆଚାର, ଚଟୁଣୀ ଆଦି ସମସ୍ତେ ପଖାଳର ଦୋସ୍ତ । ତେବେ ଗଭୀର ବନ୍ଧୁତା ଥାଏ ବାଇଗଣ ପୋଡ଼ା, ବଡ଼ିଚଟୁଣୀ, କୋଶଲା ଶାଗ, କଞ୍ଚା ଲଙ୍କା ଆଉ ପିଆଜ ରସୁଣ ସହିତ । କଷି କାକୁଡ଼ିଟିଏ ହେଲେ ମଧ ପଖାଳ କଂସାକ ଉଡ଼ିଯାଏ । ତବତ ଭାତ ପରି ଏତେ ଛଇଛଟକ ଦେଖାଏ ନାହିଁ । ଅଳପରେ ତାହାର କାମ ଚଳିଯାଏ । ବରା, ପିଆଜି, ପକୋଡ଼ି, ଚପ୍ ଆଦି ତେଲଭାଜିଙ୍କୁ ପଖାଳ ବେଶ୍ ପସନ୍ଦ କରେ ।

ଅବଶ୍ୟ ପଖାଳଟା ଶ୍ୱାସରୋଗୀ, ଥଣ୍ଡା ସର୍ଦ୍ଦି ଜ୍ୱରାକ୍ରାନ୍ତ ବ୍ୟକ୍ତି ଅଥବା ରକ୍ତରେ ଇସନୋଫେଲିଆ ବେଶୀ ପରିମାଣରେ ଥିବା ବ୍ୟକ୍ତିଙ୍କ ପକ୍ଷରେ କ୍ଷତିକାରକ ତେବେ ଅଙ୍ଗେ ନିଭାଇଥିବା କଥାଟାଏ କହୁଛି ।

ମୋର ଗୋଟିଏ ଭାଉଜଙ୍କୁ ଜ୍ୱର ଆସିଲେ, ସେ ମୁଣ୍ଡରୁ ଗାଧେଇ ପଡ଼ି ଦହିମିଶା ତୋରାଣି କଂସାଏ ତେଣ୍ଟିଦେଇ ରେଜେଇ ଘୋଡ଼ି ହୋଇ ଘଡ଼ିଏ ଦି'ଘଡ଼ି ଶୋଇ ରହନ୍ତି । ତା'ପରେ ଝାଡ଼ି ଝୁଡ଼ି ହୋଇ ଉଠି ବସନ୍ତି । ଏହା ଯେ କିପରି ହୁଏ ତାହା ମୁଁ ବୁଝି ପାରେ ନାହିଁ । କଣ୍ଟା ଦ୍ୱାରା କଣ୍ଟା ପାଦରୁ କଢ଼ା ହେବା ପରି ଅବା ବିଷ ଦ୍ୱାରା ବିଷକୁ ହରଣ କରିବା ପରି ଏହା ବୋଧହୁଏ ଘଟୁଥିବ ।

ଅତୀତକୁ ଗୋଲି ମାରିଦିଅ । ବର୍ତ୍ତମାନ ଆଲୋଚନା ପଖାଳ ଉପରେ । ଆମ ଓଡ଼ିଆ ପଖାଳର ଏତେ ସ୍ତୁତି କରିବାକୁ ଅଧମ ଲେଖକଟି ଯେ, ଭାର୍ଜନ, ଏହା ଦର୍ଶାଇବାକୁ ସେ ଜଣାଉଅଛି ଯେ, ତାହାର ସରକାରୀ ଚାକିରୀ କାଳର ଦୁଇ ତୃତୀୟାଂଶ ସେ ପରିବାର ପିତା ମାତାଙ୍କ ସେବାର୍ଥେ ସ୍ନେହାର୍ଥେ ତ୍ୟାଗ କରିଥିଲା । ସ୍ୱଭାବେ ସେ ପରିଶ୍ରମୀ ଏବଂ କର୍ମ୍ମତତ୍ପର ଏବଂ ହୋଟେଲ୍‌ର ଖାଦ୍ୟ ସେ ପସନ୍ଦ କରେ ନାହିଁ । ତେଣୁ ବିଦେଶ ଭୂଇଁରେ ଆପନା ହାଥ୍ ଜଗନ୍ନାଥ ।

ତୃତୀୟ ବଚନରୁ ଲେଖକଟି ମୁକ୍ତ ହୋଇ ପ୍ରଥମ ବଚନରେ ପଖାଳକୁ ବୟାନ କରୁଛି । ବିଦେଶ ଭୂଇଁରେ ମୋର ନିର୍ଦ୍ଧାରିତ ସରକାରୀ କାର୍ଯ୍ୟ ଅଞ୍ଜାମ କଲା ପରେ ଚୁଲ୍ଲୀ ଚଉକା ଉପରକୁ ଆସେ । ଅଣ୍ଡିର ଚଣ୍ଡିରା ମଣିଷ । ରୋଜ୍ ରୋଜ୍ ରୋଷେଇ ପୋଷାଏ ନାହିଁ । ଦିନେ ଛଡ଼ା ଦିନେ ଠେକରା ବସାଏ । ଅତଏବ ମୋର ଗରମ ଭାତ ଆଉ ପଖାଳ ଭାତର ଅନୁପାତ ହେଉଛି; ଏକ ଗୁଣନ ତିନି । ରାନ୍ଧିବା ଓଳିକ, ଗରମ ଭାତ ଡାଲି ତରକାରୀ ବାକୀ ତିନି ଓଳି ପଖାଳ । ସାମାନ୍ୟ ଭଜାଭଜି କରିଦେଲେ କାମ ଫତେ । କିନ୍ତୁ ପଶ୍ଚିମ ଓଡ଼ିଶାରେ ସ୍ଥାନିତ ହେଲେ, ବିଶେଷତଃ ଖରା ଦିନେ ମୁଁ ଦୁଇ ତିନି କିଲୋ ଚାଉଳର ଭାତ କରିଦେଇ ପଖାଳି ଦିଏ । ଆମ ସରକାରୀ ଚାକିରୀର ପହିଲି ଦଫା ଉଦୁଉଦିଆ ଦୁଇ ପ୍ରହରକୁ ଖତମ ହୁଏ । ପୁଣି ଚାକିରୀ ଝିଞ୍ଜଟ ଯେ ଚାରିଟା ବେଳୁ ଆରମ୍ଭ ହୁଏ ସରିବାକୁ ରାତି ଦି'ଘଡ଼ି ।

ଗୁଡ଼ାଏ ଭାତ ରାନ୍ଧି ଦେଇ ପଖାଳି ଦେଲେ ଛାତିରେ ହିମ୍ମତ ଥାଏ । ମଝିରେ

Digitized by srujanika@gmail.com

ମଝିରେ ବନ୍ଧୁମାନଙ୍କ ଘରେ ଖିଆ ପିଆ ଥିଲେ, ମୋ'ର ଡେକ୍‌ଚିରେ ଥିବା ପଖାଳଭାତର ଆୟୁଷ ଦିନେ ଓଳିଏ ବଢ଼ିଯାଏ । ତେବେ ମାଆ ଲକ୍ଷ୍ମୀଙ୍କ ପାଦ ତଳେ କୋଟି ଜୁହାର, ମୋ ଡେକଚିର ପଖାଳ ଭାତକୁ ମୁଁ ତିନି ଚାରିଦିନ ପରେ ଆଦୌ ଗିରଫ କରିବାକୁ ସମର୍ଥ ହୁଏ ନାହିଁ । ସଢ଼ା ଭାତ ଗୁଡ଼ାକ ମାଛ ଧରାଳୀ ହାତରୁ ଚେଙ୍ଗ ମାଛ ଖସିଯିବା ପରି ଆଙ୍ଗୁଠି ସନ୍ଧାରେ ଖସି ଯାଆନ୍ତି । ଯାଆନ୍ତୁ - ଯିବେ କୁଆଡ଼େ ? ସେହି ବହଳିଆ ତୋରାଣିରେ ଥିବେ । ତୋରାଣିରେ ଲୁଣ ଲଙ୍କା ଚକଟି ଦେଇ ମୁଁ ମୋର ଲଞ୍ଚ ଡିନର ଚଳାଇ ଦିଏ । ଆବଶ୍ୟକ ହେଲେ ଟିଣରୁ ମୁଠାଏ ଦି'ମୁଠା ମୁଢ଼ି ତୋରାଣିରେ ଚାପ ଖେଳାଇ ଦିଏ ।

ଆଇଁଷିଆ ଲୋକ ମୁଁ । ମାଛ ଶୁଖୁଆ ଭାଜି ଦେଲେ କଂସା ଉପରେ କଂସା ପଖାଳ ଖାଇଦେବା ଲୋକ ମୁଁ । ଅଳସୁଆ ପଣ ଯୋଗେ ପଖାଳ ସଙ୍ଗକୁ କିଛି ଯୋଗାଡ଼ି ନ ପାରିଲେ ଉଳି ପିଆଜ ଗୋଟିକୁ ଟିକି ଟିକି କାଟି, ଲୁଣ ଲଙ୍କା ଚକଟି ଦେଇ ଠୋପାଏ ଦି'ଠୋପା ସୋରିଷ ତେଲ ପକାଇ ଦେଲେ ପଖାଳ ପୁଞ୍ଜିକ ତଣ୍ଟିପାଖର ଚେକ୍ ଗେଟ୍‌କୁ ସୁରୁଖୁରୁରେ ପାରି ହୋଇ ଯାଆନ୍ତି ।

ହେଲେ ଏ କ୍ରମାଗତ ମୋର ପଖାଳଖିଆ ଅଫିସ୍‌ରେ ମୋତେ ହଇରାଣରେ ପକାଇ ଦିଏ । କର୍ମ ସଂସ୍ଥାନରେ ଆମେ ତିରିଶି ଗୋଟି ମହାପ୍ରାଣୀ ଏକତ୍ରିତ ହେଉଥିବାରୁ କର୍ତ୍ତବ୍ୟରତ ଅବସ୍ଥାରେ ମଧ ପାରିବାରିକ ସୁଖ ଦୁଃଖ ସ୍ଥାନ ପାଇଯାଏ । ନିଜ ନିଜ ଘରର ବ୍ୟଞ୍ଜନ ଆଲୋଚିତ ହେଲେ ମୁଁ ମୋର ପଖାଳକୁ କୋଲ୍ଡ ବା ଫ୍ରିଜ୍‌ଡ ବିଶେଷଣ ଦେଇ ପୁଣି ସେହି ଦୁଇ ଶବ୍ଦକୁ ମୃଦୁ ଉଚ୍ଚାରଣର ଓଢ଼ଣୀ ତଳେ ରଖି ରାଇସ୍ ଶବ୍ଦଟି ସଶବ୍ଦେ ଉଚ୍ଚାରଣ କରି ପାର୍ଶ୍ୱ ବ୍ୟଞ୍ଜନ ଗୁଡ଼ିକୁ ଇଂରାଜୀ ରୂପ ଦେଇ ଏପରି ଧଡ୍ ଧଡ୍ କହିଯାଏ ଯେ, ମୋର ବୟାନ୍‌ର ଶେଷ ପର୍ଯ୍ୟନ୍ତ ଶ୍ରୋତାବନ୍ଧୁଗଣ ଧାରଣା କରିପାରନ୍ତି ନାହିଁ ଯେ, ମୁଁ କଅଣ କଅଣ ଖାଇଛି । କୋଲ୍ ରାଇସ୍ ସଙ୍ଗରେ ଫିସ୍ ଫ୍ରାଏ (ମକୁରାଳି ମାଛଭଜା) ପଟାଟୋ ସସ୍ (ଆଳୁ ଭରତା) ରୋଷ୍ଟେଡ୍ ପ୍ରନ୍ (ଗିନେଇ ଚିଙ୍ଗୁଡ଼ି ଭଜା) ପିଆଜ ଲଙ୍କା ସୋରିଷ ତେଲ ମିଶ୍ରଣକୁ ଫ୍ରେଞ୍ଚ୍ ଓନିୟନ୍ ଉଇଥ୍ ମଷ୍ଟାର୍ଡ ଜୁସ୍ କହିଦେଇ ନିଜର ଇଜ୍ଜତ୍‌କୁ ରକ୍ଷା କରେ ।

ଥରେ ଭାତ ରାନ୍ଧିବା ଅବସରରେ ବସିବାଠାରୁ ଉଠି ଆସିବା ପାଇଁ ଜରୁରୀ ଟେଲିଗ୍ରାମ୍ ବାର୍ତ୍ତା ପାଇ, ଖିଆ ପିଆକୁ ଗୋଲି ମାରିଦେଇ ରନ୍ଧା ଭାତ ଗୁଡ଼ିକୁ ପଖାଳି ନେଇ ଘରକୁ ଦୁଇଦିନ ସାମୟିକ ଛୁଟି ନେଇ ଆସିଥିଲି । ପରିସ୍ଥିତି ବାଧ କଲା ଆଉ ଚାରିଦିନ ଛୁଟି ବଢ଼ାଇବାକୁ । ଅଷ୍ଟମଦିନ ପାହାନ୍ତା ପହରେ ମୋର କର୍ମ କ୍ଷେତ୍ରରେ ପହଞ୍ଚି ମୋର ପ୍ରଥମ କାମ ହେଲା ପଖାଳ ପୁଞ୍ଜିକର ହାଲ୍ ହଇକତ୍ ତଦାରଖ କରିବା ।

ଆଖିଁ ଦେଖା ହାଲ କହୁଛି । ତୋରାଣୀ ଉପରୁ ଭାତ ଗୁଡ଼ିକର ଅବସ୍ଥିତି ଠଉରେଇ ପାରିଲି ନାହିଁ । ତେରାଣି ଉପରେ ପିମ୍ପୁଡ଼ି ଅଣ୍ଡା ଆକୃତିର ଧଳା ଧଳା ବସ୍ତୁ ଗୁଡ଼ିଏ ଚିଡି ପହରା ଦେଉଥାନ୍ତି । ବସ୍ ଷ୍ଟାଣ୍ଡରୁ ଗଲାବେଳେ କିଛି ବରା ପିଆରି ଗରମ

Digitized by srujanika@gmail.com

ଗରମ ଛଣା ନେଇଥିଲି । ଦାନ୍ତ ପତ୍ର ଘଷି ନେଇ ସେହି ଆଠ ଦିନର ନିତ୍ୟ କର୍ମମାନ ସମ୍ପାଦନ କରିଦେଇ ଡେକ୍‌ଚି ପଖାଳକୁ ତିନି ଚାରି ଧୁଆ କରି ଦେଇ ମୋର ପ୍ରାତଃରାଶ ସମାପନ କରିଦେଇ ଦୀର୍ଘ ବାରଘଣ୍ଟାର ବସ୍ ଯାତ୍ରାର କ୍ଳାନ୍ତି ମାରିବା ପାଇଁ ସଘୁଙ୍ଗୁଡ଼ି ଆଠ ଘଣ୍ଟା ଶୋଇ ଯାଇଥିଲି ।

ଦିହରେ ଗଲେ ପଖାଳ ଅର୍ଥନୈତିକ ଦୃଷ୍ଟିରୁ ସର୍ବୋତ୍ତମ ଖାଦ୍ୟ । ଏହା ଯେପରି ତାକତ୍ ଦିଏ, ତାକୁ ରୋଟି, ପରଟା ହରେକ୍‌ରକମର ଜଳଖିଆ ତାଳ ଦେଇ ପାରିବେ ନାହିଁ ।

ଅର୍ଥନୈତିକ ଦୃଷ୍ଟିରୁ ଏହା ମଧ୍ୟ ସ୍ପୃହଣୀୟ । ଖରାଦିନିଆ ଉପର ବେଳା ତୋରାଣି ସାରିବା କଥା ମନେ ପକାନ୍ତୁ । କଟା ଲେଉଟିଆ ଶାଗ ଖରଡ଼ା ସାଙ୍ଗକୁ ପଖାଳ କଂସାଏ । ଦହି ସିନା ପଖାଳର ସହି ହେଲେ କଞ୍ଚା ଆମ୍ବର ନସି ହେଉଛି ଏହା ଅତର ।

ବଡ଼ ବାଡ଼ିଆଙ୍କ ପଖାଳର ବୟାନ କରୁଛି । ବରଷକେ ଥରେ ଅଧେ ସିନା ଖାଆନ୍ତି ତେବେ ଅରୁଆ ପଖାଳରେ ଦହି ମାଡ଼ କରାଇ ଜୀରା, ମେଥି ଶୁଖିଲା ଲଙ୍କାକୁ ଭାଜି ଗୁଣ୍ଡ କରିଦେଇ ମିଶାଇ ଦିଅନ୍ତି । ଚୁନ୍‌ଚୁନ୍ କରି ଅଦା କଞ୍ଚାଲଙ୍କା କଟାକୁ ମିଶାଇ ଟଭା ଲେମ୍ବୁ ଗଛର ପତ୍ର ଗୋଟାଏ ଯୋଡ଼ାଏ ଦଳି ଦିଅନ୍ତୁ । ଆଉ ତରକାରୀ ନା ! ଶାଗ ! ନା ଭଜା ? କିଛି ଦରକାର ନାହିଁ । ପଖାଳ ପୁଞ୍ଜିକ ଆପେ ଆପେ ସେମାନଙ୍କ / ଆପଣଙ୍କ ପାକସ୍ଥଳୀରେ ଆସ୍ଥାନ ଜମେଇ ଦେବେ ।

ଜୟ ! ଜୟ ତୁ ଓଡ଼ିଆ ପଖାଳ ।

Digitized by srujanika@gmail.com

ପାରିବାରିକ ଯଜ୍ଞ

ପୁରାଣରେ ବିଭିନ୍ନ ପ୍ରକାର ଯଜ୍ଞର ଅବତାରଣା ରହିଛି । ମୁନି ଋଷିମାନେ ଲୋକ-ଲୋଚନ ଅନ୍ତରାଳରେ ବନ ତପୋବନ ଗୁଡ଼ିକରେ ଦୈନିକ, ସାପ୍ତାହିକ, ମାସିକ, ବାର୍ଷିକ ଆଦି କେତେ ଯଜ୍ଞ କରି ଯାଇଥିବେ । ରାଜା ମହାରାଜାମାନେ ମଧ୍ୟ ଅଗଣିତ ଯଜ୍ଞର ଆୟୋଜନ କରିଛନ୍ତି ବୋଲି ପୁରାଣରେ ବର୍ଣ୍ଣିତ ହୋଇଅଛି । ମୁନି ଋଷି ଦେବତା ବିଶେଷ ଭାବେ ମହର୍ଷି ନାରଦଙ୍କ ପ୍ରରୋଚନାରେ ଏହି ରାଜା ମହାରାଜାମାନେ ଅନେକ କିସମର ପୂଜା, ଧ୍ୱଜା, ହୋମ, ଯଜ୍ଞ ଆଦି କରିଛନ୍ତି ।

ଯଜ୍ଞ ପୁଣି ଅନେକ ରକମର । ରାଜସୂୟ, ଇନ୍ଦ୍ରସ୍ତୁତି, ପୁତ୍ରେଷ୍ଟି, ଅଶ୍ୱମେଧ ଆଦି ଯଜ୍ଞ ଆବଶ୍ୟକ ଅନୁସାରେ ହୋଇଥାଏ । ଯଜ୍ଞଗୁଡ଼ାକର କୁଆଡ଼େ ଖୁବ୍ ପାୱାର୍ ଥାଏ । ବର୍ଷ ବର୍ଷ ଧରି ମରୁଡ଼ିଗସ୍ତ ରାଜ୍ୟରେ ଯେପରି ବିଜୁଳି ଝଲସାଏ, ଅପୁତ୍ରିକ ରାଜା ରାଣୀଙ୍କ କୋଳ ମଣ୍ଡନ କରାଇ ସେମାନଙ୍କ ଭଗ୍ନ ହୃଦୟ ସେହିପରି ଉଲ୍ଲସାଏ । ଯଜ୍ଞସବୁ ବହୁ ଖର୍ଚ୍ଚସାପେକ୍ଷ ହେଲେ ମଧ ଆଶୁ ଫଳାଫଳ ଦେଉଥିବାରୁ କରଣୀୟ ହୋଇଥାଏ ।

ରାଜସୂୟ ଯଜ୍ଞଟା ଦିଗ୍‌ବିଜୟୀ ବୀର ରାଜାମାନେ କରିଥାନ୍ତି । ବିଜିତ ରାଜ୍ୟରୁ ଯଜ୍ଞଚାନ୍ଦା ଆଦାୟ କରି ନିଜର ପ୍ରୌଢ଼ି ଦେଖାଇ ହେବା କଥା । କେତେକ ରାଜା ସେଥିରେ ଅଶ୍ୱମେଧ, ଦଶାଶ୍ୱମେଧ ଯଜ୍ଞ କରାଇ ନିଜ ଯଶକୁ ଆଉ ଦୁଇ ହାତ ବଢ଼ାଇଥାନ୍ତି । ଯଜ୍ଞ-ପୂଜିତ ଅଶ୍ୱଟିର ଲଗାମ ଫିଟାଇଦେଇ ତାକୁ ବିଭିନ୍ନ ରାଜ୍ୟ ପରିକ୍ରମା କରିବାକୁ ସୁଯୋଗ ଦିଆହୁଏ । ଅଶ୍ୱକୁ ଅଟକାଇ ଯେଉଁ ରାଜା 'ଯୁଦ୍ଧଂ ଦେହି' ଡାକ ନ ମାରେ ସେ ରାଜ୍ୟଟା ପଦାନତ ହେଲା ବୋଲି ସମଝି ନେବାକୁ ହୁଏ । ଏ ପ୍ରକାର ପ୍ରଲୋଭନରୁ ଆଦର୍ଶ ରାଜା

Digitized by srujanika@gmail.com

ରାମଚନ୍ଦ୍ର ଅବା ଧର୍ମ୍ମ ପୁତ୍ର ଯୁଧିଷ୍ଠିର ମଧ୍ଧ ବାଦ୍ ଯାଇ ନଥିଲେ ।

ଆହୁରି ଏକ କଡ଼ା ଯଜ୍ଞର ନଜିର୍ ଆମ ପୁରାଣରେ ଅଛି । ମହାରାଜା ପରୀକ୍ଷିତଙ୍କୁ ତକ୍ଷକ ସର୍ପଟି ଦଂଶନ କଲାପରେ ତାଙ୍କର ଉପଯୁକ୍ତ ପୁଅ ଜନ୍ମେଜୟ ମହାର୍ବା ପିତୃ ହତ୍ୟାର ପ୍ରତିଶୋଧ ନେବା ପାଇଁ ସର୍ପ ଯଜ୍ଞଟାଏ କଲେ । ପୃଥିବୀରୁ ସବୁ ସର୍ପଙ୍କୁ ଅଲ୍‌ବିଦା କରିବାକୁ ସେ ମନସ୍ଥ କରିଥିଲେ । ବାଳ ବ୍ରହ୍ମଚାରୀ ଆସ୍ତିକ ମୁନି ଯଜ୍ଞରେ ଥୁକୁଲ୍ ପକାଇ ନ ଥିଲେ ତକ୍ଷକ ସମେତ ସ୍ୱୟଂ ଇନ୍ଦ୍ର-ଦେବତା ପୋଡ଼ି ପାଉଁଶ ହୋଇଥାନ୍ତେ ।

ବର୍ଷା ନିମନ୍ତେ ହେଉଥିବା ଯଜ୍ଞରୁ ଉତ୍‌ଥିତ ଧୂମ ମଣ୍ଡଳ ହୁଏତ ଜଳୀୟବାଷ୍ପକୁ ଶୂନ୍ୟରେ ଘନୀଭୂତ କରିବାରେ ସାହାଯ୍ୟ କରେ ବୋଲି ବୈଜ୍ଞାନିକ କାରଣ ହୋଇପାରେ ମାତ୍ର ଯଜ୍ଞ କରିବା ଫଳରେ ପୁଅ ଝିଅ ସବୁ କେମିତି ଯେ ପୈଦା ହେଉଥିଲେ ତାହା ଏ ମୋଟା ବୁଦ୍ଧିଆ ଏଯାବତ୍ ସମଝି ପାରୁ ନଥିଲା । ତେବେ ଏ ବିଂଶ ଶତାବ୍ଦୀରେ ଟେଷ୍ଟଟିଉବ୍ ବେବୀ ଜାତ ହେବାର ଅବଜ୍ଞାତ ହେବାରୁ ଭାବୁଛି ସେଇପ୍ରକାର କୌଣସି ଏକ ପ୍ରକ୍ରିୟା ଯଜ୍ଞର ଅନ୍ତରାଳରେ ହେଉଥିବ ।

ଯଜ୍ଞ-ସମ୍ଭୂତ ଅଗ୍ନିର ପୁଣି ବାଛ ବିଚାର ଅଛି । ଯଜ୍ଞ କୁଣ୍ଡରେ ସତୀ ଝାସ ଦେଇ ଧ୍ୱଂସ ହୁଅନ୍ତି, ପୁଣି ସେହି ଯଜ୍ଞ କୁଣ୍ଡରୁ ଯାଜ୍ଞସେନୀ ପୈଦା ହୋଇଥାନ୍ତି । ଯୋଉ ଅଗ୍ନିରେ ମଦନ ପରି ସରସ ସୁନ୍ଦର ଭେଣ୍ଡିଆ ଦେବତା ପୋଡ଼ି ପାଉଁଶ ହୁଅନ୍ତି ସେହି ଅଗ୍ନିରେ ସୀତା, ଦ୍ରୌପଦୀ ଆଦି ନାରୀମାନେ ଆହୁରି ଖରଆଉଟା ସୁନା ପାଲଟନ୍ତି । ଅଗ୍ନି-ଦେବତାଙ୍କର ପୁଣି ଏମନ୍ତ ଖର ପ୍ରତାପ ନିମିଷକ ଭିତରେ ଖାଣ୍ଡବ ବନକୁ ଦହନ କରି ପାଣ୍ଡବମାନଙ୍କୁ ବାସହୀନ କରି ପକାନ୍ତି ଏଣେ ନିଜେ ଲୁଦୁବୁଦୁ ବ୍ୟାଧିରେ ଆକ୍ରାନ୍ତ ହୋଇ ମଧ୍ୟମ ପାଣ୍ଡବଙ୍କୁ ଧନ୍ୱନ୍ତରୀଙ୍କ ଗୁରୁ ବୋଲି ମାନନ୍ତି । ପୁରାଣରେ ଏ ପ୍ରକାର ପରସ୍ପର ବିରୋଧୀ ଉପାଖ୍ୟାନ ପଢ଼ିବା ପରେ ଏ ମୋଟା ବୁଦ୍ଧିଆଟି ଗୋଲକ ଧନ୍ଦାରେ ପଡ଼ିଯାଇଛି ।

ଯଜ୍ଞ ମାନେ ତ ହୋମ ନିଆଁର ଖେଳ । ନିଆଁର ଉଦ୍‌ଭାବନା ମଣିଷର ସବୁଠାରୁ ବଡ଼ ଉଦ୍‌ଭାବନ । କାହା ସହସ୍ର ଶିକ୍ଷା ସଭ୍ୟତା ମୂଳରେ ଏଇ ନିଆଁ । ଶିଖିବାର ଦୁର୍ନିବାର ନିଆଁ ମନରେ ନଜଳିଲେ ମଣିଷ ଶିଖେ ନାହିଁ । ପ୍ରାପ୍ତିର ଆଶା ନଥିଲେ ଅବା ଅଭାବରେ ନ ପଡ଼ିଲେ ସେ କର୍ମଠ ହୁଏନାହିଁ ।

ମୋ ଜୀବନରେ ମୁଁ ଗୋଟିଏ ମାତ୍ର ଯଜ୍ଞ କରି ଆସୁଛି । ସେଇଟା ହେଲା ପରିବାର-ଯଜ୍ଞ । ବାହାରେ ହେଉଥିବା ନାନାଦି ଶାନ୍ତି ଯଜ୍ଞ, ନାମ-ଯଜ୍ଞ, ଜ୍ଞାନଯଜ୍ଞ, ବର୍ଷାଯଜ୍ଞ ଗୁଡ଼ିକରେ ଚାନ୍ଦା ସିନା ଦେଇ ପକାଇ ନିସ୍ତାର ପାଇଯାଏ ମାତ୍ର ବାପା ମାଆଙ୍କ ଅନ୍ତେ ପରିବାର ଯଜ୍ଞର ପ୍ରଧାନ ଉଦ୍ୟୋକ୍ତା ହୋଇପଡ଼ିବାରୁ ଅଧୀନର ବାକିଟା ଜୀବନ ବରବାଦ୍ ହୋଇଗଲା ବୋଲି ଜାଣିବେ ।

ଭଗବାନଙ୍କର ଏତିକି ଦୟା ଯେ, ମୋ ପରିବାରର ଯଜ୍ଞକୁଣ୍ଡରେ ଅର୍ଥାତ୍ ଚୁଲ୍ଲୀରେ ଦୁଇଓଳି କୁହୁଳା ପକା ହେଉଛି । ତେବେ ଶ୍ରୀକ୍ଷେତ୍ରବାସୀ ହୋଇଥିବାରୁ ବେଳାଏ ଦିବେଳା

Digitized by srujanika@gmail.com

ଖୋଦ୍ ମହାପୁରୁଙ୍କ ଖନ୍ଦାରେ କାମ ଚଳାଇ ନେଉଛି । ସେ କାଳରେ ବଣ ଜଙ୍ଗଲ ଘନ ଥିଲା । ମୁନି ଋଷିଙ୍କ ଯଜ୍ଞକୁଣ୍ଡ ପାଇଁ ଶିଷ୍ୟମାନେ ବେଠିରେ ପୁଣି ବନ ବିଭାଗକୁ କୌଣସି ରାୟାଲ୍‌ଟି ନ ଦେଇ ସମିଧ ଯୋଗାଉଥିଲେ । ମୋ ଯଜ୍ଞକୁଣ୍ଡ ପାଇଁ ସମିଧ ଆଣୁଛି କୁଇଣ୍ଟାଲ୍‌କ ବିଶାଶହେ ଟଙ୍କା ଦେଇ । ଉପ-ଯଜ୍ଞକୁଣ୍ଡମାନଙ୍କ ପାଇଁ ମାସିକ ପନ୍ଦର ଲିଟର କିରାସିନୀ ତେଲ ସାଙ୍ଗକୁ ଇଣ୍ଡେନ୍ ଗ୍ୟାସ୍ ସିଲିଣ୍ଡର ଗୋଟାଏ ।

ସଲ୍ଲଜ୍ଜର ସହ ସ୍ୱୀକାର କରୁଛି ଯେ ମୋ ଯଜ୍ଞରେ କେବଳ ଘୃତାହୁତି ଦେଇ ପାରୁନାହିଁ । ଭେଜାଲ୍ ଯୁଗତ ପ୍ରଭାବରେ ପଡ଼ି ତୈଳାହୁତି ମଧ୍ୟ ଦେଇ ଦେଉଚି । ପିଲାଦିନେ ଖାଇଥିବା ବିଶୁଦ୍ଧ ଗୁଆଘିଅକୁ ମୁଁ ଏବେ କେବେ କେମିତି ସ୍ୱପ୍ନରେ ଦେଖିଥାଏ । ବାସ୍ତବ ଜଗତକୁ ଫେରିବା ମାତ୍ରେ ବନସ୍ପତି ଘିଅକୁ ଭେଟିଥାଏ ।

ଅଶ୍ୱ ତ ଆମର ଚଳେ ନାହିଁ । କେବେ କେମିତି ମାନସିକ କରିଥିବା କାଳିଆ ବୋଦା ଆଉ ମାସକୁ ଚାରିଥର କୁକୁଡ଼ା ମେଧ ଯଜ୍ଞ ମୋ ପରିବାରରେ ହୁଏ । ପରିବାରଟିରେ ଶାକହାରୀ ଓ ମାଂସହାରୀଙ୍କର ଅପୂର୍ବ ସମାବେଶ ହୋଇଥିବାରୁ ଯଜ୍ଞ ଉପକରଣ ଗୁଡ଼ିକର ବୃଦ୍ଧି ହୋଇଥାଏ । ଖାଦ୍ୟରେ, ରୁଚିରେ, ଧାତୁରେ, ରକ୍ତରେ ଆଉ ଆକାର ପ୍ରକାରରେ ଭିନ୍ନ ଭିନ୍ନ ହୋଇଥିବା ଗୁଡ଼ିଏ ମଣିଷ ଆମେ ଖାଲି ଭାରତଟା ଗଣତନ୍ତ୍ର ଦେଶ ହୋଇଥିବାରୁ ଗୋଟିଏ ଛାତ ତଳେ ବାସ କରୁଛୁ ବୋଲି ଜାଣିବା ହେବେ ।

ମୋ ପରିବାର ଯଜ୍ଞ ପାଇଁ ଫଳ ଫୁଲୁରୀ ଠାରୁ ଆରମ୍ଭ କରି କାଠ ଛତୁ ପର୍ଯ୍ୟନ୍ତ ସବୁ ଲୋଡ଼ା ପଡ଼େ । ବସନ-ଭୂଷଣ ବାଦ୍ ପଡ଼େ ନାହିଁ । ନୂଆ ଲୁଗା କିଣିବା ସଙ୍ଗେ ସଙ୍ଗେ ପୁରୁଣା ଲୁଗାକୁ ସିଲାଇ କରିବା ନିମନ୍ତେ ଛୁଞ୍ଚି ସୂତା କିଣିବାର ଜରୁରତ୍ ହୁଏ । ପିକ୍‌ନିକ୍ ପାର୍ଟି, ପରିଭ୍ରମଣ ଆଦି ମୋ ଯଜ୍ଞର ଦକ୍ଷିଣା ରୂପେ ଗଣା ହୋଇଥାନ୍ତି । ବିବାହ, ବ୍ରତ, ସାମ୍ୱତ୍ସରିକ ଆଦି ହେଲେ ଯଜ୍ଞ ଶେଷରେ ସର୍ବସ୍ୱ ଦାନ କରି ଫକଡ଼ରାମ ଗିରିଧାରୀ ହୋଇଯିବା ପରି ଲାଗେ ଅବା ଘରଦ୍ୱାର, ଜମିବାଡ଼ି ବିକି ପିଟୁଣୀ ଟିକସ ଦେବା ପରି ଲାଗେ । ବାଆ-ବତାସ, ଖରା ବର୍ଷା ଶୀତ ଭିତରେ ତଥାପି ପରିବାରର ଯଜ୍ଞକୁଣ୍ଡଟା ପ୍ରଜ୍ୱଳିତ ହେଉଛି — ସବୁ ସେଇ କାଳିଆର କୃପାରୁ ।

Digitized by srujanika@gmail.com

କବିତା ପାଠୋତ୍ସବ

ଏ ସର୍ବ ମହଙ୍ଗାଇ ଯୁଗରେ ଗୋଟିଏ ଜିନିଷ ଶସ୍ତା, ତାହା ହେଉଛି କବିତା ପାଠୋତ୍ସବ । ସବୁ ସାହିତ୍ୟ ସଂସଦ ମାନଙ୍କର ତ ଏହା ବାଧ୍ୟତାମୂଳକ ଅଙ୍ଗବିଶେଷ । ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମେଳନ ଗୁଡ଼ିକରେ ଏହି ଉତ୍ସବଟିକୁ ଦେଖିବାର କଥା ।

ପୂର୍ବ କାଳରେ ସ୍ୱନାମଧନ୍ୟ କବିମାନେ ସ୍ୱରଚିତ କାବ୍ୟ ଗୁଡ଼ିକୁ ରାଜ ଦରବାରରେ ଆବୃତ୍ତି କରୁଥିଲେ । ଉପସ୍ଥିତ ଜନତା ଏହାର ଅର୍ଥାନ୍ତର, ସମୀକ୍ଷା ଆଦି ଦ୍ୱାରା କାବ୍ୟକୁ ହୃଦୟଙ୍ଗମ କରୁଥିଲେ । କାବ୍ୟର ରୀତି ଚାତୁରୀ, ରଚନା ଶୈଳୀ ସମାଦୃତ ହୋଇ ରଚୟିତାଙ୍କୁ ପୁରସ୍କାର ସ୍ୱର୍ଣ୍ଣମୁଦ୍ରା ଅବା ଭୂସମ୍ପତ୍ତି ଆକାରରେ ମିଳୁଥିଲା । ଆଜି କାଲି ସମୁଦ୍ର ବାଲି, ଧର୍ମଶାଳା, ପଥପ୍ରାନ୍ତ ସବୁ ସ୍ଥାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହେଉଅଛି ।

ମାଲ୍ ବହୁତ, ସମଝଦାର କମ୍ । ଯିଏ କଲମ ଧରି ଶିଖିଲା, ସେ ହେଲା କବି । ଅଲଙ୍କାର ଅନୁପ୍ରାସ, ଯମକର ତ ଧମକ ନାହିଁ, ଶ୍ଳେଷାର କ୍ଳେଶ ନାହିଁ, ଯଦିପାତକୁ ଜବର ସନ୍ନିପାତ । ତେବେ କବି ହେବନାହିଁ କିଆଁ ? କିହୋ ! ମାତୃଭାଷାର ଦଶ ପଚାଶଟା ଶବ୍ଦ କଅଣ ତମକୁ ଜଣାନାହିଁ ? ବନାନ୍ ଭୁଲ୍ ହେଉଥାଉ । ତହିଁରୁ ସତୁରୀ ଶତକଡ଼ା ଦୋଷ 'ମୁଦ୍ରାପ୍ରମାଦ' ମୁଣ୍ଡାଇ ନେବ । ତମର ଅଜ୍ଞତା ଜଣା ପଡ଼ିବ ନାହିଁ । ଦାନ୍ତ୍ୟ 'ସ', ତାଲବ୍ୟ 'ଶ' ଆଉ ମୂର୍ଦ୍ଧନ୍ୟ 'ଷ' ତ ଲର୍ଡ଼ ମୂଲୀୟ କାଇଦାରେ ସାହାଯ୍ୟକୃତ ସନ୍ଧିରେ ଅନେକ ଦିନ ଠାରୁ ଆବଦ୍ଧ ହୋଇ ସାରିଛନ୍ତି । ତେବେ ନ ଲେଖିବ କିଆଁ ? ହର୍ସ୍ୱଇକାର ଆଉ ଦୀର୍ଘ ଈକାର ସଙ୍ଗାତ ମଇତ୍ର ଅନେକ ଦିନଠାରୁ ବସିଗଲେଣି ।

ମୁଡ୍ ଆସୁନାହିଁ ? ପକେଇ ଦିଅ ପେରୋ ଅବା ଦି ପେଗ୍ । ଛୋଟା ଲୋକଟାତ

Digitized by srujanika@gmail.com

ସେ ବେଳରେ ପର୍ବତ ଚଢ଼ିଯିବାକୁ ଉହୁଙ୍କି ଯିବ, ଆଉ ତମେ ଶବ୍ଦ କେଇଟା ଲେଖିପାରିବ ନାହିଁ ? ପିଲାଦିନେ ଲେଖିଥିବା ଶ୍ରୁତଲିଖନର ଗୁଡ଼ାଏ ଶବ୍ଦକୁ ମନେ ପକାଇ ଲେଖିପକାଉ ନାହଁ ? ଖବର କାଗଜର ଗୋଟାଏ କଲମକୁ ତେରଛା ଭାବରେ ଚିରି ଦେଉନାହିଁ ? ଅଉଲ୍ ନମ୍ବର କବିତାଟାଏ ହୋଇ ବାହାରିବ । ସେଇଥିରୁ ଗଣ୍ଡାଏ ପାଞ୍ଚଟା ପକେଟରେ ହରଦମ୍ ରଖି ବାହାରିପଡ଼ । ବିଲାତର ଅନିଶ୍ଚିତ ବର୍ଷା ପରି 'କବିତା ପାଠୋତ୍ସବ' ମଧ୍ୟ ଆମ ଦେଶରେ ଅନିଶ୍ଚିତ । କୋଉଠି ନା କୋଉଠି ଗୋଟାଏ ଅଧେ ହେଉଥିବ । ବାସ୍ ସେଠାରେ ପହଞ୍ଚିଯାଇ ସଂଯୋଜକ ମହାଶୟଙ୍କ ପାଖରେ କବିତାଟା ପୈଠ କରିଦେଇ ଉଦ୍ଦିଷ୍ଟ ଆସନରେ ବସିପଡ଼ । କବିତା ଆବୃତ୍ତି ପାଇଁ ଆହ୍ୱାନ ଆସିଲେ ମଣ୍ଡପ ଉପରକୁ ଯାଇ ମାଇକ୍ ମୁହଁ ପାଖରେ ରଖି ଆଗରେ ଅନୁସନ୍ଧିତ୍ସା କଣ୍ଠରେ ମୂର୍ଚ୍ଛନା-ଉଚ୍ଚାରଣରେ ସ୍ପଷ୍ଟତା ଅଙ୍ଗର କିଞ୍ଚିତ୍ ଚାଳନା କରି କବିତାଟିର ଜଖମୀ ଜାଗା ଗୁଡ଼ାକ ପ୍ରତି ଆବୃତ୍ତି କରିଦେଲେ ତମର ପାଇଟି ଶେଷ । ମଣ୍ଡପରୁ ଓହ୍ଲାଇ ତମେ ବିବାକ ତମର ଘରକୁ ଚାଲି ଯାଇପାର, ସେଥିରେ ବାଧାବିଘ୍ନ ନାହିଁ । କାରଣ ତମ କବିତା ତମେ ଆବୃତ୍ତି କରି ସାରିଛ । ସେଇଟା ନିଶ୍ଚିତ ଭାବରେ ପାଠୋତ୍ସବର ଶ୍ରେଷ୍ଠ କବିତା । ସମସ୍ତେ ଶୁଣି କୃତାର୍ଥ ହୋଇଥିବେ । ଲାଖୋଁମେ ଏକ୍ ତମ କବିତାଟା ଟି ! ତାହାର କଣ ତୁଳନା ହୋଇପାରେ ?

ଗୋଟାଏ କଥା ମନେ ପଡ଼ିଗଲା । ଗୋଟାଏ ରାଜ୍ୟସ୍ତରୀୟ ଲେଖକ ସମାବେଶକୁ ଯାଇଥାଏ । କେତେ କେତେ ମାତବର, ପିତଃବର, ଭ୍ରାତାବର ସାହିତ୍ୟ ରଥୀମାନେ ଏକତ୍ରିତ ହୋଇଥାନ୍ତି । ପତ୍ର ପତ୍ରିକା ମାଧ୍ୟମର ପରିଚୟକୁ ଚାକ୍ଷୁଷ କରି ତୋଳିଛନ୍ତି । 'ଗଲେ ସେ ଗଲେ' ଲଗାଇ ଦେଇ ଯୋଡ଼ି ଯୋଡ଼ି କବି, ଗାଳ୍ପିକ, ପ୍ରାବନ୍ଧକ ଆଉ ସମାଲୋଚକମାନେ ମଣ୍ଡପ ବାହାରେ ଗଳ୍ପରତ ଥାନ୍ତି ।

ସମ୍ମେଳନୀବାଲା ଖୋରାକୀ ପଇସା ଆଦାୟ କରି ଖାଇବା କୁପନ୍ ସବୁ ସଭ୍ୟମାନଙ୍କୁ ଦେଇଥାନ୍ତି । ହେଲେ ଲେଖକ ମାନଙ୍କୁ ଭୋଜନ, ଉପଭୋଜନରେ ଆପ୍ୟାୟିତ କରିବାକୁ ମୁଖ୍ୟ ମନ୍ତ୍ରୀ, ମନ୍ତ୍ରୀ, ବ୍ୟବସାୟୀ ଶିଳ୍ପୋଦ୍ୟୋଗୀମାନେ ଲାଇନ୍ ଲଗାଇ ଆଗରୁ ଟାକି ବସିଥାନ୍ତି । ରାଜ୍ୟସ୍ତରୀୟ ନେତା ଜଣେ ଆସି ସମ୍ମେଳନୀ ଉଦ୍‌ଘାଟନ କଲେ । ଭାଇ ଭଉଣୀଙ୍କୁ ବଡ଼ ଦେଉଳରେ ଛାଡ଼ି ଦେଇ ଏକକ ଜଗନ୍ନାଥ ମହାପ୍ରଭୁ ଆଗରୁ ଆସି ମଣ୍ଡପରେ ହାଜର ହୋଇଥାନ୍ତି । ଉଦ୍‌ଘାଟକ ମହାଶୟ ଏକାଧିକ ଦୀପକୁ ବହୁ ଆୟାସର ସହ ପ୍ରଜ୍ୱଳିତ କରି ଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାଦାନ କରି, ସମ୍ମେଳନକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହେଲା ବୋଲି ଘୋଷଣା କଲେ । ସାହିତ୍ୟକ ମାନେହିଁ ଦେଶର ମୂଳ । ଆଉ ସମସ୍ତେ ଶାଖା, ପ୍ରଶାଖା ବିଶାଖା ବୋଲି ଉପସ୍ଥିତ ନେତାଗଣ, ବୁଦ୍ଧିଜୀବି, ଜ୍ଞାନୀ ମାନୀ ବ୍ୟକ୍ତିଗଣ ବୟାନ କରିଗଲେ । ସମବେତ ସାହିତ୍ୟିକମାନେ ଏଇ ଶୁଖିଲା ପ୍ରଶଂସାରେ ଉତ୍‌ଫୁଲ୍ଲ ହୋଇ ଉଠିଲେ ।

ତା'ପରେ ଦୁଇଦିନ ଧରି ଅନେକ କର୍ମଶାଳା ଖୋଲିଗଲା । ଭାଷଣର ସୁଅରେ

Digitized by srujanika@gmail.com

ବିଭାଗୀୟ କର୍ମଶାଳା ଗୁଡ଼ିକ ମୁଖରିତ ହୋଇ ଉଠିଲେ । ପ୍ରତିଟି ସନ୍ଧ୍ୟାରେ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ସୁବନ୍ଦୋବସ୍ତ କରାଯାଇଥିଲା । ଦିବ୍ୟ ଭୋଜନ, ନାସ୍ତା, ସ୍ନାକ୍‌ସ ଆଉ ଚାହାର ଫୁଆରା ଭିତରେ ବିଚରା ସାହିତ୍ୟିକ ଗୁଡ଼ାକ ପ୍ରେସ, ସଂପାଦକ ଆଉ ପ୍ରକାଶକଙ୍କ ଘରକୁ ଦଉଡ଼ାର କ୍ଲେଶ ଭୁଲିଗଲେ । ସମ୍ମେଳନୀ ସ୍ଥଳର ଦର୍ଶନୀୟ ସ୍ଥାନେ ଗୁଡ଼ିକୁ ସାହିତ୍ୟିକ ମାନଙ୍କୁ ବସ୍‌ରେ ନେଇ ବୁଲାଇ ଆଣିବାର ବ୍ୟବସ୍ଥା ମଧ୍ୟ ଅଭ୍ୟର୍ଥନା ସମିତି କରିଥିଲେ ।

ଶେଷ ଦିନଟାରେ 'କବିତା ପାଠୋତ୍ସବ'ର ବ୍ୟବସ୍ଥା ହୋଇଥିଲା । ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ସମସ୍ତେ ପ୍ରଥମତଃ କବି । ଏତେ କବିତା ଆସି ସଂଯୋଜକ ମହାଶୟଙ୍କ ଆଗରେ ଟେବୁଲରେ ରଖାଗଲା ଯେ, ସେ କବିତା-ପାହାଡ଼ର ଅନ୍ତରାଳରେ ଅସ୍ତ ହୋଇଗଲେ । ଯେତିକି କବିତା ଆବୃତ୍ତି ହୋଇଗଲା ତାହାର ଦ୍ୱିଗୁଣ କବିତା ଶେଷ ମୁହୂର୍ତ୍ତ ଯାଏ ମଣ୍ଡପକୁ ଦଉଡ଼ିବାରେ ଲାଗିଲେ ।

ପ୍ରାୟ ଦ୍ୱିଶତାଧିକ କବିଙ୍କର ରାବ ପରେ ମୋତେ ରାବିବାକୁ ସୁଯୋଗ ଆସିଲା । ପୂର୍ବରୁ ମୋ ପାଖରୁ ଉଠିଯାଇ କବିତା ଆବୃତ୍ତି କରିଥିବା ଯୁବ କବିଙ୍କ ଆସନଟି ମୁଁ ରୁମାଲ ପକାଇ ସଂରକ୍ଷିତ କରିଥିଲି । ସେ ନ ଫେରିବାରୁ ଏବଂ କ୍ରମଶଃ କବିଙ୍କର ସଂଖ୍ୟା ମଣ୍ଡପ ତଳେ କମିଯାଇ ଥିବାରୁ ମୋ ପାଳି ପଡ଼ିଲାବେଳକୁ ମୁଁ ଶନୈଃ ଶନୈଃ ଆଗେଇଯାଇ ଦ୍ୱାଦଶତମ ଧାଡ଼ିରୁ ଯାଇ ତୃତୀୟଧାଡ଼ି ଧରିଥାଏ । ମୋ ପାଳି ବେଳକୁ ମଣ୍ଡପରେ କବିତା ପାଠୋତ୍ସବର ସଭାପତିଙ୍କ ସମେତ ବାରପଣି ମଣ୍ଡପରେ ବସିଥିବା ଭି:ଆଇ:ପି: ମାନେ ଅନ୍ତର୍ହିତ ହୋଇଥାନ୍ତି । ବିଚରା ସଂଯୋଜକ ମହାଶୟ ଏକ / ଦୁଇକୁ ରୋକିନେଇ ତାଙ୍କ କର୍ତ୍ତବ୍ୟ ପାଳନ କରୁଥାନ୍ତି ।

ଆପଣମାନଙ୍କୁ ମିଛ ଆଉ ମତେ ନିରାଟ ସତ୍ୟ ଯେ, ଉକ୍ତ କବିତା ପାଠୋତ୍ସବରେ ମୁଁ ହିଁ ଏକମାତ୍ର କବିଥିଲି ଯିଏ କି ନିଜ କବିତା ପାଠ ପରେ ନିଜ ସ୍ଥାନକୁ ଫେରି ଆସିଥିଲା, ଅନ୍ୟାନ୍ୟ କବିତା ଗୁଡ଼ିକରୁ ରସ ଆସ୍ୱାଦନ କରିବା ନିମନ୍ତେ ।

Digitized by srujanika@gmail.com

ନିର୍ମୂଳ ବ୍ରିଟିଶରାଜ

ସୁସମ୍ବାଦ ଅବା ଦୁଃସମ୍ବାଦ । ସାହିତ୍ୟିକ ବନ୍ଧୁ ତଥା ମୋର ଆକାଉଣ୍ଟ ଥିବା ବ୍ୟାଙ୍କର କର୍ମଚାରୀ ମହାନ୍ତିବାବୁ ବଡ଼ ଉଲ୍ଲାସର ସହିତ କହିଲେ "ସାର୍ ! ଏଥର ରବିବାରରେ ମଧ୍ୟ ଆମର ଏହି ବ୍ୟାଙ୍କ ଖୋଲା ରହିବ ଏଇ ସେପ୍ଟେମ୍ବର ୩ ତାରିଖରୁ ! ଆପଣ ସେଦିନ ବ୍ୟାଙ୍କକୁ ଆସି ଆପଣଙ୍କର ପେନସନ୍ ନେଇ ପାରିବେ ।"

ଏହି ମିଲେନିୟମ ବର୍ଷର ସେପ୍ଟେମ୍ବର ମାସ ପହିଲା ତାରିଖରେ ଗଣେଶ ପୂଜା ଏବଂ ଦୁଇ ତାରିଖରେ ନୂଆଖାଇ । ରବିବାରଟା ତିନି ତାରିଖ । ତେଣୁ ପେନ୍‌ସନ୍ ଗଣ୍ଡାକ ପାଇଁ ଚାରି ତାରିଖ ଯାଏଁ ଅପେକ୍ଷା କରିବାକୁ ପଡ଼ିଥାନ୍ତା । ବନ୍ଧୁଙ୍କର ଅନୁରୋଧ ମୋତେ ପଛରୁ ଠେଲି ନଥିଲେ ମଧ୍ୟ ଅଭାବୀ ସଂସାରର ତାଡ଼ନା ମୋତେ ଆପେ ଆପେ ରବିବାରରେ ନେଇ ବ୍ୟାଙ୍କରେ ପହୁଞ୍ଚାଇ ଦେଇଥାନ୍ତା ।

ମନରେ ଭାବନା ଗୁଡ଼ାକ ଆସି ଗହଳି ଜମାଇଲେ । ବ୍ରିଟିଶ୍ ଅମଳରୁ ରବିବାରଟା ଆମ ଦେଶରେ ସାପ୍ତାହିକ ଛୁଟି ରୂପେ ପାଳିତ ହୋଇ ଆସୁଛି । ବ୍ରିଟିଶ୍ ଶାସନର ଶେଷ ଗ୍ରନ୍ଥିଟି ଉପରେ ମିଲେନିୟମ୍ ଶେଷ ଚୋଟ ଚଢ଼ାଇଲା ବୋଲି ମନେ ହେଲା । ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଆମ ଦେଶ ରବିବାରଟିକୁ ଏଯାବତ୍ ମର୍ଯ୍ୟାଦା ଦେଇ ଆସୁଥିଲା । ରବିବାରରେ ସ୍କୁଲ, କଲେଜ, କଚେରୀ, ବିଚାରାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ଟ୍ରେଜେରି ଆଦି ବନ୍ଦ ରହିଥାଏ । ଗାଡ଼ି, ମଟର, ରେଳ ପ୍ରଭୃତି ଯାନବାହାନ ଫାଙ୍କା ପଡ଼ିଯାଏ । ସହରର ଯାତାୟାତ ମଧ୍ୟ କମି ଯାଇଥାଏ । ସ୍ୱାଧୀନତା ପରେ କିନ୍ତୁ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଶୁକ୍ରବାର ଦିନଟିକୁ ତାହାର ସାପ୍ତାହିକ ଛୁଟି ଦେଇ ଆସୁଛି ।

Digitized by srujanika@gmail.com

ଭାବିଲି ତାହାହେଲେ ବ୍ରିଟିଶ ଶାସନ ପ୍ରଣାଳୀର ଶେଷ ଚେରଟି ମଧ୍ୟ କଟିଗଲା । ବିଲ୍‌କୁଲ ନିର୍ମୂଳ ହୋଇଗଲା ।

ମୁହଁରେ ବନ୍ଧୁଙ୍କୁ କହିଲି ଏ ଲକ୍ଷ୍ମୀଛଡ଼ା ବୁଦ୍ଧି କାହା ମୁଣ୍ଡରୁ ଆସିଲା " ମାଆ ଲକ୍ଷ୍ମୀ ତ ଚଞ୍ଚଳା ବୋଲି ସମସ୍ତେ ଜାଣନ୍ତି । ଯାହାହେଉ ଆମମାନଙ୍କର ଆକାଉଣ୍ଟରେ ମାଆ ଲକ୍ଷ୍ମୀ ଯେପରି ଅବିଚଳିତ ହୋଇ ଶନିବାର ମଧ୍ୟାହ୍ନରୁ ସୋମବାର ପୂର୍ବାହ୍ନ ଯା'ଏ ସ୍ଥିର ହୋଇ ଜମି ରହୁଥିଲେ । ସେଥିରେ ବ୍ୟାଘାତ ସୃଷ୍ଟି ହେଲା ।"

ମହାନ୍ତିବାବୁ ସଫେଇ ଦେବା ପାଇଁ କହିଲେ "ଭଲ ହେଲା ନାହିଁ ? ରବିବାର ବ୍ୟାଙ୍କ ଖୋଲା ରହିଲେ ବ୍ୟବସାୟ ବାଣିଜ୍ୟରେ ଆଉ ରବିବାରିଆ ଛୁଟି ବାଧା ଦେଇପାରିବ ନାହିଁ ।" ମୁଁ ବନ୍ଧୁଙ୍କୁ ପୁଣି ପଚାରିଲି "ତେବେ ଆପଣମାନେ ଲୁଗାପଟା ସଫା କରିବେ କେଉଁ ବାରରେ ଘରର ଅଛିଣ୍ଡା ସମସ୍ୟାମାନ ଯାହାକୁ ଆପଣମାନେ ସାପ୍ତାହିକ ଛୁଟି ଦିବସରେ ଶେଷ କରିଥାନ୍ତି ସେଗୁଡ଼ିକ ଅସମାପ୍ତ ରହିଯିବ ନାହିଁ ?

ବନ୍ଧୁ ଉତ୍ତରରେ କହିଲେ, ସେଥିପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ରବିବାରରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ବ୍ୟକ୍ତିମାନେ ମଙ୍ଗଳବାର ଛୁଟି ଉପଭୋଗ କରିବେ । ଆଉ ଆମ କଥା ! ମଲୁ ଖୋଜୁଥାଏ ଶୀତଳ ପାଣି, ନା ବଇଦ କହିଲା ବାସି ତୋରାଣି । ଓଡ଼ିଶା ସରକାର ତାଙ୍କର ଚାକିରିଆମାନଙ୍କୁ ଏହି ପହିଲାର ତିନିଦିନିଆ ଛୁଟି ଯୋଗେ ଦରମା ମାସର ଶେଷାଂଶରେ ନେବାକୁ ଆଦେଶନାମା ଜାରି କରିଛନ୍ତି । ହେଲେ ଆମପରି ପେନ୍‌ସନିଆମାନେ ପହିଲା ନହେଲେ ପେନସନ୍‌ର ମୁଖ ଦର୍ଶନ କରି ପାରନ୍ତି ନାହିଁ ।

ବନ୍ଧୁଙ୍କୁ ଆଗାମୀ ରବିବାର ସେପ୍ଟେମ୍ବର ମାସର ତିନି ତାରିଖର ପୂର୍ବାହ୍ନ ଦଶଘଣ୍ଟା ୧୫ ମିନିଟ୍ ଚାଳିଶ ସେକେଣ୍ଡରେ ନିଶ୍ଚୟ ବ୍ୟାଙ୍କରେ ମୁଲାକାତ୍ କରିବା ପ୍ରତିଶ୍ରୁତି ଆସିଥିଲି ।

Digitized by srujanika@gmail.com

ଚାମଚ

ଚାମଚ ଗୋଟିଏ ନିର୍ଜୀବ ବସ୍ତୁ । ଲିଙ୍ଗ ଭେଦରେ ଏହା କ୍ଲୀବ । ଲୁହାର ଚାଖଣ୍ଡେ ହବ ଲମ୍ବର ବସ୍ତୁଟି । କାମ କିମିତି କମାଲ୍ କରୁଛି । ଗରମା ଗରମ ଚାହା କପ୍‌ରେ ନିଜେ ପଛକେ ତାତି ଯାଉ, ଚିନିକୁ ଗୋଳାଇ ଦେଉଛି ।

ଆକାର ଭେଦରେ ଚାମଚ ତିନୋଟି ପ୍ରକାରର । ଗୋଟିଏ ହେଲା ଚାହା ଚାମଚ, ଇଂରାଜୀରେ ଟି ସ୍ପୁନ୍ । ତାହାଠାରୁ ବଡ଼ ଆକାରର ହେଲା ଟେବୁଲ୍ ସ୍ପୁନ୍ । ସେହି ଚାମଚ ଆକୃତିର ଆହୁରି ବଡ଼ ଚାମଚ ଦ୍ୱାରା ତରକାରୀ ପରିବେଷଣ କରାଯାଏ ।

ଲୁହାର ଚାମଚ ଡର୍କି ଇତ୍ୟାଦିକୁ ଛାଡ଼ି, ଆଇସ୍‌କ୍ରିମ୍ ଖାଇବାପାଇଁ ଏବେ କାଠଚାମଚ ଅବା ପ୍ଲାଷ୍ଟିକ୍ ଚାମଚ ବାହାରିଲାଣି । କେତେ ଉପକାରୀ ବସ୍ତୁଟିଏ !

ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଏହା ନିର୍ଜୀବ ଚାମଚ ନ ହୋଇ ସଜୀବ ହାତ ପରି ବୋଧହୁଏ । ଛୁରୀ, ଚାମଚ ନ ହେଲେ ସେମାନେ ଖାଇ ପାରନ୍ତି ନାହିଁ । ସେଥିପାଇଁ ସେମାନେ ଡାଇନିଂ ଟେବୁଲ୍‌କୁ ଯିବା ପୂର୍ବରୁ ଜଣପିଛା ଏହି ତିନୋଟି ହତିଆର ଚକ୍ ଚକ୍ ହୋଇ ଟେବୁଲ୍ ଉପରେ ମହଜୁଦ୍ ଥାଆନ୍ତି । ଖାଇବା ଶେଷରେ ଆଞ୍ଚେଇବା ସେମାନଙ୍କର ଆବଶ୍ୟକ ନଥାଏ । ଖାଇପିଇ ସାରି କନା ବା କାଗଜର ରୁମାଲ୍‌ରେ ମୁହଁ ହାତ ପୋଛିଦେଲେ କାମ ଫତେ । ଆମ ଭାରତୀୟଙ୍କ ପରି ଅଇଣ୍ଠା ସାଲୁବାଲୁ ହୋଇ ହାତରେ ସେମାନେ ଖାଆନ୍ତି ନାହିଁ । ଧୋବ ଫର ଫର ଚାଇନା ପ୍ଲେଟ୍‌ରେ ପର୍ଯ୍ୟବେକ୍ଷିତ ଖାଦ୍ୟକୁ ସେମାନେ କଣ୍ଟା ଚାମଚ ମାଧ୍ୟମରେ ତୁଣ୍ଡକୁ ନେଇଥାନ୍ତି । ଛୁରୀଦ୍ୱାରା ଖାଦ୍ୟ ପଦାର୍ଥ ବିଶେଷ କରି ମାଂସକୁ ଛୋଟ ଛୋଟ କରି କଣ୍ଟା ସାହାଯ୍ୟରେ ପାଟିକୁ ନିଅନ୍ତି । ଚୀନ୍ ଜାପାନ୍‌ରେ ତ

Digitized by srujanika@gmail.com

ଦୁଇଖଣ୍ଡି କାଠି ସାହାଯ୍ୟରେ ଖାଦ୍ୟ ଖାଇଥାନ୍ତି ।

ଏହି ଚାମଚ ସେମାନଙ୍କର ଭୋଜନ ପ୍ରଣାଳୀକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ପାଶ୍ଚାତ୍ୟ ଦେଶର ଏହି କଣ୍ଟା ଚାମଚ ଛୁରୀର ପ୍ରଚଳନ ଆମ ଦେଶରେ ଥିବା ତାରକିତ ଭୋଜନାଳୟ ଗୁଡ଼ିକରେ ମଧ୍ୟ ହୋଇଥାଏ । ଭୋଜନକାରୀ କୌଣସି ଡିସ୍‌ରେ ପେଟ ଦେଖାଇ ଥୋଇଦେଲେ ପରିବେଷଣକାରୀ ବୁଝିଯାଏ ଯେ, ସେହି ଆଇଟେମ୍‌ଟି ଭୋଜନକାରୀ ପୁନଃ ପରିବେଷଣ ଚାହୁଁଛି । ପିଠି ପଟିଆ ରଖିଦେଲେ ବୁଝାଯାଏ ଯେ, ଭୋଜନକାରୀ କାଳକ୍ରମେ ସେହି ଆଇଟେମ୍‌ଟି ଖାଇବେ । ଯଦି କୌଣସି ପ୍ରକାରର ବ୍ୟଞ୍ଜନ ବ୍ୟକ୍ତିଟିର ପସନ୍ଦ ହେଉ ନଥାଏ ତେବେ ସେହି ଡିସ୍‌ରେ କଣ୍ଟା ଆଉ ଚାମଚକୁ ଛକି କାଟି ରଖି ଦେଲେ ୱେଟର ସେହି ଡିସ୍‌କୁ ଟେବୁଲ୍‌ରୁ ଅପସାରଣ କରି ନେଇଥାଏ । ଏ କାଇଦା ଗୁଡ଼ିକ ନ ଜାଣିଥିଲେ ପାଶ୍ଚାତ୍ୟ ରୀତିରେ ଖାଇବା ସମ୍ଭବପର ହୁଏ ନାହିଁ ।

ଆମ ଭାରତୀୟମାନଙ୍କୁ ଏହି କଣ୍ଟା ଛୁରୀ ଚାମଚ ପୋଷାଏ ନାହିଁ । ବଳିଷ୍ଠ ଗୁଣ୍ଡାଟିଏ ବଳି ପାଟିରେ ନ ପୂରାଇଲେ ଗାଲ ଫୁଲି ଉଠେ ନାହିଁ । ଭୋଜନାନ୍ତେ ପରିଷ୍କାର ଭାବେ ହାତ ମୁହଁ ନ ଧୋଇଲେ ଆମକୁ ଶାନ୍ତି ମିଳେ ନାହିଁ । ଅବଶ୍ୟ ପାଶ୍ଚାତ୍ୟ ସଭ୍ୟତାରେ ଆଲୋକିତ ଏହି ଭାରତ ବର୍ଷରେ ବଫେ ଭୋଜୀ ଭାତରେ ପ୍ଲେଟ୍ ଚାମଚର ଟୁଂ ଟାଂ ଧ୍ୱନୀ ଶୁଭୁଛି । ବୋଧହୁଏ ବାରପଣି ଲୋକ ଏ ଚାମଚ କଣ୍ଟା ମାରଫତ ଖାଇ ସନ୍ତୋଷ ଲାଭ କରନ୍ତି ନାହିଁ । ଖାଲି ଲୋକହସା ନ ହେବା ପାଇଁ ଚାମଚ ବ୍ୟବହାର କରନ୍ତି ।

ଆମର ଔଷଧ କକ୍ଷାକୁ ମଧ୍ୟ ଏହି ଚାମଚ ନିୟନ୍ତ୍ରଣ କରେ । ଚିକିତ୍ସକ କୌଣସି କୌଣସି ତରଳ ଔଷଧର ସେବନ ମାତ୍ରାକୁ ତାହା ଚାମଚରେ ମପାଚୁପା କରନ୍ତି । ଖାଇବା ପରେ ବା ପୂର୍ବରୁ ଏତିକି ଚାମଚ ଔଷଧ ସେବନ କରିବାକୁ ବ୍ୟବସ୍ଥା ପତ୍ରରେ ନିର୍ଦ୍ଦେଶ ଦିଅନ୍ତି । ଔଷଧ ଅସ୍ୟାର୍ଥରେ ଅମୃତ ପରି ଚିଜର ପରିମାପକ ହୋଇଛି ଚାମଚ ।

ଭୂମି ଉପରେ ଚକାପାରି ବସି ଖାଇବା ଆମର ଅଭ୍ୟାସ । ତେଣୁ ଆମ ଖାଇବା ପ୍ରଣାଳୀ ହେଲା ଭୂମ୍ୟାସନ, ପ୍ରଶସ୍ତ ଖାଦ୍ୟପାତ୍ର । ତେବେ ଯାଇ ଖୋସଣୀ ଫିଟା ଭୋଜନଟିଏ ହୁଏ । ହେଉଡ଼ି ବାହାରି ଆସି ଭୋଜନର ତୃପ୍ତି ଜଣାଏ । ଆଉ ବୁଲି ଚାଲି କଣ୍ଟା, ଚାମଚକୁ ପ୍ଲେଟ୍‌ରେ ରାମ୍ପି ଖାଇବାକୁ ବିଶେଷ ଭାବେ ଆମ ଓଡ଼ିଆଙ୍କୁ ସୁହାଏ ନାହିଁ ।

ଶେଷରେ ଚାମଚ ଶବ୍ଦରେ ଶେଷ ଚ କୁ ନେଇ ସମ୍ୟକ୍ ଆଲୋଚନା କରିବା । ବଡ଼ବଡ଼ିଆଙ୍କ ପାଖରେ ମନ୍ତ୍ରୀ, ଏମ୍,ଏଲ୍,ଏ, ଏମ୍ ପି ଆଦି ନେତାଙ୍କ ପାଖରେ ଜଣେ, ଦି'ଜଣ ଅବା ଚାରିଜଣ ଘନିଷ୍ଠ ବ୍ୟକ୍ତିଙ୍କୁ ଏହା ଚାମଚର ଶେଷ ଅକ୍ଷର 'ଚ'ରେ ଆକାର ଯୋଡ଼ିଦେଇ ଚାମଚା ବୋଲି ଲୋକ ମୁଖରେ ଶୁଣାଯାଏ । ସେମାନେ କରିତ୍‌କର୍ମା । ସେମାନଙ୍କ ଜରିଆରେ ପୁଅକୁ ଚାକିରୀ ମିଳେ, ବ୍ୟାଙ୍କରୁ ଋଣ ଆଣିହୁଏ । ବି:ପି:ଏଲ୍ କାର୍ଡ଼ଠାରୁ ଇନ୍ଦିରାଆବାସ ସହଜ ଲବ୍ଧ ହୋଇ ଉଠେ । ଏହି ଚାମଚ ମାନଙ୍କୁ କେତେକ ବତୀପେଲା ବୋଲି ଅଭିହିତ ମଧ୍ୟ କରିଥାନ୍ତି । ବତୀ ତେଜିଲେ ହାତରେ ତେଲ ଲାଗିଥାଏ ।

Digitized by srujanika@gmail.com

ସେମାନେ ନାନା ଫନ୍ଦି ଫିକର କରି ହାକିମ ଅବା ମନ୍ତ୍ରୀଙ୍କୁ କୁହାବୋଲା କରି ଅସାଧ୍ୟ ସାଧନ କରି ପାରନ୍ତି । ତମେ ସରକାରୀ ଚାକିରିଆଟିର ବଦଳି ଚାହୁଁଛ, ସେମାନଙ୍କୁ ଧରିନିଅ । ବଦଳି ବନ୍ଦ କରିବାକୁ ମଧ୍ୟ ସେହିମାନେ ହିଁ ଲୋଡ଼ା ହୋଇଥାନ୍ତି । ଏହି ସମସ୍ତ କାମରେ ସେମାନେ ମଧ୍ୟ ହାତ ଚିକ୍କଣ କରିଥାନ୍ତି । ଗୋଟାଏ ହିନ୍ଦୀ ଫିଲ୍ମ ଗୀତରେ ବାପ ପୁଅକୁ ସଦୁପଦେଶ ଦେଉଛି ।

ଛୁରୀ ବନ୍ କାଣ୍ଟାବନ୍ ସବ୍‌କୁଛ ବନ୍ ସନ (Son)
ପର୍ କିସ୍‌କି ଚ଼ାମଚ଼ା ତୁ ନ ବନ୍ ।"

Digitized by srujanika@gmail.com